# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜାନୁୟାରୀ ୩୦/୨୦୨୧ (୧୬ ପୃଷ୍ଠା) | Bhubaneswar, Saturday, January 30/2021 | ★★★★

୪୭ଶ ଭାଗ ୬୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-


DSPL-182

ଓଡ଼ିଶା ସରକାର



# ନିବେଦନ

ପ୍ରିୟ ମହାଶୟା/ମହାଶୟ,

ଶିକ୍ଷା ଭିତ୍ତିଭୂମିରେ ଉନ୍ନତି ଆଣି ଆମର ସବୁ ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଉତ୍ତମ ଶିକ୍ଷା ଗ୍ରହଣ କରିବାର ସୁଯୋଗ ଦେବା ପାଇଁ ଆମେ **'ମୋ ସ୍କୁଲ କାର୍ଯ୍ୟକ୍ରମ'** ଆରମ୍ଭ କରିଛୁ । ନିଜ ଘର ପରେ ବିଦ୍ୟାଳୟ ସହିତ ଆମର ଭାବଗତ ବନ୍ଧନ ସବୁଠାରୁ ଅଧିକ ଥାଏ । ବିଦ୍ୟାଳୟର ସ୍ମୃତି ସବୁବେଳେ ଆମ ପାଇଁ ଏକ ଆନନ୍ଦଦାୟକ ଓ ପ୍ରେରଣାଦାୟୀ ଅନୁଭୂତି ହୋଇ ରହିଥାଏ ।

ଆପଣ ନିଜର ଦକ୍ଷତା ଓ ପ୍ରତିଭା ବଳରେ ଆଜି ଆମ ସମାଜରେ ପ୍ରତିଷ୍ଠାଲାଭ କରିଛନ୍ତି । ଆପଣଙ୍କ ସଫଳତା ପଛରେ ଆପଣଙ୍କ ବିଦ୍ୟାଳୟର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ବିଦ୍ୟାଳୟ ଆମକୁ ବହୁତ କିଛି ଦେଇଛି, ଆମକୁ ଗଢିଛି ଏବଂ ଲକ୍ଷ୍ୟସ୍ଥଳରେ ପହଁଞ୍ଚିବା ପାଇଁ ଆମର ପ୍ରତିବଦ୍ଧତାକୁ ଅଧିକ ଦୃଢ କରିଛି । ଉତ୍ତମ ସଂସ୍କାର ସହିତ ଚରିତ୍ର ଗଠନ ଏବଂ ସମାଜ ପ୍ରତି ଆମର ଉତ୍ତରଦାୟିତ୍ୱକୁ ଉଚିତ ଭାବରେ ନିର୍ବାହ କରିବା ପାଇଁ ଆମକୁ ସଠିକ ବାଟ ଦେଖାଇଛି ।

ପ୍ରକୃତ ଶିକ୍ଷା ହେଉଛି ବିକାଶର ଆଧାର । ଶିକ୍ଷା ହିଁ ସଭ୍ୟତା, ସଂସ୍କୃତି ଏବଂ ସଂସ୍କାରକୁ ଆଗକୁ ନେଇ ସୁସ୍ଥ ପରିବର୍ତ୍ତନର ଭିତ୍ତି ସ୍ଥାପନ କରିଥାଏ ।

ଆମେ ଆରମ୍ଭ କରିଥିବା 'ମୋ ସ୍କୁଲ କାର୍ଯ୍ୟକ୍ରମ' ଆପଣଙ୍କର ଅତି ପ୍ରିୟ ବିଦ୍ୟାଳୟ ପାଇଁ ସ୍ୱତଃପ୍ରବୃତ ଭାବରେ ଆଗେଇ ଆସି କିଛି କରିବା ପାଇଁ ଏକ ସୁଯୋଗ ସୃଷ୍ଟି କରିଛି । ଆପଣମାନେ ଯିଏ ଯେଉଁଠି, ଯେଉଁ ପଦପଦବୀରେ ଥିଲେ ବି ଆପଣ ଚାହିଁଲେ ଉଦାର ହୃଦୟରେ ଆପଣଙ୍କ ପ୍ରିୟ ବିଦ୍ୟାଳୟର ରୂପାନ୍ତରଣ ପାଇଁ ସୁବିଧା ସୁଯୋଗ ସୃଷ୍ଟି କରିପାରିବେ । ଏହି ପରିପ୍ରେକ୍ଷୀରେ ମୁଁ ଆପଣଙ୍କୁ ବିନମ୍ର ଅନୁରୋଧ କରୁଛି ଯେ ଆପଣ ନିଜର ପ୍ରିୟ ବିଦ୍ୟାଳୟକୁ ପୋଷ୍ୟ ବିଦ୍ୟାଳୟ ଭାବରେ ଗ୍ରହଣ କରନ୍ତୁ ଏବଂ ତାର ସାମଗ୍ରିକ ପରିବର୍ତ୍ତନରେ ଭାଗୀଦାର ହୁଅନ୍ତୁ । ଆପଣଙ୍କ ପ୍ରିୟ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ପାଇଁ ଏକ ସୁନ୍ଦର ବୌଦ୍ଧିକ ପରିବେଶ ସହିତ ଉପଯୁକ୍ତ ମେଧା ବିକାଶ ନିମନ୍ତେ ପ୍ରକୃଷ୍ଟ ସୁଯୋଗ ସୃଷ୍ଟି କରିବାରେ ସହାୟକ ହୁଅନ୍ତୁ । ମୋର ପୂର୍ଣ୍ଣ ବିଶ୍ୱାସ, ଏହି ମହତ୍ ଉଦ୍ୟମ ଆପଣଙ୍କୁ ଏକ ଅନନ୍ୟ ଅନୁଭବ ପ୍ରଦାନ କରିବା ସହିତ ଅନ୍ୟମାନଙ୍କ ପାଇଁ ଏକ ଅନୁକରଣୀୟ ଉଦାହରଣ ସୃଷ୍ଟି କରିବ ।

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ **(OSEPA)**ର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଭୂପେନ୍ଦ୍ର ସିଂ ପୁନିଆ **(ମୋ: ୯୪୩୮୩୯୯୧୪୪/spd.opepa@nic.in)** କିମ୍ବା ଜିଲ୍ଲାପାଳଙ୍କ ସହିତ ଆପଣ ପୋଷ୍ୟ ବିଦ୍ୟାଳୟ ଗ୍ରହଣ ତଥା **'ମୋ ସ୍କୁଲ କାର୍ଯ୍ୟକ୍ରମ'** ସଂପର୍କରେ ଅଧିକ ଜାଣିବା ପାଇଁ ଯୋଗାଯୋଗ କରିପାରିବେ ।

**ବନ୍ଦେ ଉତ୍କଳ ଜନନୀ ।** **ଆପଣଙ୍କର**

**ମୁଖ୍ୟମନ୍ତ୍ରୀ**



## ମୋ ସ୍କୁଲ ଅଭିଯାନରେ ସାମିଲ ହେବା
## ନିଜ ପ୍ରିୟ ସ୍କୁଲ ପାଇଁ କିଛି କରିବା

ନିଜର ପ୍ରିୟ ବିଦ୍ୟାଳୟ ସହିତ ଆଜିଯାଏଁ ଅତୁଟ ରହିଥିବା ଭାବଗତ ସଂପର୍କକୁ ଏବେ ସେଠାରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ସାମଗ୍ରିକ ପରିବର୍ତ୍ତନ ଆଣିବାରେ ଉପଯୋଗ କରିବା ପାଇଁ ଏକ ଅଭିନବ ପ୍ରୟାସ ହେଉଛି, **'ମୋ ସ୍କୁଲ'** ଅଭିଯାନ ।

ଆଶା କରାଯାଉଛି ଯେ ନିଜ ବିଦ୍ୟାଳୟକୁ ପୋଷ୍ୟ ବିଦ୍ୟାଳୟ ଭାବରେ ଗ୍ରହଣ କଲେ, ସେହି ବିଦ୍ୟାଳୟ ପ୍ରତି ଆମର ବ୍ୟକ୍ତିଗତ ଧ୍ୟାନ ରହିବ, ଯାହା ବିଦ୍ୟାଳୟର ଶିକ୍ଷା ପରିବେଶ ସହିତ ସାମଗ୍ରିକ ବାତାବରଣରେ ଉନ୍ନତି ଆଣିପାରିବ ।

ଜଣେ ନିଜେ ପାଠ ପଢ଼ିଥିବା ବିଦ୍ୟାଳୟ, ନିଜର ପିତାମାତା, ଅଭିଭାବକ କିମ୍ବା ଗୁରୁଜନ ପାଠ ପଢ଼ିଥିବା ବିଦ୍ୟାଳୟ, ନିଜେ ବ୍ୟକ୍ତିଗତ ଭାବରେ ଆଗ୍ରହୀ ଥିବା କୌଣସି ବିଦ୍ୟାଳୟ କିମ୍ବା ଅନ୍ୟ କୌଣସି କାରଣ ଅଥବା ଆଗ୍ରହ ଦୃଷ୍ଟିରୁ ଯେ କୌଣସି ବିଦ୍ୟାଳୟକୁ ପୋଷ୍ୟ ବିଦ୍ୟାଳୟ ଭାବେ ଗ୍ରହଣ କରିପାରିବେ ।

ଆପଣ ନିଜର ଅଭିଜ୍ଞତା ଏବଂ ଅନୁଭବରୁ ନିଜ ପୋଷ୍ୟ ବିଦ୍ୟାଳୟ ପାଇଁ ଅନେକ କିଛି କରିପାରିବେ । ବିଦ୍ୟାଳୟର ଉନ୍ନତି ସାଧନ ସହିତ ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ ହିଁ ହେଉଛି ଏହି ପୋଷ୍ୟ ବିଦ୍ୟାଳୟ ଗ୍ରହଣର ମୁଖ୍ୟ ଉଦ୍ଦେଶ୍ୟ ।

ଆପଣ ନିଜ ପୋଷ୍ୟ ବିଦ୍ୟାଳୟ ପାଇଁ କ'ଣ କ'ଣ କରିପାରିବେ ସେଥିନିମନ୍ତେ ଆପଣଙ୍କୁ ସହାୟତା କରିବା ପାଇଁ କେତେଗୁଡ଼ିଏ ଦୃଷ୍ଟାନ୍ତମୂଳକ ଉଦାହରଣ ଏଠାରେ ଦିଆଯାଇଛି । ଆପଣ ଏହା ବ୍ୟତୀତ ଯେ କୌଣସି ଅଭିନବ ଉପାୟରେ ଏହା କରି ମଧ୍ୟ ଅନ୍ୟମାନଙ୍କୁ ତାହା ଅନୁକରଣ କରିବା ପାଇଁ ପ୍ରୋତ୍ସାହିତ କରିପାରିବେ ।

ଆପଣ ନିଜ ପୋଷ୍ୟ ବିଦ୍ୟାଳୟ ପାଇଁ ଯାହା କରିପାରିବେ ତାହାର ଏକ ନମୁନା ଆମେ ଏଇଠି ଉପସ୍ଥାପିତ କରୁଛୁ । ଏହାକୁ ମୋଟାମୋଟି ୩ଟି ଭାଗରେ ବିଭକ୍ତ କରାଯାଇ ପାରିବ:

**୧. ବୋର୍ଡ଼ ପରୀକ୍ଷା ଦେବା ପାଇଁ ନିଜକୁ ପ୍ରସ୍ତୁତ କରୁଥିବା ଛାତ୍ରଛାତ୍ରୀମାନଙ୍କ ସମ୍ପର୍କରେ ରହି ଆପଣ ତାଙ୍କ ପରୀକ୍ଷା ପାଇଁ ପ୍ରସ୍ତୁତିରେ ରହିଥିବା ଯେ କୌଣସି ଅଭାବକୁ ଆପଣ ନିଜ ସମୟ, ସମ୍ବଳ ଏବଂ ସାଧନ ବିନିଯୋଗ କରି ପୂରଣ କରିପାରିବେ:**

- ସେମାନେ ଦୁର୍ବଳ ଥିବା ବିଷୟରେ ସ୍ୱତନ୍ତ୍ର କୋଚିଂ କ୍ଲାସ୍‌ର ବନ୍ଦୋବସ୍ତ କରିପାରିବେ ।
- ଭବିଷ୍ୟତରେ କ୍ୟାରିୟର ଗଢ଼ିବା ପାଇଁ ବୃତ୍ତିଗତ ପରାମର୍ଶ ଦେଇପାରିବେ ।
- ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ସୁପର-୩୦ ଭଳି ବିଶେଷଜ୍ଞ କୋଚିଂ ସଂସ୍ଥା ସହିତ ଶ୍ରେଣୀର ସହବନ୍ଧନ କରାଇ ପାରିବେ ।
- ପ୍ରେରଣାଦାୟୀ ବକ୍ତାମାନଙ୍କ ବକ୍ତବ୍ୟ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରାଇ ପାରିବେ ।
- ଅର୍ଥ କିମ୍ବା ଅନ୍ୟାନ୍ୟ ପୁରସ୍କାର ପ୍ରତିଷ୍ଠା କରି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରାଇ ପାରିବେ ।
- ଏକ ଛାତ୍ର ଗୋଷ୍ଠୀର ନେତୃତ୍ୱ ନେଇ ସେମାନଙ୍କୁ ଭବିଷ୍ୟତରେ ସଫଳ ହେବା ପାଇଁ ଦିଗ୍‌ଦର୍ଶନ ଦେଇପାରିବେ ।

**୨. ନିଜର ପଦମର୍ଯ୍ୟାଦା ତଥା ଅଭିଜ୍ଞତାର ଉପଯୋଗ କରି ଛାତ୍ରଛାତ୍ରୀଙ୍କ ପିତାମାତା ତଥା ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କୁ ଉଚିତ ଦିଗ୍‌ଦର୍ଶନ ଦ୍ୱାରା ପ୍ରଭାବିତ କରାଯାଇ ପାରିବ । ଯେହେତୁ ଛାତ୍ରଛାତ୍ରୀମାନଙ୍କର ପିତାମାତା ପିଲାଙ୍କ ଚାରିତ୍ରିକ ବିକାଶ ତଥା ଭବିଷ୍ୟତ ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି, ଆପଣ ପିତାମାତା ତଥା ସାଧାରଣ ଜନସମାଜ ସହିତ ଯୋଗସୂତ୍ର ରକ୍ଷାକରି ଛାତ୍ରଛାତ୍ରୀମାନଙ୍କର ଶିକ୍ଷା ଗ୍ରହଣ ପ୍ରକ୍ରିୟାକୁ ଆହୁରି ସମୁନ୍ନତ କରିପାରିବେ :**

- ପିତାମାତାଙ୍କ ପାଇଁ ପ୍ରେରଣାଦାୟୀ ବକ୍ତବ୍ୟ ଆୟୋଜନ ଦ୍ୱାରା ସେମାନଙ୍କ ପାଇଁ ଆଜି ତାଙ୍କ ଚତୁର୍ଦ୍ଦିଗରେ ରହିଥିବା ଅସୀମିତ ସମ୍ଭାବନା ସମ୍ପର୍କରେ ସେମାନଙ୍କୁ ସଚେତନ କରାଇ ପାରିବେ ।
- ବିଦ୍ୟାଳୟର ସମସ୍ତ ପୂରାତନ ଛାତ୍ରଙ୍କୁ ବିଦ୍ୟାଳୟର ପରିବେଶ ତଥା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନିର୍ମାଣ ପାଇଁ ଆଗେଇ ଆସିବାକୁ ପ୍ରୋତ୍ସାହିତ କରିପାରିବେ ।

**୩. ବିଦ୍ୟାଳୟର ଭିତ୍ତିଭୂମି ଉନ୍ନୟନରେ ବହୁଳ ଭାବରେ ଯୋଗଦାନ କରିପାରିବେ :**

- ପାଠାଗାର, ବିଜ୍ଞାନାଗାର, ସ୍ମାର୍ଟ ଶ୍ରେଣୀ ଗୃହ, ଡିଜିଟାଲ୍ ଭିତ୍ତିଭୂମି, ଖେଳ ପଡ଼ିଆ ପ୍ରତିଷ୍ଠା ସହିତ କ୍ରୀଡ଼ା, ବିଜ୍ଞାନ ଆଦି ଉପକରଣ ଯୋଗାଇ ପାରିବେ ।
- ଏ କଥା ମନେରଖିବେ ଯେ ବିଦ୍ୟାଳୟର ଉନ୍ନତିକରଣ ପାଇଁ ପୂରାତନ ଛାତ୍ର, ଅଭିଭାବକ ସମାଜ, କର୍ପୋରେଟ୍ ସାମାଜିକ ଉତ୍ତରଦାୟିତ୍ୱ ପାଣ୍ଠି ଭଳି ଦିଆଯାଉଥିବା ଯେ କୌଣସି ରକମର ଆର୍ଥିକ ଅନୁଦାନର ଦୁଇ ଗୁଣ ଅର୍ଥ ରାଜ୍ୟ ସରକାରଙ୍କ ତରଫରୁ ଯୋଗାଇ ଦିଆଯିବ ।
- **'ମୋ ସ୍କୁଲ'** ଅଭିଯାନରେ ସକ୍ରିୟ ଅଂଶଗ୍ରହଣ କରି ଆମ ରାଜ୍ୟର ସ୍କୁଲ ଶିକ୍ଷା ବ୍ୟବସ୍ଥାରେ ପରିଦୃଶ୍ୟ ପରିବର୍ତ୍ତନ ସହିତ ଆମ ଛାତ୍ରଛାତ୍ରୀଙ୍କ ଶିକ୍ଷା ଗ୍ରହଣ ଅଭିଜ୍ଞତାକୁ ମୂଲ୍ୟବୋଧଭିତ୍ତିକ କରିବା ପାଇଁ ଆପଣଙ୍କ ଆନ୍ତରିକ ଉଦ୍ୟମକୁ ଅଶେଷ ଧନ୍ୟବାଦ ।

OIPR-27001/13/0003/2021

**ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ**

# ହିଂସାକୁ ନିନ୍ଦା କଲେ ରାଷ୍ଟ୍ରପତି


## ଆରମ୍ଭ ହେଲା ପାର୍ଲାମେଣ୍ଟର ବଜେଟ ଅଧିବେଶନ

ନୂଆଦିଲ୍ଲୀ, ୨୯।୧

ପାର୍ଲାମେଣ୍ଟର ବଜେଟ ଅଧିବେଶନ ଶୁକ୍ରବାର ଆରମ୍ଭ ହୋଇଛି। ଉଭୟ ଗୃହର ମିଳିତ ଅଧିବେଶନକୁ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଜାତୀୟ ରାଜଧାନୀରେ କୃଷକମାନଙ୍କ ଟ୍ରାକ୍ଟର ରାଲି ବେଳେ ହିଂସାକାଣ୍ଡକୁ ନିନ୍ଦା କରିଛନ୍ତି। ସାଧାରଣତନ୍ତ୍ର ଦିବସରେ ହିଂସାକାଣ୍ଡ ଓ ତ୍ରିରଙ୍ଗାକୁ ଅସମ୍ମାନିତ କରିବା ଦୁର୍ଭାଗ୍ୟଜନକ ବୋଲି ରାଷ୍ଟ୍ରପତି କହିଥିଲେ। ସମ୍ବିଧାନ ଆମକୁ ମତବ୍ୟକ୍ତ କରିବାର ସ୍ୱାଧୀନତା ଦେଇଥିବାବେଳେ ଆଇନ ଶୃଙ୍ଖଳାକୁ ଗମ୍ଭୀରତା ପୂର୍ବକ ଅନୁପାଳନ କରିବା ଲାଗି ଶିକ୍ଷା ଦେଇଛି। ସରକାର କାର୍ଯ୍ୟକାରୀ କରିଥିବା ୩ କୃଷି ଆଇନକୁ ସୁପ୍ରିମକୋର୍ଟ ସ୍ଥଗିତ ରଖିଛନ୍ତି। ସର୍ବୋଚ୍ଚ ଅଦାଲତ ଯାହା ନିଷ୍ପତ୍ତି ନେବେ ସରକାର ତାହାକୁ ସମ୍ମାନ ଦେବେ ବୋଲି ରାଷ୍ଟ୍ରପତି କହିଥିଲେ।

ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ କୋଭିଡ୍ ମହାମାରୀ, ଗଲ୍‌ୱାନ୍ ଉପତ୍ୟକାରେ ଭାରତୀୟ ଯବାନଙ୍କ ବଳିଦାନ ଆଦି ଗତବର୍ଷ ଆରମ୍ଭରୁ ଦେଶରେ ଘଟିଯାଇଥିବା ବିଭିନ୍ନ ଘଟଣାର ଅବତାରଣା କରିଥିଲେ। କରୋନା ମହାମାରୀ ବେଳେ ସଂସଦର ମିଳିତ ଅଧିବେଶନ ଉଲ୍ଲେଖନୀୟ ଘଟଣା ଏବଂ ନୂଆ ବର୍ଷ ତଥା ନୂଆ ଦଶନ୍ଧିର ଆରମ୍ଭ ବୋଲି ସେ କହିଥିଲେ। ଦେଶ ବିଭିନ୍ନ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛି। କରୋନା ମହାମାରୀ, ବନ୍ୟା, ଭୂକମ୍ପ, ସାମୁଦ୍ରିକ ବାତ୍ୟା, ପଙ୍ଗପାଳ ଆକ୍ରମଣ, ବାର୍ଡ ଫ୍ଲୁ ଭଳି ସମସ୍ତ ସଙ୍କଟକୁ ଦେଶ ଦୃଢ଼ତାର ସହ ମୁକାବିଲା କରିଛି। ଗତବର୍ଷଠାରୁ ଉଭୟ ପାର୍ଶ୍ୱ ସୀମାରେ ଅଭୂତପୂର୍ବ ଉତ୍ତେଜନା ଲାଗି ରହିଛି। କରୋନା ମହାମାରୀ ଅନେକ ଜୀବନ ନେଇଛି। ଏହା ସତ୍ତ୍ୱେ ମହାମାରୀକୁ ସଫଳତାର ସହ ମୁକାବିଲା କରାଯାଇଛି। ଉପଯୁକ୍ତ ସମୟରେ ସରକାରଙ୍କ ସୁଚିନ୍ତିତ ନିଷ୍ପତ୍ତି ଯୋଗୁ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ରକ୍ଷା ହୋଇପାରିଥିବା ରାଷ୍ଟ୍ରପତି କହିଥିଲେ।

ନୂଆ କୃଷି ଆଇନକୁ ସମର୍ଥନ ଜଣାଇ ରାଷ୍ଟ୍ରପତି କହିଥିଲେ, ଏହି ଆଇନ ଲାଗୁ ହେବା ପରେ ୧୦ କୋଟିରୁ ଊର୍ଦ୍ଧ୍ୱ କ୍ଷୁଦ୍ର ଚାଷୀ ଲାଭ ପାଇବା ଆରମ୍ଭ ହୋଇଛି। ଅନେକ ରାଜନୈତିକ ଦଳ କୃଷି ସେକ୍ଟରରେ ସଂସ୍କାରକୁ ସମର୍ଥନ କରୁଛନ୍ତି। ପିଏମ୍-କିଷାନ ସମ୍ମାନ ନିଧିରେ ଚାଷୀମାନଙ୍କ ବ୍ୟାଙ୍କ ଖାତାକୁ ୧,୧୩,୦୦୦ କୋଟି ଟଙ୍କା ପଠାଯାଇଛି। ୭ ମାସ ପୂର୍ବରୁ ପାର୍ଲାମେଣ୍ଟରେ ବ୍ୟାପକ ବିଚାରବିମର୍ଶ ପରେ ୩ ଗୁରୁତ୍ୱପୂର୍ଣ୍ଣ କୃଷି ଆଇନ ଗୃହୀତ ହୋଇଥିଲା ବୋଲି ରାଷ୍ଟ୍ରପତି କହିଥିଲେ।


ରାଷ୍ଟ୍ରପତି ରାମନାଥ କୋବିନ୍ଦ

### ବିରୋଧୀଙ୍କ ନାରାବାଜି, ଅଭିଭାଷଣ ବର୍ଜନ

ତେବେ ନୂଆ କୃଷି ଆଇନ ବିରୋଧରେ ଦୁଇମାସ ହେଲା ଚାଲିଥିବା ଚାଷୀ ଆନ୍ଦୋଳନକୁ ସମର୍ଥନ ଜଣାଇ କଂଗ୍ରେସ ନେତୃତ୍ୱରେ ୧୯ ବିରୋଧୀ ଦଳ ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ବର୍ଜନ କରିଥିଲେ। ଅଭିଭାଷଣ ସମୟରେ କଂଗ୍ରେସ ଏମ୍‌ପି ରାଭନୀତ ସିଂ ବିଟ୍ଟୁ କୃଷି ଆଇନ ପ୍ରତ୍ୟାହାର ଦାବିରେ ସ୍ଲୋଗାନ ଦେଉଥିବା ଦେଖାଯାଇଥିଲା। ବିରୋଧୀ ଦଳ ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ବର୍ଜନ କରିବା ଏହା ଦ୍ୱିତୀୟ ଘଟଣା। ଗତବର୍ଷ ନାଗରିକତ୍ୱ ଆଇନ ବିରୋଧରେ ଆନ୍ଦୋଳନ ଚଳାଇଥିବା ଲୋକମାନଙ୍କୁ ସମର୍ଥନ ଜଣାଇ ବିରୋଧୀ ଦଳଗୁଡ଼ିକ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ଆଗରେ ସମ୍ବିଧାନ ଓ ଏହାର ପ୍ରସ୍ତାବନାକୁ ପାଠ କରିଥିଲେ।

ରାଷ୍ଟ୍ରପତିଙ୍କ ଅଭିଭାଷଣ ପରେ ଦୁଇ ସଦନର ଅଧିବେଶନ ଅଲଗା ଅଲଗା ବସିଥିଲା। କୃଷି ଆଇନ ବିରୋଧରେ ବିରୋଧୀ ଦଳଗୁଡ଼ିକର ନାରାବାଜି ଓ ହୋହଲ୍ଲା ମଧ୍ୟରେ ପ୍ରଥମେ ଲୋକ ସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଓ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ ହୋଇଥିଲା। ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଗୃହକୁ ସୋମବାର ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ସୋମବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଗୃହରେ କେନ୍ଦ୍ର ବଜେଟ ଉପସ୍ଥାପନ କରିବେ। ବଜେଟ ଅଧିବେଶନ ଦୁଇ ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟ ଅଧିବେଶନ ଫେବୃୟାରୀ ୧୫ରେ ଶେଷ ହେବାକୁ ଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୮ରେ ଆରମ୍ଭ ହୋଇ ଏପ୍ରିଲ ୮ରେ ଶେଷ ହେବା ଆଶା କରାଯାଉଛି। ତେବେ କରୋନା ମହାମାରୀ ଯୋଗୁ ପାର୍ଲାମେଣ୍ଟ ଦୁଇ ଶିଫ୍ଟରେ ଚାଲିବ। ସକାଳ ସମୟରେ ରାଜ୍ୟ ସଭା ଅଧିବେଶନ ବସିବାକୁ ଥିବାବେଳେ ସନ୍ଧ୍ୟାରେ ଲୋକ ସଭା ଅଧିବେଶନ ବସିବା ଲାଗି ସ୍ଥିର ହୋଇଛି।

# ଭୁବନେଶ୍ୱର, କଟକରେ ପୂର୍ଣ୍ଣ କ୍ଷମତାରେ ଚାଲିବ ସରକାରୀ ଅଫିସ

## ଶନିବାର ବନ୍ଦ ରହିବ ରାଜ୍ୟର ସବୁ ସରକାରୀ କାର୍ଯ୍ୟାଳୟ

ଭୁବନେଶ୍ୱର,୨୯।୧(ବ୍ୟୁରୋ)

ଫେବ୍ରୁଆରୀ ୧ରୁ କଟକ ଓ ଭୁବନେଶ୍ୱର (ଟ୍ୱିନ୍‌ସିଟି)ରେ ଥିବା ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ ଏବଂ ଅଧସ୍ତନ କାର୍ଯ୍ୟାଳୟ ପୂର୍ଣ୍ଣ କ୍ଷମତାରେ କାର୍ଯ୍ୟ କରିବ। ସମସ୍ତ ଅଧିକାରୀ ଓ କର୍ମଚାରୀ ଅଫିସ୍ ଆସିବେ। ତେବେ ଶନିବାର ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିବ। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ସମସ୍ତ କର୍ମଚାରୀ କଡ଼ାକଡ଼ି ଭାବେ କୋଭିଡ୍ ନିୟମାବଳୀ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଫିସ୍‌ର କୌଣସି କର୍ମଚାରୀଙ୍କ ଠାରେ କୋଭିଡ୍ ସଂକ୍ରମଣ ଲକ୍ଷଣ ଦେଖାଦେଲେ ସମ୍ପୃକ୍ତ କାର୍ଯ୍ୟାଳୟ ସରକାରଙ୍କ ପ୍ରୋଟୋକଲକୁ ଅନୁପାଳନ କରିବା ପାଇଁ କୁହାଯାଇଛି। କର୍ମଚାରୀଙ୍କ ଶତପ୍ରତିଶତ ଉପସ୍ଥାନ ରହୁଥିବାବେଳେ ଶାରୀରିକ ଦୂରତା ରକ୍ଷା କରିବାକୁ ବାଧ୍ୟତାମୂଳକ କରାଯାଇଛି। ଆବଶ୍ୟକସ୍ଥଳେ କର୍ମଚାରୀଙ୍କ କ୍ଷମତାକୁ ନିୟନ୍ତ୍ରିତ କରାଯାଇପାରିବ ବୋଲି ନିର୍ଦ୍ଦେଶନାମାରେ ଦର୍ଶାଯାଇଛି।

# ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ହତ୍ୟାକଲେ ମାଓବାଦୀ

ମାଲକାନଗିରି,୨୯।୧(ଡି.ଏନ୍.ଏ.)

ମାଲକାନଗିରି ଜିଲା ସୀମନ୍ତ ଛତିଶଗଡ଼ର ବିଜାପୁର ଜିଲା ଜଙ୍ଗଲା ଥାନା ଅନ୍ତର୍ଗତ କୋଡ୍ରାପାଲ ଗ୍ରାମରେ ମାଓବାଦୀମାନେ ଜଣେ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ହତ୍ୟା କରିଛନ୍ତି। ସେ ହେଲେ କନଷ୍ଟେବଳ ମଲ୍ଲେଶ। ମଲ୍ଲେଶ ମାଓବାଦୀ ସଙ୍ଗଠନରେ କମାଣ୍ଡର ଭାବେ କାର୍ଯ୍ୟ କରୁଥିଲେ। ୨୦୧୪ରେ ସେ ଆତ୍ମ ସମର୍ପଣ କରିଥିଲେ। ତାଙ୍କୁ ଡିଆର୍‌ଜି କନଷ୍ଟେବଳ ଭାବେ ନିଯୁକ୍ତି ମିଳିଥିଲା। ଗୁରୁବାର ଅପରାହ୍ଣରେ ମଲ୍ଲେଶ ପୁଅକୁ ଭେଟିବା ପାଇଁ କଡ୍ରାପାଲ ଗ୍ରାମକୁ ଯାଇଥିବା ବେଳେ ମାଓବାଦୀମାନେ ଏହି ଖବର ପାଇ ବାଟରୁ ତାଙ୍କୁ ଉଠାଇ ନେଇଥିଲେ। ତାଙ୍କୁ ହତ୍ୟାକରି ଗ୍ରାମ ରାସ୍ତାରେ ପକାଇ ଚାଲିଯାଇଥିଲେ। ଶୁକ୍ରବାର ସକାଳେ ସେହି ରାସ୍ତାରେ ଯାଉଥିବା ଗ୍ରାମବାସୀ ମୃତଦେହ ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ମାଓବାଦୀଙ୍କୁ ଧରିବା ପାଇଁ ସମ୍ପୃକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନ ଜୋର୍‌ଦାର କରାଯାଇଥିବା ବିଜାପୁର ପୋଲିସ ସୂଚନା ଦେଇଛି।


ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ସିଟୁ ପକ୍ଷରୁ ଶୁକ୍ରବାର ଆୟୋଜିତ ବିଶାଳ ସମାବେଶରେ ଯୋଗଦେଇଥିବା କର୍ମକର୍ତ୍ତା।

# ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ମାମଲା: ଦୋଷୀଙ୍କୁ ୧୦ବର୍ଷ ଜେଲ୍

**ଭଦ୍ରକ ଅଫିସ, ୨୯।୧:** ଭଦ୍ରକ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ତଥା ଅତିରିକ୍ତ ଜିଲା ଜଜ୍ ପ୍ରଣତି ସାହା ଏକ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ମାମଲାର ଶୁକ୍ରବାର ବିଚାର କରି ଦୋଷୀଙ୍କୁ ୧୦ ବର୍ଷ ଜେଲ ଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନା ଶୁଣାଣି କରିଛନ୍ତି। ପୋକ୍‌ସୋ ଆଇନ ବଳରେ ଅଭିଯୁକ୍ତ ତିହିଡ଼ି ଥାନା ଅଧୀନ ବାଲିଚନ୍ଦ୍ରପୁରି ଗ୍ରାମର ନବଘନ ମଲିକଙ୍କୁ ଦୋଷୀ ସାବ୍ୟସ୍ତ କରି ଏହି ଦଣ୍ଡାଦେଶ ଶୁଣାଣି ହୋଇଛି। ସୂଚନାଯୋଗ୍ୟ, ୨୦୧୪ ଜୁଲାଇ ୧ରେ ନବଘନ ଜଣେ ନାବାଳିକାଙ୍କୁ ଅପହରଣ କରିନେଇ ହାଇଦ୍ରାବାଦ ଚାଲିଯାଇଥିଲେ। ସେଠାରେ ତାଙ୍କୁ ବଳାତ୍କାର କରିଥିବା ନେଇ ଅଭିଯୋଗ ହୋଇଥିଲା। ଏ ନେଇ ତିହିଡ଼ି ଥାନାରେ ଏକ ମାମଲା(ନଂ.୨୬୦/୧୪) ରୁଜୁ କରି ଅଭିଯୁକ୍ତ ନବଘନଙ୍କୁ ପୋଲିସ ଗିରଫ କରିଥିଲା। ପୀଡ଼ିତାଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ମନୋରଞ୍ଜନ ଦାସ ମାମଲା ପରିଚାଳନା କରୁଥିଲେ।

# ବ୍ରହ୍ମପୁର ସମାବେଶରେ ଯୋଗ ଦେବେ ଚେଲ୍ଲା କୁମାର

ଭୁବନେଶ୍ୱର,୨୯।୧(ବ୍ୟୁରୋ)

ପ୍ରଦେଶ କଂଗ୍ରେସ କମିଟି(ପିସିସି) ପ୍ରଭାରୀ ଏ ଚେଲ୍ଲା କୁମାର ଶୁକ୍ରବାର ଦୁଇ ଦିନିଆ ଓଡିଶା ଗସ୍ତରେ ଆସିଛନ୍ତି। ଚେଲ୍ଲା କୁମାର ସନ୍ଧ୍ୟାରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚି ସେଠାରେ ବ୍ରହ୍ମପୁର ଅଭିମୁଖେ ଯାତ୍ରା କରିଛନ୍ତି। କଂଗ୍ରେସ ପକ୍ଷରୁ ଶନିବାର ଖଲ୍ଲିକୋଟ କଲେଜ ପଡିଆରେ ଏକ ସମାବେଶ ହେବାର ଅଛି। ସେହି କାର୍ଯ୍ୟକ୍ରମରେ ଚେଲ୍ଲା କୁମାର ଯୋଗଦେବେ। ଏନେଇ ସେ ସିଧାସଳଖ ବ୍ରହ୍ମପୁର ଅଭିମୁଖେ ଯାତ୍ରା କରିଥିବା ବେଳେ ସେଠାରେ ରାତ୍ରୀଯାପନ କରି ଶନିବାର ସମାବେଶରେ ଯୋଗଦେଇ ପୁଣି ଦିଲ୍ଲୀ ଫେରିଯିବେ ବୋଲି ଦଳର ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି।

# ୩ ସୁରକ୍ଷା କର୍ମୀ ସୁପରଭାଇଜର ବହିଷ୍କୃତ

## କୋଭିଡ୍ ଟିକା ପରେ ମୃତ୍ୟୁ ଘଟଣା

### ୧୪ ସୁରକ୍ଷା କର୍ମୀଙ୍କୁ କାରଣ ଦର୍ଶାଅ ନୋଟିସ

ତରବୋଡ/ନୂଆପଡା ଅଫିସ, ୨୯।୧ (ଡି.ଏନ.ଏ.)

ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ସୁରକ୍ଷା କର୍ମଚାରୀ ନାନକରାମ କେୱଟ (୨୬)ଙ୍କ କୋଭିଡ୍ ଟିକା ଯୋଗୁ ମୃତ୍ୟୁ ଘଟଣାରେ ମୃତକ ପରିବାରକୁ କ୍ଷତିପୂରଣ ଦାବିରେ ଧାରଣରେ ବସିଥିବା ସୁରକ୍ଷା କର୍ମୀମାନଙ୍କୁ ଏବେ ମହଙ୍ଗା ପଡିଛି। ଏହି ଘଟଣାରେ ସୁରକ୍ଷା କର୍ମୀ ସଂସ୍ଥା ୩ଜଣ ସୁରକ୍ଷା କର୍ମୀ ସୁପରଭାଇଜରଙ୍କୁ କାର୍ଯ୍ୟରୁ ବହିଷ୍କୃତ କରିଥିବା ବେଳେ ୧୪ ଜଣ ସୁରକ୍ଷା କର୍ମୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି।

ସୂଚନାଯୋଗ୍ୟ ଯେ, ଗତ ୨୩ ତାରିଖରେ ମୁଖ୍ୟ ଚିକିତ୍ସାଳୟରେ ସୁରକ୍ଷା କର୍ମୀ ନାନକରାମ କୋଭିଡ୍ ଟିକା କୋଭାକ୍ସିନ ନେଇଥିଲେ। ୨୫ ତାରିଖରେ ହଠାତ୍ ଅସୁସ୍ଥ ହୋଇପଡ଼ିଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ୨୬ ତାରିଖରେ ବୁର୍ଲା ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ବୁର୍ଲାରୁ ମୃତଦେହ ନୂଆପଡାରେ ପହଞ୍ଚିବା ପରେ ଅପରାହ୍ଣରେ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସୁରକ୍ଷା କର୍ମୀମାନେ ଧାରଣାରେ ବସିଥିଲେ। ଏବେ ଏହା ସୁରକ୍ଷା କର୍ମୀଙ୍କୁ ମହଙ୍ଗା ପଡିଛି। ସୁରକ୍ଷା ସଂସ୍ଥା ପକ୍ଷରୁ ସୁରକ୍ଷା କର୍ମୀ ସୁପରଭାଇଜର ଜୋହନ ଲାଲ ସାହୁ, ଭୂଷଣ ପ୍ରଧାନ, ଚମ୍ପୁଲାଲ ପ୍ରଧାନଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଛି। ସେହିପରି ୧୪ ସୁରକ୍ଷା କର୍ମୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ବେଆଇନ ଭାବେ ପ୍ରଶାସନ ବିରୋଧରେ ଧାରଣା ଦେବା, ସମ୍ପୃକ୍ତ ସଂସ୍ଥା ବିରୋଧରେ ଷଡଯନ୍ତ୍ର କରିବା, କାର୍ଯ୍ୟ ସମୟରେ ନିୟମକୁ ଅବମାନନା କରିବା ଭଳି ଯୁକ୍ତି ଉପସ୍ଥାପନା କରି ସମ୍ପୃକ୍ତ ସଂସ୍ଥା ସୁରକ୍ଷା କର୍ମୀ ସୁପରଭାଇଜର ଓ ସୁରକ୍ଷା କର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ତେବେ କାର୍ଯ୍ୟରତ ସୁରକ୍ଷା କର୍ମୀଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ପାଇଁ କ୍ଷତିପୂରଣ ମାଗିବା ନ୍ୟାୟ ସଙ୍ଗତ ନୁହେଁ କି ବୋଲି ସୁରକ୍ଷା କର୍ମୀମାନେ ପ୍ରଶ୍ନ କରିଛନ୍ତି। ଜଣେ ମୃତ ସୁରକ୍ଷା କର୍ମୀଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ଧାରଣାରେ ବସିଥିବାରୁ ତାଙ୍କୁ ଚାକିରିରୁ ବାହାର କରିଦେବା ଦୁର୍ଭାଗ୍ୟ ଜନକ ବୋଲି ସୁରକ୍ଷା କର୍ମୀମାନେ କହିଛନ୍ତି। ସମ୍ପୃକ୍ତ ସଂସ୍ଥା କର୍ତ୍ତୃପକ୍ଷଙ୍କ ଏଭଳି କାର୍ଯ୍ୟାନୁଷ୍ଠାନକୁ ବିଭିନ୍ନ ମହଲରେ ନିନ୍ଦା କରିଛନ୍ତି।

# ବିଦା ହେଲେ ଆଉ ୯ ଅଧିକାରୀ

## ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ କଡ଼ା ଆଭିମୁଖ୍ୟ

### ୧୧୩ ଅଧିକାରୀଙ୍କୁ ମିଳିଛି ବାଧ୍ୟତାମୂଳକ ଅବସର

ଭୁବନେଶ୍ୱର,୨୯।୧(ବ୍ୟୁରୋ)

ଦୁର୍ନୀତି ଏବଂ ଅପାରଗ ଅଧିକାରୀଙ୍କ ବିରୋଧରେ ରାଜ୍ୟ ସରକାରଙ୍କ କଡ଼ା ଆଭିମୁଖ୍ୟ ଜାରି ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅପାରଗ ତଥା ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ସବୁବେଳେ ଶୂନ୍ୟ ସହିଷ୍ଣୁତା ଉପରେ ଜୋରଦେଇ ଆସିଛନ୍ତି। ସାଧାରଣ ଜୀବନରେ ସାଧୁତା ଓ ନୈତିକତା ବଜାୟ ରଖିବା ସହ ଜନସାଧାରଣଙ୍କୁ ସ୍ୱଚ୍ଛ, ଦକ୍ଷ ଓ ଉତ୍ତରଦାୟୀ ପ୍ରଶାସନ ମାଧ୍ୟମରେ ସେବା ଯୋଗାଇ ଦେବା ପାଇଁ ନିରନ୍ତର ପ୍ରଚେଷ୍ଟା ଜାରି ରଖିଛନ୍ତି।

ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ଖଣି ବିଭାଗର ଜଣେ ଉପନିର୍ଦ୍ଦେଶକ ଓ ଶ୍ରମ ବିଭାଗର ଯୁଗ୍ମ କମିଶନରଙ୍କ ସମେତ ଜଙ୍ଗଲ, ଜନସ୍ୱାସ୍ଥ୍ୟ, ଶ୍ରମ ବିଭାଗର ୯ ଜଣଙ୍କୁ ବାଧ୍ୟତାମୂଳକ ଅବସର ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ୭ ଜଣଙ୍କ ବିରୋଧରେ ଦୁର୍ନୀତି ମାମଲା ଥିବା ବେଳେ ୨ ଜଣଙ୍କୁ ଅପାରଗତା ଯୋଗୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ଖଣି ବିଭାଗର ୨ ଜଣ ଅଧିକାରୀ, ବଲାଙ୍ଗୀର ମୁରିବାହଲ ଫରେଷ୍ଟ ରେଞ୍ଜ ଅଫିସର ଏବଂ ସୁନ୍ଦରଗଡ଼ ଜିଲା ଜନସ୍ୱାସ୍ଥ୍ୟ ବିଭାଗର ଆସିଷ୍ଟାଣ୍ଟ ଇଞ୍ଜିନିୟରଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଥିବା ବେଳେ ଅନ୍ୟ ୫ ଜଣଙ୍କୁ କିଛିଦିନ ତଳେ ବାଧ୍ୟତାମୂଳକ ଅବସର ଦିଆଯାଇଛି।

ବାଧ୍ୟତାମୂଳକ ଅବସର ଦିଆଯାଇଥିବା ଅଧିକାରୀମାନେ ହେଲେ ଖଣି ବିଭାଗର ଉପନିର୍ଦ୍ଦେଶକ ମଦନ ମୋହନ ବିଶ୍ୱାଳ। ତାଙ୍କ ବିରୋଧରେ ୯ଟି ଭିଜିଲାନ୍ସ କେସ୍ ରହିଛି। ତାଙ୍କର ସାଧୁତା ଅତ୍ୟନ୍ତ ସନ୍ଦେହଜନକ ଥିଲା। ସେହିପରି ସରକାରୀ କାର୍ଯ୍ୟରେ ତାଙ୍କର ଆନ୍ତରିକତା ଅଭାବ ରହିଥିଲା। ଜଣେ ସରକାରୀ ଅଧିକାରୀ ଭାବେ ଆବଶ୍ୟକ ସୌଜନ୍ୟ ମଧ୍ୟ ସେ ରକ୍ଷା କରୁ ନ ଥିଲେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

ସେହିପରି ରମେଶ ଚନ୍ଦ୍ର ମହାଲିକ ଗ୍ରୁପ୍-'କ' ପାହ୍ୟାର ଖଣି ଅଧିକାରୀ। ମହାଲିକଙ୍କ ବିରୋଧରେ ୪ ଭିଜିଲାନ୍ସ କେସ ଥିବା ବେଳେ ତାଙ୍କର ସାଧୁତା ମଧ୍ୟ ସନ୍ଦେହଜନକ ଥିଲା। ଜଣେ ସରକାରୀ ଅଧିକାରୀ ଭାବରେ ଆବଶ୍ୟକ ଆନ୍ତରିକତା ଓ ସୌଜନ୍ୟର ଅଭାବ ତାଙ୍କଠାରେ ଥିଲା। ବଲାଙ୍ଗୀର ମୁରିବାହଲ ଫରେଷ୍ଟ ରେଞ୍ଜ ଅଫିସର ପ୍ରଶାନ୍ତ ନାୟକ ୧ କୋଟି ୪୦ ଲକ୍ଷ ଟଙ୍କାର ଆୟବର୍ହିଭୂତ ସମ୍ପତ୍ତି ସହିତ ବଲାଙ୍ଗୀର ଜିଲାରେ ତାଙ୍କର ୧୦ଟି ପ୍ଲଟ ଓ ୨ କୋଠା ମଧ୍ୟ ଠାବ କରାଯାଇଥିଲା। ସେଥିପାଇଁ ତାଙ୍କ ନାମରେ ଭିଜିଲାନ୍ସ ମାମଲା ରହିଛି। ସେହିପରି ସୁନ୍ଦରଗଡ଼ ଜିଲା ଜନସ୍ୱାସ୍ଥ୍ୟ ବିଭାଗର ଆସିଷ୍ଟାଣ୍ଟ ଇଞ୍ଜିନିୟର ନାରାୟଣ ପ୍ରଧାନଙ୍କ ବିରୋଧରେ ଭିଜିଲାନ୍ସ ମାମଲା ରହିଛି। ତାଙ୍କର ଆୟବର୍ହିଭୂତ ୨କୋଟି ୨୦ଲକ୍ଷ ଟଙ୍କାର ସମ୍ପତ୍ତି ସହ ଦେଓଗଡ଼ ଜିଲାରେ ୪ କୋଠା, ସମ୍ବଲପୁର, ଦେଓଗଡ଼, ଅନୁଗୋଳ ଓ ଖୋର୍ଦ୍ଧା ଜିଲାରେ ୩୧ଟି ଜମି ମଧ୍ୟ ରହିଛି।

ଜଙ୍ଗଲ ବିଭାଗର ସହକାରୀ ବନ ସଂରକ୍ଷକ ଲକ୍ଷ୍ମଣ ପ୍ରଧାନଙ୍କ ବିରୋଧରେ ୨ଟି ଭିଜିଲାନ୍ସ କେସ୍ ରହିଛି। ଜଙ୍ଗଲ ବିଭାଗର ରେଞ୍ଜ ଅଫିସର ଭରତ କୁମାର ଘଡେଇଙ୍କ ବିରୋଧରେ ୩ଟି ଭିଜିଲାନ୍ସ କେସ୍ ରହିଛି। ରାୟଗଡ଼ା ଜିଲା ଶ୍ରମ ଅଧିକାରୀ ପ୍ରଦୀପ କୁମାର ଭୋଇଙ୍କ ବିରୋଧରେ ଗୋଟିଏ ଭିଜିଲାନ୍ସ କେସ୍ ରହିଛି। ଉକ୍ତ ଅଧିକାରୀମାନଙ୍କୁ ଦୁର୍ନୀତି ଅଭିଯୋଗରେ ବାଧ୍ୟତାମୂଳକ ଅବସର ଦିଆଯାଇଛି।

ଭୁବନେଶ୍ୱର ଯୁଗ୍ମ ଶ୍ରମ କମିଶନର ଶରତ କୁମାର ଚୌଧୁରୀ ଏବଂ ଗଜପତି ଜିଲାର ଡିଭିଜନାଲ ଶ୍ରମ କମିଶନର ନମିତା ଦାସଙ୍କୁ ଅପାରଗତା ଯୋଗୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ଉକ୍ତ ୯ ଜଣ ଅଧିକାରୀଙ୍କ ସମେତ ଏ ପର୍ଯ୍ୟନ୍ତ ୧୧୩ ଜଣଙ୍କୁ ଦୁର୍ନୀତି ଓ ଅପାରଗତା ଅଭିଯୋଗରେ ରାଜ୍ୟ ସରକାର ବାଧ୍ୟତାମୂଳକ ଅବସର ଦେଇଛନ୍ତି।



# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜାନୁୟାରୀ ୩୦/୨୦୨୧ | Bhubaneswar, Saturday, January 30/2021 | ପୃଷ୍ଠା-୧




**ଧନଞ୍ଜୟଙ୍କ ଶତକ**

କଟକରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲା ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟରେ ଶୁକ୍ରବାର ୧୬୩ ରନ କରିଛନ୍ତି ଝାରସୁଗୁଡ଼ାର ଧନଞ୍ଜୟ ଯାଦବ ।

୦୮

୦୯

**ଇନ୍ଦିରାଙ୍କ ଭୂମିକାରେ କଙ୍ଗନା**

ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାନାୱତ ଆଉ ଜଣେ ରାଜନୀତିଜ୍ଞ ଭୂମିକାରେ ନଜର ଆସିବେ। ସେ ଇନ୍ଦିରା ଗାନ୍ଧୀଙ୍କ ଚରିତ୍ରରେ ଅଭିନୟ କରିବାର ଯୋଜନା ରଖିଥିବା କହିଛନ୍ତି।



## ଓଡ଼ିଶାକୁ ବନ୍ୟା ସହାୟତା ୩୨୦.୯୪ କୋଟି

**ଭୁବନେଶ୍ୱର,୨୯।୧(ବ୍ୟୁରୋ)**

ବନ୍ୟା କ୍ଷତି ଭରଣା ପାଇଁ ଓଡ଼ିଶାକୁ କେନ୍ଦ୍ର ସରକାର ୩୨୦.୯୪ କୋଟି ମଞ୍ଜୁର କରିଛନ୍ତି। ଶୁକ୍ରବାର କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ କମିଟି ବୈଠକରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି(ଏନ୍‌ଡିଆରଏଫ୍)ରୁ ଅତିରିକ୍ତ କେନ୍ଦ୍ରୀୟ ସହାୟତା ବାବଦରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ୫ଟି ରାଜ୍ୟକୁ ୧୭୫୧.୦୫ କୋଟି ଟଙ୍କାର ଆର୍ଥିକ ସହାୟତାକୁ ମଞ୍ଜୁର କରାଯାଇଛି। ୨୦୧୯-୨୦ ରବି ଋତୁରେ ହୋଇଥିବା ଝଡ଼ତୋଫାନ ଏବଂ ୨୦୨୦ରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଯୋଗୁ ୫ଟି ରାଜ୍ୟରେ ଦେଖାଦେଇଥିବା ବନ୍ୟା, ଭୂସ୍ଖଳନ ଆଦିର ଭରଣା ପାଇଁ ଉକ୍ତ ଅର୍ଥ ମଞ୍ଜୁର କରାଯାଇଛି।

୨୦୨୦ରେ ହୋଇଥିବା ବନ୍ୟା ଓ ଭୂସ୍ଖଳନ ପାଇଁ ଆସାମକୁ ୪୩୭.୧୫ କୋଟି ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଅରୁଣାଚଳ ପ୍ରଦେଶକୁ ୭୫.୮୬ କୋଟିସ୍, ତେଲେଙ୍ଗାନାକୁ ୨୪୫.୯୬ କୋଟି ଏବଂ ଉତ୍ତରପ୍ରଦେଶକୁ ୩୮୬.୦୬ କୋଟି ଟଙ୍କା ମଞ୍ଜୁର କରାଯାଇଛି।


**ଆଜିର ସମ୍ପାଦକୀୟ**

**ବଦଳି ପାଳା**


# ୭.୭% ଖସିବ ଜିଡିପି

**ନୂଆଦିଲ୍ଲୀ,୨୯।୧**

ଚଳିତ ଆର୍ଥିକ ବର୍ଷରେ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ୭.୭% ହ୍ରାସ ଘଟିବା ନେଇ ଆକଳନ କରାଯାଇଛି। କରୋନା ମହାମାରୀ ଯୋଗୁ ଦେଶର ଅର୍ଥ ବ୍ୟବସ୍ଥା ଗଭୀର କ୍ଷତିଗ୍ରସ୍ତ ହୋଇଥିବା ବେଳେ ବର୍ତ୍ତମାନ ସ୍ଥିତିରେ ସୁଧାର ପରିଲକ୍ଷିତ ହେଉଛି। ଭାରତୀୟ ଅର୍ଥ ବ୍ୟବସ୍ଥା ଭି ଆକୃତିର ସୁଧାର ସହ ସ୍ୱାଭାବିକ ସ୍ଥିତିକୁ ଫେରୁଛି। ଫଳରେ ୨୦୨୧-୨୨ ଆର୍ଥିକ ବର୍ଷରେ ଦେଶର ରିୟଲ ଜିଡିପି ୧୧% ଅଭିବୃଦ୍ଧି ହାସଲ କରିବ ବୋଲି ଅର୍ଥନୈତିକ ସର୍ଭେ ରିପୋର୍ଟରେ ଏହା ପ୍ରକାଶ ପାଇଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଦ୍ୱାରା ଶୁକ୍ରବାର ଏହି ରିପୋର୍ଟ ଉନ୍ମୋଚନ କରାଯାଇଥିଲା।

ସୂଚନାଯୋଗ୍ୟ, ଭାରତର ଜିଡିପି ଶେଷ ଥର ଲାଗି ୧୯୭୯-୮୦ରେ ପ୍ରଭାବିତ ହୋଇଥିଲା। ଏହି ସମୟରେ ଅର୍ଥ ବ୍ୟବସ୍ଥା ୫.୨% ହ୍ରାସ ହୋଇଥିଲା। ଅର୍ଥନୈତିକ ସର୍ଭେ ୨୦୨୦-୨୧ରେ କୁହାଯାଇଛି ଯେ, ସଙ୍କଟରେ ରହିଥିବା ଅର୍ଥ ବ୍ୟବସ୍ଥାର ଏକମାତ୍ର କ୍ଷେତ୍ର ଭାବେ କୃଷି କ୍ଷେତ୍ରର ଗତିକୁ ରୋକିବାରେ କରୋନା ସକ୍ଷମ ହୋଇନାହିଁ। ମହାମାରୀ ନିୟନ୍ତ୍ରଣ କରିବା ଲାଗି ସାରା ଦେଶରେ ଜାରି ହୋଇଥିବା ଲକ୍‌ଡାଉନ ଯୋଗୁ ସେବାକ୍ଷେତ୍ର, ମାନୁଫାକ୍‌ଚରିଂ ଏବଂ ନିର୍ମାଣ କ୍ଷେତ୍ରକୁ ସବୁଠାରୁ ବଡ଼ ଝଟକା ଲାଗିଛି। ଅପରପକ୍ଷରେ ୨୦୨୧-୨୨ରେ ନୋମିନାଲ ଜିଡିପି ୧୫.୪% ରହିବା ନେଇ ରିପୋର୍ଟରେ ପ୍ରକାଶ ପାଇଛି। ବର୍ତ୍ତମାନ କୋଭିଡ୍-୧୯ ଟିକାକରଣ ଆରମ୍ଭ ହେବାରୁ ବଜାରରେ ସ୍ୱାଭାବିକ ସ୍ଥିତି ଫେରୁଛି। ଫଳରେ ଜିଡିପି ଲାଗି ଏହା ନୂଆ ସମ୍ଭାବନା ସୃଷ୍ଟି କରିଛି। ସରକାର ଯୋଗାଣ ଧାରାକୁ ତ୍ୱରାନ୍ୱିତ କରୁଥିବାରୁ ଦେଶର ଅଭିବୃଦ୍ଧିକୁ ଏହାଦ୍ୱାରା ଲାଭ ମିଳିବ। ଏହି ଧାରାରେ ସରକାର ସଂସ୍କାର ପ୍ରକ୍ରିୟା, ନିୟମରେ ସୁଧାର, ଭିତ୍ତିଭୂମି ନିବେଶକୁ ପ୍ରୋତ୍ସାହନ, ମାନୁଫାକଚରିଂ କ୍ଷେତ୍ରକୁ ଉତ୍ସାହିତ କରିବା ଲାଗି ଯୋଜନା ହାତକୁ ନେଉଛନ୍ତି।

ଉତ୍ପାଦନ ସଂଯୋଗୀ ପ୍ରୋତ୍ସାହନ ଯୋଜନା, ସେବା କ୍ଷେତ୍ର କାର୍ଯ୍ୟକଳାପରେ ଉନ୍ନତି, ଋଣ ଯୋଗାଣରେ ଉନ୍ନତି, ବଜାରରେ ପର୍ଯ୍ୟାପ୍ତ ନଗଦ ସ୍ଥିତି ଏବଂ ନିମ୍ନ ରେପୋ ହାର ବଜାର ଲାଗି ଲାଭକାରୀ ସାବ୍ୟସ୍ତ ହେଉଛି। ରିପୋର୍ଟରେ ପୁଣି କୁହାଯାଇଛି, ଭାରତ ଚଳନ୍ତି ଖାତାରେ ବଳକା ସ୍ଥିତି ଆସିବା ନେଇ ଆଶା। ୧୭ ବର୍ଷ ପରେ ଏଭଳି ହେବାକୁ ଯାଉଛି। ସେବା କ୍ଷେତ୍ରରେ ରପ୍ତାନି ଉନ୍ନତ ହେବା ଯୋଗୁ ବର୍ଷର ପ୍ରଥମାର୍ଦ୍ଧରେ ଚଳନ୍ତି ଖାତାରେ ବଳକା ୩.୧% ରହିଥିବା ରେକର୍ଡ କରାଯାଇଛି। ଦେଶର ମୋଟ ଜିଡିପି ତୁଳନାରେ କରେଣ୍ଟ ଆକାଉଣ୍ଟ ସରପ୍ଲସ୍ ୨% ରହିପାରେ। ମହାମାରୀ ଯୋଗୁ ଚଳିତ ଆର୍ଥିକ ବର୍ଷରେ ଜିଡିପି ୭.୭% ଖସିବ ବୋଲି ଆକଳନ କରାଯାଇଥିଲେ ମଧ୍ୟ ଆଗାମୀ ୨ ବର୍ଷରେ ବିଶ୍ୱର ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥା ହେବ ବୋଲି ସର୍ଭେରେ ପ୍ରକାଶ ପାଇଛି। ୨୦୨୧ରେ ଭାରତର ଜିଡିପି ୧୧.୫% ରହିଥିବା ନେଇ ନିକଟରେ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି ଆକଳନ କରିଛି। ଭାରତ ଏକ ମାତ୍ର ଦେଶ ଯାହା ମହାମାରୀ ସତ୍ତ୍ୱେ ୨ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ହାସଲ କରିବ ବୋଲି ଏହି ଏଜେନ୍ସି କହିଛି। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ସିଏସ୍‌ଓ)ର ଅନୁମାନ ମୁତାବକ, ୨୦୨୦-୨୧ରେ ଜିଡିପି ୭.୭% ଖସିବ। ବିଶ୍ୱର ଅନ୍ୟ ଏଜେନ୍ସିଗୁଡିକ ମଧ୍ୟ ଭାରତର ଅର୍ଥନୈତିକ ଅଭିବୃଦ୍ଧି ହ୍ରାସ ହେବା ନେଇ ଆକଳନ କରିଛନ୍ତି।




- ଅର୍ଥନୈତିକ ସର୍ଭେ ରିପୋର୍ଟ ଉନ୍ମୋଚିତ
- ୨୦୨୧-୨୨ରେ ରିୟଲ ଜିଡିପି ୧୧% ରହିପାରେ

## ସିଙ୍ଘୁରେ ଖଣ୍ଡା ବୁଲିଲା



ସିଙ୍ଘୁ ସୀମାରେ ଖଣ୍ଡା ବୁଲାଇଥିବା ବ୍ୟକ୍ତିଙ୍କୁ ପୋଲିସ ଟେକିନେଉଛି।

- ବାସିନ୍ଦା-ଚାଷୀ ମୁହାଁମୁହିଁ
- ୨ ପୋଲିସ ସମେତ ଅନେକ ଆହତ: ୪୪ ଗିରଫ

**ନୂଆଦିଲ୍ଲୀ,୨୯।୧(ପି.ଟି.)**

ଦିଲ୍ଲୀ-ହରିୟାଣାର ସିଙ୍ଘୁସୀମାରେ ୨ ମାସ ଧରି ଆନ୍ଦୋଳନରତ ଚାଷୀଙ୍କୁ ଘଉଡ଼ାଇବା ଆରମ୍ଭ କରିଛନ୍ତି ସ୍ଥାନୀୟ ଲୋକେ। ଶୁକ୍ରବାର ଉକ୍ତ ସୀମାର କଲୋନୀଗୁଡ଼ିକରେ ରହୁଥିବା ପ୍ରାୟ ୨୦୦ ଲୋକ ସେମାନଙ୍କୁ ଆନ୍ଦୋଳନ ସ୍ଥଳ ଖାଲି କରିବାକୁ କହିଥିଲେ। ଫଳରେ ସିଙ୍ଘୁବାସୀ ଓ ଚାଷୀ ମୁହାଁମୁହିଁ ହୋଇଥିଲେ। ଉଭୟ ପକ୍ଷରୁ ପରସ୍ପରକୁ ଠେଙ୍ଗା ଓ ଟେକାମାଡ଼ କରାଯାଇଥିଲା। ସ୍ଥିତି ନିୟନ୍ତ୍ରଣ କରିବା ପାଇଁ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ ସହ ଲାଠିଚାର୍ଜ କରିଥିଲା। କିଛି ସମୟ ପାଇଁ ସମ୍ପୃକ୍ତ ଅଞ୍ଚଳ ରଣକ୍ଷେତ୍ର ପାଲଟିଯାଇଥିଲା। ଆକ୍ରମଣ ଓ ପ୍ରତି ଆକ୍ରମଣରେ ଅନେକେ ଆହତ ହୋଇଛନ୍ତି। ସେଠାରେ ଦିଲ୍ଲୀ ପୋଲିସର ଅନେକ କର୍ମଚାରୀ ମୁତୟନ ଥିବାବେଳେ ଆଲିପୁର ଏସ୍‌ଏଚ୍‌ଓ ପ୍ରଦୀପ ପଲିୱାଲଙ୍କୁ ଜଣେ ବ୍ୟକ୍ତି ଖଣ୍ଡାରେ ଆକ୍ରମଣ କରିଥିଲେ। ୨ ପୋଲିସ କର୍ମଚାରୀ ଆହତ ହେବା ପରେ ସୁରକ୍ଷା କର୍ମୀମାନେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ମାଡ଼ମାରି କାବୁ କରିନେଇଥିଲେ। ଏହି ମାମଲାରେ ପୋଲିସ ୪୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସାଧାରଣତନ୍ତ୍ର ଦିବସରେ ଟ୍ରାକ୍ଟର ରାଲି ବେଳେ ଲାଲକିଲ୍ଲାରେ ଜାତୀୟ ପତାକାକୁ ଅସମ୍ମାନ କରିଥିବାରୁ କୃଷକମାନେ ଆନ୍ଦୋଳନସ୍ଥଳ ଛାଡ଼ି ଚାଲିଯାଆନ୍ତୁ ବୋଲି ସିଙ୍ଘୁବାସୀ ଦାବି କରିଛନ୍ତି।




## ବାପା ଆଗରେ ଶିଶୁକନ୍ୟା ଜୀବନ୍ତ ଦଗ୍ଧ

**୩ ଗୁରୁତର**

**ରାଜନଗର, ୨୯।୧(ଡି.ଏନ.ଏ.)**

ବାପା ଆଗରେ ଜୀବନ୍ତ ଦଗ୍ଧ ହୋଇଗଲା ୩ବର୍ଷର ଶିଶୁକନ୍ୟା। ନିଆଁର ପ୍ରକୋପ ଏତେ ଭୟଙ୍କର ଥିଲା ଯେ, ଯେତେ ଚେଷ୍ଟା କରି ମଧ୍ୟ ବାପା ବଞ୍ଚାଇପାରି ନ ଥିଲେ ଝିଅକୁ। ଏଭଳି ହୃଦୟ ବିଦାରକ ଘଟଣା ଘଟିଛି ଗୁରୁବାର ରାତିରେ କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଅଡ଼ାସଲ ଗ୍ରାମରେ। ମୃତକ ହେଲେ ରମାକାନ୍ତ ସାଉଁତିଙ୍କ ଝିଅ କ୍ରିଷ୍ଣା। ରମାକାନ୍ତ, ତାଙ୍କ ସ୍ତ୍ରୀ ଓ ୧୦ ବର୍ଷର ଆଉ ଜଣେ ଝିଅ ପୋଡ଼ି ହୋଇ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ରାଜନଗର ବ୍ଲକ ଓକିଲପାଳ ଗାଁର ରମାକାନ୍ତ ବାଉଁଶଗଡି ନଦୀ ଆରପଟେ ଥିବା ସାତଭାୟା ପଞ୍ଚାୟତର ଅଡ଼ାସଲ ଗାଁର ୩ ଏକର ଜମିରେ ଧାନ ଚାଷ କରିଥିଲେ। ସେଠାରେ ଥିବା ଖଳାରେ ଧାନ କାଟି ଗଦା କରିଥିଲେ। ହେଲେ ଷଣ୍ଢ ଭୟ ଥିବାରୁ ଖଳା ନିକଟରେ ପଲା ନିର୍ମାଣ କରିଥିଲେ। ଗୁରୁବାର ରାତିରେ ପଲାରେ ☞ପୃଷ୍ଠା-୨

# ଦିଲ୍ଲୀରେ ବିସ୍ଫୋରଣ

**ନୂଆଦିଲ୍ଲୀ,୨୯।୧**


ନୂଆଦିଲ୍ଲୀର ଇସ୍ରାଏଲ୍ ଦୂତାବାସଠାରୁ ପ୍ରାୟ ୧୫୦ ମିଟର ଦୂରରେ ଶୁକ୍ରବାର ବିସ୍ଫୋରଣ ଘଟିଛି। ଏଥିରେ କେହି ମୃତାହତ ହୋଇ ନ ଥିବାବେଳେ କେତେକ କାର୍‌ର ୱିଣ୍ଡସ୍କ୍ରିନ୍ ଭାଙ୍ଗିଯାଇଥିବା ଜଣାପଡ଼ିଛି। ବିସ୍ଫୋରଣର ଖବର ପାଇ ଦିଲ୍ଲୀ ପୋଲିସ ତୁରନ୍ତ ଉକ୍ତ ସ୍ଥାନରେ ତନାଘନା କରୁଛି।

ଶୁକ୍ରବାର ଅପରାହ୍ନ ୫ଟା ୫ରେ ଜାତୀୟ ରାଜଧାନୀର କେନ୍ଦ୍ରସ୍ଥଳ ଔରଙ୍ଗଜେବ ରୋଡ୍‌ସ୍ଥିତ ଇସ୍ରାଏଲ ଦୂତାବାସ ନିକଟରେ ବିସ୍ଫୋରଣ ହୋଇଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦ, ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସିଡିଏସ୍ ଜେନେରାଲ ବିପିନ୍ ରାୱତ୍‌ଙ୍କ ସମେତ ୩ ସେନା ମୁଖ୍ୟ ଯୋଗଦେଇଥିବା ବିଜୟଚୌକ୍‌ର ଧ୍ୱଜାବତରଣ ଉତ୍ସବ ସ୍ଥାନରୁ ବିସ୍ଫୋରଣସ୍ଥଳର ଦୂରତା ମାତ୍ର ୧.୭ କି.ମି.। ଭାରତ-ଇସ୍ରାଏଲ୍ କୂଟନୈତିକ ସମ୍ପର୍କକୁ ଶୁକ୍ରବାର ୨୯ ବର୍ଷ ପୂରିଥିବାବେଳେ ଏହି ହାଇ ସିକ୍ୟୁରିଟି ଜୋନ୍‌ରେ ବିସ୍ଫୋରଣ ଘଟିବା ପରେ ସମସ୍ତେ ଆତଙ୍କିତ ହୋଇଯାଇଥିଲେ। ତେବେ ଏଥିରେ କିଛି ବଡ଼ ଧରଣର କ୍ଷତି ହୋଇନାହିଁ। ଜିନ୍ଦଲ ହାଉସ୍ ପାଖରେ ଥିବା ୪-୫ଟି କାର୍‌ର କାଚ ଭାଙ୍ଗିଯାଇଛି। ସୁରକ୍ଷା କର୍ମୀମାନେ ସମ୍ପୃକ୍ତ ଅଞ୍ଚଳକୁ ଘେରିବା ସହ ଡ. ଅବ୍‌ଦୁଲ କଲାମ ରୋଡ୍‌କୁ କର୍ଡନ କରିଛନ୍ତି। ହଟଚମଟ ସୃଷ୍ଟି ଉଦ୍ଦେଶ୍ୟରେ କେହି ଆଇଇଡି ବ୍ଲାଷ୍ଟ କରିଥିବା ସନ୍ଦେହ କରାଯାଉଛି।

# ନ୍ୟାୟ ପ୍ରଦାନରେ ଓଡ଼ିଶା ର୍‍ୟାଙ୍କ ଖସିଲା

**ଭୁବନେଶ୍ୱର,୨୯।୧(ବ୍ୟୁରୋ)**

**ଆଇନ ଶୃଙ୍ଖଳାରେ ଓଡ଼ିଶା ପୋଲିସ ୩ୟ ସ୍ଥାନକୁ ଉନ୍ନୀତ**



ନ୍ୟାୟ ପ୍ରଦାନ କରିବା କ୍ଷେତ୍ରରେ ପୂର୍ବ ବର୍ଷ ଅପେକ୍ଷା ଓଡ଼ିଶା ର୍‍ୟାଙ୍କ ତଳକୁ ଖସିଛି। ୨୦୧୯ରେ ଓଡ଼ିଶାର ସ୍ଥାନ ୭ ନମ୍ବର ଥିବା ବେଳେ ଏବେ ୧୧ ନମ୍ବରକୁ ଖସିଛି। ନ୍ୟାୟ ପ୍ରଦାନ କରିବା କ୍ଷେତ୍ରରେ ମହାରାଷ୍ଟ୍ର ପୂର୍ବଭଳି ୧ ନମ୍ବର ସ୍ଥାନରେ ରହିଛି। ସେହିପରି ଗତ ବର୍ଷ ତାମିଲନାଡୁ ତୃତୀୟ ସ୍ଥାନରେ ଥିବା ବେଳେ ଏବେ ଦ୍ୱିତୀୟ ସ୍ଥାନକୁ ଆସିଛି। ସେହିପରି ୨୦୧୯ରେ ତେଲଙ୍ଗାନା ୧୧ ନମ୍ବର ସ୍ଥାନରେ ଥିବା ବେଳେ ୩ ନମ୍ବର ସ୍ଥାନକୁ ଉନ୍ନୀତ ହୋଇଛି। ପଞ୍ଜାବ ୪ ନମ୍ବରରେ ଥିବା ବେଳେ କେରଳ ୨ ନମ୍ବରରୁ ଖସି ୫ ନମ୍ବରକୁ ଆସିଛି। ସେହିପରି ଗୁଜରାଟ ୬ ନମ୍ବର ସ୍ଥାନରେ ଥିବା ବେଳେ ଛତିଶଗଡ ୭, ଝାଡଖଣ୍ଡ ୮, ହରିୟାଣା ୯, ରାଜସ୍ଥାନ ୧୦, ଆନ୍ଧ୍ର ପ୍ରଦେଶ ୧୨, ବିହାର ୧୩, ପଶ୍ଚିମବଙ୍ଗ ୧୭, କର୍ଣ୍ଣାଟକ ୧୪, ଉତ୍ତର ପ୍ରଦେଶ ୧୫, ମଧ୍ୟପ୍ରଦେଶ ୧୬, ପଶ୍ଚିମବଙ୍ଗ ୧୭, ଉତ୍ତର ପ୍ରଦେଶ ୧୮ ତମ ସ୍ଥାନରେ ରହିଛି। ନ୍ୟାୟ ଦେବାରେ ତର୍ଜମା କରି ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ୧୪ ମାସ ଧରି ସର୍ଭେ କରିବା ପରେ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଜେଲରେ ଥିବା ଦୁଇ ତୃତୀୟାଂଶ ଲୋକଙ୍କୁ ଏଯାଏ ଦଣ୍ଡ ବିଧାନ ☞ପୃଷ୍ଠା-୨




**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୦,୨୨,୫୧,୯୯୪ | ୨୨,୦୪,୮୭୪ | ୭,୪୦,୫୭,୮୬୩ |
| ଭାରତ | ୧,୦୭,୨୦,୯୭୧ | ୧,୫୪,୦୪୭ | ୧,୦୩,୯୪,୩୫୨ |
| ଓଡ଼ିଶା | ୩,୩୪,୮୫୦ | ୧୯୦୬(+୫୩) | ୩,୩୧,୮୨୪ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଭିଜିଲାନ୍ସ ହାତରେ ଧରାପଡ଼ିଲେ ଡାକ୍ତର

## ମହିଳା ସ୍ୱାସ୍ଥ୍ୟକର୍ମୀଙ୍କଠାରୁ ଲାଞ୍ଚ

ସୁନ୍ଦରଗଡ଼, ୨୯।୧(ଡି.ଏନ୍.ଏ)

ସୁନ୍ଦରଗଡ଼ ଜିଲା ହେମଗିର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭାରପ୍ରାପ୍ତ ଅଧିକାରୀ ଡାକ୍ତର ପ୍ରଭାକର ଗଡ଼ତିଆ ଶୁକ୍ରବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କଠାରୁ ଲାଞ୍ଚ ନେଇ ସେ ଧରାପଡ଼ିଥିବା ଜଣାପଡିଛି। ପୂର୍ବରୁ ସେଠାରେ କାର୍ଯ୍ୟରତ ମହିଳା ସ୍ୱାସ୍ଥ୍ୟକର୍ମୀ କଳ୍ପନା ପଟେଲ ନେଇଥିବା ଛୁଟି ମଞ୍ଜୁର କରି ଦରମା ବିଲ୍ ପ୍ରଦାନ ସକାଶେ ସମ୍ପୃକ୍ତ ଡାକ୍ତର ତାଙ୍କଠାରୁ ୫ହଜାର ଟଙ୍କା ଦାବିକରି ଆସୁଥିଲେ। ଟଙ୍କା ନ ଦେବାରୁ ତାଙ୍କୁ ହଇରାଣ କରିଆସୁଥିଲେ। ଏ ସମ୍ପର୍କରେ ମହିଳା ସ୍ୱାସ୍ଥ୍ୟକର୍ମୀ ସୁନ୍ଦରଗଡ଼ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ପରେ ରାଉରକେଲା ଭିଜିଲାନ୍ସ ଡିଭିଜନ ଏସ୍‌ପି


ଡାକ୍ତର ପ୍ରଭାକର ଗଡ଼ତିଆ

ସୁବାସ ଚନ୍ଦ୍ର ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ଏନେଇ ଏକ ମାମଲା ରୁଜୁ କରାଯାଇଥିଲା। ଶୁକ୍ରବାର ପୂର୍ବାହ୍ଣ ପ୍ରାୟ ୧୧ଟାବେଳେ ସମ୍ପୃକ୍ତ ଡାକ୍ତର ଗଡ଼ତିଆ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କଠାରୁ ୫ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବାବେଳେ ପୂର୍ବଯୋଜନା ମୁତାବକ ସେଠାରେ ଛପି ରହିଥିବା ଭିଜିଲାନ୍ସ ବିଭାଗର ଅଧିକାରୀମାନେ ତାଙ୍କୁ କାବୁ କରି ତାଙ୍କଠାରୁ ରାସାୟନିକ ପ୍ରଲେପ ଦିଆ ଏହି ଲାଞ୍ଚ ଟଙ୍କା ଜବତ କରିଥିଲେ। ଏଥିସହ ହେମଗିର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ତାଙ୍କ ସରକାରୀ କ୍ୱାର୍ଟର୍ସ ସମେତ ସମ୍ବଲପୁର ସହରରେ ଥିବା ତାଙ୍କ ବାସଭବନରେ ଭିଜିଲାନ୍ସ ବିଭାଗ ଏକକାଳୀନ ଖାନତଲାସ କରିଥିଲା।

# ଟିକା ନେଉନାହାନ୍ତି ସ୍ୱାସ୍ଥ୍ୟକର୍ମୀ

ଭୁବନେଶ୍ୱର, ୨୯।୧(ବ୍ୟୁରୋ)

ରାଜ୍ୟରେ ଗତ ୧୬ ତାରିଖରୁ କରୋନା ଟିକାକରଣ ଜାରି ରହିଛି। ବର୍ତ୍ତମାନ କେବଳ ସ୍ୱାସ୍ଥ୍ୟକର୍ମୀଙ୍କୁ ଟିକା ଦିଆଯାଉଛି। କେତେକ ଜିଲାରେ ଟିକାକରଣର ହାର ଖୁବ୍ କମ୍ ରହିଥିବାରୁ ରାଜ୍ୟ ସରକାର ଅସନ୍ତୋଷ ପ୍ରକାଶ କରିଛନ୍ତି। ସ୍ୱାସ୍ଥ୍ୟକର୍ମୀମାନେ କାହିଁକି ଟିକା ନେଉନାହାନ୍ତି ତାକୁ ନେଇ ଚିନ୍ତା ବଢ଼ିଛି। ଏବେ ଟିକାର ପ୍ରଥମ ଡୋଜ୍ ଦିଆଯାଉଛି। ଏହି ପ୍ରକ୍ରିୟା ଫେବୃୟାରୀ ୧୦ରେ ସରିବ। ତେବେ ଗତ ସପ୍ତାହରେ ୯ ଜିଲାରେ ଟିକାକରଣ ସ୍ଥିତି ନୈରାଶ୍ୟଜନକ ରହିଛି। ଦେବଗଡ଼ ଜିଲାରେ ମାତ୍ର ୪୨% ଟିକାକରଣ ହୋଇଥିବାବେଳେ ଖୋର୍ଦ୍ଧା ୬୧%, ଯାଜପୁର ୬୨%, ଜଗତ୍‌ସିଂହପୁର ୬୬%, ନୟାଗଡ଼ ୬୭%, ଭୁବନେଶ୍ୱର ମହାନଗର ନିଗମ ୭୬%, କଟକ ୭୬%,

**୯ ଜିଲାରେ ସ୍ଥିତି ନୈରାଶ୍ୟଜନକ**

- ୬୦.୬% ଟିକାକରଣ: ଅନୁଗୋଳରେ ୭୪.୪%, ଦେବଗଡ଼ରେ ୪୨%
- ଜିଲାପାଳ, ମହାନଗର ନିଗମ କମିଶନରଙ୍କୁ ଚିଠି
- ପଲ୍‌ସ ପୋଲିଓ କାର୍ଯ୍ୟକ୍ରମ ପାଇଁ ୩ଦିନ ବନ୍ଦ ରହିବ କରୋନା ଟିକାକରଣ

ସମ୍ବଲପୁର ୭୭% ଓ କେନ୍ଦୁଝରରେ ୭୮% ହୋଇଛି। ଏଭଳି ସ୍ଥିତିକୁ ଦୃଷ୍ଟିରେ ରଖି ସମସ୍ତ ସ୍ୱାସ୍ଥ୍ୟକର୍ମୀ କିପରି ଟିକା ନେବେ, ତାହା ସୁନିଶ୍ଚିତ କରିବାକୁ ଜିଲାପାଳ ଓ ମହାନଗର ନିଗମ କମିଶନରଙ୍କୁ ସରକାର ଚିଠି ଲେଖିଛନ୍ତି। ସ୍ୱାସ୍ଥ୍ୟକର୍ମୀମାନେ ଧାର୍ଯ୍ୟ ତାରିଖ ମଧ୍ୟରେ ଟିକା ନ ନେଲେ ପରବର୍ତ୍ତୀ ସମୟରେ ସରକାରଙ୍କ ପକ୍ଷରୁ ସେମାନଙ୍କୁ ଆଉ ମାଗଣା ଟିକା ଦିଆଯିବ ନାହିଁ। ଏ ସମ୍ପର୍କରେ ସ୍ୱାସ୍ଥ୍ୟକର୍ମୀଙ୍କୁ ସ୍ପଷ୍ଟ ଭାବେ ଜଣାଇବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି।

ସ୍ୱାସ୍ଥ୍ୟ ବିଭାଗର ତଥ୍ୟ ଅନୁସାରେ, ଏଯାବତ୍ ୬୦.୬% ସ୍ୱାସ୍ଥ୍ୟକର୍ମୀ ଟିକା ନେଇସାରିଲେଣି। ପ୍ରଥମ ପର୍ଯ୍ୟାୟରେ ୩,୩୮,୭୦୦ଜଣ ଟିକା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ଏଯାଏ ୨,୦୫,୨୦୦ଜଣଙ୍କୁ ଦିଆଯାଇଛି। ଅନୁଗୋଳ ଜିଲାରେ ସର୍ବାଧିକ ୭୬.୪%ଜଣ ଟିକା ନେଇଛନ୍ତି। ତେବେ ଶୁକ୍ରବାର ୭୧% ଟିକାକରଣ ହୋଇଛି। ୧୫,୭୦୧ ଟିକାକରଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ୧୧,୧୪୨ଜଣ ଟିକା ନେଇଛନ୍ତି।

ସେପଟେ ଟିକାକରଣରେ ଓଡ଼ିଶା ଏକ ମାଇଲଷ୍ଟୋନ୍ ଛୁଇଁଛି। ଟିକାକରଣ ହାରରେ କେନ୍ଦ୍ରଶାସିତ ଅଞ୍ଚଳ ଲକ୍ଷାଦ୍ୱୀପ ପ୍ରଥମ ସ୍ଥାନରେ ରହିଥିବାବେଳେ ଦେଶର ସମସ୍ତ ରାଜ୍ୟ ମଧ୍ୟରେ ଓଡ଼ିଶା ପ୍ରଥମ ସ୍ଥାନରେ ରହିଛି। ଯେଉଁ ସ୍ୱାସ୍ଥ୍ୟକର୍ମୀମାନେ କେତେକ ଦାବି ରଖି ଟିକା ନେଉ ନ ଥିଲେ, ସେମାନଙ୍କୁ ଗୁରୁବାରଠାରୁ ଟିକା ଦେବା ଆରମ୍ଭ ହୋଇଛି। ତେବେ ଜାନୁୟାରୀ ୩୧ରୁ ଫେବୃୟାରୀ ୨ ପର୍ଯ୍ୟନ୍ତ ପଲ୍‌ସ ପୋଲିଓ କାର୍ଯ୍ୟକ୍ରମ ପାଇଁ ଏହି ୩ ଦିନ କୋଭିଡ୍ ଟିକାକରଣ ବନ୍ଦ ରହିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ କହିଛନ୍ତି। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟକର୍ମୀଙ୍କୁ ଟିକାକରଣରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ଉଭା ହୋଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସନ୍ତୋଷ ବ୍ୟକ୍ତ କରିଛନ୍ତି।






# ପିଆର୍‌ଏମ୍ ମେଡିକାଲ କଲେଜ ଛାତ୍ର-କର୍ମଚାରୀ ହାତାହାତି

ବାରିପଦା ଅଫିସ,୨୯।୧

- ୩ ଛାତ୍ର, ୨ କର୍ମଚାରୀ ଆହତ
- ଭଙ୍ଗାରୁଜା, ଏକ ପ୍ଲାଟୁନ ଫୋର୍ସ ମୁତୟନ

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ (ପିଆରଏମ୍)ରେ ଉପୁଜିଥିବା ଛାତ୍ର ଅଶାନ୍ତି ଶୁକ୍ରବାର ସନ୍ଧ୍ୟାରେ ଉଗ୍ରରୂପ ଧାରଣ କରିଥିଲା। କର୍ମଚାରୀ ଓ ଛାତ୍ରଙ୍କ ମଧ୍ୟରେ ଯୁକ୍ତିତର୍କରୁ ହାତାହାତି ହେବା ଫଳରେ ୩ ଛାତ୍ର ଓ ୨ କର୍ମଚାରୀ ଆହତ ହୋଇଥିଲେ। ସେମାନଙ୍କୁ ପିଆରଏମ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବରପାଇ ବାରିପଦା ସଦର ଏସଡିପିଓ କେ.କେ. ହରିପ୍ରସାଦ ଏବଂ ଟାଉନଥାନା ଅଧିକାରୀ ବୀରେନ୍ଦ୍ର ସେନାପତି ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଉତ୍ତେଜନା ଲାଗି ରହିଥିବାରୁ ଘଟଣାସ୍ଥଳରେ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି।

ସୂଚନା ଅନୁଯାୟୀ, ମେଡିକାଲ କଲେଜ ଓ ହସ୍ପିଟାଲର ବିଭିନ୍ନ ସମସ୍ୟାକୁ ନେଇ ଛାତ୍ରୀଛାତ୍ରମାନେ ଗୁରୁବାର ରାତି ୭ଟାରେ କଲେଜ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଦୀର୍ଘ ଦିନ ଏହି ସମସ୍ୟାଗୁଡ଼ିକର ସମାଧାନ କରାଯାଉ ନ ଥିବାରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସେମାନେ ମେଡିକାଲ କଲେଜ ଡିନ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହୋହଲ୍ଲା କରିଥିଲେ। ଶୁକ୍ରବାର ଡିନ୍‌ଙ୍କ କାର୍ଯ୍ୟାଳୟରେ ଏନେଇ ଆଲୋଚନା ଚାଲିଥିବା ବେଳେ ହାତାହାତି ପର୍ଯ୍ୟନ୍ତ କଥା ଯିବା ସହ ସେଠାରେ ଭଙ୍ଗାରୁଜା କରାଯାଇଥିବା ସୂଚନା ମିଳିଛି।

# ଓଡ଼ିଶା ଶିକ୍ଷକ ଶିକ୍ଷା ଡ୍ୟାସ୍‌ବୋର୍ଡ 'ପ୍ରଶିକ୍ଷକ' ଶୁଭାରମ୍ଭ

ଭୁବନେଶ୍ୱର, ୨୯।୧(ବ୍ୟୁରୋ)

ରାଜ୍ୟ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ସମ୍ମିଳନୀ କକ୍ଷରେ ଶୁକ୍ରବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓଡ଼ିଶା ଶିକ୍ଷକ ଶିକ୍ଷା ଡ୍ୟାସ୍‌ବୋର୍ଡ 'ପ୍ରଶିକ୍ଷକ'ର ଶୁଭାରମ୍ଭ କରିଛନ୍ତି। ସେ କହିଛନ୍ତି ଯେ, ଶିକ୍ଷକମାନେ ପିଲାଙ୍କ ପ୍ରତି ସମ୍ବେଦନଶୀଳ ହୁଅନ୍ତୁ। କୋଭିଡ୍-୧୯ ମହାମାରୀ ଜରୁରୀକାଳୀନ ସମୟରେ ଶିକ୍ଷା ଜାରି ରଖିବା ପାଇଁ ଏହି ଡ୍ୟାସ୍‌ବୋର୍ଡ ଅତ୍ୟନ୍ତ ଆବଶ୍ୟକ। ଏହା ଏକ ଜିଆର୍‌ଏସ୍ ଆଧାରିତ ଇଣ୍ଟରଆକ୍ଟିଭ୍ ଡ୍ୟାସ୍‌ବୋର୍ଡ, ଯାହା ଆଇଟି ଏବଂ ବିଜ୍ଞପ୍ତି ପ୍ରଣାଳୀ ସହିତ ସଂସ୍ଥାଗୁଡ଼ିକର ପ୍ରକୃତ ସମୟ ଟ୍ରାକିଂକୁ ସକ୍ଷମ କରିବା ପାଇଁ ଟାବୁଲାର ଫର୍ମ, ବାର୍ ପାଇ ଓ କାର୍ଡ ମାଧ୍ୟମରେ ଟ୍ରେଣ୍ଡକୁ ବିସ୍ତାର କରିଥାଏ। ବିଭାଗୀୟ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ କହିଛନ୍ତି ଯେ, ପିଲାମାନେ ହେଉଛନ୍ତି କଞ୍ଚାମାଟିର ପିଣ୍ଡୁଳା। ସେମାନଙ୍କୁ ଯେପରି ଗଢ଼ିବ ସେମାନେ ସେହିପରି ତିଆରି ହୋଇପାରିବେ। କ୍ଷେତ୍ର କାର୍ଯ୍ୟାଳୟ ୟୁନିସେଫର ରାଜ୍ୟ ମୁଖ୍ୟ ଡ. ମୋନିକା ନିଲସେନ୍ ଉପସ୍ଥିତ ଥିଲେ। ରାଜ୍ୟ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ନିର୍ଦ୍ଦେଶକ ଗଙ୍ଗାଧର ସାହୁ ସ୍ୱାଗତ ସୂଚନା ପ୍ରଦାନ କରିଥିବାବେଳେ ଅତିରିକ୍ତ ଶାସନ ସଚିବ ଶୁଭଶ୍ରୀ ନନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ।



ଓଡ଼ିଶା ଶିକ୍ଷକ ଶିକ୍ଷା ଡ୍ୟାସ୍‌ବୋର୍ଡ 'ପ୍ରଶିକ୍ଷକ'ର ଶୁଭାରମ୍ଭ ଅବସରରେ ଉପସ୍ଥିତ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଅନ୍ୟମାନେ।

# ମାଡ଼ିଗଲା ଗାଡ଼ି: ମା'ପୁଅ ମୃତ

ପରଜଙ୍ଗ, ୨୯।୧(ଡି.ଏନ.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅଧୀନ ଦଦରାଘାଟି ଫାଣ୍ଡି ଅଞ୍ଚଳରେ ଶୁକ୍ରବାର ଅପରାହ୍ଣ ପ୍ରାୟ ୩ଟାରେ ଏକ ଦୁଃଖଦ ଦୁର୍ଘଟଣା ଘଟିଛି। ବୋଲେରୋ ମାଡ଼ିଯିବାରୁ ଚାଲିଯାଇଛି ବାଇକ୍ ଆରୋହୀ ମା'ପୁଅଙ୍କ ଜୀବନ। ମୃତକ ହେଲେ ବସୁଲେଇ ଗ୍ରାମର ବୁଦ୍ଧିମନ୍ତ ନାଏକଙ୍କ ସ୍ତ୍ରୀ କଳାବତୀ ଏବଂ ତାଙ୍କ ୨୦ ବର୍ଷର ପୁଅ କୁନା। ଦୁର୍ଘଟଣା ଘଟାଇ ବୋଲେରୋ ଡ୍ରାଇଭର ପଳାଇଯିବାକୁ ଉଦ୍ୟମ କରୁଥିବାବେଳେ ଭାରସାମ୍ୟ ହରାଇ ଗାଡ଼ିଟି କେନାଲ ଅପରପାର୍ଶ୍ୱ ୬୦ ଫୁଟ ଗଭୀରକୁ ଖସିପଡ଼ିଛି। ଚାଳକ ଫେରାର ହୋଇଯାଇଛନ୍ତି।

ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, କଳାବତୀ ଏବଂ କୁନା ବାଇକ୍ (ନଂ.ଓଆର ୦୫ ଏଫ୍ ୧୭୪୧)ରେ କୌଣସି କାର୍ଯ୍ୟରେ ପରଜଙ୍ଗ ଯାଉଥିଲେ। ୧୪୯ନଂ. ଜାତୀୟ ରାଜପଥର କୁଲେଇ ଟର୍ନେଲଠାରୁ ସମଲ ଅଭିମୁଖେ ଯାଇଥିବା ରେଙ୍ଗାଳି ମୁଖ୍ୟ ବାମ କେନାଲ ରାସ୍ତାର କୁଲେଇ-ବସୁଲେଇ ଗ୍ରାମ ମଧ୍ୟଭାଗରେ ଦ୍ରୁତ ଗତିରେ ଆସୁଥିବା ଉକ୍ତ ବୋଲେରୋ ଉଭୟଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ବାସିନ୍ଦା ଦାବି କରିଥିଲେ। ଫଳରେ ଚାପା ଉତ୍ତେଜନା ଦେଖାଦେଇଥିଲା। ଦଦରାଘାଟି ଫାଣ୍ଡି ଅଧିକାରୀ ସମରଜିତ୍ ନାୟକ ସଦଳବଳ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ ହୋଇଛି।

ପ୍ରକୃତ ରୂପାନ୍ତର ହେଲା– ଚେତନାର ରୂପାନ୍ତର। ଚେତନାର ରୂପାନ୍ତର ହେଲା ପରେ ଆଉ ସବୁ କଥା ଛାଏଁ ଛାଏଁ ରୂପାନ୍ତରିତ ହୋଇଯିବ। ଏହା ସତ ଯେ ଆମର ଅଜାଣତରେ ବି ଆମ ପ୍ରକୃତିର କିଛି ପରିମାଣରେ ରୂପାନ୍ତର ଘଟି ଯାଇପାରେ। –ଶ୍ରୀମା



# ବଦଳି ପାଲା

## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କେନ୍ଦ୍ରରେ ମୋଦି ସରକାର ପ୍ରଶାସନିକ ସ୍ତରରେ ଏକ ବଡ଼ ଧରଣର ଅଦଳବଦଳ କରିଛନ୍ତି। ଏଥିରେ ୧୮ ଜଣ ସଚିବଙ୍କୁ ବଦଳି କରାଯାଇ ସେମାନଙ୍କୁ ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗରେ ନିଯୁକ୍ତି ଦିଆଯାଇଛି। ଅନେକଙ୍କୁ ବି ପଦୋନ୍ନତି ମିଳିଛି। ବହୁ ସମୟରେ ଏଭଳି ଅଦଳବଦଳ ନାଟକ ଦେଖିବାକୁ ମିଳେ। ଏବେ ଡିପାର୍ଟମେଣ୍ଟ୍ ଅଫ୍ ପର୍ସୋନେଲ ଆଣ୍ଡ୍ ଟ୍ରେନିଂ (ଡିଓପିଟି) ଜଣେ ନୂଆ ସଚିବ ଦୀପକ ଖାଣ୍ଡେକରଙ୍କୁ ପାଇଛି। ଖାଣ୍ଡେକର ଜନଜାତି ବ୍ୟାପାର ସଚିବ ଥିଲେ। ବର୍ତ୍ତମାନ ତାଙ୍କୁ ଡିଓପିଟିରେ ସଚିବ ଭାବେ ଅବସ୍ଥାପିତ କରାଯାଇଛି। ଏହି ପଦ ୪ ମାସ ହେବ ଖାଲି ପଡିଥିଲା। ତେବେ ଖାଣ୍ଡେକର ଆଉ ୭ ମାସ ପରେ ଅବସର ନେବାକୁ ଯାଉଥିବାବେଳେ ସରକାର ତାଙ୍କ ପରେ ସେହି ପଦବୀରେ ଆଉ ଜଣଙ୍କୁ ଅବସ୍ଥାପିତ କରିବାକୁ ପଡ଼ିବ। ଆଉ ମଧ୍ୟ ୪୫ ଦିନ ପରେ ବିତ୍ତ ସଚିବ ପଦରୁ ଏ.ବି.ପି. ପାଣ୍ଡେ ଅବସର ନେବା ପରେ ତାଙ୍କ ସ୍ଥାନରେ କାହାକୁ ନିଯୁକ୍ତି ଦିଆଯିବ ତାହାକୁ ନେଇ କାନକୁହା କଥା ଶୁଣିବାକୁ ମିଳୁଛି। ଏହି ବଦଳି ପାଲାରେ ଜଡିତ ୧୮ ଜଣ ଆଇଏଏସ୍ ଅଧିକାରୀଙ୍କ ମଧ୍ୟରୁ ୧୩ ଜଣଙ୍କୁ ସଚିବ ଭାବେ ନିଯୁକ୍ତ କରାଯାଇଥିବାବେଳେ ୫ ଜଣଙ୍କୁ ସ୍ୱତନ୍ତ୍ର ସଚିବ ଭାବେ ପଦୋନ୍ନତି ଦିଆଯାଇଛି। ଏମାନଙ୍କ ମଧ୍ୟରେ ରହିଛନ୍ତି ପ୍ରବୀଣ ଗର୍ଗ,ଏସ୍.ଏସ୍.ସାନ୍ଧୁ , ଅଞ୍ଜଳି ଭାୱାରା, ଜେ.ଏନ୍. ସ୍ୱାଇଁ ଏବଂ ଅନିଲ କୁମାର ଝା। ଏହାବାଦ୍ ଆଉ ଦୁଇ ଅଧିକାରୀଙ୍କୁ ଅଣଦେଖା କରାଯାଇଆସୁଥିଲା ବୋଲି ଗୁଜବ ଉଠିବା ସତ୍ତ୍ୱେ ଏମାନଙ୍କୁ ଅତି ଭଲ ଦାୟିତ୍ୱରେ ଅବସ୍ଥାପିତ କରାଯାଇଛି । ପ୍ରଥମ ଜଣକ ହେଉଛନ୍ତି ୧୯୮୮ ବ୍ୟାଚ୍ ଉତ୍ତରପ୍ରଦେଶ (ୟୁପି) କ୍ୟାଡର ଆଇଏଏସ୍ ଅଧିକାରୀ ଆଲୋକ କୁମାର । ତାଙ୍କ କ୍ୟାଡର ଷ୍ଟେଟରୁ ତାଙ୍କୁ ବଦଳି କରି କେନ୍ଦ୍ର ଶକ୍ତି ସଚିବ ଭାବେ ନିଯୁକ୍ତ କରାଯାଇଛି। ଆଉ ଜଣେ ବି ସେହି ୟୁପି କ୍ୟାଡର ଅଧିକାରୀ ଆଲୋକ ଟଣ୍ଡନ, ଯାହାଙ୍କୁ ଖଣି ମନ୍ତ୍ରଣାଳୟର ସଚିବ ଦାୟିତ୍ୱ ଦିଆଯାଇଛି। ଅରବିନ୍ଦ କୁମାର ଶର୍ମା ନିକଟରେ ୟୁପି ବିଧାନସଭାକୁ ପ୍ରବେଶ କରିବା ଲକ୍ଷ୍ୟରେ ଇଚ୍ଛାଧୀନ ଅବସର ନେଇଛନ୍ତି। ତାଙ୍କ ଜାଗାରେ ଆଉଜଣେ ଗୁଜରାଟ କ୍ୟାଡର ଅଧିକାରୀ ବି. ବି. ସ୍ୱାଇଁଙ୍କୁ ଅଣୁ ,କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) ମନ୍ତ୍ରଣାଳୟରେ ଅବସ୍ଥାପିତ କରାଯାଇଛି।

### ଏବେ ବି ସମୟ ଅଛି

ଦିଲ୍ଲୀ ମେଟ୍ରୋର ପରିଚାଳନା ନିର୍ଦ୍ଦେଶକ ପଦ ପାଇଁ ଦରଖାସ୍ତ ଆହ୍ୱାନ କରିବାରେ ବିଳମ୍ବ ଯୋଗୁ ମଙ୍ଗୁ ସିଂଙ୍କ କାର୍ଯ୍ୟକାଳ ମାର୍ଚ୍ଚ ୩୧ରେ ଆଉ ଥରେ ସମ୍ପ୍ରସାରଣ ହେବ ବୋଲି ଅନୁମାନ କରାଯାଉଛି। ଏହିଦିନ ତାଙ୍କର ଦ୍ୱିତୀୟ ସମ୍ପ୍ରସାରଣ ଶେଷ ହେଉଛି। ଦିଲ୍ଲୀ ମେଟ୍ରୋ ରେଲ୍ କର୍ପୋରେଶନ( ଡିଏମ୍ଆର୍‌ସି) ଉଭୟ କେନ୍ଦ୍ର ଏବଂ ଦିଲ୍ଲୀ ସରକାରଙ୍କ ଅଧୀନରେ ପରିଚାଳିତ। ଏଣୁ ଦୁଇ ସରକାର ଏହି ଘଟଣାରେ କିଭଳି ଆଗେଇବେ ତାହା ସ୍ଥିର କରି ନ ପାରିବାରୁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବାରେ ବିଳମ୍ବ ହୋଇଛି ବୋଲି ସୂତ୍ରରୁ ପ୍ରକାଶ। ସାଧାରଣତଃ କେନ୍ଦ୍ରର ସହମତି ନେଇ ଏହି ପ୍ରକ୍ରିୟାକୁ ଦିଲ୍ଲୀ ସରକାର ଆରମ୍ଭ କରି ଶେଷ କରିଥାନ୍ତି। କେନ୍ଦ୍ର ଓ ଦିଲ୍ଲୀ ସରକାର ବିଭିନ୍ନ ଘଟଣାରେ ପରସ୍ପର ବୁଝାମଣାରେ କାମ କରିବା ପ୍ରାୟତଃ ଦେଖାଯାଏ ନାହିଁ। ଏହା ମଧ୍ୟ ତା'ର ଏକ ଉଦାହରଣ ହୋଇପାରେ। ଅପରପକ୍ଷରେ ଏକ ଦୀର୍ଘ ସମୟ ଧରି ମଙ୍ଗୁ ସିଂ ଦିଲ୍ଲୀ ମେଟ୍ରୋର ମୁଖ୍ୟ ଭାବେ ଦାୟିତ୍ୱ ତୁଲାଇ ଆସୁଛନ୍ତି। ୨୦୧୨ରେ ସେ 'ମେଟ୍ରୋ ମ୍ୟାନ' ଇ. ଶ୍ରୀଧରନଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ୨୦୧୬ରେ ତାଙ୍କ କାର୍ଯ୍ୟକାଳ ସମ୍ପ୍ରସାରଣ କରାଯାଇଥିଲା। ଗତ ବର୍ଷ ଡିସେମ୍ବରରେ ପୁଣି ଥରେ ତାଙ୍କ କାର୍ଯ୍ୟକାଳ ୩୧ ମାର୍ଚ୍ଚ ୨୦୨୧କୁ ବଢ଼ାଯାଇଥିଲା। ତାଙ୍କ ପଦବୀରେ ଜଣେ ଯୋଗ୍ୟ ଅଧିକାରୀଙ୍କୁ ଚୟନ କରିବା ଲାଗି ଏଭଳି ସମ୍ପ୍ରସାରଣ କରାଯାଇଥିଲା। କିନ୍ତୁ ଏହା ହୋଇପାରୁନାହିଁ ବୋଲି ପର୍ଯ୍ୟବେକ୍ଷକମାନେ କହୁଛନ୍ତି। ଦିଲ୍ଲୀ ମେଟ୍ରୋ ଆଇନର ଏକ ଅନୁଚ୍ଛେଦ ଅନୁସାରେ କର୍ପୋରେଶନର ଶୀର୍ଷ ପଦ ଖାଲି ହେବା ପୂର୍ବରୁ ଏହା ପାଇଁ ଜଣେ ଯୋଗ୍ୟ ବ୍ୟକ୍ତିଙ୍କ ନାମ ସ୍ଥିର କରାଯିବା ଉଚିତ। ତେବେ ନିଯୁକ୍ତି ପ୍ରକ୍ରିୟା ପାଇଁ କିଛି ସମୟ ରହିଛି । ସରକାରଙ୍କ ହାତରେ ବି ସମୟ ଅଛି। ଅତିକମ୍‌ରେ ସରକାର ପ୍ରକ୍ରିୟା ଆରମ୍ଭ କରିବା ଦରକାର।

### ନିର୍ବାସନରୁ ଫେରିଲେ

ବାରମ୍ବାର ବଦଳି ହେବାରେ ୨୦୦୪ ବ୍ୟାଚ ଆଇଏଏସ୍ ଅଧିକାରୀ ତୁକାରାମ ମୁଣ୍ଡେ ବେଶ୍ ଜଣାଶୁଣା। ତାଙ୍କୁ ଗତ ବର୍ଷ ଅଗଷ୍ଟରୁ ନିଯୁକ୍ତି ପାଇଁ ୱେଟିଂରେ ରଖାଯାଇଥିଲା। ଏବେ ସେ ତାଙ୍କ ନିର୍ବାସନ ଛାଡି ଆତ୍ମପ୍ରକାଶ କରିବା ସହ ସକ୍ରିୟ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ତାଙ୍କୁ ମହାରାଷ୍ଟ୍ର ମାନବ ଅଧିକାର କମିଶନରେ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ମହାରାଷ୍ଟ୍ର କ୍ୟାଡର ଅଧିକାରୀ ତୁକାରାମଙ୍କର ୧୫ ବର୍ଷ ସିଭିଲ ସର୍ଭିସ କ୍ୟାରିୟରରେ ଏହା ୧୭ ତମ ନିଯୁକ୍ତି ! ସେ ନିୟମ ଆଧାରିତ କାର୍ଯ୍ୟ କରିଥାନ୍ତି। ଏଥିପାଇଁ ମ୍ୟୁନିସିପାଲିଟିଗୁଡ଼ିକରେ ଦାୟିତ୍ୱ ନିର୍ବାହ କରିବା ସମୟରେ ତାଙ୍କୁ ଅନେକ ଥର ଧମକ ଦିଆଯାଇଛି ଏବଂ ବହୁ ମ୍ୟୁନିସିପାଲିଟିରେ ତାଙ୍କ ବିରୋଧରେ ଅବିଶ୍ୱାସ ପ୍ରସ୍ତାବ ପାସ୍ କରାଯାଇଛି। ଗତ ବର୍ଷ ସେପ୍ଟେମ୍ବରରେ ସେ ମହାରାଷ୍ଟ୍ର ଜୀବନ ପ୍ରାଧିକରଣରେ ସଦସ୍ୟ ସଚିବ ଭାବେ ନିଯୁକ୍ତି ପାଇଥିଲେ। ନାଗପୁର ମ୍ୟୁନିସିପାଲ କର୍ପୋରେଶନ୍‌ରେ ଏହା ଥିଲା ତାଙ୍କ ଶେଷ ନିଯୁକ୍ତି, କିନ୍ତୁ ଏହାକୁ ଦିନକ ଭିତରେ ରଦ୍ଦ କରି ଦିଆଯାଇ ନିଯୁକ୍ତି ପାଇଁ ୱେଟିଂରେ ରଖାଯାଇଥିଲା। ପୂର୍ବାପେକ୍ଷା ଏବେ ତାଙ୍କ ନୂଆ ପଦ ତଥା କାର୍ଯ୍ୟକାଳ ଅଧିକ ସ୍ଥାୟୀ ହେବ ବୋଲି ଆଶା କରାଯାଉଛି। କିନ୍ତୁ ଏଭଳି ଆଶା କି ଭରସା ରଖନାହିଁ।

Email: dilipcherian@gmail.com

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | | | 7 | C | | | | | | | | A | | |
| 8 | 6 | 4 | | | E | | | | | | 2 | | | |
| A | | | | | | | | | | 5 | D | | C | 0 |
| | 7 | | | | | | | | | | | D | E | 2 |
| | | | 0 | | 3 | | C | | | E | | 8 | 5 | |
| | D | | | 5 | | | | 8 | | 4 | | | 2 | |
| | | A | | | 1 | 9 | | | | | | 4 | | 7 |
| | | | E | 4 | | | | | | 1 | | | D | |
| | | 2 | | | | | | | 6 | C | | | | B |
| 5 | C | | 2 | 7 | | | | 3 | | | | | 8 | E |
| | | | 4 | B | 8 | | | | | | 5 | | | |
| | 1 | C | | 9 | | | | | | 3 | | | 6 | D |
| 0 | 5 | | C | | | 1 | | | | 6 | | 2 | 7 | 9 |
| E | B | | | 3 | 0 | | 9 | D | 7 | | | 5 | | |
| | | 8 | 1 | | 7 | | | | | | E | | 0 | |

ଏହାର ଉତ୍ତର ଗତକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 0 | 1 | 4 | 2 | B | 3 | 5 | 7 | E | 6 | D | A | 8 | 9 |
| 6 | 2 | 8 | 0 | A | 3 | 4 | 1 | 9 | B | C | 7 | 5 | E | D |
| 5 | 9 | 7 | 8 | E | 1 | 2 | 0 | D | 3 | A | 4 | C | 6 | B |
| E | B | D | 6 | 9 | 7 | C | 8 | A | 5 | 1 | 2 | 4 | 0 | 3 |
| A | 4 | 3 | D | 5 | C | E | 6 | B | 0 | 9 | 8 | 1 | 7 | 2 |
| 7 | 3 | 4 | 5 | C | 8 | 6 | D | 1 | A | 0 | B | 2 | 9 | E |
| 1 | C | 6 | A | B | E | 0 | 4 | 2 | 8 | 5 | 9 | D | 3 | 7 |
| 0 | 5 | 2 | 7 | 4 | D | 9 | E | 8 | 6 | 3 | 1 | B | A | C |
| D | A | E | 9 | 0 | 2 | 5 | B | 3 | 4 | 7 | C | 8 | 1 | 6 |
| 9 | 8 | B | 3 | 1 | 6 | A | 7 | C | 2 | D | E | 0 | 5 | 4 |
| 2 | D | 9 | 1 | 6 | A | B | 3 | E | C | 8 | 0 | 7 | 4 | 5 |
| 8 | 7 | A | 2 | 3 | 5 | 1 | 9 | 4 | D | B | 6 | E | C | 0 |
| 3 | E | 5 | B | D | 9 | 8 | C | 0 | 7 | 4 | A | 6 | 2 | 1 |
| B | 6 | 0 | C | 8 | 4 | 7 | 2 | 5 | 1 | E | 3 | 9 | D | A |
| 4 | 1 | C | E | 7 | 0 | D | A | 6 | 9 | 2 | 5 | 3 | B | 8 |

ଗତ କାଲିର ଉତ୍ତର

# ଗାନ୍ଧୀ ଦର୍ଶନରେ ଗ୍ରାମୋଦ୍ୟୋଗ ଓ କୃଷିନୀତି

ଡ. ଅଶ୍ୱିନୀ କୁମାର ଶତପଥୀ

## ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ଉପଲକ୍ଷେ

ଗାନ୍ଧିଜୀ ୧୮୯୩ ମସିହାରେ ଦକ୍ଷିଣ ଆଫ୍ରିକାରେ ପହଞ୍ଚି ନିଜର ଓକିଲାତି ଆରମ୍ଭ କରିଥିଲେ। ଆଇନ ବ୍ୟବସାୟ ସହିତ ସେଠାରେ ଅବସ୍ଥାନ କରୁଥିବା ଭାରତୀୟମାନଙ୍କ ଦୁଃଖ ଦୁର୍ଦ୍ଦଶା ଦୂର କରିବା ଦିଗରେ ସେ ଅଗ୍ରଣୀ ଭୂମିକା ନିର୍ବାହ କରିଥିଲେ । ସେଠାକାର ରହଣି କାଳରେ ସେ ପାଶ୍ଚାତ୍ୟ ସଭ୍ୟତା ପ୍ରାୟୋଜିତ ଶିକ୍ଷା ଓ ବ୍ୟବହୃତ ଯାନ୍ତ୍ରିକ ଉପକରଣଗୁଡ଼ିକ ଦ୍ୱାରା ଦୟନୀୟ ଭାବେ ଉପେକ୍ଷିତ ହେଉଥିବା 'ମାନବଶ୍ରମ' ତଥା ଦରିଦ୍ର ଶ୍ରମିକ ସମାଜ ଉପରେ ଏହାର ସୁଦୂରପ୍ରସାରୀ ଦୁଷ୍ପରିଣାମକୁ ଅତି ନିକଟରୁ ଅନୁଭବ କରିଥିଲେ। ବେକାରି ସୃଷ୍ଟି କରୁଥିବା ଏହି ଯନ୍ତ୍ରଗୁଡ଼ିକ ଯେ ଭାରତ ଓ ଭାରତୀୟମାନଙ୍କ ପରିପ୍ରେକ୍ଷୀରେ ଉପଯୋଗୀ ନୁହନ୍ତି, ସେଇ ନିଷ୍କର୍ଷରେ ଗାନ୍ଧିଜୀ ପହଞ୍ଚିଥିଲେ। ବିଦେଶର ସହରୀ ସଭ୍ୟତା, ସେଠାକାର ଚାଲିଚଳନ ଓ ଖାଦ୍ୟପେୟ ଆଦିର ଅନ୍ଧାନୁକରଣ ଦିନେ ଭାରତୀୟ ଗ୍ରାମ୍ୟ ଜୀବନକୁ ଧ୍ୱସ୍ତବିଧ୍ୱସ୍ତ କରିଦେବ– ଏଥିରେ ତାଙ୍କର ଆଦୌ ସନ୍ଦେହ ନ ଥିଲା। ଭାରତର ଗ୍ରାମ୍ୟ ସଂସ୍କୃତି ହେଉଛି ଭାରତର ପ୍ରାଣ। ଗ୍ରାମରେ ହିଁ ପ୍ରକୃତ ଭାରତ ବଞ୍ଚି ରହିଛି। ଏଣୁ ଗ୍ରାମର ସାମାଜିକ, ଅର୍ଥନୈତିକ ଏବଂ ନୈତିକ ବିକାଶ ହିଁ ଭାରତୀୟ ଜନଜୀବନକୁ ପରିପୁଷ୍ଟ ଓ ସମୃଦ୍ଧିଶାଳୀ କରିପାରିବ– ଏଥିରେ ଥିଲା ତାଙ୍କର ଦୃଢ ବିଶ୍ୱାସ।

ଗାନ୍ଧିଜୀ ଦକ୍ଷିଣ ଆଫ୍ରିକାରୁ ଭାରତକୁ ପ୍ରତ୍ୟାବର୍ତ୍ତନ କଲା ପରେ ୨୫ ମେ ୧୯୧୫ରେ ଅହମଦାବାଦଠାରେ 'ସତ୍ୟାଗ୍ରହ ଆଶ୍ରମ' ପ୍ରତିଷ୍ଠା କରିଥିଲେ। ଭାରତ ଫେରିବା ପରେ ନିଜର ରାଜନୈତିକ ଗୁରୁ ଗୋପାଳକୃଷ୍ଣ ଗୋଖଲେଙ୍କ ସହ ତାଙ୍କର ସାକ୍ଷାତ ହୋଇଥିଲା। ଗୋଖଲେଙ୍କଠାରୁ ଭାରତ ଭ୍ରମଣ ଓ ଭାରତୀୟ ସମାଜକୁ ଅନୁଧ୍ୟାନ କରିବା ପାଇଁ ତାଙ୍କୁ ପ୍ରେରଣାପ୍ରାପ୍ତ ହୋଇଥିଲା। ୧୯୧୭ ରେ ରାଜକୁମାର ଶୁକ୍ଳ ନାମକ ଜଣେ କୃଷକଙ୍କ ଅନୁରୋଧ କ୍ରମେ ସେ ଚମ୍ପାରଣ ଯାତ୍ରା କରିଥିଲେ। ବ୍ୟକ୍ତିଗତ ସମ୍ପର୍କ ଦ୍ୱାରା ସେଠାକାର ନୀଳ ଚାଷୀମାନଙ୍କ ସମସ୍ୟାଜନିତ ପୀଡ଼ାକୁ ହୃଦ୍‌ବୋଧ କରି ବହୁଶ୍ରମ ଓ ପ୍ରଚେଷ୍ଟା ଦ୍ୱାରା ତତ୍କାଳୀନ ଶହେବର୍ଷର ପୁରୁଣା 'ତିନି କାଠିଆ' ନାମକ ଏକ କୃଷକ ବିରୋଧୀ ସରକାରୀ ଆଇନକୁ ରଦ୍ଦ କରାଇଥିଲେ । ଏହାଛଡ଼ା ନୀଳଚାଷୀମାନଙ୍କୁ ସେ ବେପାରୀମାନଙ୍କ ଉତ୍ପୀଡନ କବଳରୁ ମଧ୍ୟ ମୁକ୍ତ କରିଥିଲେ। ଏହି ଘଟଣା ପରେ ଅହମଦାବାଦର ଶ୍ରମିକମାନଙ୍କୁ ମିଳୁଥିବା ଅଳ୍ପବେତନ ସମସ୍ୟାରୁ ଉଦ୍ଧାର ପାଇଁ ତାଙ୍କୁ ଧର୍ମଘଟର ଆଶ୍ରୟ ନେବାକୁ ପଡ଼ିଥିଲା। କିଛି ଦିନ ପରେ ସତ୍ୟାଗ୍ରହ ମାଧ୍ୟମରେ ଏହି ଶ୍ରମିକ ସମସ୍ୟାର ସମାଧାନ ସନ୍ତୋଷଜନକ ଭାବରେ ହୋଇଯାଇଥିଲା। ଏହି କ୍ରମରେ ଗାନ୍ଧିଜୀ ହଜାର ହଜାର କୃଷକ ଓ ଶ୍ରମିକଙ୍କ ବ୍ୟକ୍ତିଗତ ସମ୍ପର୍କରେ ଆସି ସେମାନଙ୍କ ଦୁଃସ୍ଥିତି ବିଷୟରେ ପୂର୍ଣ୍ଣ ଅଭିଜ୍ଞତା ହାସଲ କରିଥିଲେ। କୃଷକ ସମସ୍ୟାର ନିରାକରଣ ନିମନ୍ତେ ତାଙ୍କୁ ବିଭିନ୍ନ ସମୟରେ ଏପରି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ପଡ଼ିଥିଲା । ସେତେବେଳେ ଇଂରେଜ ସରକାର ବିବିଧ ପ୍ରକାର କପଟପୂର୍ଣ୍ଣ ଆଇନମାନ ପ୍ରଚଳନ କରି ଆଖୁ, ନୀଳ, କପା ଓ ଅନ୍ୟାନ୍ୟ ଚାଷୀମାନଙ୍କୁ ଶୋଷଣ କରୁଥିବା ସେ ଅନୁଭବ କରିଥିଲେ। ଏଣୁ ସେ ଏହାର କେବଳ ମୂକ ଦର୍ଶକ ନ ହୋଇ କୃଷକ ସମସ୍ୟାର ସମାଧାନ ପାଇଁ ନେତୃତ୍ୱ ନେବା ସଙ୍ଗେ ସଙ୍ଗେ ସେମାନଙ୍କୁ ସ୍ୱାଧୀନତା ସଂଗ୍ରାମ ସହ ଯୋଡ଼ିବା ନିମନ୍ତେ ପ୍ରୟାସ କରିଥିଲେ ; ଯଦ୍ୱାରା ସେମାନଙ୍କ ସମସ୍ୟାର ସମାଧାନ ହେବା ସହ ଦେଶର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ କୃଷକମାନଙ୍କ ସଙ୍ଗଠିତ ଶକ୍ତିକୁ ସ୍ୱାଧୀନତା ଆନ୍ଦୋଳନରେ ବିନିଯୋଗ କରାଯାଇପାରିଥିଲା। ଫଳରେ ଗାନ୍ଧିଜୀଙ୍କ ନେତୃତ୍ୱରେ ଏହି ଆନ୍ଦୋଳନରେ ପ୍ରାୟ ଏକ କୋଟି କୃଷକ ଓ ଶ୍ରମିକ ଯୋଗଦାନ କରିଥିଲେ। ଏମାନେ ଥିଲେ ମୋଟ ଭାରତୀୟ ସମାଜର ଏକ ବିଶାଳ ଅଂଶ। କୃଷକ ଓ ଶ୍ରମିକମାନେ ଯଦି ନିଜେ ଅନ୍ନ–ବସ୍ତ୍ର ଉତ୍ପାଦନରେ ସ୍ୱାବଲମ୍ବୀ ହୋଇପାରନ୍ତି ତେବେ ରାଷ୍ଟ୍ରର ଆର୍ଥିକ ମେରୁଦଣ୍ଡ ମଧ୍ୟ ମଜଭୁତ ହୋଇପାରିବ– ଏଥିରେ ଗାନ୍ଧିଜୀ ଦୃଢ଼ ଭାବେ ବିଶ୍ୱାସ କରୁଥିଲେ।

ଲୁଣ ଭଳି ପ୍ରାକୃତିକ ବସ୍ତୁ ଉପରେ ସରକାରୀ କରକୁ ସେ ଅନ୍ୟାୟ ମନେକରୁଥିଲେ। ଏଣୁ ମାର୍ଚ୍ଚ ୧୨, ୧୯୩୦ରେ ଗାନ୍ଧିଜୀ କରିଥିଲେ ଲବଣ ସତ୍ୟାଗ୍ରହ। ଏଥିରେ ସେ ୨୫ ଦିନର ପଦଯାତ୍ରା ସହ ପ୍ରାୟ ୩୮୫ କି.ମି. ରାସ୍ତା ଅତିକ୍ରମ କରିଥିଲେ। ଏଥିପାଇଁ ୬୦ ହଜାର ଲୋକ ଗାନ୍ଧୀଙ୍କ ସହ ଗିରଫ ହୋଇ ଜେଲ ଯାଇଥିଲେ। ସତ୍ୟାଗ୍ରହର ଶକ୍ତି ଦେଖି ସମଗ୍ର ବିଶ୍ୱ ଚମତ୍କୃତ ହୋଇଥିଲା। ତାଙ୍କର ସମସ୍ତ ନୀତି ଥିଲା ଭାରତ ଭଳି ପ୍ରାଚୀନ ସୁସଂସ୍କୃତ ତଥା ଆଧ୍ୟାତ୍ମିକ ଦେଶର ଗରିବ କୃଷକ ଇତ୍ୟାଦି ବହୁ ସଂଖ୍ୟକ ସମାଜ ପାଇଁ ଉତ୍ସର୍ଗୀକୃତ।

ଗାନ୍ଧିଜୀ ନିଜେ ଦୈନନ୍ଦିନ ଚରଖା ଚଳାଇ ସୂତା କାଟିବାକୁ ଏକ ବ୍ରତ ଭାବେ ଗ୍ରହଣ କରିଥିଲେ। ଏହି ବ୍ରତ ଗ୍ରହଣ କରିବା ନିମିତ୍ତ ସମସ୍ତ ଦେଶବାସୀଙ୍କୁ ମଧ୍ୟ ପ୍ରେରଣା ଦେଇଥିଲେ। ଏହାଦ୍ୱାରା ଦେଶର ଗରିବ ଓ କୃଷକମାନେ ସ୍ୱାବଲମ୍ବୀ ହୋଇପାରିବେ ବୋଲି ତାଙ୍କର ବିଶ୍ୱାସ ଥିଲା। ଏହିପରି ଗ୍ରାମୋଦ୍ୟୋଗଗୁଡିକୁ ପ୍ରୋତ୍ସାହନ ଦେବା, ରସାୟନମୁକ୍ତ ଜୈବିକ ଚାଷ, ଗ୍ରାମ ବିକାଶ, ଚାଷ କ୍ଷେତ୍ରରେ ମାନବ ଶ୍ରମ ଶକ୍ତିକୁ ବରବାଦ କରୁଥିବା ପାଶ୍ଚାତ୍ୟ ଯନ୍ତ୍ରପାତି ଏବଂ ବଡ ବଡ ଶିଳ୍ପ ଉଦ୍ୟୋଗ ପ୍ରତିଷ୍ଠା ବଦଳରେ ଭାରତୀୟ ସ୍ୱଦେଶୀ ଟେକ୍‌ନିକର ବିନିଯୋଗ କରିବା ଥିଲା ଗାନ୍ଧିଜୀଙ୍କ ମୂଳ ନୀତି। ଏହି ବିଦେଶୀ ଯନ୍ତ୍ରପାତିଗୁଡ଼ିକୁ ଯଥାସମ୍ଭବ ବିନିଯୋଗ ନ କରିବା ଥିଲା ତାଙ୍କର ସ୍ପଷ୍ଟ ମତ। କାରଣ ପ୍ରତ୍ୟେକ ବ୍ୟକ୍ତି ବିଶେଷର କର୍ମ ନିଯୁକ୍ତି ଦ୍ୱାରା ହିଁ ଏକ ସ୍ୱାବଲମ୍ବନଶୀଳ ରାଷ୍ଟ୍ର ଗଠିତ ହେବା ସମ୍ଭବ ଏବଂ ଏତଦ୍ୱାରା କୋଟି କୋଟି କୃଷକ ଓ ଶ୍ରମିକଙ୍କୁ ବେରୋଜଗାରୀରୁ ମୁକ୍ତି ଦିଆଯାଇପାରିବ।

ଦେଶର ସାତଲକ୍ଷ ଗ୍ରାମରେ ବସବାସ କରୁଥିବା ଗରିବ, ଖଟିଖିଆ ଓ ନାମମାତ୍ର କୃଷକଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଗାନ୍ଧିଜୀ ଅହରହ ଚିନ୍ତା କରୁଥିଲେ। ଏଥିପାଇଁ ଖଦି, ଅହିଂସକ ଉପାୟରେ ପ୍ରାପ୍ତ ଚମଡ଼ାରୁ ଜୋତା, ହାତକୁଟା ଚାଉଳ, ସାବୁନ, କାଗଜ ଓ ଦିଆସିଲି ଇତ୍ୟାଦିପ୍ରସ୍ତୁତ ସହ ଅନ୍ୟାନ୍ୟ ହସ୍ତନିର୍ମିତ ଗ୍ରାମୋଦ୍ୟୋଗ ଉପରେ ସେ ଗୁରୁତ୍ୱ ଆରୋପ କରୁଥିଲେ। ଏଥି ମଧ୍ୟରେ ବିବିଧ ପ୍ରକାର ଚାଷ, ପଶୁପାଳନ, ଦୁଗ୍ଧଜାତ ଉଦ୍ୟୋଗ, ହାତପେଷା ଅଟା, ଘଣାପେଡ଼ା ତେଲ, ଗୁଡ଼ ଉତ୍ପାଦନ, ମହୁ ଚାଷ ପ୍ରଭୃତି ସାମିଲ ଥିଲା। 'କୁଟି ଖାଅ–କାଟି ପିନ୍ଧ' ନୀତିରେ ସେ ବିଶ୍ୱାସ ରଖୁଥିଲେ। ତାଙ୍କର ଏହି ଦୃଷ୍ଟିକୋଣକୁ ଲକ୍ଷ ଲକ୍ଷ ଦେଶବାସୀ କେବଳ ନିଷ୍ଠା ଓ ଆଗ୍ରହ ସହ ଗ୍ରହଣ କରି ନେଇଥିଲେ।

ଭାରତ ପରି ବିଶାଳ ଦେଶରେ ହଜାର ହଜାର ଗରିବ ଓ କୃଷକଙ୍କ ହାତକୁ କାମ ନ ଦେଇ, ସେମାନଙ୍କୁ ବେରୋଜଗାର କରାଇ ତାଙ୍କ ପାଖରେ ମିଲ ପ୍ରସ୍ତୁତ ଶସ୍ତାଲୁଗା, ମିଲ କୁଟା ଚାଉଳ ବା ଅଟା ପହଞ୍ଚାଇବାର ମାନେ କିଛି ନ ଥାଏ। ତାଙ୍କ ମତରେ ଏହା ଯେତେ ଶସ୍ତା ହେଲେ ବି ବ୍ୟକ୍ତିଗତ ରୋଜଗାର ଅଭାବରୁ ସେମାନଙ୍କ ପାଇଁ ଯଥେଷ୍ଟ ମହଙ୍ଗା ସାବ୍ୟସ୍ତ ହେବ। ପ୍ରତ୍ୟେକଙ୍କ ହାତକୁ କାମ– ଏହା ଥିଲା ଗାନ୍ଧିଜୀଙ୍କର ମୂଳ ନୀତି। ସ୍ୱରାଜ୍ୟ ପ୍ରାପ୍ତି ପରେ କୃଷକମାନଙ୍କ ସ୍ଥିତି କିପରି ହେବା ଉଚିତ ଏହି ପ୍ରସଙ୍ଗରେ ଏକଦା ଗାନ୍ଧିଜୀ ନିଜର ମତପୋଷଣ କରି କହିଥିଲେ, ସ୍ୱାଧୀନ ଭାରତରେ ସେମାନଙ୍କୁ (କୃଷକ) ସେମାନଙ୍କର ଯୋଗ୍ୟସ୍ଥାନ ପ୍ରାପ୍ତ ହେବା ଉଚିତ ତଥା ସେମାନଙ୍କ ସ୍ୱରକୁ ପ୍ରାଥମିକତା ଭିତ୍ତିରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। କିନ୍ତୁ ଏବେଚାଲୁ ରହିଥିବା କୃଷକ ଆନ୍ଦୋଳନ ଯେପରି ଲକ୍ଷ୍ୟଚ୍ୟୁତ ହେବାକୁ ବସିଛି, ତାହା ଯେ ଆମର ଗଣତାନ୍ତ୍ରିକ ମୂଲ୍ୟବୋଧ, ବିଧିବ୍ୟବସ୍ଥା ଓ ସର୍ବଶେଷରେ କଷ୍ଟଲବ୍ଧ ସ୍ୱାଧୀନତାକୁ ବିପନ୍ନ କରିବ ଏଥିରେ ସନ୍ଦେହ ନାହିଁ। ଦେଶର ସ୍ୱାର୍ଥ ଏବଂ କୃଷକମାନଙ୍କର ମଙ୍ଗଳ ସକାଶେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ପରାମର୍ଶକୁ ଅଣଦେଖା ନ କରି ସକଳ ଜିଦ୍ ପରିହାର ପୂର୍ବକ ବୁଦ୍ଧିମତ୍ତାର ସହ ଯଥେଷ୍ଟ ଆଲୋଚନା ସକାଶେ ଉଭୟ ସରକାର ଓ କୃଷକ ସଙ୍ଗଠନଗୁଡ଼ିକ ଆଗେଇ ଆସିବା ଉଚିତ।

–ଗାୟତ୍ରୀଭବନ, ନଳମଗଞ୍ଜ ଛକ, ମୋତିଗଞ୍ଜ, ବାଲେଶ୍ୱର, ମୋ: ୮୩୨୮୮୪୨୨୦୯

# ପ୍ରାଚୀନ ଭାରତର ବିଶ୍ୱବିଦ୍ୟାଳୟ

ଇଂ.ମାୟାଧର ସ୍ୱାଇଁ

ପାଶ୍ଚାତ୍ୟ ଜଗତରେ ବିଶ୍ୱବିଦ୍ୟାଳୟ ସ୍ଥାପନର ବହୁ ପୂର୍ବରୁ ଭାରତରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହୋଇଥିଲା ଏବଂ ଏଠାରେ ଦେଶ, ବିଦେଶର ଅନେକ ଛାତ୍ର ଶିକ୍ଷାଲାଭ କରିଥିଲେ। ଇଂଲଣ୍ଡର ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ୧୦୯୬ ମସିହାରେ ସ୍ଥାପିତ ହୋଇଥିଲା ଏବଂ ଏହାକୁ ୟୁରୋପର ସର୍ବ ପୁରାତନ ବିଶ୍ୱବିଦ୍ୟାଳୟର ମାନ୍ୟତା ଦିଆଯାଏ। ଆମ ଦେଶରେ ଏହାର ପ୍ରାୟ ୧୫୦୦ ବର୍ଷ ପୂର୍ବରୁ ବିଶ୍ୱବିଦ୍ୟାଳୟ ସ୍ଥାପିତ ହୋଇଥିଲା।

ପୃଥିବୀର ପ୍ରଥମ ବିଶ୍ୱବିଦ୍ୟାଳୟ ତକ୍ଷଶିଳା(ବର୍ତ୍ତମାନ ପାକିସ୍ତାନ ଅନ୍ତର୍ଗତ)ରେ ସ୍ଥାପନ କରାଯାଇଥିଲା। ଏହା ଖ୍ରୀ.ପୂ. ସପ୍ତମ ଶତାବ୍ଦୀରେ ସ୍ଥାପିତ ହୋଇ ୫୦୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲା। ଛଅ ବର୍ଗ ମାଇଲ ଅଞ୍ଚଳରେ ବ୍ୟାପ୍ତ ଏହା ରାଓଲପିଣ୍ଡି ଠାରୁ ପଶ୍ଚିମକୁ ୨୦ ମାଇଲ ଦୂରରେ ଅବସ୍ଥିତ ଥିଲା। ଭାରତ ସମେତ ସମଗ୍ର ଏସିଆ ମହାଦେଶରୁ ଛାତ୍ରମାନେ ଏଠାକୁ ପଢ଼ିବାକୁ ଆସୁଥିଲେ। ଏଠାରେ କେବଳ ଉଚ୍ଚତର ଶିକ୍ଷା ଦିଆଯାଉଥିଲା। ଏଣୁ ଏଠାକୁ ଆସୁଥିବା ଛାତ୍ରମାନଙ୍କର ବୟସ ୧୬ରୁ ୨୦ ବର୍ଷ ମଧ୍ୟରେ ଥିଲା। ଶିକ୍ଷାର ସମୟ ସାଧାରଣତଃ ଆଠ ବର୍ଷ ଥିଲା, ମାତ୍ର ଛାତ୍ରର ଶିକ୍ଷାଗ୍ରହଣ କ୍ଷମତାକୁ ନେଇ ଅଧ୍ୟାପକ ଏହାକୁ କମ୍ କିମ୍ବା ବେଶି କରି ପାରୁଥିଲେ। ଏଠାରେ ବେଦ, ହିନ୍ଦୁ ସଂସ୍କୃତି, ଜ୍ୟୋତିଷ ଶାସ୍ତ୍ର, ବ୍ୟାକରଣ, ସାହିତ୍ୟ, ଶିଳ୍ପ ବିଜ୍ଞାନ, ରାଜନୀତି, ଅର୍ଥନୀତି, ଯୁଦ୍ଧ ବିଜ୍ଞାନ, ସଂଗୀତ ସମେତ ୬୪ଟି ବିଷୟରେ ଶିକ୍ଷା ପ୍ରଦାନ କରାଯାଉଥିଲା। ଏଠାରେ ପରୀକ୍ଷା ପଦ୍ଧତି ନ ଥିଲା। ଅଧ୍ୟାପକମାନେ ନିୟମିତ ପଢ଼ା ଭିତରେ ଛାତ୍ରମାନଙ୍କର ଦକ୍ଷତାକୁ ଜାଣି ପାରୁଥିଲେ। ଏଠାରେ ଶିକ୍ଷା ପ୍ରଦାନ, ରହିବା ଓ ଖାଇବା ମାଗଣା ଥିଲା। ଇତିହାସରୁ ଜଣାଯାଏ ଯେ, ସଂସ୍କୃତ ବ୍ୟାକରଣବିତ୍ ପାଣିନି, ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ମନ୍ତ୍ରୀ କୌଟିଲ୍ୟ (ଚାଣକ୍ୟ), ବିଶିଷ୍ଟ ଚିକିତ୍ସାବିତ୍ ଜୀବକ ଏଠାରେ ଅଧ୍ୟୟନ କରିଥିଲେ। ଚାଣକ୍ୟ ବାଳକ ଚନ୍ଦ୍ରଗୁପ୍ତଙ୍କୁ ଏଠାରେ ଶିକ୍ଷା ପ୍ରଦାନ କରାଇ ମଗଧର ନନ୍ଦବଂଶ ଧ୍ୱଂସ କରି ମୌର୍ଯ୍ୟ ସାମ୍ରାଜ୍ୟ ସ୍ଥାପନ କରିଥିଲେ। ପଞ୍ଚମ ଶତାବ୍ଦୀରେ ଚାଇନା ପରିବ୍ରାଜକ ଫାହିୟାନ ଏଠାକୁ ଆସିଥିଲେ। କୁଶାଣମାନେ ଉତ୍ତର ଭାରତ ଆକ୍ରମଣ କରି ପ୍ରଥମ ଶତାବ୍ଦୀରୁ ୨୫୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଶାସନ କରିଥିଲେ। ସେମାନଙ୍କର ସଂସ୍କୃତି ପୃଥକ ଥିଲା ଏବଂ ଶିକ୍ଷା ପ୍ରତି ଆଗ୍ରହ ନ ଥିଲା। ଏହି ସମୟରେ ତକ୍ଷଶିଳା ବିଶ୍ୱବିଦ୍ୟାଳୟର ଅଧଃପତନ ଆରମ୍ଭ ହେଲା ଏବଂ ପଞ୍ଚମ ଶତାବ୍ଦୀରେ ହୁନ୍‌ମାନଙ୍କ ଆକ୍ରମଣରେ ଏହା ଧ୍ୱଂସ ହେଲା। ପ୍ରତ୍ନତାତ୍ତ୍ୱିକ ଖୋଦନ ପରେ ଏହା ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିଛି। ୟୁନେସ୍କୋ ୧୯୮୦ରେ ଏହାକୁ ବିଶ୍ୱ ଐତିହ୍ୟ ସ୍ଥଳର ମାନ୍ୟତା ଦେଇଛି।

୪୨୫ ଖ୍ରୀଷ୍ଟାବ୍ଦରୁ ୧୨୦୩ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ନାଳନ୍ଦା ବିଶ୍ୱବିଦ୍ୟାଳୟ ଖାତି ଲାଭ କରିଥିଲା। ଏହା ବର୍ତ୍ତମାନର ବିହାର ରାଜଧାନୀ ପାଟନାଠାରୁ ୬୭ କି.ମି. ଦୂରରେ ଅବସ୍ଥିତ ଥିଲା। ମଗଧ ରାଜ୍ୟର ଗୁପ୍ତ ବଂଶର ଶାସନ ସମୟରେ ଏହା ପ୍ରତିଷ୍ଠିତ ହୋଇଥିଲା। ଏହାକୁ କୁମର ଗୁପ୍ତ ଆରମ୍ଭ କରିଥିଲେ ଏବଂ ତାଙ୍କ ଉତ୍ତରାଧିକାରୀମାନେ ଏହାର ବିକାଶ କରିଥିଲେ। ଏହାକୁ ବୌଦ୍ଧ ସମ୍ରାଟ ହର୍ଷବର୍ଦ୍ଧନ ଏବଂ ପାଲା ସାମ୍ରାଜ୍ୟର ଶାସକମାନେ ପୃଷ୍ଠପୋଷକତା କରିଥିଲେ। ଏହା ବୌଦ୍ଧଧର୍ମ ଓ ଶିକ୍ଷାର ଏକ ପ୍ରମୁଖ କେନ୍ଦ୍ର ଥିଲା। ଏଠାରେ ଏଗାରଟି ବୌଦ୍ଧବିହାର, ଗୋଟିଏ ପର୍ଯ୍ୟବେକ୍ଷଣାଗାର ଓ ଗୋଟିଏ ବଡ଼ ପୁସ୍ତକାଳୟ ଥିଲା। ଏହା ମଧ୍ୟ କେବଳ ଉଚ୍ଚତର ଶିକ୍ଷା ପାଇଁ ଉଦ୍ଦିଷ୍ଟ ଥିଲା। ଭାରତ ସମେତ ମଙ୍ଗୋଲିଆ, ଚାଇନା, କୋରିଆ, ଶ୍ରୀଲଙ୍କା ଓ ତିବ୍ବତରୁ ଛାତ୍ରମାନେ ଆସି ଏଠାରେ ଅଧ୍ୟୟନ କରୁଥିଲେ। ଚାଇନା ପରିବ୍ରାଜକ ହୁଏନ୍‌ସାଂ ଭାରତ ପରିଭ୍ରମଣରେ ଆସି ଏଠାରେ ୬ ବର୍ଷ (୬୩୧ ମସିହାରୁ ୬୩୭ ମସିହା) ଅଧ୍ୟୟନ କରିଥିଲେ। ସପ୍ତମ ଶତାବ୍ଦୀରେ ପୂର୍ବ ଏସିଆରୁ ଜୁଆନ୍ ଜାଙ୍ଗ୍ ଓ ୟିଜିଙ୍ଗ୍ ଏଠାକୁ ଆସିଥିଲେ। ଏଠାରେ ପ୍ରବେଶିକା ପରୀକ୍ଷା ବଡ଼ କଠିନ ଥିଲା। ହୁଏନ୍‌ସାଂ ଲେଖିଛନ୍ତି ଯେ, ନାମ ଲେଖା ପାଇଁ ଆସୁଥିବା ଛାତ୍ରମାନଙ୍କ ମଧ୍ୟରୁ ମାତ୍ର ୨୦ ପ୍ରତିଶତ ପ୍ରବେଶିକା ପରୀକ୍ଷାରେ ସଫଳ ହେଉଥିଲେ। ଏଠାକୁ ପ୍ରାୟ ୨୦ ବର୍ଷରୁ ଅଧିକ ବୟସର ଛାତ୍ରମାନେ ଅଧ୍ୟୟନ ପାଇଁ ଆସୁଥିଲେ। ଛାତ୍ରମାନଙ୍କର ଶିକ୍ଷାଦାନ, ରହିବା ଓ ଖାଇବା ମାଗଣା ଥିଲା। ଅଧ୍ୟାପକମାନେ ମଧ୍ୟ ଦରମା ନେଉ ନ ଥିଲେ। ଏଠାରେ ଅଧ୍ୟୟନ ଓ ଅଧ୍ୟାପନା କରିବା ଏକ ଗର୍ବର ବିଷୟ ଥିଲା। ଏଥିରୁ ଉତ୍ତୀର୍ଣ୍ଣ ଛାତ୍ରମାନେ ସମାଜରେ ଉଚ୍ଚ ସମ୍ମାନ ପାଉଥିଲେ। ଏଠାରେ ବୌଦ୍ଧଧର୍ମ ବ୍ୟତୀତ ବେଦ, ବ୍ୟାକରଣ, ଭେଷଜ ବିଜ୍ଞାନ, ଆଇନ୍, ଦର୍ଶନଶାସ୍ତ୍ର, ଗଣିତ, ଜ୍ୟୋତିର୍ବିଜ୍ଞାନ ଆଦି ପଢ଼ାଯାଉଥିଲା। ଅନେକ ରାଜା, ମହାରାଜା ଏହି ବିଶ୍ୱବିଦ୍ୟାଳୟକୁ ଦାନ ଦେଉଥିଲେ। ଏକଦା ଏଠାରେ ୧୦୦୦୦ ଛାତ୍ର ଓ ୨୦୦୦ ଅଧ୍ୟାପକ ଥିଲେ। ଏହା ଏକାଦଶ ଶତାବ୍ଦୀ ପର୍ଯ୍ୟନ୍ତ ସୁଚାରୁରୂପେ କାର୍ଯ୍ୟ କରିଥିଲା। ତୁର୍କୀର ଆକ୍ରମଣକାରୀ ବଖତିଆର ଖିଲିଜ୍ ୧୨୦୩ରେ ଏହାକୁ ଆକ୍ରମଣ କରି ଧ୍ୱଂସ କରି ଦେଇଥିଲେ ଏବଂ ଏଠାରେ ଥିବା ବୌଦ୍ଧ ଭିକ୍ଷୁମାନଙ୍କୁ ହତ୍ୟା କରିଥିଲେ। ଏହାର ପୁସ୍ତକାଳୟ ଅନେକ ଦିନ ପର୍ଯ୍ୟନ୍ତ ନିଆଁରେ ଜଳୁଥିଲା। ବର୍ତ୍ତମାନ ଏହାର ଭଗ୍ନାବଶେଷକୁ ଉତ୍‌ଖନନ କରାଯାଇ ସଂରକ୍ଷିତ ରଖାଯାଇଛି। ୟୁନେସ୍କୋ ଏହାକୁ ୨୦୧୬ରେ ବିଶ୍ୱ ଐତିହ୍ୟସ୍ଥଳର ମାନ୍ୟତା ଦେଇଛି।

ପଶ୍ଚିମ ଭାରତର ସୌରାଷ୍ଟ୍ରରେ ବଲଭି ବିଶ୍ୱବିଦ୍ୟାଳୟ ୬୦୦ ଖ୍ରୀଷ୍ଟାବ୍ଦରୁ ୧୨୦୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲା। ଏଠାରେ ହୀନ ଯାନ ବୌଦ୍ଧଧର୍ମ ମୁଖ୍ୟ ପାଠ୍ୟବସ୍ତୁ ଥିଲେ ସୁଦ୍ଧା ରାଜନୀତି, ଆଇନ, ଅର୍ଥନୀତି ଆଦି ବିଷୟ ପଢ଼ାଯାଉଥିଲା। ହୁଏନ୍‌ସାଂ ସପ୍ତମ ଶତାବ୍ଦୀର ମଧ୍ୟ ଭାଗରେ ଏହି ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିଥିବାବେଳେ ଏଠାରେ ୬୦୦୦ ଛାତ୍ର ଅଧ୍ୟୟନ କରୁଥିବାର ସେ ଲେଖିଛନ୍ତି। ଆରବମାନଙ୍କର ଆକ୍ରମଣ ପରେ ରାଜାମାନଙ୍କର ଆର୍ଥିକ ସାହାଯ୍ୟ ଓ ପୃଷ୍ଠପୋଷକତା ନ ମିଳିବାରୁ ଏହା କ୍ରମେ ବନ୍ଦ ହୋଇଗଲା।

ମଗଧରେ ଗଙ୍ଗା ନଦୀ କୂଳରେ ବିକ୍ରମଶିଳା ବିଦ୍ୟାଳୟ ୮୦୦ ଖ୍ରୀଷ୍ଟାବ୍ଦରୁ ୧୨୦୩ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଖ୍ୟାତି ଲାଭ କରିଥିଲା। ଏହା ନାଳନ୍ଦା ବିଶ୍ୱବିଦ୍ୟାଳୟ ନିକଟରେ ଥିଲା, ମାତ୍ର ଏହାର ଠିକ୍ ସ୍ଥାନ ନିରୂପିତ ହୋଇପାରିନାହିଁ। ଏହାକୁ ରାଜା ଧର୍ମପାଳ ସ୍ଥାପନ କରିଥିଲେ ଏବଂ ତାଙ୍କ ଉତ୍ତରାଧିକାରୀମାନେ ଏହାର ଖର୍ଚ୍ଚ ବହନ କରିଥିଲେ। ଏଠାରେ ବୌଦ୍ଧଧର୍ମ ସହିତ ହିନ୍ଦୁଧର୍ମର ସଂସ୍କୃତି, ବ୍ୟାକରଣ, ତର୍କଶାସ୍ତ୍ର, ତନ୍ତ୍ରବିଦ୍ୟା ଆଦି ଶିକ୍ଷା ଦିଆଯାଉଥିଲା। ଦ୍ୱାଦଶ ଶତାବ୍ଦୀରେ ଏଠାରେ ୩୦୦୦ ଛାତ୍ର ଅଧ୍ୟୟନ କରୁଥିବାର ଜଣାପଡ଼ିଛି। ବଖତିଆର ଖିଲିଜ୍ ୧୨୦୩ ମସିହାରେ ଏହି ବିଶ୍ୱବିଦ୍ୟାଳୟକୁ ଧ୍ୱଂସ କରିଦେଇଥିଲେ ଏବଂ ଏଠାରେ ଥିବା ସମସ୍ତ ଅଧ୍ୟାପକ ଓ ଛାତ୍ରଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲେ।

ଏହିପରି ଭାବେ ଭାରତର ପ୍ରାଚୀନ ବିଶ୍ୱବିଦ୍ୟାଳୟଗୁଡିକ ତ୍ରୟୋଦଶ ଶତାବ୍ଦୀର ପ୍ରଥମ ଦଶକ ସୁଦ୍ଧା ବନ୍ଦ ହୋଇଯାଇଥିଲା। ଏହାପରେ ଇଂରେଜମାନେ ୧୮୫୭ରେ ବମ୍ବେ, କଲିକତା ଓ ମାଡ୍ରାଜରେ ତିନୋଟି ବିଶ୍ୱବିଦ୍ୟାଳୟ ସ୍ଥାପନ କରି ପାଶ୍ଚାତ୍ୟ ଶିକ୍ଷାର ବ୍ୟବସ୍ଥା କଲେ। ବର୍ତ୍ତମାନ ଭାରତରେ ଅନେକ ବିଶ୍ୱବିଦ୍ୟାଳୟ ସ୍ଥାପିତ ହୋଇଥିଲେ ସୁଦ୍ଧା ପ୍ରାଚୀନ ତକ୍ଷଶିଳା, ନାଳନ୍ଦା କିମ୍ବା ବିକ୍ରମଶିଳା ଭଳି କାହାରି ସୁନାମ ନାହିଁ।

୭୦, ଲକ୍ଷ୍ମୀବିହାର ଫେଜ୍ ୧, ଭୁବନେଶ୍ୱର
ମୋ:୯୪୩୮୬୯୩୭୨୪

## ଏଇ ଭାରତରେ

ପରିବେଶ ସୁରକ୍ଷାରେ ସଦା ବ୍ୟସ୍ତ ମହାରାଷ୍ଟ୍ରର ମହମ୍ମଦ ଦିଲାୱାର। ସେ ଘରଚଟିଆଙ୍କ ସହ ଦେଶୀ ପ୍ରଜାତି ଗଛଗୁଡ଼ିକର ସଂରକ୍ଷଣ କରୁଛନ୍ତି। ମହମ୍ମଦ ରହୁଛନ୍ତି ନାସିକରେ। ଏବେ ସୁଦ୍ଧା ମହମ୍ମଦ ଭାରତରେ ଥିବା ୪୦୦ ପ୍ରଜାତିର ଦେଶୀ ଗଛ ସଂଗ୍ରହ କରିଛନ୍ତି। ଗଛଗୁଡ଼ିକୁ ସେ ନାସିକସ୍ଥିତ ଦିଲାୱାର ନର୍ସରିରେ ରଖିଛନ୍ତି । କେବଳ ନର୍ସରିରେ ଚାରା ଉତାରୁ ନାହାନ୍ତି, ବରଂ ତାହାକୁ ମହାରାଷ୍ଟ୍ରର ମୁମ୍ବାଇ, ପୁଣେ, ପାଲଘର ଏବଂ ନାସିକ ସହରରେ ରୋପଣ କରି ୨୫ଟି ସିଟି ଫରେଷ୍ଟ ସୃଷ୍ଟି କରିପାରିଛନ୍ତି। ଘରଚଟିଆ ବଂଶ ରକ୍ଷା ପାଇଁ ଦେଶୀ ଗଛର ଆବଶ୍ୟକତାକୁ ଲକ୍ଷ୍ୟକରି ସେ ଏଭଳି ପଦକ୍ଷେପ ନେଇଛନ୍ତି। ଏବେ ସୁଦ୍ଧା ସିଟି ଫରେଷ୍ଟଗୁଡ଼ିକରେ ମହମ୍ମଦ ଓ ତାଙ୍କ ଟିମ୍ ଦେଶୀ ପ୍ରଜାତିର ୨୫,୦୦୦ ଗଛ ଲଗାଇ ସାରିଛନ୍ତି। ଭାରତର ୩୫,୦୦୦ରୁ ଊର୍ଦ୍ଧ୍ୱ ଦେଶୀ ପ୍ରଜାତି ଗଛ ମଧ୍ୟରୁ ୫,୦୦୦ ପ୍ରଜାତିର ଗଛ ତାଙ୍କ ନର୍ସରିରେ ରଖିବାକୁ ଲକ୍ଷ୍ୟ ରଖିଛନ୍ତି ମହମ୍ମଦ। ୨୦୧୫ରେ ପୁଣେର ୱିପ୍ରୋ କ୍ୟାମ୍ପସରେ ପ୍ରଥମେ ସେ ସିଟି ଫରେଷ୍ଟ ଆରମ୍ଭ କରିଥିଲେ। ଏଥିରେ ସଫଳତା ପାଇବା ପରେ ମହାରାଷ୍ଟ୍ର ସରକାର, ଏନ୍‌ଜିଓ ଓ ଘରୋଇ ସଂସ୍ଥାଗୁଡ଼ିକ ସହ ମିଳିତ ଭାବେ ଅନ୍ୟ ସହରଗୁଡ଼ିକରେ ଜଙ୍ଗଲ ସୃଷ୍ଟି କରିପାରିଛନ୍ତି। ମହମ୍ମଦ ପ୍ରତିଷ୍ଠା କରିଥିବା ସଂସ୍ଥା 'ନେଚର ଇଣ୍ଡିଆ ନର୍ସରି' ମାଧ୍ୟମରେ ଗଛ ସଂରକ୍ଷଣ ପାଇଁ ମହାରାଷ୍ଟ୍ରର ବିଭିନ୍ନ ଅଞ୍ଚଳରେ ପ୍ରୋଗ୍ରାମ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୩୦ ଜାନୁୟାରୀ ୧୯୯୬

- ଦଳୀୟ ମତକୁ ସମ୍ମାନ ଦେଇ ଏସ୍‌ଆର୍ ବୋମାଇ ଜନତା ଦଳର ସଭାପତି ପଦରୁ ଇସ୍ତଫା ଦେବାପରେ ତାଙ୍କ ସ୍ଥାନରେ ବିହାର ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କୁ ସଭାପତି ରୂପେ ନିଯୁକ୍ତ କରାଯାଇଛି।
- ମିଥ୍ୟା ସଂଘର୍ଷ ଦର୍ଶାଇ ସ୍ଥିର ଚିତ୍ତରେ ହତ୍ୟା କରିଥିବା ଅଭିଯୋଗରେ ପଞ୍ଜାବର ୨୭ ଜଣ ପୋଲିସ ଅଫିସରଙ୍କ ବିରୁଦ୍ଧରେ ମୋକଦ୍ଦମା କରିବାକୁ ସୁପ୍ରିମ୍‌କୋର୍ଟ ସିବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଶିକ୍ଷାରେ ଅବ୍ୟବସ୍ଥା

ମହାଶୟ,

ଶିକ୍ଷା ଏକ ଧାରାବାହିକ ପ୍ରକ୍ରିୟା। ବାଲ୍ୟକାଳରୁ ଶିକ୍ଷା ଆରମ୍ଭ ହୋଇ ମୃତ୍ୟୁ ପର୍ଯ୍ୟନ୍ତ ଚାଲିଥାଏ। ପ୍ରଚଳିତ ଶିକ୍ଷା ପଦ୍ଧତି ଯେନତେନ ପ୍ରକାରେଣ ରୋଜଗାରକ୍ଷମ କରାଇବାକୁ ପ୍ରୋତ୍ସାହନ ଦେଇଛି। କଲେଜରେ ପଢୁଥିବା ପିଲା ମଧ୍ୟ ଚିଠିଟିଏ ଲେଖିପାରୁ ନାହିଁ କି ସାଧାରଣ ଗଣିତଟିଏ କରିପାରୁନାହିଁ। ପୂର୍ବର ପଣିକିଆ ଏବକାର ପିଲା ଜାଣୁ ନାହାନ୍ତି। କେବଳ ପରୀକ୍ଷା ଉପଯୋଗୀ ପ୍ରଶ୍ନର ଉତ୍ତର ପଢ଼ି ପାସ୍ କରିଦେଲେ ପିଲା ଖୁସି। ଅର୍ଦ୍ଧାଧିକ ପିଲାଙ୍କର ଶ୍ରେଣୀ ଉପଯୋଗୀ ଦକ୍ଷତା ନାହିଁ। ଗ୍ରାମାଞ୍ଚଳ କଥା କହିଲେ ନ ସରେ। ତାହାଲି, ଗାଁ ସ୍କୁଲରେ ପାଠପଢ଼ି ତିରିଶ/ଚାଳିଶ ବର୍ଷ ପୂର୍ବେ ଯେଉଁ ପାଠୁଆ ପିଲା ଏବେ ବଡ଼ ବଡ଼ ଚାକିରି କରିଛନ୍ତି ସେ ସମୟ ଆଉ ନାହିଁ। ଅବ୍ୟବସ୍ଥାରେ ଚାଲିଛି ଆମ ଶିକ୍ଷା ପଦ୍ଧତି। ଭଲ ଶିକ୍ଷକଟିଏ ପିଲାଙ୍କୁ ଭଲ ଶିକ୍ଷାଦେବ। ଭଲ ଡାକ୍ତରଟି ରୋଗୀ ଚିକିତ୍ସା ଭଲ ଭାବରେ କରିପାରିବ। ଜ୍ଞାନ ଓ ଦକ୍ଷତା ଅଭାବରୁ ଆଜି ସବୁ ଓଲଟପାଲଟ ହୋଇଯାଇଛି।

–ସୁକାନ୍ତ କୁମାର ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ରୂପର ମୋହେ ମୁଗ୍ଧ କବି
ମୁରୁଛି ନାହିଁ ପାରେ
ଅବାକ୍ ହୋଇ ରହିଲା ଚାହିଁ
ପଥର ସେହି ଧାରେ। –(କୁହୁ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଅମାନିଆ ଗଣିଲେ ୧୦ ହଜାର ଜରିମାନା**

କୁଆମରା, (ଡି.ଏନ୍.ଏ.): ଅମାନିଆ ବାଇକ୍ ଚାଳକଙ୍କୁ ନିୟନ୍ତ୍ରଣକୁ ଆଣିବା ପାଇଁ ଖୁଣ୍ଟା ଓ କୁଆମରା ପୋଲିସ ପକ୍ଷରୁ ପ୍ରୟାସ ଜାରି ରହିଛି। ମାସ୍କ ପିନ୍ଧି ନ ଥିବା ଓ ବିନା ହେଲ୍‌ମେଟରେ ଗାଡ଼ି ଚଳାଉଥିବା ବାଇକ୍ ଚାଳକଙ୍କ ଠାରୁ ଜରିମାନା ଆଦାୟ କରାଯାଉଛି। ଶୁକ୍ରବାର ଉଦଳା-ବୈଶିଙ୍ଗା ରାସ୍ତାର ଗଡ଼ିଆମାଳ ଛକ ଓ ଖୁଣ୍ଟା-ବାରିପଦା ରାସ୍ତାର ପୁରୁଣାପାଣି ଛକଠାରେ ପୋଲିସ ପକ୍ଷରୁ ଯାଞ୍ଚ କରାଯାଇଥିଲା। କୁଆମରା ଫାଣ୍ଡି ଅଧିକାରୀ ବଳରାମ ମହାରଣା ଓ ଖୁଣ୍ଟା ଥାନା ଏସ୍‌ଆଇ ସୌମ୍ୟ ରଞ୍ଜନ ଭୋଳଙ୍କ ତତ୍ତ୍ୱାବଧାନରେ ମୋଟ ୨୦ ଜଣଙ୍କଠାରୁ ୧୦ହଜାର ୮ଶହ ଟଙ୍କା ଜରିମାନା ଆଦାୟ କରାଯାଇଥିଲା।



## ସଂକ୍ଷେପରେ

### ଦଶାହ ଭୋଜି ଖାଇ ୧୪ ଗୁରୁତର



କୁନ୍ଦୁରା,୨୯।୧(ଡି.ଏନ.ଏ.): କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଅନ୍ତର୍ଗତ ମସିଗାଁ ପଞ୍ଚାୟତ ସଦର ମହକୁମା ହରିଜନ ସାହିର ୧୪ ଜଣ ବୁଧବାର ନିକଟସ୍ଥ ଜଣେ ବ୍ୟକ୍ତିଙ୍କ ଦଶାହ କାର୍ଯ୍ୟରେ ଭୋଜିଖାଇ ଝାଡାରେ ଆକ୍ରାନ୍ତ ହୋଇ ଗୁରୁତର ହୋଇପଡିଛନ୍ତି। ସମସ୍ତଙ୍କୁ କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି। ଖବରରୁ ଜଣାପଡିଛି ହରିଜନସାହିର ବୀରେନ୍ଦ୍ର ହରିଜନ, କର୍ଣ୍ଣ ହରିଜନ, ଲୁକୁ ହରିଜନ, ସଞ୍ଜୟ ହରିଜନ, ରଚନା ହରିଜନ, ଘାଷେନ ହରିଜନ, ରୁକୁଣା ହରିଜନ, ଗୀତା ହରିଜନ, ଅନିଲ ହରିଜନ, ମାତୃଆମି ହରିଜନ, ଉମୁରି ହରିଜନ, ପୁଷ୍ପା ହରିଜନ ଏବଂ ପ୍ରମିଳା ହରିଜନ ବୁଧବାର ସନ୍ଧ୍ୟାରେ ଜଣେ ବ୍ୟକ୍ତିଙ୍କ ଘରକୁ ଦଶାହ ଭୋଜି ଖାଇବାକୁ ଯାଇଥିଲେ। ସେଠାରୁ ଭୋଜିଖାଇ ଫେରିବା ପରେ ଗୁରୁବାରଠାରୁ ଅସୁସ୍ଥ ଅନୁଭବ କରିଥିଲେ। ସନ୍ଧ୍ୟାରୁ ସେମାନଙ୍କ ପତଳା ଝାଡା ହୋଇ ଗୁରୁତର ହୋଇପଡିଥିଲେ। ଏହା ଜାଣିବା ପରେ ଜିଲା ପରିଷଦ ଜୋନ ସଭ୍ୟ ଧନିରାମ ବାରିକ ଏବଂ ଶିକ୍ଷକ ରାମ ସ୍ୱାମୀ ହରିଜନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶୁଭପ୍ରସାଦ ସାହୁଙ୍କ ସହ ଯୋଗାଯୋଗ କରି ସ୍ୱାସ୍ଥ୍ୟକେନ୍ଦ୍ରରୁ ଗାଡି ଆଣି ସମସ୍ତଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ । ଏବେ ସେଠାରେ ସମସ୍ତେ ଚିକିତ୍ସାଧୀନ ଅଛନ୍ତି।

### ୫ ଜାଲ୍ ଶିକ୍ଷକଙ୍କ ନାଁରେ ଏତଲା

ବେଗୁନିଆପଡ଼ା,୨୯।୧(ଡି.ଏନ.ଏ.): ଗଞ୍ଜାମ ଜିଲା ବେଗୁନିଆପଡ଼ା ବ୍ଲକର ୫ ଜାଲ୍ ଶିକ୍ଷକଙ୍କ ନାମରେ କୋଦଳା ଥାନାରେ ମାମଲା ରୁଜୁ ହୋଇଛି। ପୂର୍ବରୁ ଜାଲ ସାର୍ଟିଫିକେଟ ଦେଇ ଚାକିରି କରିଥିବା ଜଣେ ଶିକ୍ଷକ ଚାକିରୀରୁ ଇସ୍ତଫା ଦେଇଥିଲେ। ଅନ୍ୟଜଣେ ଶିକ୍ଷୟିତ୍ରୀ ଓ ଜଣେ ଶିକ୍ଷକଙ୍କ ନାମରେ ଏତଲା ଦିଆଯାଇଥିଲା। ସେମାନେ କିଛିଦିନ ଫେରାର ରହି ଆଗୁଆ ଜାମିନ ନେଇ ଆସିଥିଲେ । ବ୍ଲକରେ ଆଉ ଜାଲ୍ ଶିକ୍ଷକ ନ ଥିବା ଶିକ୍ଷା ବିଭାଗ ପକ୍ଷରୁ ସେ ସମୟରେ କୁହାଯାଇଥିଲା। ଏବେ ପୁଣି କୋଦଳା ଥାନାରେ ବେଗୁନିଆପଡା ବିଇଓ କମଳାକାନ୍ତ ସାହୁ ୫ ଜାଲ୍ ଶିକ୍ଷକଙ୍କ ନାମରେ ଏତଲା ଦେଇଥିବା ଜଣାଇଛନ୍ତି। ଏତଲାକୁ ଆଧାର କରି ପୋଲିସ ପୃଥକ ୫ ମାମଲା (ନଂ.୧୧,୧୨,୧୩,୧୪ ଓ ୧୫/୧୪) ରୁଜୁ କରିଛି। ସମ୍ପୃକ୍ତ ଶିକ୍ଷକମାନେ ଫେରାର ଥିବା ଥାନା ଅଧିକାରୀ ଦେବାଶିଷ ମହାନ୍ତି କହିଛନ୍ତି। ବ୍ଲକରେ ଏପରି ଆହୁରି ଅନେକ ଜାଲ ଶିକ୍ଷକ ଅଛନ୍ତି। ଏହାର ଠିକ ତଦନ୍ତ କରା ନଗଲେ ଉଚ୍ଚ ନ୍ୟାୟଳୟର ଆଶ୍ରୟ ନିଆଯିବ ବୋଲି ସାମାଜିକ କର୍ମୀ ସମରଜିତ ମହାନ୍ତି ପ୍ରକାଶ କରିଛନ୍ତି ।

### ଜାତିଆଣ ମାମଲାରେ ୯ଜଣଙ୍କୁ ୩ବର୍ଷ ଜେଲ

କେନ୍ଦୁଝର,୨୯।୧(ସ୍ୱ.ପ୍ର.): ଜାତିଆଣ ଆକ୍ଷେପ ଓ ମରଣାନ୍ତକ ଆକ୍ରମଣ ମାମଲାର ଶୁଣାଣି କରି ଶୁକ୍ରବାର କେନ୍ଦୁଝର ଜିଲା ଜଜ୍ ବେଣୁଧର ପାତ୍ର ୯ଜଣଙ୍କୁ ୩ବର୍ଷ ଲେଖାଏ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସେମାନେ ହେଲେ ରାଜୁ, ଏହସନ ଖାନ, ସନ୍ତୋଷ ମଲ୍ଲିକ, ବାବୁ ଖାନ, ତେହେସାନ ଖାନ, ଯୋଗୀନ୍ଦର, ଟଙ୍କଧର ମହାନ୍ତ, ସତ୍ୟ ନାଥ ଓ କାଣ୍ଡି। ସହକାରୀ ସରକାରୀ ଓକିଲ ରାଜ କିଶୋର ଭୂୟାଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୦୭ ଜୁଲାଇ ୧୯ତାରିଖ ଅପରାହ୍ନ ୫ଟାରେ ଟାଉନ ଥାନା ଅନ୍ତର୍ଗତ ଡେଲି ମାର୍କେଟରେ ଥିବା ଏକ ଦୋକାନରେ ପଶି ଅଭିଯୁକ୍ତମାନେ ଭଙ୍ଗାରୁଜା କରିଥିଲେ। ଦୋକାନରେ କାମ କରୁଥିବା ଜଣେ ଦଳିତ ବ୍ୟକ୍ତିଙ୍କ ପ୍ରତି ସେମାନେ ଜାତିଆଣ ଆକ୍ଷେପ କରିବା ସହ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏହାର ପ୍ରତିବାଦ କରିବାରୁ ଦୋକାନ ମାଲିକ ମୁଖତାର ଅହମ୍ମଦ ଓ ତାଙ୍କ ଭାଇ ଗୁଲାମ ରାଇନଙ୍କୁ ମଧ୍ୟ ସେମାନେ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ଏକ ମାମଲା (ନଂ.୧୪୮/୨୦୦୭) ରୁଜୁ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ତେବେ ବିଳମ୍ବରେ ହେଉ ପଛେ ନ୍ୟାୟ ମିଳିଥିବା ଗୁଲାମ ଓ ତାଙ୍କ ଭାଇ କହିଛନ୍ତି।

# ‘ମୋ ଜଙ୍ଗଲ’ ଆପ୍ ଲୋକାର୍ପିତ

ଭୁବନେଶ୍ୱର, ୨୯।୧(ବ୍ୟୁରୋ)

ରାଜ୍ୟରେ ସମସ୍ତ ବନୀକରଣ କାର୍ଯ୍ୟକ୍ରମର ନିରୀକ୍ଷଣ ଓ ପରିଚାଳନା ସହଜ କରିବାକୁ କାର୍ଯ୍ୟକାରୀ ହୋଇଛି ‘ମୋ ଜଙ୍ଗଲ’ (Mo Jungle: My Odisha Forest) ଏବଂ ‘ନୋ ଇୟୋର ଫରେଷ୍ଟ ଲ୍ୟାଣ୍ଡ’(KY-FL@Odisha) ମୋବାଇଲ୍ ଆପ୍। ଶୁକ୍ରବାର ଲୋକସେବା ଭବନରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏହି ଆପ୍‌କୁ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ଉଭୟ ମୋବାଇଲ୍ ଆପ୍ ପ୍ରଚଳନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ‘୫-ଟି’ ଓ ‘ମୋ ସରକାର’ ଉଦ୍ୟମର ଅଂଶବିଶେଷ। ଜଙ୍ଗଲ ଆପ୍ ମାଧ୍ୟମରେ ରାଜ୍ୟର ଜନସାଧାରଣ ଜଙ୍ଗଲ ଓ ବନୀକରଣ ସମ୍ବନ୍ଧୀୟ ବ୍ୟାପକ ସୂଚନା ପାଇପାରିବେ। ଏହାକୁ ଅଧିକ ଫଳପ୍ରସୂ କରିବା ପାଇଁ ସୁଚିନ୍ତିତ ମତାମତ ମୋବାଇଲ୍ ଆପ୍ ଜରିଆରେ ଦେଇପାରିବେ। ସେହିଭଳି ‘ନୋ ଇୟୋର ଫରେଷ୍ଟ ଲ୍ୟାଣ୍ଡ’ ଆପ୍ ଦ୍ୱାରା ରାଜ୍ୟର ସମସ୍ତ ଜଙ୍ଗଲ ଜମି ସମ୍ବନ୍ଧରେ ଠିକ୍ ସୂଚନା ଓ ଏହାର ଉନ୍ନତି ସମ୍ବନ୍ଧୀୟ ବିଶଦ ଯୋଜନା ପାଇପାରିବେ। ରାଜ୍ୟର ଯେକୌଣସି ସ୍ଥାନର ଜଙ୍ଗଲ ଜମି ଓ ଜଙ୍ଗଲ ପ୍ରଶାସନ ସମ୍ବନ୍ଧୀୟ ତଥ୍ୟାବଳୀ ଏହି ମୋବାଇଲ୍ ଆପ୍ ଜରିଆରେ ଉପଲବ୍ଧ ହୋଇପାରିବ। ଏହାଛଡ଼ା ଜିଲା, ତହସିଲ, ବ୍ଲକ୍, ଗ୍ରାମ ପଞ୍ଚାୟତ, ଗାଁ, ଖାତା ନମ୍ବର, ରାଜସ୍ୱ ଜମି ନମ୍ବର, ଜମି ମାଲିକଙ୍କ ନାମ, କେଉଁ କିସମର ଜମି, କେତେ ବର୍ଗଫୁଟର ଜମି, ସ୍ଥାନୀୟ ପୋଲିସ ଷ୍ଟେଶନର ସମସ୍ତ ତଥ୍ୟ ଏହି ମୋବାଇଲ୍ ଆପ୍‌ରେ ରହିବ। ରାଜ୍ୟ ପ୍ରଧାନ ମୁଖ୍ୟ ବନ ସଂରକ୍ଷକଙ୍କ ଆଇଟି ଓ ଜିଆଇଏସ୍ ସେଲ୍ ଏବଂ ଓର୍‌ସାକ୍‌ର ବୈଷୟିକ ସହଭାଗିତାରେ ଉଭୟ ମୋବାଇଲ୍ ଆପ୍ ପ୍ରସ୍ତୁତ କରାଯାଇଛି। ଗୁଗଲ୍ ଓ ଆପଲ୍ ପ୍ଲେଷ୍ଟୋର୍‌ରୁ ଏହି ଦୁଇ ଆପ୍‌କୁ ଡାଉନ୍‌ଲୋଡ୍ କରିହେବ। ଜଙ୍ଗଲ ଓ ପରିବେଶ ବିଭାଗର ସମସ୍ତ କାର୍ଯ୍ୟକ୍ରମରେ ଏହାଦ୍ୱାରା ଅଧିକ ସ୍ୱଚ୍ଛତା ଓ ପାରଦର୍ଶିତା ଆସିପାରିବ। ଲୋକାର୍ପଣ ସମୟରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପ୍ରଦୀପ ଜେନା ଉପସ୍ଥିତ ଥିଲେ। ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା ସ୍ୱାଗତ ଭାଷଣ ଓ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ସନ୍ଦିପ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଉଭୟ ମୋବାଇଲ୍ ଆପ୍ ଉପରେ ପ୍ରସ୍ତୁତ ଏକ ଭିଡିଓ ପ୍ରଦର୍ଶିତ ହୋଇଥିଲା। ଖାରବେଳ ଭବନରୁ ଜଙ୍ଗଲ ଓ ପରିବେଶ ବିଭାଗର ଉଚ୍ଚ ପଦାଧିକାରୀ, ବିଭିନ୍ନ ଜିଲାରୁ ବନଖଣ୍ଡ ଅଧିକାରୀ ଭର୍ଚୁଆଲ ମୋଡ୍‌ରେ ଯୋଗଦେଇଥିଲେ।



ଆପ୍ ଲୋକାର୍ପଣ ଅବସରରେ ଉପସ୍ଥିତ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଓ ଅନ୍ୟମାନେ।

- ସହଜ ହେବ ବନୀକରଣ କାର୍ଯ୍ୟକ୍ରମ
- ଜନସାଧାରଣଙ୍କ ମତାମତ ସଂଗ୍ରହ ହେବ

# ପାରାଦୀପରେ ପହଞ୍ଚିଲା ୨ ବୃହତ୍ ପ୍ରୋଜେକ୍ଟ କାର୍ଗୋ


ପାରାଦୀପରେ ପହଞ୍ଚିଥିବା ପ୍ରୋଜେକ୍ଟ କାର୍ଗୋକୁ ସ୍ୱାଗତ କରାଯାଉଛି।

ପାରାଦୀପ,୨୯।୧(ସ୍ୱ.ପ୍ର.)

ପାରାଦୀପ ରିଫାଇନେରିର ନୂତନ ଏମଇଜି (ମନୋଫିଲନ୍ ଗ୍ଲୋଲୋୟକଲ) ପ୍ରକଳ୍ପ ପାଇଁ ଆବଶ୍ୟକ କାର୍ଗୋ ଓଡିସି(ଓଭର ଡାଇମେନ୍‌ଶନ କନ୍‌ସାଇମେଣ୍ଟ) ଗୁରୁବାର ପାରାଦୀପ ବନ୍ଦରରେ ପହଞ୍ଚିଛି। ୩୫୨୨ ମେଟ୍ରିକ ଟନ୍ ବିଶିଷ୍ଟ ଏହି କାର୍ଗୋ ଭାରତର ୨ୟ ବୃହତ୍ତମ ପ୍ରୋଜେକ୍ଟ କାର୍ଗୋ। ଏହି କାର୍ଗୋ ପହଞ୍ଚିବା ପରେ ଶୁକ୍ରବାର ଜାହାଜରୁ ଖଲାସ କରାଯାଉଛି ବୋଲି ରିଫାଇନେରି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ପାରାଦୀପ ପିଆଇସିଟି ବର୍ଥରେ ଉକ୍ତ କାର୍ଗୋ ବୋଝେଇ ଜାହାଜ ଲାଗିବାପରେ ରିଫାଇନେରି ନିର୍ବାହୀ ନିର୍ଦ୍ଦେଶକ ଟିଡିଭିଏସ୍ ଗୋପାଳକୃଷ୍ଣ ପତାକା ଦେଖାଇ ସ୍ୱାଗତ କରିଥିଲେ।

# ଗାଇଡ୍‌ଲାଇନ ଅନୁଯାୟୀ ଦାହହେଲା ବାଘ ମୃତଦେହ

ବୁଗୁଡା,୨୯।୧(ଡି.ଏନ୍.ଏ.)

ବୁଗୁଡା ବନାଞ୍ଚଳରେ ଗୁରୁବାର ଫାଶରେ ପଡି ମୃତ୍ୟୁ ଘଟିଥିବା କଲରାପତରିଆ ବାଘର ମୃତଦେହ ଶୁକ୍ରବାର ସମସ୍ତ ଗାଇଡ୍‌ଲାଇନ୍ ଅନୁଯାୟୀ ସ୍ଥାନୀୟ ବନ କାର୍ଯ୍ୟାଳୟ ହତା ମଧ୍ୟରେ ଦାହ କରାଯାଇଛି। ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ (ଆର୍‌ସିସିଏଫ୍) ପ୍ରଶାନ୍ତ କୁମାର ମିଶ୍ର କହିଛନ୍ତି, ଶ୍ୱାସରୁଦ୍ଧ ଓ ହୃଦ୍‌ଘାତରେ ବାଘଟିର ମୃତ୍ୟୁ ଘଟିଛି। ବାଘ ମୃତ୍ୟୁ ପାଇଁ ଦାୟୀ କିଏ ଏହାର ତଦନ୍ତ କରିବାକୁ ଡିଏଫ୍‌ଓ ଓ ବନ ବିଭାଗର ଇଣ୍ଟେଲିଜେନ୍ସକୁ ନିର୍ଦ୍ଦେଶ ଦିଆଯାଇଛି। ବାଘଟି କିପରି ଫାଶରେ ପଡିଲା, କିଏ ଫାଶ ବସାଇଥିଲା ଏସବୁ ଦିଗକୁ ନେଇ ତଦନ୍ତ ହେବ।

ପ୍ରଥମେ ବାଘର ମୃତଦେହକୁ ବୁଗୁଡା ପ୍ରାଣୀ ଚିକିତ୍ସା ଅଧିକାରୀ ଭଗବତୀ ପ୍ରସାଦ ଦାଶ ବ୍ୟବଚ୍ଛେଦ କରିଥିଲେ। ଫାଶରେ ଥିବା ଷ୍ଟିଲ୍ ତାର ଛାତିରେ ପଶିଯିବା ସହ ଏକ ତାର ଚାପିହୋଇ ଯିବାରୁ ଶ୍ୱାସରୁଦ୍ଧ ହୋଇ ବାଘର ମୃତ୍ୟୁ ହୋଇଥିବା ସେ ସୂଚନା ଦେଇଥିଲେ। ବାଘଟି ୧୦ ବର୍ଷର ଏକ ଅଣ୍ଡିରା କଲରାପତରିଆ ବୋଲି ଜଣାପଡିଛି। ଏହାପରେ କାର୍ଯ୍ୟାଳୟ ହତା ମଧ୍ୟରେ ମୃତଦେହ ଦାହ କରାଯାଇଥିଲା। ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ (ଆର୍‌ସିସିଏଫ୍) ପ୍ରଶାନ୍ତ କୁମାର ମିଶ୍ର, ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ସତ୍ୟନାରାୟଣ ବେହୁରା, ଏସିଏଫ୍ ପ୍ରଭାକର ନାୟକ, ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଅନୁପମ ବାନାର୍ଜୀ, ବୁଗୁଡା ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରା, ବୁଗୁଡା ବ୍ଲକ ଅଧକ୍ଷା ମାମି ସେନାପତି, ବନସୁରକ୍ଷା ସମିତି କର୍ମକର୍ତ୍ତା ପ୍ରମୁଖଙ୍କ ଉପସ୍ଥିତିରେ ଏସବୁ କାର୍ଯ୍ୟ ହୋଇଥିଲା।

ପ୍ରକାଶ ଯେ, ଗୁରୁବାର ସକାଳେ ବୁଗୁଡା ବ୍ଲକ ମାଣିତରା ରାସ୍ତା ବଡପଥର ନିକଟ କୁଣ୍ଡାଖାଇ ମୁଣ୍ଡିଆରେ ବାଘ୍ରା ଫାଶରେ ବାଘଟି ପଡିଯାଇଥିଲା। ବନାଞ୍ଚଳ ଅଧିକାରୀ ବେହେରାଙ୍କ ନେତୃତ୍ୱରେ ବନ କର୍ମଚାରୀ ଓ ସ୍ଥାନୀୟ ଯୁବକ କାବୁକରି କିରିଆମ୍ବ ଜଙ୍ଗଲକୁ ଛାଡିବାକୁ ନେବାବେଳେ ସେଠାରେ ତାର ମୃତ୍ୟୁ ହୋଇଥିବା ଜଣାପଡିଥିଲା। ଏପରି ବାଘ ମୃତ୍ୟୁ ଘଟଣା ଅଞ୍ଚଳରେ ପ୍ରଥମ ବୋଲି ଜଣାପଡିଛି।


ମୃତ କଲରାପତରିଆ।

- ଫାଶ ତାର ଛାତିରେ ଚାପି ହୋଇ ମୃତ୍ୟୁ
- ତଦନ୍ତ ନିର୍ଦ୍ଦେଶ ଦେଲେ ଆର୍‌ସିସିଏଫ୍

## ବ୍ରହ୍ମପୁରରେ ଭେଜାଲ ଖାଦ୍ୟ ସାମଗ୍ରୀ କାରଖାନା

### ୧୫ ଦିନରେ ୧୧ ଗିରଫ ହେଲେଣି

ବ୍ରହ୍ମପୁର ଅଫିସ,୨୯।୧

ବ୍ରହ୍ମପୁର ସହର ସହରତଳି ଅଞ୍ଚଳରେ ବିଭିନ୍ନ ଭେଜାଲ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କାରଖାନାରେ ପୋଲିସ ଚଢ଼ାଉ କରାଯାଉଛି। ପୋଲିସ ଡିଜିଙ୍କ ନିର୍ଦ୍ଦେଶକ୍ରମେ ଚଳିତ ମାସ ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି। ପ୍ରତ୍ୟେକ ଥାନାକୁ ସେହି ଅନୁସାରେ ଚଢ଼ାଉ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର କହିଛନ୍ତି। ଗତ ୧୫ଦିନରେ ଭେଜାଲ ଖାଦ୍ୟ ସାମଗ୍ରୀ କାରବାର ଓ କାରଖାନା ଠାବକୁ ନେଇ ୮ ମାମଲା ରୁଜୁ ହୋଇଛି। ଏଥିରେ ମୋଟ ୧୧ ବ୍ୟବସାୟୀ ଗିରଫ ହୋଇଛନ୍ତି। ବଡବଜାର ଥାନାରେ ସର୍ବାଧିକ ୬ ମାମଲା ରୁଜୁ ହୋଇଥିବା ବେଳେ ସଦର ଥାନା ଓ ବୈଦ୍ୟନାଥପୁର ଥାନାରେ ଗୋଟିଏ ଲେଖାଏ ମାମଲା ରୁଜୁ ହୋଇଥିବା ଏସ୍‌ପି କହିଛନ୍ତି। ନକଲି ଲଙ୍କାଗୁଣ୍ଡ, ହଳଦୀଗୁଣ୍ଡ, ପାଣି ବୋତଲ, ସସ୍ ଭଳି ଖାଦ୍ୟ ସାମଗ୍ରୀ କାରବାରକୁ ନେଇ ବଡ଼ ବଜାର ଥାନାରେ ମାମଲା ରୁଜୁ ହୋଇଛି। ନକଲି ମଦ କାରବାରକୁ ନେଇ ବୈଦ୍ୟନାଥପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ଏଭଳି ଅସାଧୁ ଉପାୟ ଅବଲମ୍ବନ କରି ସମ୍ପତ୍ତି ଠୁଳ କରିଥିବା ବ୍ୟବସାୟୀଙ୍କ ବ୍ୟାଙ୍କ ଆକାଉଣ୍ଟ ସିଜ କରିବା ପାଇଁ ବ୍ୟାଙ୍କକୁ ଚିଠି ଲେଖାଯିବ। ଆବଶ୍ୟକ ସ୍ଥଳେ ସମ୍ପୃକ୍ତ ବ୍ୟବସାୟୀଙ୍କ ସମ୍ପତ୍ତି ମଧ୍ୟ ଯାଞ୍ଚ କରାଯିବ ବୋଲି ଏସ୍‌ପି ମିଶ୍ର କହିଛନ୍ତି।

# ବନ୍ଧୁକ ଛଡ଼ାଇ ନିଜକୁ, ସହଯୋଗୀଙ୍କୁ ଗୁଳିକଲେ

ମାଲକାନଗିରି,୨୯।୧ (ଡି.ଏନ୍.ଏ.)

- ଯବାନଙ୍କ ଉନ୍ମତ୍ତକାଣ୍ଡ
- ଜଣେ ମୃତ, ୨ ଗୁରୁତର

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ବସ୍ତର ଜିଲା ସେଡବା ସିଆର୍‌ପିଏଫ୍ କ୍ୟାମ୍ପରେ ୨୪୧ ବାଟାଲିୟନର ଜଣେ ଯବାନ ଅନ୍ୟ ଦୁଇ ଯବାନଙ୍କୁ ଗୁଳିକରି ନିଜକୁ ଗୁଳି କରିଥିବା ଜଣାପଡିଛି। ଏଥିରେ ଜଣେ ଯବାନଙ୍କ ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି। ମୃତ ଯବାନ ଜଣକ ହେଲେ ପ୍ରମୋଦ କୁମାର ସୁରି। ଗୁରୁତର ୨ ଯବାନ ହେଲେ ଗିରୀଶ କୁମାର ଓ ସନ୍ତୋଷ ବାଟମ୍। ସନ୍ତୋଷ ସହଯୋଗୀ ଯବାନଙ୍କଠାରୁ ବନ୍ଧୁକ ଛଡାଇ ନେଇ ନିଜକୁ ଗୁଳି କରିବା ସହ ଅନ୍ୟ ୨ଜଣଙ୍କ ଉପରକୁ ଗୁଳି ଚଳାଇଥିଲେ। ଗୁରୁତର ଯବାନ ଗିରୀଶ ଓ ସନ୍ତୋଷଙ୍କୁ ଚିକିତ୍ସା ପାଇଁ ହେଲିକପ୍ଟର ଯୋଗେ ରାୟପୁର ପଠାଯାଇଛି।

**REQUIRED Cashier-cum-Salesman**
For a Jewellery Business House located at Bhubaneswar.
**Eligibility:**
1. Must have basic knowledge of accounts.
2. Have at least 1 year experience in Salesmanship & Billing.
3. Must be residing in Bhubaneswar.
4. Working women is preferable.
Contact: Ph.-9937002666, bishandayal@hotmail.com

**ନିଯୁକ୍ତି**
ଓଡ଼ିଶା ରାଜ୍ୟରେ ବ୍ଲକ ଓ ତହସିଲ ସ୍ତରରେ ନିମ୍ନଲିଖିତ ପଦବୀ ପାଇଁ ଯୋଗ୍ୟ ବ୍ୟକ୍ତିମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି ।

| | | |
|---|---|---|
| *ମେଡିକାଲ ଅଫିସର: ପୋଷ୍ଟ ଗ୍ରାଜୁଏଟ୍ ଦରମା: 30,500/- | *ମେଡିକାଲ କର୍ମୀ: ଗ୍ରାଜୁଏଟ୍ ଦରମା: 27,500/- | *ମେଡିକାଲ ଆସିଷ୍ଟାଣ୍ଟ: 12th ଦରମା: 25,500/- |
| *କମ୍ପ୍ୟୁଟର ଅପରେଟର: 10th+ଡିପ୍ଲୋମା ଦରମା: 27,500/- | *ଲ୍ୟାବ୍ ଆସିଷ୍ଟାଣ୍ଟ: 10th+ଡିପ୍ଲୋମା ଦରମା: 25,500/- | *ଲ୍ୟାବ୍ ଟେକ୍ନିସିଆନ୍: 10th+ଡିପ୍ଲୋମା ଦରମା: 25,500/- |
| *ନର୍ସିଂ: 12th + ANM/GNM ଦରମା: 23,800/- | *ଡ୍ରାଇଭର: 8th + ଲାଇସେନ୍ସ ଦରମା: 22,000/- | *ଷ୍ଟୋର୍ କିପର : 8th ଦରମା: 22,000/- |

BHARATIYA JEEVAN UJWAL SWASTHYA SANSTHAN
ପ୍ରାର୍ଥୀମାନେ ଅନ୍‌ଲାଇନ୍ ଅଫିସିଆଲ ୱେବ୍‌ସାଇଟ୍: www.bjuss.inରେ ଆବେଦନ କରିପାରିବେ । ସମସ୍ତ ଜାତିର ପ୍ରାର୍ଥୀ ଆବେଦନ କରିପାରିବେ, ବୟସ ସୀମା 18-45 ବର୍ଷ, ଆବେଦନର ଶେଷ ତାରିଖ: 10/02/2021.

# ଦାଦା ଛୁରାମାଡ଼ରେ ଗୁରୁତର ଝିଆରୀଙ୍କ ମୃତ୍ୟୁ

ବୁଗୁଡ଼ା,୨୯।୧(ଡି.ଏନ୍.ଏ.)

ଗଞ୍ଜାମ ଜିଲା ବୁଗୁଡ଼ା ଥାନା ବଣପଲ୍ଲୀ ଗ୍ରାମରେ ଗତ ରବିବାର ସମ୍ପର୍କୀୟ ଦାଦାଙ୍କ ଛୁରାମାଡ଼ରେ ଝିଆରୀ ସନ୍ତୋଷୀ ନାଇକ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ବ୍ରହ୍ମପୁର ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ଗୁରୁବାର ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ସନ୍ତୋଷୀଙ୍କ ମୃତ୍ୟୁ ଘଟିଛି। ପ୍ରକାଶ ଯେ, ପୂର୍ବରୁ ସନ୍ତୋଷୀଙ୍କୁ ଘରୁ ନ ବାହାରିବା ପାଇଁ ଦାଦା ଧନୁ ନାଇକ ତାଗିଦ୍ କରିଆସୁଥିଲେ। ଗତ ରବିବାର ସାନ ଭଉଣୀଙ୍କ ସହ ସନ୍ତୋଷୀ ମାଟି ଆଣିବାକୁ ବିଲକୁ ଯାଇ ଥିବା ବେଳେ ଧନୁ ତାଙ୍କୁ ଦେଖି ରାଗିଯାଇ ଗାଳିଗୁଲଜ କରିବା ସହ ବେକ ଓ ପେଟକୁ ଛୁରା ମାଡ଼ କରିଥିଲେ। ପରିବାର ଲୋକେ ଗୁରୁତର ଅବସ୍ଥାରେ ସନ୍ତୋଷୀଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। ସନ୍ତୋଷୀଙ୍କ ବାପା ରଙ୍କନିଧି ନାଇକଙ୍କ ଅଭିଯୋଗକୁ ଭିତ୍ତିକରି ବୁଗୁଡ଼ା ପୋଲିସ ନଂ. ୩୩/୨୧ ଅନୁଯାୟୀ ଗତ ସୋମବାର ଧନୁଙ୍କୁ କୋର୍ଟ ଚାଲାଣ କରିଥିଲା।

# ତଦନ୍ତ ଅବହେଳା ଅଭିଯୋଗ ଆଣିଲେ ପିହୁଙ୍କ ମା’


ମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଧାରଣାରେ ବସିଛନ୍ତି ପିହୁଙ୍କ ପରିବାରବର୍ଗ।

**ଯାଜପୁର ଶିଶୁ ନିଖୋଜ ଘଟଣା**
- ମନ୍ତ୍ରୀଙ୍କ ଘର ଆଗରେ ବସିଲେ ପରିବାର ସଦସ୍ୟ
- ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ଦ୍ୱାରସ୍ଥ ହେଲେ
- ରିପୋର୍ଟ ମିଳିବା ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ : ଅଧକ୍ଷା

ଭୁବନେଶ୍ୱର,୨୯।୧(ବ୍ୟୁରୋ)

‘ମୋ ଝିଅ ନିଖୋଜ ହୋଇଥିବା ନେଇ ଥାନାରେ ଅଭିଯୋଗ କରିବାକୁ ଯାଇଥିଲି। ହେଲେ ଥାନାରେ ମାମଲା ରୁଜୁ ନ କରି ଓଲଟା ତମେ ଯାଅ ଖୋଜାଖୋଜି କରିବ ବୋଲି କହିଲେ। ୫ଦିନ ପରେ ମାମଲା ରୁଜୁ କରି ତଦନ୍ତ ନାଁରେ ଥରେ ଅଧେ ବୁଲିପଡି ପଳାଇଲେ। ଏନେଇ ଏସ୍‌ପି , କଲେକ୍ଟର ସମସ୍ତଙ୍କ ଦ୍ୱାରସ୍ଥ ହୋଇ ନେହୁରା ହେଲି, ହେଲେ କିଛି ଲାଭ ମିଳିଲା ନାହିଁ। ମୋ ଝିଅ ଏବେ କେଉଁଠି, କେମିତି ଅଛି। ମୋ ଝିଅ ମୋତେ ଫେରାଇଦିଅ ବୋଲି ଯାଜପୁରର ନିଖୋଜ ଶିଶୁ ପିହୁର ମା’ କୋହଭରା କଣ୍ଠରେ କହିଛନ୍ତି। ଶୁକ୍ରବାର ମୋନାଲିସା ନାୟକଙ୍କ ସମେତ ପିହୁର ପରିବାର ଲୋକେ ପ୍ରଥମେ ଭୁବନେଶ୍ୱରସ୍ଥିତ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ଘର ଆଗରେ ଧାରଣାରେ ବସିଥିଲେ। ହେଲେ ମନ୍ତ୍ରୀଙ୍କ ସାକ୍ଷାତ୍ ନ ମିଳିବାରୁ ସେଠାରୁ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ(ଓଏସ୍‌ସିପିସିଆର୍)ଙ୍କୁ ଭେଟି ପୋଲିସ ବିରୋଧରେ ଏପରି ଗୁରୁତର ଅଭିଯୋଗ ଆଣିବା ସହ ଝିଅକୁ ଖୋଜିଦେବାକୁ ନେହୁରା ହୋଇଛନ୍ତି।

ତେବେ ତଦନ୍ତ ଅବହେଳା ଅଭିଯୋଗ ସଂକ୍ରାନ୍ତରେ ଆୟୋଗ ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ କହିଛନ୍ତି, ଘଟଣାକୁ ଆମେ ଗୁରୁତ୍ୱର ଭାବେ ନେଇଛୁ। ଏ ସମ୍ପର୍କରେ ମୁଁ ଯାଜପୁର ଏସ୍‌ପିଙ୍କ ସହ ଆଲୋଚନା କରିବା ସହ କ୍ରାଇମବ୍ରାଞ୍ଚ ଆଇଜିଙ୍କ ସହ କଥା ହୋଇଛି। କୁନି ଝିଅଟିକୁ ଉଦ୍ଧାର କରିବା ନିମନ୍ତେ ସମସ୍ତ ପ୍ରକାର ଉଦ୍ୟମ କରାଯାଉଛି। ଏକ ଟିମ୍ ବାହାର ରାଜ୍ୟକୁ ଯାଇଛି। ପୋଲିସ ମାମଲା ରୁଜୁ କରି ତଦନ୍ତ କରିବାରେ ବିଳମ୍ବ କରିଥିବାରୁ ତାଗିଦ୍ କରାଯାଇଛି। ଏସ୍‌ପିଙ୍କୁ ରିପୋର୍ଟ ମଗାଯାଇଛି। ତଦନ୍ତରେ ହେଳା କରାଯାଇଥିଲେ ଖିଲାପକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅଧକ୍ଷା ପ୍ରଧାନ କହିଛନ୍ତି।

ସୂଚନାଯୋଗ୍ୟ, ଯାଜପୁର ଜିଲା ବିଞ୍ଝାରପୁର ଥାନା ମଧୁସୂଦନପୁର ଗ୍ରାମର ୨ ବର୍ଷର ଶିଶୁକନ୍ୟା ପିହୁ ନିଖୋଜକୁ ୫ ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ ତା’ର ପତ୍ତା ପାଇପାରୁନାହିଁ। ଗତ ଅଗଷ୍ଟ ୯ରେ ପିହୁ ନିଖୋଜ ହୋଇଥିବା ନେଇ ପରିବାର ଲୋକେ ବିଞ୍ଝାରପୁର ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ ୧୪ ତାରିଖରେ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆଳରେ ଚୁପ୍ ବସିଥିଲା। ଥାନାରୁ ନିରାଶ ହେବା ପରେ ପରିବାର ଲୋକେ ଜିଲାପାଳଙ୍କ ଅଫିସ୍ ଆଗରେ ଧାରଣା ଦେଇଥିଲେ। ଏସ୍‌ପିଙ୍କ ସହିତ ଆଲୋଚନା କରି ପିହୁକୁ ଖୋଜି ଆଣିବା ପାଇଁ ଚେଷ୍ଟା କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏଯାଏ କିଛି ସୁଫଳ ମିଳି ନ ଥିବାରୁ ତାଙ୍କ ପରିବାର ଲୋକେ ଭାଙ୍ଗି ପଡିଛନ୍ତି।



**କ୍ରିକେଟ ଟୁର୍ନାମେଣ୍ଟ: ରାଜନଗର ଚାମ୍ପିୟନ**

ରାଜନଗର, (ଡି.ଏନ.ଏ.): ରାଜନଗର ବ୍ଲକ ବନ୍ଧପାଟଣାଠାରେ ଚାଲିଥିବା ଅଶ୍ୱିନୀ ମେମୋରିଆଲ ଚ୍ୟାଲେଞ୍ଜ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମ୍ୟାଚରେ ରାଜନଗର ମା'ମଙ୍ଗଳା କ୍ରିକେଟ ଟିମ ଓସ୍ତିଆବାବା ବଟ ଗୋସାଇଁ କ୍ରିକେଟ ଟିମକୁ ପରାଜିତ କରି ଚାମ୍ପିୟନ ହୋଇଛି। ମା'ଥାନପତି ଯୁବକ ସଂଘର ଶ୍ରୀକାନ୍ତ କୁମାର ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ସୌମେନ୍ଦ୍ର କେଶରୀ ସେଠୀ, ପ୍ରମୋଦ ସେଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।



## ସଂକ୍ଷେପରେ

### ଶାଗୁଆନ, ଶାଳ, ଆମ୍ବ, ଶିମିଳି ପଟା ସହ କରତ ଜବତ

**ଓଡ଼ଗାଁ, ୨୯।୧(ସ୍ୱ.ପ୍ର.):** ଓଡ଼ଗାଁ ବନାଞ୍ଚଳ ଅନ୍ତର୍ଗତ ପନ୍ତିଖାରୀ ଶାସନ ନୂଆସାହି ଓ ଜାମୁସାହି ଗାଁର ଦୁଇଜଣଙ୍କ ଘରବାରିରୁ ବନ ବିଭାଗ ଚଢ଼ାଉ କରି ବିପୁଳ କାଠପଟା, ସାଇଜ ଓ ବଢ଼େଇ ସରଞ୍ଜାମ ଜବତ କରିଛି। ସ୍ଥାନୀୟ ରେଞ୍ଜର ଅମ୍ରିତ ସାହୁଙ୍କ ନେତୃତ୍ୱରେ ପଞ୍ଚୁରିତା ରେଞ୍ଜର ଅର୍ଚ୍ଚନା ଗମାଙ୍ଗ ଓ ମୋବାଇଲ ଫୋର୍ସ ପ୍ରଥମେ ଜାମୁସାହିରେ ଜଣେ ବ୍ୟକ୍ତିଙ୍କ ଘରବାରିରୁ ଶିମିଳି ପଟା ଜବତ କରିଥିଲେ। ସୂଚନା ପାଇ ପନ୍ତିଖାରୀ ଶାସନ ନୂଆଁସାହିର ସୁବାସ ସାହୁଙ୍କ ବାରିରେ ଥିବା ବଢ଼େଇ ଶାଳରେ ଚଢ଼ାଉ କରି ଶାଗୁଆନ ପଟା ୬୪, ଶାଳ ସାଇଜ ୬, ଆମ୍ବ ପଟା ୨୮, ଗୋଟିଏ କାଠଗଣ୍ଡି କଟା କରତ ଏବଂ ବଢ଼େଇ ସରଞ୍ଜାମ ଥିବା କାଠ ବକ୍ସ ଜବତ କରାଯାଇଛି। ଜବତ କାଠ ଓ ପଟାର ଆକଳନ ଚାଲିଛି। କାଠ ଜବତ ସମୟରେ ସୁବାସ ଖସି ପଳାଇଥିବା ବେଳେ ତାଙ୍କ ପରିବାରର ମହିଳା ଓ ଶିଶୁମାନେ ବିରୋଧ କରିଥିବା ଜଣାଯାଇଛି। ଏ ନେଇ ଦୁଇ ମାମଲା ରୁଜୁ କାରାଯାଇଥିବା ରେଞ୍ଜର ସାହୁ କହିଛନ୍ତି।

### ସାହିତ୍ୟିକ ଶରତ କରଙ୍କ ପରଲୋକ

**ଚଣ୍ଡିଖୋଲ,୨୯।୧(ଡି.ଏନ.ଏ.):** ସାହିତ୍ୟିକ ତଥା ଅବସରପ୍ରାପ୍ତ ପ୍ରଧାପକ ଶରତଚନ୍ଦ୍ର କର(୭୨)ଙ୍କ ଗୁରୁବାର ରାତିରେ ପରଲୋକ ହୋଇଛି। ସେ କିଛି ଦିନ ହେବ ଅସୁସ୍ଥ ଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ପରିବାର ଲୋକେ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କର ରେଭେନ୍ସା ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ପ୍ରଧାପକଭାବେ କାର୍ଯ୍ୟ କରି ଅବସର ନେଇଥିଲେ। ପରେ ସେ ନିଜକୁ ବିଭିନ୍ନ ସାହିତ୍ୟ ଓ ସାମାଜିକ ଅନୁଷ୍ଠାନ ସହ ଜଡିତ ରଖିଥିଲେ। ନିକଟରେ ତାଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶୁକ୍ରବାର ସକାଳେ ତାଙ୍କ ମରଶରୀର ବାଲିଚନ୍ଦ୍ରପୁର ନିକଟ ପତରାଜପୁରସ୍ଥିତ ବାସଭବନରେ ପହଞ୍ଚିବା ପରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା। ଦିବାକର ବିଶ୍ୱାଳ, ଡ. ଭାଗ୍ୟଧର ସାହୁ, ବସନ୍ତ କିଶୋର ସାହୁ, କବି ନିରଞ୍ଜନ ଜେନା, ସାହିତ୍ୟିକ ରବୀନ୍ଦ୍ର ବିହାରୀ, ଭକ୍ତଚରଣ ସାହୁ, ଅମରେନ୍ଦ୍ର ସିଂହ ଓ ପ୍ରକାଶଚନ୍ଦ୍ର ସାମଲଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପରେ ମରଶରୀରକୁ ଅଞ୍ଚଳ ପରିକ୍ରମା କରାଯାଇ ତାଙ୍କ ନିଜ ଗ୍ରାମ ମାହାଙ୍ଗା ବ୍ଲକ ମାଣିତ୍ରୀକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏକମାତ୍ର ପୁତ୍ର ବିଭୁଦତ୍ତ ମୁଖାଗ୍ନି ଦେଇଥିଲେ।

### ଦୁଇ ଅଭିଯୁକ୍ତ କୋର୍ଟଚାଲାଣ

**ପାଣିକୋଇଲି,୨୯।୧(ଡି.ଏନ.ଏ.):** ପାଣିକୋଇଲି ଥାନା ପୋଲିସ ଶୁକ୍ରବାର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଟ୍ରାକ୍ଟର ଡ୍ରାଇଭର ସୁଆଁସାହିର ଆଶିଷ ପ୍ରଧାନ ଏବଂ ଫେରାର ଅଭିଯୁକ୍ତ ଗୋଳେଇପୁର ଗ୍ରାମର ଭାଗୀରଥି ମଲିକ ବୋଲି ପୋଲିସ ସୂଚନା ଦେଇଛି। ଆଶିଷ ବେଆଇନ ବାଲି ବୋଝେଇ କରି ଯାଉଥିବାବେଳେ ପୋଲିସ ହାତରେ ଧରା ପଡ଼ିଥିଲେ।

### ବିପ୍ଲବୀ କବି ଆନନ୍ଦ ଚନ୍ଦ୍ର ଜେନାଙ୍କ ଶ୍ରାଦ୍ଧୋତ୍ସବ

**କେନ୍ଦ୍ରାପଡା ଅଫିସ, ୨୯।୧:** କେନ୍ଦ୍ରାପଡା ହାଇସ୍କୁଲ ସମ୍ମୁଖ ଆନନ୍ଦ ମାର୍ଗ ଛକରେ କନିକା ପ୍ରଜା ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର ବିପ୍ଲବୀ କବି ଆନନ୍ଦ ଚନ୍ଦ୍ର ଜେନାଙ୍କ ଶ୍ରାଦ୍ଧୋତ୍ସବ ପାଳିତ ହୋଇଛି। ସ୍ମୃତି କମିଟି ପକ୍ଷରୁ ଆୟୋଜିତ ସଭାରେ ଜିଲାପାଳ ଅମ୍ରିତ ଋତୁରାଜ, ଏସ୍‌ପି ମଡକର ସନ୍ଦୀପ ସମ୍ପଦ, ଜିଲାଜଜ୍ ଗୋପାଳ ଚରଣ ବେହେରା, ଏଡିଜେ ଏମ୍‌ଆର ଦୋରା, ଏଡିଏମ୍ ବସନ୍ତ ରାଉତ, ସିଡିଏମ୍‌ଓ ଡା. ଅନିତା ପଟ୍ଟନାୟକ, ପୌରସଂସ୍ଥା ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ, କେନ୍ଦ୍ରାପଡ଼ା ବ୍ଲକ ଅଧକ୍ଷ ଶିବ ପ୍ରସାଦ ଭଳଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ, ସ୍ୱାଧୀନତା ସଂଗ୍ରାମୀ, ଶିକ୍ଷାବିତ୍ ଓ ବୁଦ୍ଧିଜୀବୀ ଯୋଗଦେଇ ସ୍ୱର୍ଗତ ଜେନାଙ୍କ ଆବକ୍ଷ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସ୍ମୃତି କମିଟି ସଭାପତି କରୁଣାକର ଦାଶ ବିପ୍ଲବୀ କବିଙ୍କ ଜନ୍ମ ଓ ମୃତ୍ୟୁ ତିଥିକୁ ରାଜ୍ୟସ୍ତରରେ ମାନ୍ୟତା ଦେବାକୁ ଦାବି କରିଥିଲେ। ସଞ୍ଜୟ ଜେନା, ରମଣୀ ରଞ୍ଜନ ରାଉତରାୟ ପ୍ରମୁଖ ସଭା ପରିଚାଳନା କରିଥିଲେ।

# ୧୦ ବର୍ଷ ହେଲା ଶ୍ରମିକଙ୍କୁ ମଜୁରି ମିଳିନି

**ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଦୁର୍ନୀତି**

- ୨ ମାସ ମଧ୍ୟରେ ମଜୁରି ଦେବାକୁ ହାଇକୋର୍ଟର ନିର୍ଦ୍ଦେଶ
- ଦୁର୍ନୀତିରେ ସମ୍ପୃକ୍ତ ଅଧିକାରୀଙ୍କୁ ମାଫ୍

**ଯାଜପୁର ଅଫିସ,୨୯।୧**

ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନର ଅଭାବ ଏବଂ ତଦନ୍ତରେ ମନ୍ଥରତା ଯୋଗୁ ଯାଜପୁର ଜିଲାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଦୁର୍ନୀତି ଚରମସୀମାରେ ପହଞ୍ଚିଛି। ବଡ଼ଚଣା ବ୍ଲକ ସିହା ପଞ୍ଚାୟତ ପରେ ଏବେ ବରୀ ବ୍ଲକ ମହାକାଳପଡ଼ା ପଞ୍ଚାୟତରେ ଏହି ଯୋଜନାରେ ଆଉ ଏକ ଦୁର୍ନୀତିର ଫର୍ଦ୍ଦ ଯୋଡ଼ିହୋଇଛି। ମହାପାଳପଡ଼ା ଗ୍ରାମ ଖାତା ନମ୍ବର ୧୦୪, ପ୍ଲଟ ନମ୍ବର ୧୪୫୭ର ୦.୨୪ ଡେସମିଲ୍ ଜାଗାରେ ପୋଖରୀ ଖନନରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏପରି କି ପୋଖରୀ ଖନନକୁ ୧୦ ବର୍ଷ ବିତିଯାଇଥିଲେ ମଧ୍ୟ କାର୍ଯ୍ୟରେ ନିୟୋଜିତ ୧୧ ଜବ୍‌କାର୍ଡଧାରୀ ଶ୍ରମିକଙ୍କୁ ମଜୁରି ମିଳିନାହିଁ। ଏନେଇ ଶ୍ରମିକମାନଙ୍କ ପକ୍ଷରୁ ପୂର୍ଣ୍ଣଚନ୍ଦ୍ର ସାହୁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା(ଡବ୍ଲ୍ୟୁପି(ସି) ୧୭୮୫୯/୨୦୧୩ରେ ରୁଜୁ କରିଥିଲେ। ଗତ ୧୯ ତାରିଖରେ ସମ୍ପୃକ୍ତ ୧୧ ଜବକାର୍ଡଧାରୀଙ୍କ ପରିବାରବର୍ଗଙ୍କୁ ଉପଯୁକ୍ତ ନିୟମ ଅନୁସାରେ ମଜୁରି ପ୍ରଦାନ କରିବାକୁ ଯାଜପୁର ଜିଲାପାଳଙ୍କୁ ହାଇକୋର୍ଟ ପକ୍ଷରୁ ନିର୍ଦ୍ଦେଶ ହୋଇଛି। ଅନ୍ୟପକ୍ଷେ ଏହି ଦୁର୍ନୀତିରେ ସରପଞ୍ଚ, ଭିଏଲଡବ୍ଲ୍ୟୁ ଓ ଜିଆର୍‌ଏସ୍‌ଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ପଛରେ ପ୍ରଭାବଶାଳୀଙ୍କ ହାତ ଥିବା ଚର୍ଚ୍ଚା ହେଉଛି।

ଅଭିଯୋଗମୁତାବକ ୪।୪।୨୦୧୦ରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ପୂର୍ଣ୍ଣଚନ୍ଦ୍ର ସାହୁଙ୍କୁ ମୋ ପୋଖରୀ ଖନନ ପାଇଁ ସରପଞ୍ଚ କାର୍ଯ୍ୟାଦେଶ ଦେଇଥିଲେ। ଏହି କାର୍ଯ୍ୟାଦେଶ ପାଇବାର ୩ ଦିନ ମଧ୍ୟରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ୧୧ ଜବକାର୍ଡଧାରୀ ନିୟୋଜିତ ହୋଇଥିଲେ। ୧୪।୬।୨୦୧୦ରେ ପୋଖରୀ ଖନନ ସମ୍ପୂର୍ଣ୍ଣ ହୋଇଥିଲା। ମଷ୍ଟରରୋଲରେ ଭିଏଲଡବ୍ଲ୍ୟୁଙ୍କ ଦ୍ୱାରା ନିୟୋଜିତ ଶ୍ରମିକଙ୍କ ଦସ୍ତଖତ ନିଆଯାଇ ଅନ୍‌ଲାଇନ୍‌ରେ ଅପଲୋଡ୍ କରାଯାଇଥିଲା। କିନ୍ତୁ କାର୍ଯ୍ୟର ସପ୍ତାହକ ପରେ ଶ୍ରମିକଙ୍କୁ ମଜୁରି ମିଳିବ ବୋଲି ଯେଉଁ ପ୍ରତିଶ୍ରୁତି ଦିଆଯାଇଥିଲା ତାହା ମିଳିଲା ନାହିଁ। ଏପରିକି ପାର୍ଟ ବିଲ୍ ବାବଦକୁ ୨୭ ହଜାର ଟଙ୍କା ରିଲିଜ୍ ହୋଇଥିଲେ ହେଁ ଶ୍ରମିକଙ୍କୁ ୨ ବର୍ଷ ପରେ ବି ମଜୁରି ନ ମିଳିବାରୁ ଅଭିଯୋଗକାରୀ ୧୬।୪।୨୦୧୨ତାରିଖରେ ବରୀ ବ୍ଲକରୁ ତଥ୍ୟ ହାସଲ କରିବାକୁ ଆରଟିଆଇର ସହଯୋଗ ନେଇଥିଲେ। ତେବେ ଆରଟିଆଇରୁ ମିଳିଥିବା ତଥ୍ୟ ମୁତାବକ କୌଣସି ମଷ୍ଟରରୋଲ ଏହି କାର୍ଯ୍ୟରେ ବ୍ୟବହାର ହୋଇ ନ ଥିଲା କିମ୍ବା ମଜୁରି ପ୍ରଦାନ ବାବଦକୁ କୌଣସି ଦଲିଲ ମିଳି ନ ଥିଲା। ଏହାପରେ ଭିଜିଲାନ୍ସ ବିଭାଗ ଓ ବରୀ ବିଡିଓ ଯୁଗ୍ମ ଭାବେ ଏହି ଅଭିଯୋଗର ତଦନ୍ତ କରିଥିଲେ। ତଦନ୍ତରେ ୪ ଲକ୍ଷ ୬ ହଜାର ୫୩୬ ଟଙ୍କାର ଅର୍ଥ ଆତ୍ମସାତ ହୋଇଥିବା ଜଣାପଡ଼ିଥିଲା। ଦୁର୍ନୀତିଖୋର ଅଧିକାରୀଙ୍କ ବିରୋଧରେ ବିଡିଓ ଉକ୍ତ ଅର୍ଥ ଫେରସ୍ତ କରି ବିଭାଗୀୟ ପ୍ରୋସିଡିଂ ଜାରି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଶ୍ରମିକଙ୍କ ମଜୁରି ବାବଦ ଅର୍ଥ ପାଇବାର କୌଣସି ସମ୍ଭାବନା ଦେଖା ନଯିବାରୁ ଅଭିଯୋଗକାରୀ ୨୦୧୩ରେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ସେତେବେଳେ କାମ କରି ମଜୁରି ନ ପାଇବାରୁ ଶ୍ରମିକମାନେ ଆର୍ଥିକ ଅନଟନର ଶିକାର ହୋଇଥିଲେ ବୋଲି ଅଭିଯୋଗକାରୀ ଦର୍ଶାଇଥିଲେ। ଏ ସଂକ୍ରାନ୍ତରେ ବରୀ ବିଡିଓ ଶିବାନନ୍ଦ ସ୍ୱାଇଁଙ୍କୁ ଯୋଗାଯୋଗ ସମ୍ଭବ ହୋଇ ପାରିନାହିଁ।

## ଉତ୍କଳ ସେଣ୍ଟର ପଏଣ୍ଟର ବାର୍ଷିକ ଉତ୍ସବ


ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

**କଳିଙ୍ଗନଗର,୨୯।୧(ଡି.ଏନ.ଏ.)**

ବ୍ୟାସନଗର ସହରର ବ୍ୟବସାୟିକ ଢାଞ୍ଚାକୁ ପରିବର୍ତ୍ତନ କରିବାର ସଂକଳ୍ପ ନେଇ ୨୦୨୦ ଜାନୁୟାରୀ ୨୯ରେ ଉତ୍କଳ ସେଣ୍ଟର ପଏଣ୍ଟ ଲୋକାର୍ପଣ ହୋଇଥିଲା। ଏହାର ପ୍ରଥମ ଜନ୍ମଦିନ ଶୁକ୍ରବାର ଚୋରଦାସ୍ଥିତ ବ୍ୟବସାୟ ପ୍ରତିଷ୍ଠାନରେ ପାଳିତ ହୋଇଛି। ମୁଖ୍ୟଅତିଥିଭାବେ ବ୍ୟାସନଗର ପୌରପରିଷଦ ପୂର୍ବତନ ପୌରାଧକ୍ଷା ସବିତା ରାଉତ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଉତ୍କଳ ସେଣ୍ଟର ପଏଣ୍ଟ ପରିବାର ତରଫରୁ ରାଉତଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏଥିସହିତ ଏହି ବ୍ୟବସାୟିକ ପ୍ରତିଷ୍ଠାନ ଯାଜପୁର ରୋଡ୍‌ର ମୁଖ୍ୟ ସହଯୋଗୀଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ସଂସ୍ଥା ସହଯୋଗୀଙ୍କୁ ସମସ୍ତ ବ୍ୟବସାୟିକ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ବ୍ୟବସାୟିକ ମୁଖ୍ୟ ଦୁଲାଲ ଚନ୍ଦ୍ର ସାହୁ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ୟବସାୟିକ ପ୍ରବନ୍ଧକ ସୁଦାମ ସାହୁ, ସାଇଟ୍ ଇନଚାର୍ଜ ସୁମନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଧାନକିଣା ଅନିୟମିତତାକୁ ନେଇ ଉଦ୍‌ବେଗ


ବୈଠକରେ ଉପସ୍ଥିତ ରାଜ୍ୟ ଯୋଜନା ବୋର୍ଡର ଉପାଧକ୍ଷ ସଞ୍ଜୟ ଦାସବର୍ମା ଓ ଅନ୍ୟମାନେ।

**ଡାଙ୍ଗମାଳଠାରେ ଜିଲା ଯୋଜନା ବୋର୍ଡ ବୈଠକ**

**ରାଜନଗର, ୨୯।୧(ଡି.ଏନ.ଏ.)**

ରାଜନଗର ବ୍ଲକ ଡାଙ୍ଗମାଳସ୍ଥିତ ଅରଣ୍ୟ ନିବାସରେ କେନ୍ଦ୍ରାପଡ଼ା ଜିଲା ଯୋଜନା ବୋର୍ଡର ବୈଠକ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଯୋଜନା ବୋର୍ଡର ଉପାଧକ୍ଷ ସଞ୍ଜୟ କୁମାର ଦାସବର୍ମାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଭିତରକନିକା ଇକୋ ଟୁରିଜିମ, ପାନୀୟଜଳ, ଏମ୍‌ଜିଏନ୍‌ଆରଇଜିଏସ୍ ଓ ଯୋଗାଣ ବିଭାଗର ଧାନକିଣା ଓ ରାଶନ କାର୍ଡ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ଧାନକିଣାରେ ଅନିୟମିତତା, ମିଲରଙ୍କ ଶୋଷଣ ଓ ଚାଷୀ ହନ୍ତସନ୍ତ ହେଉଥିବା ସମ୍ପର୍କରେ ଆଲୋଚନା ହେବା ସହ ମଣ୍ଡିରେ ଧାନକିଣାରେ ଅନିୟମିତତା ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା।

ଜିଲାରେ ୧୧୮ଟି ମଣ୍ଡିରେ ଧାନ କିଣାଯାଉଛି। ଶୁକ୍ରବାର ସୁଦ୍ଧା ୪ ଲକ୍ଷ ୫୮ ହଜାର କୁଇଣ୍ଟାଲ ଧାନ କିଣା ଯାଇଛି। ୯ ହଜାର ଚାଷୀ ଧାନ ମଣ୍ଡିରେ ଦେଇ ସାରିଥିବା ନେଇ ଜିଲା ଯୋଗାଣ ଅଧିକାରୀ ସୂଚନା ଦେଇଥିଲେ। ଆଳି ବିଧାୟକ ପ୍ରତାପ ଦେବ, ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ, ରାଜନଗର ବିଧାୟକ ଧ୍ରୁବ ସାହୁ ମଣ୍ଡିରେ ହେଉଥିବା ଅନିୟମିତତାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଚାଷୀ ଜିଲା ଯୋଗାଣ ଅଧିକାରୀଙ୍କୁ ଭେଟି ଅଭିଯୋଗ କଲେ ମଧ୍ୟ ତାଙ୍କ ଅପେକ୍ଷା ମିଲରଙ୍କ କଥା ଶୁଣାଯାଉଛି ବୋଲି ବିଧାୟକ ନାୟକ କହିଥିଲେ। ଡାଙ୍ଗମାଳ ଓ ରଙ୍ଗଣୀରେ ମଣ୍ଡି ଖୋଲିବାକୁ ନିଷ୍ପତ୍ତି ହୋଇଥିଲେ ବି ଏବେ ସୁଦ୍ଧା ଦୁଇ ମଣ୍ଡିରୁ ଧାନ ଉଠି ନାହିଁ ବୋଲି ରାଜନଗର ବିଧାୟକ ସାହୁ କହିଥିଲେ।

ଜରୁରୀକାଳୀନ ଭିତ୍ତିରେ ଚାଷୀ ଅଭିଯୋଗ କରିବାର ୨ ଘଣ୍ଟା ମଧ୍ୟରେ ସମସ୍ୟାର ସମାଧାନ କରିବାକୁ ଜିଲା ଯୋଗାଣ ଅଧିକାରୀଙ୍କୁ ଦାସବର୍ମା ନିର୍ଦ୍ଦେଶ ଦେଇଥିଲେ। କରୋନା ପାଇଁ ଗାଁକୁ ଫେରିଥିବା ଶ୍ରମିକଙ୍କୁ କାର୍ଡ ପ୍ରଦାନ, କେନ୍ଦ୍ର ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଦିଆଯାଉଥିବା ଖାଦ୍ୟ ସାମଗ୍ରୀ ସମ୍ପର୍କରେ ଆଲୋଚନା ହୋଇଥିଲା। ଭିତରକନିକା ଇକୋସିଷ୍ଟମ ଭାରତରେ ସ୍ୱତନ୍ତ୍ର। ଏଠାରେ ପର୍ଯ୍ୟଟନର ବିରାଟ ସମ୍ଭାବନାକୁ ରାଜ୍ୟ ସରକାର ଫୋକସ କରୁଛନ୍ତି। ଟୁରିଜିମ ଓ ଇକୋଟୁରିଜିମରେ ସର୍ବାଧିକ କର୍ମ ନିଯୁକ୍ତିର ସୁଯୋଗ ରହିଛି ବୋଲି ଦାସବର୍ମା କହିଥିଲେ। ରାଜନଗର-ମହାକାଳପଡ଼ାରେ ପାଣି ଲୁଣା ପାଇଁ ନଳକୂପ ଶୀଘ୍ର ଖରାପ ହେଉଛି। ଏହାକୁ ଠିକ୍ କରିବାକୁ କହିଥିଲେ। ବୈଠକରେ ଜିଲାର ୯ ବ୍ଲକ ଓ ୨ ମ୍ୟୁନିସପାଲିଟିରେ ସମସ୍ତ ଲୋକ ଯେପରି ପାନୀୟଜଳ ପାଇବେ ସେନେଇ ଆଲୋଚନା ହୋଇଥିଲା। ରାଜନଗର ଓ ପଟ୍ଟାମୁଣ୍ଡାଇ ବ୍ଲକର ୩୮ ପଞ୍ଚାୟତବାସୀଙ୍କୁ ପାଇପ ଯୋଗେ ପାନୀୟଜଳ ଯୋଗାଇ ଦେବାକୁ ୨୯୮କୋଟି ଟଙ୍କାର ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ଡିପିଆର କାର୍ଯ୍ୟ ସରିଛି ବୋଲି କୁହାଯାଇଥିଲା। ବୈଠକରେ କେନ୍ଦ୍ରାପଡ଼ା ବିଧାୟକ ଶଶୀଭୂଷଣ ବେହେରା, ଜିଲାପାଳ ଅମ୍ରିତ ଋତୁରାଜ, ପିଡି ଦିଲୀପ କୁମାର ପରିଡା ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ଜିଲାସ୍ତରର ଅଧିକାରୀ ଯୋଗ ଦେଇଥିଲେ।

## ଜିଲାସ୍ତରୀୟ ସିପୁ କ୍ରିକେଟ୍ କପ୍: ସାରଙ୍ଗପୁର ଚାମ୍ପିୟନ

**ରସୁଲପୁର,୨୯।୧(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ସାରଙ୍ଗପୁର ଖେଳପଡ଼ିଆରେ ଅନୁଷ୍ଠିତ ଜିଲାସ୍ତରୀୟ ଦ୍ୱିତୀୟ ବାର୍ଷିକ ସିପୁ କ୍ରିକେଟ୍ କପ୍ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ସାରଙ୍ଗପୁର କ୍ରିକେଟ୍ ଦଳ କୁରାଂଶ କ୍ରିକେଟ୍ ଦଳକୁ ହରାଇ ଚାମ୍ପିୟନ ହୋଇଛି। ମା'ଥାନପତି କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ପ୍ରଶାନ୍ତ ଦାଶ, ସମ୍ମାନିତ ଅତିଥି ପୂର୍ଣ୍ଣଚନ୍ଦ୍ର ସେଠୀ, ନରହରି ନାୟକ, କୈଳାସ ନାୟକ, ସମୀର ସ୍ୱାଇଁ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଟ୍ରଫି ସହ ଆର୍ଥିକ ରାଶି ପ୍ରଦାନ କରିଥିଲେ। କ୍ଲବର ସମସ୍ତ ସଭ୍ୟ ସହଯୋଗ କରିଥିଲେ।

## ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ, ଜରିମାନା

**ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ମାମଲା**

**ଯାଜପୁର ଟାଉନ,୨୯।୧(ଡି.ଏନ.ଏ.)**

ଯାଜପୁର ଅତିରିକ୍ତ ଜିଲା ଦୌରାଜଜ୍ ଓ ପୋକ୍ସୋ ଜଜ୍ ଶୁକ୍ରବାର ଏକ ନାବାଳିକା ବଳାତ୍କାର ଉଦ୍ୟମ ମାମଲାର ବିଚାର କରି ରାୟ ଶୁଣାଇଛନ୍ତି। ରାୟରେ ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲ ଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେମାନେ ଦେଇଥିବା ରାୟରେ ଦର୍ଶାଇଛନ୍ତି, ୨୦୧୩ ଅଗଷ୍ଟ ୧୩ରେ କାଳିଆପାଣି ଥାନା ଅଞ୍ଚଳର ଜଣେ ୮ବର୍ଷୀୟା ନାବାଳିକାଙ୍କୁ ନାଥ ମୁଣ୍ଡା(୪୬) ବଳାତ୍କାର ଉଦ୍ୟମ କରିଥିଲେ। ଏନେଇ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ନାବାଳିକା ମାମୁ ଘରକୁ ଏକ ବିବାହ ଉତ୍ସବରେ ଯୋଗଦେବା ପାଇଁ ଆସିଥିଲେ। ସନ୍ଧ୍ୟାରେ ସେ ସାଙ୍ଗମାନଙ୍କ ସହ ଖେଳୁଥିବା ବେଳେ ନାଥ ତାଙ୍କୁ ପ୍ରଲୋଭନ ଦେଖାଇ ଏକ ମହୁଲ ଗଛ ନିକଟକୁ ନେଇ ବଳାତ୍କାର ଉଦ୍ୟମ କରିଥିଲେ। ଅଭିଯୋଗକୁ ଭିତ୍ତିକରି କାଳିଆପାଣି ପୋଲିସ ଏକ ମାମଲା (ନଂ.୫୨।୧୩) ରୁଜୁ ପରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଅତିରିକ୍ତ ଜିଲା ଦୌରାଜଜ୍ ଓ ପୋକ୍ସୋ ଜଜ୍ ୨୦ଜଣ ସାକ୍ଷୀଙ୍କ ସାକ୍ଷ୍ୟକୁ ଭିତ୍ତିକରି ଏହି ରାୟ ଶୁଣାଇଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସ୍ୟୁକ୍ୟୁଟର ରାଜୀବ ମହାନ୍ତି ପରିଚାଳନା କରୁଥିଲେ।

# ମୃତଦେହ ରଖି ରାସ୍ତାରୋକୋ, ଉତ୍ତେଜନା

**ଟ୍ରକ୍ ଧକ୍କାରେ ଦୁଇ ଶ୍ରମିକଙ୍କ ମୃତ୍ୟୁ ଘଟଣା**

**ନୟାଗଡ ଅଫିସ,୨୯।୧**

ଟ୍ରକ୍ ଧକ୍କାରେ ଗୁରୁବାର ରାତିରେ ଦୁଇ ଶ୍ରମିକଙ୍କ ମୃତ୍ୟୁ ଘଟଣା ଶୁକ୍ରବାର ବିବାଦୀୟ ରୂପ ନେଇଛି। ମୃତକ ପରିବାରକୁ କ୍ଷତିପୂରଣ ଦେବା ଦାବି ନେଇ ନୟାଗଡ଼-ଖଣ୍ଡପଡା ରାସ୍ତାର ବାଲୁଗାଁ ଡାହୁକା ପୋଲ(ପୋତା ଶଙ୍ଖ) ନିକଟରେ ଶୁକ୍ରବାର ଅପରାହ୍ନ ୪ଟାରେ ମୃତଦେହ ରଖି ରାସ୍ତାରୋକୋ କରାଯାଇଥିଲା। ଖବରପାଇ ଉପଜିଲାପାଳ ଲଗ୍ନଜିତ୍ ରାଉତ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ସନ୍ଧ୍ୟା ୭ଟାରେ ରାସ୍ତାରୋକୋ ହଟିଥିଲା।

ସୂଚନା ଅନୁସାରେ, କ୍ରୀଦାଶପୁରର ପଞ୍ଚୁ ସେଠୀ(୫୫) ଓ ଶରଧାପୁର ଉପରପାଟଣା ସାହିର ଶତ୍ରୁଘ୍ନ ସାହୁ(୬୫) କାମ ସାରି ଘରକୁ ସାଇକେଲ ଯୋଗେ ଫେରୁଥିଲେ। ଉଭୟଙ୍କୁ ପଛ ପାଖରୁ ଟ୍ରକ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ପଞ୍ଚୁଙ୍କ ମୃତ୍ୟୁ ହୋଇଥିବାବେଳେ ଗୁରୁତର ହୋଇ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଶରଧାପୁର ଉପରପାଟଣା ସାହିର ଶତ୍ରୁଘ୍ନଙ୍କ ବିଳମ୍ବିତ ରାତିରେ ମୃତ୍ୟୁ ଘଟିଥିଲା। ପୋଲିସ ଉଭୟଙ୍କର ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପରିବାର ଲୋକ ମୃତଦେହ ନେଇ ରାସ୍ତାରେ ରଖି ଅବରୋଧ କରିଥିଲେ। ଏଥିରେ କ୍ରୀଦାଶପୁର, ବାଲୁଗାଁ, ଶରଧାପୁର ଅଞ୍ଚଳର ଲୋକ ସାମିଲ ହୋଇଥିଲେ। ସମାଜିକ କର୍ମୀ ପ୍ରବାସିନୀ ନନ୍ଦଙ୍କ ସୂଚନା ଅନୁସାରେ ପଞ୍ଚୁ ଓ ଶତ୍ରୁଘ୍ନ ଦୁଇ ଜଣ ଶ୍ରମିକ। କାମକୁ ନ ଗଲେ ଏହି ଦୁଇ ପରିବାରରେ ଚୁଲି ଜଳେନା। ଘରର ମୁଖିଆଙ୍କ ମୃତ୍ୟୁ ପରେ ଉଭୟ ପରିବାର ଚଳିବା କଷ୍ଟକର ହୋଇଯିବ। ଏଭଳିସ୍ଥଳେ ପଞ୍ଚୁଙ୍କ ପରିବାରକୁ ଗୁରୁବାର ଓ ଶତ୍ରୁଘ୍ନଙ୍କ ପରିବାରକୁ ଶୁକ୍ରବାର ରେଡ୍‌କ୍ରସରୁ ୧୦ ହଜାର ଟଙ୍କା ସହାୟତା ଦିଆଯାଇଛି। ଟ୍ରକ ମାଲିକଙ୍କ ସହ ଉପଜିଲାପାଳ କଥାବାର୍ତ୍ତା କରି ୧ ଲକ୍ଷ ଟଙ୍କା ସହାୟତା ଓ ଅନ୍ୟ ସରକାରୀ ସହାୟତା ଦେବାକୁ ନିଷ୍ପତ୍ତି ହୋଇଛି। ପଞ୍ଚୁ ଭୂମିହୀନ ହୋଇଥିବାରୁ ତାଙ୍କୁ ୪ ଡେସିମିଲ ଜମି ସହ ଆବାସ ଯୋଜନାରେ ଘର ଯୋଗାଇ ଦିଆଯିବ। ସେହିପରି ତାଙ୍କ ୮ବର୍ଷର ପୁଅକୁ ମାଗଣା ଶିକ୍ଷାଦାନର ବ୍ୟବସ୍ଥା କରାଯିବ। ପୁଣି ଶତ୍ରୁଘ୍ନଙ୍କ ପରିବାରକୁ ଆବାସ ଯୋଜନାରେ ଘର ଯୋଗାଇ ଦିଆଯିବ ବୋଲି ଉପଜିଲାପାଳ ରାଉତ ପ୍ରତିଶ୍ରୁତି ଦେଇଛନ୍ତି।

# ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଥିଲେ ସଦାନନ୍ଦ

**ନୟାଗଡ ଅଫିସ,୨୯।୧**

ଓଡ଼ିଆ ସାହିତ୍ୟକୁ ସଦାନନ୍ଦ ବ୍ରହ୍ମ ରଚନା ଋଦ୍ଧିମନ୍ତ କରିଥିଲା। ସେ କବିସୂର୍ଯ୍ୟ ଉପାଧି, ବ୍ରହ୍ମା ପଦବୀ ପାଇ ଶରଣକୁଳ ଭିକାରୀପଡାକୁ ସାରା ଓଡ଼ିଶାରେ ପରିଚିତ କରାଇଥିଲେ। ଶରଣକୁଳର କେଏସ୍‌ବି ପବ୍ଲିକ ସ୍କୁଲଠାରେ ଗୁରୁବାର ଆୟୋଜିତ ଜୟନ୍ତୀରେ ବକ୍ତାମାନେ ମତପୋଷଣ କରିଛନ୍ତି। ଓଡ଼ିଆ ସାହିତ୍ୟ ଏକାଡେମୀ ଓ ସଦାନନ୍ଦ ସାହିତ୍ୟ ପରିଷଦ ଶରଣକୁଳ ଆନୁକୂଲ୍ୟରେ କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମାଙ୍କ ସାହିତ୍ୟ କୃତି ଉପରେ ଆଲୋଚନାଚକ୍ର ହୋଇଥିଲା। ଏଥିରେ ଅନୁଷ୍ଠାନର ସଭାପତି ତ୍ରିଲୋଚନ ଦାଶଙ୍କ ସଭାପତିତ୍ୱ କରିଥିଲେ। ନାଟ୍ୟକାର ରାମଚନ୍ଦ୍ର ମିଶ୍ର ମୁଖ୍ୟଅତଥି, ମୁଖ୍ୟବକ୍ତା ଓଡ଼ିଶା ସାହିତ୍ୟ ଏକଡେମୀର ସଦସ୍ୟ ଅଶୋକ ନାୟକ, ସମ୍ମାନିତ ଅତିଥି ଭାବେ ପ୍ରମୋଦ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ୭୨ଜଣ କବି ସ୍ୱରଚିତ କବିତାକୁ ଆବୃତ୍ତି କରିଥିଲେ। ଶିଶୁ ସାହିତ୍ୟିକ ତାରାପ୍ରସାଦ ଜେନାଙ୍କୁ କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ସାହିତ୍ୟ ସମ୍ମାନ ଓ ଗାୟକ ଚନ୍ଦ୍ରମଣୀ ମାଝିଙ୍କୁ କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ଲୋକ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଛି।

# 'ମହିଳା ନିଜକୁ ଅନ୍ୟର ଦୟାର ପାତ୍ର ନ ଭାବନ୍ତୁ'

**ଯାଜପୁର ଅଫିସ,୨୯।୧**

ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି ରାଜ୍ୟ ମହିଳା ଆୟୋଗ ଶିବିର ଅଦାଲତ। ଏଥିରେ ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷା ମିନତି ବେହେରା ଯୋଗଦେଇ କହିଥିଲେ ଯେ, ମହିଳାମାନେ ନିଜକୁ ଅନ୍ୟର ଦୟାର ପାତ୍ର ଭାବେ ନ ଭାବନ୍ତୁ। ସେମାନଙ୍କର ଅଧିକାରର ସୁରକ୍ଷା ଓ ସମ୍ମାନ ରକ୍ଷା ପାଇଁ ମହିଳା ଆୟୋଗ ନିରନ୍ତର ଉଦ୍ୟମ କରୁଛି। ମହିଳାମାନଙ୍କ ବିଭିନ୍ନ ପାରିବାରିକ ସମସ୍ୟା ଓ ପାରିବାରିକ ହିଂସା ସମସ୍ୟାର ସମାଧାନ ପାଇଁ ଆୟୋଗଙ୍କ ପ୍ରଚେଷ୍ଟା ଜାରି ରହିଛି। ମହିଳାମାନଙ୍କଠାରୁ ସମସ୍ୟା ସମ୍ପର୍କରେ ମିଳିଥିବା ଆବେଦନଗୁଡ଼ିକୁ କ୍ୟାମ୍ପ କୋର୍ଟ ମାଧ୍ୟମରେ ଉଭୟ ପକ୍ଷଙ୍କୁ ଡକାଯାଇ ଆପୋସ ସମାଧାନ କରାଯାଉଛି ବୋଲି ଅଧକ୍ଷା ବେହେରା କହିଛନ୍ତି। ମହିଳା ଆୟୋଗ ସଦସ୍ୟା ସ୍ନେହାଳୀ ମହାନ୍ତି, ସ୍ୱର୍ଣ୍ଣଲତା ସାମଲ, ଆରତୀ ସିଂ ପ୍ରମୁଖ ଯୋଗଦେଇ ଆୟୋଗର କାର୍ଯ୍ୟାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଏସ୍‌ପି ରାହୁଲ ପି.ଆର. ମହିଳାମାନଙ୍କୁ ନ୍ୟାୟଦେବା କ୍ଷେତ୍ରରେ ମହିଳା ଆୟୋଗର ଭୂମିକା ପ୍ରଶଂସନୀୟ। ପୋଲିସ ଏ କ୍ଷେତ୍ରରେ ସମସ୍ତ ସହଯୋଗ ଯୋଗାଇଦେବ ବୋଲି କହିଥିଲେ। ଶିବିରରେ ୫୩ ମାମଲା ପାଇଁ ନୋଟିସ୍ ହୋଇଥିବାବେଳେ ୪୨ ମାମଲାରେ ଉଭୟ ପକ୍ଷ ଓ ୧୧ ମାମଲାରେ ଗୋଟିଏ ପକ୍ଷ ଉପସ୍ଥିତ ଥିଲେ। ୧୦ ମାମଲାରେ ଆପୋସ ସମାଧାନ ହୋଇଥିଲା। ପରବର୍ତ୍ତୀ ତାରିଖରେ ଉଭୟ ପକ୍ଷ ସହ ଆଲୋଚନା ମାଧ୍ୟମରେ ଅନ୍ୟ ମାମଲାଗୁଡ଼ିକ ସମାଧାନ କରାଯିବ ବୋଲି ଆୟୋଗ ପକ୍ଷରୁ ସୂଚନା ଦିଆଯାଇଛି। ଆୟୋଗ କର୍ମକର୍ତ୍ତା ଆଡଭୋକେଟ୍ ଅରବିନ୍ଦ ପଟ୍ଟନାୟକ, ଦେବାଶିଷ ମହାନ୍ତି, ଉମାକାନ୍ତ ସାହୁ, ତ୍ରିଲୋଚନ ନାୟକ, ଦିବାକର ବିଶ୍ୱାଳ, ଚିତ୍ତରଞ୍ଜନ ସାହୁ ସହଯୋଗ କରିଥିଲେ।

# ପରିଚୟ ଦେବାକୁ ଅରାଜି କିନ୍ନର

**ନୟାଗଡ ଅଫିସ,୨୯।୧**

- ସାମାଜିକ ବ୍ୟବସ୍ଥା ସାଜୁଛି ପ୍ରତିବନ୍ଧକ
- ମୁଖ୍ୟ ସ୍ରୋତକୁ ଫେରାଇବାକୁ ଚେଷ୍ଟା
- ଚିହ୍ନଟ ୪୭, ଆଧାର ଲିଙ୍କ୍ ୧୦


କିନ୍ନରମାନଙ୍କ ପକ୍ଷରୁ ଅନୁଷ୍ଠିତ ମାତୃପୂଜା।

ସରକାରଙ୍କର ଅନେକ ଯୋଜନା କିନ୍ନରଙ୍କ ପାଇଁ ରହିଛି। ନୟାଗଡ ଜିଲାରେ କିନ୍ନରମାନେ ଚିହ୍ନଟ ହୋଇପାରୁ ନ ଥିବାରୁ ଅବହେଳିତ ହୋଇ ଜୀବନଯାପନ କରୁଛନ୍ତି। ଏମାନଙ୍କର ସଂଖ୍ୟା ନୟାଗଡ ଜିଲାରେ କେତେ ପ୍ରଶାସନ ପାଖରେ ଖବର ନାହିଁ। କିନ୍ନରମାନଙ୍କୁ ମୁଖ୍ୟ ସ୍ରୋତକୁ ଫେରାଇ ଆଣିବାକୁ ସରକାରଙ୍କ କ'ଣ ଯୋଜନା ଅଛି, କିପରି ଉପକୃତ ହେବେ ସେନେଇ ସେମାନେ ଅବଗତ ନୁହନ୍ତି। ପୁଣି ସାମାଜିକ ବ୍ୟବସ୍ଥା ପ୍ରତିବନ୍ଧକ ସାଜୁଥିବାରୁ ଅନେକ କିନ୍ନର ନିଜର ପରିଚୟ ଦେବାକୁ ଅରାଜି ହେଉଛନ୍ତି। ଜିଲାରେ ୪୭ଜଣ କିନ୍ନର ଚିହ୍ନଟ ହୋଇଥିଲେ ହେଁ ୧୦ଜଣଙ୍କ ଆଧାର ଲିଙ୍କ ହୋଇଥିବା ଜଣାପଡିଛି।

ଏ ସମ୍ପର୍କରେ ମା' ଦକ୍ଷିଣକାଳୀ କିନ୍ନର ସଂଘର ସଭାନେତ୍ରୀ ପ୍ରିୟବ୍ରତ ବେହେରା କୁହନ୍ତି, ସରକାରଙ୍କ ବିଭିନ୍ନ ଯୋଜନାରେ କିନ୍ନରମାନେ କିପରି ସାମିଲ ହୋଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବେ ସେ ନେଇ ସଂଘ ପକ୍ଷରୁ ଚେଷ୍ଟା ଚାଲିଛି। ଏ ଅବସରରେ ନୟାଗଡରେ ପ୍ରଥମ ଥର ପାଇଁ ଆମେ ଏକ ମାତୃପୂଜାର ଆୟୋଜନ ଜାନୁୟାରୀ ୨୬ରେ କରିଥିଲୁ। ଏଥିରେ ବେଲା କିନ୍ନର, ସ୍ୱପ୍ନା କିନ୍ନରଙ୍କ ପରି ୪୫ଜଣ ଯୋଗ ଦେଇଥିଲେ। ଆମେ ଗଣିଆ ଉନ୍ନୟନ କମିଟି ସହ ଯୋଗାଯୋଗ କରି ଚିହ୍ନଟ ହୋଇଥିବା ୪୭ କିନ୍ନରଙ୍କ ମଧ୍ୟରୁ ୧୦ ଜଣଙ୍କର ଆଧାର ଲିଙ୍କ୍ କରି ସାରିଲୁଣି। କିନ୍ନରଙ୍କ ପାଇଁ କ'ଣ ସୁବିଧା ସୁଯୋଗ ଅଛି ସେସବୁ ବୁଝାଉଛୁ। ଆଶା ରଖିଛୁ ଖୁବ୍ କମ ଦିନ ମଧ୍ୟରେ ଆମର ଚିହ୍ନଟ ପ୍ରକ୍ରିୟା ଶେଷ କରି ସରକାରୀ ସୁବିଧାସୁଯୋଗର ଲାଭ ଉଠାଉବୁ। ଗଣିଆ ଉନ୍ନୟନ କମିଟି ସଭାନେତ୍ରୀ ଆଶା ପଟ୍ଟନାୟକ କୁହନ୍ତି, କିନ୍ନରଙ୍କ ପାଇଁ ସ୍ୱୀକୃତି ସ୍କିମ୍ କାମ କରୁଛି। କିନ୍ନରମାନେ ନିଜର ପରିଚୟ ଦେଇ ଆଧାର ଲିଙ୍କ୍ କରିବାକୁ ପଡିବ। ଯଦି କିନ୍ନର ବୋଲି ଲୁଚାଇଥିବେ ଆଧାରରେ ସଂଶୋଧନ କରିବାକୁ ପଡିବ। ଏଥିପାଇଁ ଆମ ସହ ଯୋଗାଯୋଗ କରିବାକୁ ପଡିବ। ଆଧାର ଲିଙ୍କ୍ ପରେ ସରକାର ଭତ୍ତା ଯୋଗାଇ ଦେବେ। ପରେ ରାଶନ ସୁବିଧା ସହ ସରକାରୀ ସୁବିଧା ଦିଆଯିବାର ବ୍ୟବସ୍ଥା କରାଯିବ। ଜିଲାରେ କିନ୍ନରଙ୍କୁ ନେଇ ୫ଟି ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ କରାଯିବ। ଏଥିରୁ ୨ଟି ଗୋଷ୍ଠୀ ପ୍ରଥମେ ୫୦ ହଜାର ଟଙ୍କା ଲେଖାଏ ସହାୟତା ପାଇବେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାତ ସାହୁଙ୍କୁ ପଚାରିବାରେ, ଆଧାର କାର୍ଡରେ କିନ୍ନର ବୋଲି ଉଲ୍ଲେଖ ରହିଲେ ପରିଚୟପତ୍ର, ସରକାରୀ ସୁବିଧା ଯୋଗାଯିବ। ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ କିନ୍ନରଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ପାଇଁ ପଦକ୍ଷେପ ନିଆଯାଇଛି ବୋଲି ସେ କହିଛନ୍ତି।

## 'ନିଶା ସେବନକୁ ନାଁ' ପଦଯାତ୍ରା

ନୟାଗଡ ଅଫିସ: ନିଶା ସେବନକୁ ନାଁ, ପ୍ରତିଦିନ ବ୍ୟାୟାମ କରି ସୁସ୍ଥ ରହିବାର ସଚେତନତା ବାର୍ତ୍ତା ନେଇ ଜଣେ ବ୍ୟକ୍ତି ପଦଯାତ୍ରା କରୁଛନ୍ତି। ଏ ଅବସରରେ ଶ୍ରୀମନ୍ଦିର ପୁରୀଠାରୁ ୬୫ବର୍ଷର ଅଭିରାମ ଶତପଥୀ ବାହାରି ଥିବାବେଳେ ନୂଆଦିଲ୍ଲୀ ଯିବାର ରହିଛି। ଅଭିରାମ ଶୁକ୍ରବାର ନୟାଗଡ଼ ଅତିକ୍ରମ କରି ଯାତ୍ରା ଜାରି ରଖିଛନ୍ତି।

## ସଂକ୍ଷେପରେ

### ମହିଳାଙ୍କୁ ଆକ୍ରମଣ ମାମଲାରେ ୭ ଜଣଙ୍କୁ ଜେଲ

କେନ୍ଦ୍ରାପଡା ଅଫିସ,୨୯।୧: ୨୦୦୯ରେ ମାର୍ଶାଘାଇ ଥାନା କୁସୁନିପୁର ଗାଁର ଜଣେ ମହିଳା ଓ ଶିଶୁଙ୍କୁ ଆକ୍ରମଣ ମାମଲାର ଶୁକ୍ରବାର ରାୟ ପ୍ରକାଶ ପାଇଛି। କେନ୍ଦ୍ରାପଡ଼ା ସିଜେଏମ୍ ଜେ. ଆର. ପଟ୍ଟନାୟକ ଏହି ମାମଲା (ନଂ.୧/୨୦୦୯)ରେ ୭ ଅଭିଯୁକ୍ତଙ୍କୁ ବର୍ଷେ ଲେଖାଏ ଜେଲ ଦଣ୍ଡାଦେଶ ଦେଇଛନ୍ତି। ସେମାନେ ହେଲେ ଗାଁର ମୁଖ୍ୟ ଅଭିଯୁକ୍ତ ଚିତ୍ତରଞ୍ଜନ ନାୟକ ଓ ସହଯୋଗୀ ନିରଞ୍ଜନ ନାୟକ, ପ୍ରିୟରଞ୍ଜନ ନାୟକ, ରଞ୍ଜନ ନାୟକ, ପ୍ରଭାତ କୁମାର ନାୟକ, କଲ୍ୟାଣୀ ନାୟକ ଓ ବିଜୟଲକ୍ଷ୍ମୀ ନାୟକ। ମାମଲା ଅନୁଯାୟୀ, କୁସୁନିପୁର ଗାଁର ଧ୍ରୁବ ନାୟକଙ୍କ ସ୍ତ୍ରୀ ସବିତା ୨୦୦୯ ଅଗଷ୍ଟ ୨୪ରେ ଘର ପାଖରେ ଛଣ ଓ କୁଟା ଗଦାଉ ଥିଲେ। ଏହି ସମୟରେ ଦୋଷୀ ସାବ୍ୟସ୍ତ ହୋଇଥିବା ୭ ଅଭିଯୁକ୍ତ ସବିତାଙ୍କୁ ଆକ୍ରମଣ କରିଥିଲେ। ନିକଟରେ ଥିବା ତାଙ୍କ ଶିଶୁ କନ୍ୟା ସୁଷମାଙ୍କୁ ମାରି ମୁଣ୍ଡ ଫଟାଇ ଦେଇଥିଲେ। ସିଜେଏମ୍ ପଟ୍ଟନାୟକ ଏହି ମାମଲାରେ ଆଇପିସି ୩୨୪ରେ ଦଣ୍ଡାଦେଶ ଦେଇଛନ୍ତି।

### ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର ମାମଲା
### ଅଭିଯୁକ୍ତଙ୍କ କୋର୍ଟରେ ଆତ୍ମସମର୍ପଣ

ଓଡ଼ଗାଁ, ୨୯।୧(ସ୍ୱ.ପ୍ର.): ଓଡ଼ଗାଁ ଥାନା ଅଞ୍ଚଳରେ ୨୦୧୮ରେ ଜଣୈକା ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର ପରେ ଫେରାର ଥିବା ଅଭିଯୁକ୍ତ ଶୁକ୍ରବାର ସ୍ଥାନୀୟ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। ପୋଲିସ ସୂଚନା ଅନୁସାରେ, ଥାନା ଅନ୍ତର୍ଗତ ଏକ ଗାଁର ଅକ୍ରୁର ନାୟକ(୩୯) ଜଣୈକା ଦୃଷ୍ଟି ବାଧିତ ଭିନ୍ନକ୍ଷମଙ୍କ ଯୁବତୀଙ୍କ ଘରେ ୨୦୧୮ ସେପ୍ଟେମ୍ବରରେ କେହି ନ ଥିବା ବେଳେ ଜବରଦସ୍ତ ବଳାତ୍କାର କରିଥିଲେ। ଏ ନେଇ ଥାନାରେ ନଂ. ୧୨୮/୧୮ରେ ମାମଲା ରୁଜୁ ହୋଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଉଦ୍ୟମ କରିଥିଲେ ହେଁ ସେ ଫେରାର ହୋଇ ଯାଇଥିଲା। ଏଭଳି ସ୍ଥଳେ ଅଭିଯୁକ୍ତ ଅକ୍ରୁର ଶୁକ୍ରବାର ଓଡ଼ଗାଁ କୋର୍ଟରେ ଆତ୍ମସମର୍ପଣ କରିବା ପରେ ପୋଲିସ କେସ୍ ରେକର୍ଡ ଉପସ୍ଥାପନ କରିଥିଲା। ପରେ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

### ବଳାତ୍କାର ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦେବାକୁ ଦାବି

କୁଜଙ୍ଗ,୨୯।୧ (ଡି.ଏନ୍.ଏ.) : କେନ୍ଦ୍ରାପଡା ଜିଲା ରାଜକନିକା ଥାନା ଅଞ୍ଚଳର ମାନସିକ ଅନଗ୍ରସର ଓ ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର କରାଯାଇଥିଲା। ଏଭଳି ଘଟଣା ଘଟାଇଥିବା ବ୍ୟକ୍ତିଙ୍କୁ କଠୋର ଦଣ୍ଡ ଦେବାକୁ ଉତ୍କଳ ମହିଳା ସମିତି ରାଜ୍ୟ କମିଟି ତରଫରୁ କୁଜଙ୍ଗରେ ଶନିବାର ଦାବି କରାଯାଇଛି। ସମ୍ପୃକ୍ତ ଯୁବତୀଙ୍କୁ ୨୧ ଜାନୁୟାରୀରେ ୬୫ ବର୍ଷୀୟ ଭାଗୀରଥି ଦାସ ବଳାତ୍କାର କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୁକ୍ତ ଦାସଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ଉତ୍କଳ ମହିଳା ସମିତି ରାଜ୍ୟ ସଭାନେତ୍ରୀ ପ୍ରମୋଦିନୀ ପାଇକରାୟ, ରାଜ୍ୟ ସାଧାରଣ ସମ୍ପାଦିକା ପ୍ରଭାବତୀ ଦାସ, ରାଜ୍ୟ ସମ୍ପାଦିକା ଡା. ଜିନ୍ମୟୀ ସାହାଣୀ, କାର୍ଯ୍ୟକାରୀ ସଭାନେତ୍ରୀ କୃଷ୍ଣପ୍ରିୟା ମିଶ୍ର, ସରୋଜିନୀ ଆଚାର୍ଯ୍ୟ ଓ ସୁଭାସିନୀ ଭଦ୍ର ପ୍ରମୁଖ ଦାବି କରିଛନ୍ତି।

### ସଂରକ୍ଷଣ ବ୍ୟବସ୍ଥାରେ ପରିବର୍ତ୍ତନ ଦାବି

କେନ୍ଦ୍ରାପଡା ଅଫିସ,୨୯।୧: ସଂରକ୍ଷଣ ବ୍ୟବସ୍ଥାରେ ପରିବର୍ତ୍ତନ ଆବଶ୍ୟକ। ଏହାଦ୍ୱାରା ଦେଶର ବିଭିନ୍ନ କ୍ଷେତ୍ରରେ ନିୟୋଜିତ କର୍ମଚାରୀ, ଲୋକ ପ୍ରତିନିଧିଙ୍କ ମଧ୍ୟରେ ସମାନତା ଆସିବ। ଏପରି ଦାବି କରି ଅଖଣ୍ଡ ଭାରତ ଜନ ଜାଗରଣ ପ୍ରୋଗ୍ରାମ (ଏବିଜେପି) ସଙ୍ଗଠନର କେନ୍ଦ୍ରାପଡ଼ା ଜିଲା ଶାଖା ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଏଡିଏମ୍‌ଙ୍କୁ ଶୁକ୍ରବାର ପ୍ରଦାନ କରାଯାଇଛି। ଏ ନେଇ ଏବିଜେପିର କର୍ମକର୍ତ୍ତା ନଗେନ୍ଦ୍ର ଜେନା କହିଛନ୍ତି, ଦେଶ ସ୍ୱାଧୀନତାର ପରବର୍ତ୍ତୀ ସମୟରେ ତୃଣମୂଳସ୍ତରରେ ଥିବା ଦଳିତ, ଆଦିବାସୀ ଓ ପଛୁଆ ବର୍ଗଙ୍କ ଉନ୍ନତି ନିମନ୍ତେ ସଂରକ୍ଷଣ ବ୍ୟବସ୍ଥା କରାଯାଇଥିଲା। ଇତିମଧ୍ୟରେ ୭୩ ବର୍ଷ ବିତିଥିଲେ ମଧ ଏହାର ସୁଫଳ ସମସ୍ତଙ୍କ ନିକଟରେ ପହଞ୍ଚି ପାରିନାହିଁ। ଅନୁସୂଚିତ ଜାତିର ଲୋକଙ୍କୁ ୨୭. ୫ ପ୍ରତିଶତ, ଜନଜାତିଙ୍କୁ ୧୧. ୨୫ ପ୍ରତିଶତ ଓ ପଛୁଆ ବର୍ଗଙ୍କୁ ୫୧ପ୍ରତିଶତ ସଂରକ୍ଷିତ ଆସନକୁ ବୃଦ୍ଧି ପାଇଁ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ଏହି ସମୟରେ ଅନାଦି ଚରଣ ସାହୁ, ପ୍ରିୟବ୍ରତ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

# ୪ ବର୍ଷ ହେଲା ଝୁଲୁଛି ଅଡିଟ୍ ରିପୋର୍ଟ

**ରାଇସ୍ ମିଲ୍‌ରେ ଚଞ୍ଚକତା ମାମଲା**
**■ଯୋଗାଣ ଅଧିକାରୀଙ୍କୁ ଜବାବ ତଲବ**

ଯାଜପୁର ଅଫିସ,୨୯।୧

ଯାଜପୁର ଜିଲା ସାମିଆସ୍ଥିତ ଭଗବତୀ ରାଇସ୍ ମିଲ୍ ଉପରେ ସରକାରୀ ଚାଉଳ ବାଟମାରଣା ଅଭିଯୋଗ ନେଇ ୨୦୧୬-୧୭ରେ ଏକ ସ୍ୱତନ୍ତ୍ର ଅଡିଟ ହୋଇଥିଲା। ତେବେ ଯାଜପୁର ଜିଲା ଯୋଗାଣ ବିଭାଗ ପକ୍ଷରୁ ଏହି ଅଡିଟ ରିପୋର୍ଟକୁ ଅନୁପାଳନ କରିବା ପାଇଁ ୪ ବର୍ଷ ଅତିକ୍ରାନ୍ତ ହୋଇସାରିଛି। ଏହାକୁ ଓଡ଼ିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମ(ଓଏସ୍‌ସିଏସ୍‌ସି) ନାପସନ୍ଦ କରିଥିବା ସହ କାର୍ଯ୍ୟରେ ଅବହେଳା ବୋଲି ଅଭିହିତ କରିଛି। ଏହି କ୍ରମରେ ଓଏସ୍‌ସିଏସ୍‌ସିର ସିଜିଏମ୍(ଚିଫ୍ ଜେନେରାଲ ମ୍ୟାନେଜର) ଗୁରୁବାର ଯାଜପୁର ଯୋଗାଣ ବିଭାଗର ଡିଏମ୍(ଡିଷ୍ଟ୍ରିକ୍ଟ ମ୍ୟାନେଜର)ଙ୍କୁ ଜବାବ ତଲବ କରିବା ସହ ଆସନ୍ତା ୨ ତାରିଖ ସୁଦ୍ଧା ନିଶ୍ଚିତ ଭାବେ ଆବଶ୍ୟକ ଲିଖିତ ପ୍ରମାଣ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଯାଜପୁର ଜିଲାରେ ମିଲର୍ସ ଓ ପ୍ରାଥମିକ ସେବା ସମବାୟ ସମିତି(ପ୍ୟାକ୍ସ) କର୍ତ୍ତୃପକ୍ଷ ଚଞ୍ଚକତା କରି ଧାନ କିଣାବିକା କରୁଥିବା ନଜିର ରହିଛି। ୨୦୧୮ ଖରିଫ ଧାନକିଣା ବର୍ଷରେ ଜିଲାର ଇଷ୍ଟର୍ନ ଓ ସାନ୍ତୁକା ରାଇସ୍ ମିଲ୍‌ରୁ ବେଆଇନ ଧାନ ଗାଡ଼ି ଜବତ ହୋଇଥିଲା। ୨୦୧୫-୧୬ ବର୍ଷରେ ସାବିତ୍ରୀ ଇଣ୍ଡଷ୍ଟ୍ରିଜ୍ ୧୮୭୧.୮୧୬ ମେଟ୍ରିକ ଟନ ଚାଉଳ ଦାଖଲ କରି ପାରି ନ ଥିଲା। ଫଳରେ ରାଇସ୍ ମିଲ୍ ମାଲିକଙ୍କୁ ଜେଲ ଯିବାକୁ ପଡ଼ିଥିଲା। ଏହି ମାମଲାରେ କୋର୍ଟରେ ବିଚାରାଧୀନ ରହିଛି। ୨୦୧୬-୧୭ ଆର୍ଥିକ ବର୍ଷରେ ୪୯୪୬୭.୯୯୪ ମେଟ୍ରିକ ଟନ ଚାଉଳ ସଂଗ୍ରହ ଲକ୍ଷ୍ୟଧାର୍ଯ୍ୟ ଥିଲା। ଏହି ଲକ୍ଷ୍ୟଧାର୍ଯ୍ୟ ପୂରଣ କରିବାକୁ ସେହି ବର୍ଷ ନଭେମ୍ବର ୩୦ ପର୍ଯ୍ୟନ୍ତ ଶେଷ ତାରିଖ ଥିଲା। ଜିଲାର ୧୦ ମିଲର୍ସଙ୍କ ମଧ୍ୟରୁ ୮ ମିଲର୍ସ ସମ୍ପୂର୍ଣ୍ଣ ଚାଉଳ ଦାଖଲ କରିଥିଲାବେଳେ ୨ ମିଲର୍ସଙ୍କ ନିକଟରେ ପ୍ରାୟ ୧୦,୫୨୦ କୁଇଣ୍ଟାଲ ଚାଉଳ ବାକି ରହିଥିଲା। ଏଥିରେ ସାମିଆସ୍ଥିତ ଭଗବତୀ ରାଇସ୍ ମିଲ୍ ପ୍ରାୟ ୪୯୦୦ କୁଇଣ୍ଟାଲ ଚାଉଳ ଦାଖଲ କରି ପାରି ନ ଥିଲା। ଏହାକୁ ନେଇ ୨୦୧୬-୧୭ ବର୍ଷରେ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଅଡିଟ୍ କରାଯାଇଥିଲା। ଏହି ଅଡିଟ ରିପୋର୍ଟ ଉପରେ ଯାଜପୁର ଜିଲା ଯୋଗାଣ ବିଭାଗକୁ ୧୯।୩।୨୦୧୮, ୧୯।୪।୨୦୧୮, ୨୭।୧୧।୨୦୨୦ ବିଭିନ୍ନ ତାରିଖରେ ଓଏସ୍‌ସିଏସ୍‌ସି ପକ୍ଷରୁ ଆବଶ୍ୟକ ଲିଖିତ ପ୍ରମାଣ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଆସୁଛି। କିନ୍ତୁ କେଉଁ ଉଦ୍ଦେଶ୍ୟ ରଖି ଜିଲା ଯୋଗାଣ ବିଭାଗ ଏହି ନିର୍ଦ୍ଦେଶକୁ ମାନୁନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସଂକ୍ରାନ୍ତରେ ଜିଲା ଯୋଗାଣ ଅଧିକାରୀ ପ୍ରଭାତ ପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ସେ ନୂଆ ଭାବେ ଯୋଗଦେଇଛନ୍ତି ଏବଂ ବର୍ତ୍ତମାନ ଛୁଟିରେ ରହିଛନ୍ତି। କାର୍ଯ୍ୟରେ ଯୋଗଦେବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ସୂଚନାଥାଉ କି,ପ୍ରତିବର୍ଷ ଧାନ ସଂଗ୍ରହରେ ବିଳମ୍ବ ଯୋଗୁ ଜିଲାର ଚାଷୀ ଅଭାବୀ ବିକ୍ରିର ଶିକାର ହୋଇଥାନ୍ତି। ଚାଷୀ ବାଧ ହୋଇ ମଧ୍ୟସ୍ଥଙ୍କ ନିକଟରେ ଧାନ ବିକ୍ରି କରୁଛନ୍ତି। ଚଳିତ ବର୍ଷ ଖରିଫ ଧାନ ସଂଗ୍ରହରେ ୧୧ ମିଲର୍ସଙ୍କୁ ନିୟୋଜିତ କରାଯାଇଛି। ଗତ ୧୯ ତାରିଖ ସୁଦ୍ଧା ୩୨୧୪୬.୭୮୪ ଏମ୍‌ଟି ଧାନ କିଣାଯାଇ ମିଲର୍ସଙ୍କୁ ଚାଉଳ କରିବାକୁ ଦିଆଯାଇଛି। ଚଳିତବର୍ଷ ମଧ ଧାନ ସଂଗ୍ରହରେ ବିଳମ୍ବ ଯୋଗୁ ପ୍ୟାକ୍ସ ଜରିଆରେ ମଧ୍ୟସ୍ଥଙ୍କ ନିକଟରୁ ଧାନ କିଣାଯାଉଥିବା ଅଭିଯୋଗ ହୋଇଛି।

# ପ୍ରତିଭା ସମ୍ମାନ ଉତ୍ସବ


କୃତୀ ପ୍ରତିଭାମାନଙ୍କୁ ସମ୍ମାନିତ କରାଯାଇଛି।

କେନ୍ଦ୍ରାପଡା ଅଫିସ,୨୯।୧

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ପଞ୍ଚାୟତ ପକ୍ଷରୁ ପଞ୍ଚାୟତସ୍ତରୀୟ ପ୍ରତିଭା ସମ୍ମାନ ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ବହନ କରିଥିବା ବ୍ୟକ୍ତିଙ୍କୁ ପ୍ରଦାନ କରାଯାଇଛି। ସରପଞ୍ଚ ଗାୟତ୍ରୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମେଜର ଭରତ ଚନ୍ଦ୍ର ଜେନା, ବ୍ଲକ ଅଧ୍ୟକ୍ଷ ଶିବ ପ୍ରସାଦ ଭଳ, ଉପାଧ୍ୟକ୍ଷା ସ୍ନେହଲତା ପ୍ରଧାନ, ବିଡିଓ ଅଶ୍ୱିନୀ କୁମାର ଦାସ ଓ ସାମାଜିକ କର୍ମୀ ମଧୁସୂଦନ ରାଉତ ଯୋଗ ଦେଇଥିଲେ। ମନ୍ମଥ ମହାନ୍ତି, ଜ୍ଞାନରଞ୍ଜନ ମହାନ୍ତି, ଶାନ୍ତିଲତା ରାଉତ, ବିଶ୍ୱଜିତ ମହାନ୍ତି, ଅଭିମନ୍ୟୁ ଗୋଛାୟତ, ଶିକ୍ଷାବିତ୍ ମନୋରଞ୍ଜନ ତ୍ରିପାଠୀ, ହୃଷିକେଶ ପଣ୍ଡା, କେଶବ ସେଠୀ, କାଇଁଚ ଶିଳ୍ପୀ ସ୍ୱର୍ଣ୍ଣପ୍ରଭା ସ୍ୱାଇଁ ଓ ସନ୍ଧ୍ୟାରାଣୀ ନାୟକ, ସ୍ନେହଲତା ପ୍ରଧାନ, ବ୍ୟଙ୍ଗ କବି ଶ୍ରୀଧର ମହାନ୍ତି, ସାମାଜିକ କର୍ମୀ ଦମନ କୁମାର ମହାନ୍ତି, ନୃତ୍ୟଶିଳ୍ପୀ ସ୍ୱସ୍ତିକ ଶ୍ରୀବାସ୍ତବ, ପଣ୍ଡିତ ରବିନାରାୟଣ ମହାପାତ୍ର, ଗଗନ ବିହାରୀ ଆଚାର୍ଯ୍ୟ, କ୍ରୀଡାବିତ ସେକ ସମିଉଲ ଇସଲାମ, କୃତି ଛାତ୍ରୀ ରାଣୀ ସ୍ୱାଇଁ, ସ୍ୱେଚ୍ଛାସେବୀ ଦେବାଶିଷ ମହାନ୍ତି ପ୍ରମୁଖଙ୍କୁ ଅତିଥିମାନେ ପ୍ରତିଭା ସମ୍ମାନ ପ୍ରଦାନ କରିଥିଲେ। ଏଥିସହ ନାଏବ ସରପଞ୍ଚ ରତ୍ନାକର ବେହେରାଙ୍କ ସମେତ ୱାର୍ଡ ସଭ୍ୟାସଭ୍ୟ ଏହି ଉତ୍ସବକୁ ପରିଚାଳନା କରିଥିଲେ।


ବୈଠକରେ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପ୍ରାଣିଗ୍ରାହୀ ଓ ଅନ୍ୟମାନେ।

# 'ମଠ ସଂସ୍କୃତି ସାମାଜିକ ବ୍ୟବସ୍ଥାକୁ ସୁଦୃଢ଼ କରିଥିଲା'

ଡେରାବିଶ, ୨୯।୧(ସ୍ୱ.ପ୍ର.)

ଗ୍ରାମାଞ୍ଚଳରେ ଥିବା ମଠ ସଂସ୍କୃତି ସାମାଜିକ ବ୍ୟବସ୍ଥାକୁ ସୁଦୃଢ଼ କରିଥିଲା ବୋଲି ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ବକ୍ତବ୍ୟ ରଖିଛନ୍ତି। ଗୁରୁବାର ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଡାବଳ ଗାଁରେ ଥିବା ସିଦ୍ଧ ସାଧକ କବିସୂର୍ଯ୍ୟ ବ୍ରହ୍ମାଙ୍କ ମଠରେ ଉତ୍ସବ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସଂସ୍କୃତି ମନ୍ତ୍ରୀ ପାଣିଗ୍ରାହୀ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ ଯୋଗଦେଇ ପ୍ରତ୍ୟେକ ବ୍ୟକ୍ତିଙ୍କ ମଧ୍ୟରେ ଆଧ୍ୟାତ୍ମିକ ସଚେତନତା ରହିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ, ଦେବାଶିଷ ଆଚାର୍ଯ୍ୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମଠର କର୍ମକର୍ତ୍ତା ସ୍ମାରକ ମହାନ୍ତି ଅତିଥି ପରିଚୟ, ଗୁଣନଧି ତ୍ରିପାଠୀ ଅଧ୍ୟକ୍ଷତା କରିଥିଲାବେଳେ ଉପେନ୍ଦ୍ରନାଥ ସିଂ ଅତିଥିଙ୍କୁ ସ୍ୱାଗତ କରିଥିଲେ। ମଠ ପରିସରରେ କବିସୂର୍ଯ୍ୟ ବ୍ରହ୍ମାଙ୍କ ଏକ ପ୍ରତିମୂର୍ତ୍ତିକୁ ମନ୍ତ୍ରୀ ପାଣିଗ୍ରାହୀ ଉନ୍ମୋଚନ କରିଥିଲେ। ଅପରାହ୍ନରେ ମନ୍ତ୍ରୀ ପାଣିଗ୍ରାହୀ ବ୍ଲକ ଅଧୀନ କୁଶିଆପାଳ ପଞ୍ଚାୟତସ୍ଥିତ ଧର୍ମପୀଠ ଲଛମନଜୀଉଙ୍କ ମନ୍ଦିର ପରିଦର୍ଶନ କରିଥିଲେ। ତାଙ୍କ ସହ ପାଟକୁରା ବିଧାୟିକା ଓ ଅନ୍ୟମାନେ ଯାଇଥିଲେ। ଶ୍ରୀବଳଦେବ ଜୀଉ ମନ୍ଦିର ପରିଚାଳନା କମିଟି ତତ୍ତ୍ୱାବଧାନରେ ଏହି ମନ୍ଦିର ପରିଚାଳିତ ହେଉଛି। ମନ୍ଦିର ପ୍ରଶାସକ ବଳଭଦ୍ର ପତ୍ରୀ ମନ୍ତ୍ରୀଙ୍କୁ ଶ୍ରୀଜୀଉଙ୍କ ମନ୍ଦିର ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ମନ୍ଦିରର ଉନ୍ନତି ପାଇଁ ମନ୍ତ୍ରୀ ପାଣିଗ୍ରାହୀ ଖୁବ୍‌ଶୀଘ୍ର ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ରାଜ୍ୟବ୍ୟାପୀ ଆନ୍ଦୋଳନ ପାଇଁ ଚେତାବନୀ

**ଭାରପ୍ରାପ୍ତ ଆର୍‌ଆଇଙ୍କୁ ମାଡ ମାମଲା**

ଜଗତ୍‌ସିଂହପୁର ଅଫିସ, ୨୯।୧

ବାଲିକୁଦା ତହସିଲ ଅଧୀନ ମରୀଚିପୁର ଭାରପ୍ରାପ୍ତ ରାଜସ୍ୱ ନିରୀକ୍ଷକ ସୁଶାନ୍ତ କୁମାର ସ୍ୱାଇଁଙ୍କୁ ଆକ୍ରମଣ ପ୍ରତିବାଦରେ ଅଭିଯୁକ୍ତ ସୁବାସ ଚନ୍ଦ୍ର ନାୟକଙ୍କୁ ଗିରଫ ଦାବି କରି ଜଗତ୍‌ସିଂହପୁରରେ ଜିଲାବ୍ୟାପୀ ଆନ୍ଦୋଳନ ଜାରି ରହିଛି। ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ଆହ୍ୱାନକ୍ରମେ ୮ଟି ସଂଘ ଏଥିରେ ସାମିଲ ହୋଇଛନ୍ତି। ଏନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ଅନ୍ୟାନ୍ୟ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଆନ୍ଦୋଳନରେ ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ, ଓଡ଼ିଶା ରାଜସ୍ୱ ଅମଲା ସଂଘ, ନିଖିଳ ଉତ୍କଳ ୪ର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ସଂଘ, ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓସ୍ତା), ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସଂଘ, ଓଡ଼ିଶା ସରକାରୀ ମୋଟର ଚାଳକ ସଂଘ, ତହସିଲ ଡାଟା ଏଣ୍ଟ୍ରି ଅପରେଟର ସଂଘର ଜଗତ୍‌ସିଂହପୁର ଜିଲା ଶାଖା ସମେତ ଜଗତ୍‌ସିଂହପୁର କଲେକ୍ଟୋରେଟ୍ ଷ୍ଟାଫ କମିଟି ସାମିଲ ହୋଇଛନ୍ତି। ଏହି ଘଟଣାରେ ଜିଲା ପ୍ରଶାସନର ସ୍ଥାଣୁତାକୁ ବିଭିନ୍ନ ସଂଘ ପକ୍ଷରୁ ନିନ୍ଦା କରାଯାଇଛି। ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ରାଜ୍ୟବ୍ୟାପି ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ରାଜ୍ୟ ସଭାପତି ଜଗବନ୍ଧୁ ଜେନା, ସାଧାରଣ ସମ୍ପାଦକ ମହମ୍ମଦ ଜାଭେଦ ଅଖତର, ଓଡ଼ିଶା ରାଜସ୍ୱ ଅମଲା ସଂଘର ନିହାର ରଞ୍ଜନ ଦାସ, କଲେକ୍ଟୋରେଟ୍ ଷ୍ଟାଫ କମିଟିର ନୃସିଂହ ଚରଣ ମଲ୍ଲିକ, ନିଖିଳ ଉତ୍କଳ ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘର ସୁରେଶ ଚନ୍ଦ୍ର ପରିଜା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସଂଘର ନାରଣ ଚନ୍ଦ୍ର ମହାରଣା, ଓସ୍ତାର ନାରାୟଣ ବାରିକ, ଡିଇଓ ସଂଘର ବଦ୍ରି ନାରାୟଣ ରାୟ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

### ହତ୍ୟା ଧମକ ଅଭିଯୋଗ ଆଣିଲେ ଅଭିଯୁକ୍ତଙ୍କ ସ୍ତ୍ରୀ

ବାଲିକୁଦା,୨୯।୧(ସ୍ୱ.ପ୍ର.)- ରାଜସ୍ୱ ନିରୀକ୍ଷକ ସୁଶାନ୍ତ କୁମାର ସ୍ୱାଇଁଙ୍କୁ ଆକ୍ରମଣ ଘଟଣାରେ ଅଭିଯୁକ୍ତ ସୁବାସ ଚନ୍ଦ୍ର ନାୟକଙ୍କ ସ୍ତ୍ରୀ ଖୁଲଣା ବାଲିକୁଦା ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ସ୍ୱାଇଁ ତାଙ୍କ ପରିବାରକୁ ହତ୍ୟା ଧମକ ଦେଇଛନ୍ତି ବୋଲି ଖୁଲଣା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏହାର ୨ ଦିନ ପୂର୍ବରୁ ଅନନ୍ତପୁର ଫାଣ୍ଡିରେ ସ୍ୱାମୀଙ୍କୁ ଅପହରଣ କରାଯାଇଥିବା ନେଇ ଖୁଲଣା ଅଭିଯୋଗ କରିଥିଲେ।

# ଟ୍ରକ୍ ଧକ୍କାରେ ଶ୍ରମିକଙ୍କ ମୃତ୍ୟୁ

କାଳିଆପାଣି,୨୯।୧(ଡି.ଏନ.ଏ.)

କାଳିଆପାଣି ଥାନା କଅଁସ ପଞ୍ଚାୟତ ଅଧୀନ ସାରୁଆବିଲଠାରେ ଟ୍ରକ୍ ଧକ୍କାରେ ଶୁକ୍ରବାର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ଟମକା ଥାନା ଅଧୀନ ପାଟବିଲ ଗ୍ରାମର ମିଥୁନ ଦାସ ବୋଲି ଜଣାପଡ଼ିଛି। ମିଥୁନ ସନ୍ଧ୍ୟାରେ କାର୍ଯ୍ୟ ସାରି କାଳିଆପାଣି-ଟମକା ରାସ୍ତାରେ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଏକ କ୍ରୋମାଇଟ୍ ବୋଝେଇ ଟ୍ରକ୍ ପଛପଟୁ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଟ୍ରକ୍ ଛାଡ଼ି ଚାଳକ ଫେରାର ହୋଇ ଯାଇଛନ୍ତି। ଖବର ଲେଖାହେବାବେଳକୁ ପୋଲିସ ପହଞ୍ଚି ନ ଥିଲା। ରାସ୍ତାରେ ମୃତଦେହ ପଡ଼ି ରହିଥିଲା।

# ସୀମାକୁ ନେଇ ୨ ଥାନା ମଧ୍ୟରେ ବିବାଦ

**ଲାଗିଲା ସାଇନ ବୋର୍ଡ**




ଖଣ୍ଡପଡ଼ା,୨୯।୧(ସ୍ୱ.ପ୍ର.)

ଖଣ୍ଡପଡା ବ୍ଲକ ଅଧୀନ ବୋଦସା ଗାଁର ଜଣେ ମାନସିକ ବିକୃତ ବ୍ୟକ୍ତି କିଛିଦିନ ମା' ପାଟଚଣ୍ଡୀଙ୍କ ମନ୍ଦିର ନିକଟସ୍ଥ କାଜୁ ବଗିଚାରେ ଆତ୍ମହତ୍ୟା କରିଥିଲେ। ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରି ମାମଲା ରୁଜୁ କରିବାକୁ ନେଇ ଖଣ୍ଡପଡା ଓ ଫତେଗଡ ଥାନା ମଧ୍ୟରେ ବିବାଦ ହୋଇଥିଲା। ଏପରିକି ୨ ଥାନାର ସୀମାକୁ ନେଇ ବିବାଦ ଦେଖାଦେବା ଓ ପରେ ଖଣ୍ଡପଡା ଏସ୍‌ଡିପିଓ ବିଶ୍ୱପ୍ରକାଶ ପଟ୍ଟନାୟକଙ୍କ ହସ୍ତକ୍ଷେପ ପରେ ସମାଧାନ ହୋଇଥିଲା। ଖଣ୍ଡପଡା ଓ ଫତେଗଡ ଥାନାର ସୀମା ନିର୍ଦ୍ଧାରଣ ପରେ ଖଣ୍ଡପଡା ନିକଟସ୍ଥ କୁସୁମୀ ନଦୀ ସେତୁ ନିକଟରେ ପୋଲିସ ପକ୍ଷରୁ ସାଇନ ବୋର୍ଡ ଲଗାଯାଇଛି। ଖଣ୍ଡପଡା-ବାହାଡା ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତାର କୁସୁମୀ ସେତୁର ଅପରପାର୍ଶ୍ୱରୁ ଫତେଗଡ ଥାନାର ସୀମା ଆରମ୍ଭ ହେଉଥିବା ନେଇ ସ୍ପଷ୍ଟ ଜଣାପଡିବା ପରେ ଦୀର୍ଘବର୍ଷ ଧରି ସାଧାରଣ ଲୋକଙ୍କ ମନରେ ଥିବା ସନ୍ଦେହ ଦୂର ହୋଇଛି। ସାଇନବୋର୍ଡ ଲାଗିଲା ପରେ ଏହା ଦୂର ହେବ ନେଇ ସାଧାରଣରେ ଆଲୋଚନା ହେଉଛି।

# ରଶ୍ମିତା ମୃତ୍ୟୁ ମାମଲା: ଆଈଙ୍କ ପାଖରେ ରହିବ ନାତି

କେନ୍ଦ୍ରାପଡା ଅଫିସ,୨୯।୧

କେନ୍ଦ୍ରାପଡ଼ା ବ୍ଲକ ନିକିରାଇ ଥାନା ନିକିରାଇପାଟଣା ଗାଁର ରଶ୍ମିତା ପରିଡାଙ୍କ ମୃତ୍ୟୁ ଘଟଣାରେ ଜିଲା ଶିଶୁ ମଙ୍ଗଳ କମିଟି ପକ୍ଷରୁ ଶୁକ୍ରବାର ପଦକ୍ଷେପ ନିଆଯାଇଛି। କମିଟି ଅଧ୍ୟକ୍ଷ ଭଗବତୀ ପ୍ରସାଦ ଦାସ ରଶ୍ମିତାଙ୍କ ୬ ମାସର ପୁଅକୁ ଚାଇଲ୍ଡ କେୟାରରୁ ଆଣି ଆଈ ବାରୋ ଗାଁର ସୁଲୋଚନାଙ୍କୁ ହସ୍ତାନ୍ତର କରିଛନ୍ତି। ରଶ୍ମିତାଙ୍କ ମୃତ୍ୟୁ ୨୦୨୦ ନଭେମ୍ବର ୧୩ରେ ହୋଇଥିଲେ ମଧ ୩ବର୍ଷର ନାତୁଣୀଙ୍କ ପତା ଅଦ୍ୟାବଧି ମିଳିନାହିଁ। ରଶ୍ମିତାଙ୍କ ନିକିରାଇପାଟଣା ଗାଁର ପ୍ରଦ୍ୟୁମ୍ନ ପରିଡାଙ୍କ ସହ ୫ବର୍ଷ ପୂର୍ବେ ବିବାହ ହୋଇଥିଲା। ବିବାହ ପରଠାରୁ ତାଙ୍କୁ ଯୌତୁକ ନିର୍ଯାତନା ଦିଆଯାଉଥିବା ବେଳେ ନଭେମ୍ବର ୧୩ରେ ରଶ୍ମିତାଙ୍କ ମୃତଦେହ ଶାଶୁଘରୁ ଉଦ୍ଧାର ହୋଇଥିଲା। ପ୍ରଦ୍ୟୁମ୍ନଙ୍କ ପରିବାର ସଦସ୍ୟ ରଶ୍ମିତାଙ୍କୁ ଜୀବନରୁ ମାରି ଦେଇଥିବା ଅଭିଯୋଗ ସୁଲୋଚନା ଥାନାରେ କରିଥିଲେ। ଏହି ଘଟଣାରେ ପରିବାର ସଦସ୍ୟମାନେ ଅଦ୍ୟାବଧି ଫେରାର ଥିବାବେଳେ କେବଳ ସ୍ୱାମୀ ପ୍ରଦ୍ୟୁମ୍ନ ଗିରଫ ହୋଇଛନ୍ତି। ଏହି ଅଭିଯୋଗ ପରେ ଶିଶୁକନ୍ୟା ଓ ପୁଅ ନିଖୋଜ ଥିବା ବେଳେ ୧୫ ଦିନ ପରେ ଗୋଡ ଭଙ୍ଗା ଅବସ୍ଥାରେ ପୁଅକୁ ଶିଶୁ ମଙ୍ଗଳ କମିଟି ଉଦ୍ଧାର କରି ନିକଟସ୍ଥ ଚାଇଲ୍ଡ କେୟାରରେ ରଖିଥିଲେ।

# ଗୋଷ୍ଠୀ ସଂଘର୍ଷ, ୫ ଆହତ

**ସରକାରୀ ଜମିରେ ଘର ନିର୍ମାଣ**

ଭାପୁର/ଖଣ୍ଡପଡ଼ା,୨୯।୧ (ଡି.ଏନ.ଏ.)/ ସ୍ୱ.ପ୍ର.)

ନୟାଗଡ଼ ଜିଲା ଫତେଗଡ ଥାନା ଅନ୍ତର୍ଗତ ଜଗନ୍ନାଥପ୍ରସାଦ ଫାଣ୍ଡି ମହୁଲପଡା ଗାଁରେ ଏକ ସରକାରୀ ଜମିରେ ଘର କରିବାକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ଶୁକ୍ରବାର ସଂଘର୍ଷ ଘଟିଛି। ଏଥିରେ ୫ ଜଣ ବ୍ୟକ୍ତି ଆହତ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକ୍ରମେ ଥାନାରେ ନଂ. ୧୬/୨୧ ମାମଲା ରୁଜୁ ହୋଇ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ, ମହୁଲପଡା ଗାଁରେ ଥିବା ଏକ ସରକାରୀ ଜମିରେ ଘର ତିଆରି କରିବାକୁ ନେଇ ଗ୍ରାମବାସୀଙ୍କ ସହ ଗୋଟିଏ ପରିବାରର ଗଣ୍ଡଗୋଳରୁ ସଂଘର୍ଷ ଘଟିଛି। ମହୁଲପଡା ଗ୍ରାମ ନିକଟ ଦରଦା ଗାଁର ଗୋଟିଏ ଅସବର୍ଣ୍ଣ ପରିବାରର ମହୁଲପଡା ଗ୍ରାମସ୍ଥିତ ଏକ ସରକାରୀ ଜମିକୁ ଦଖଲ କରିବାକୁ ନେଇ ଗ୍ରାମବାସୀ ବିରୋଧ କରି ଆସୁଛନ୍ତି। ଏ ନେଇ ୨୦୧୮ରେ ମହୁଲପଡା ଗ୍ରାମବାସୀ ଖଣ୍ଡପଡା ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରି ଉକ୍ତ ଜମିକୁ କାହାରିକୁ ଲିଜ ନ ଦେବାକୁ ଅନୁରୋଧ କରିଥିଲେ। ଜମିକୁ ପୂର୍ବରୁ ଦଖଲ କରିବାକୁ ଚେଷ୍ଟା କରିବାରୁ ମହୁଲପଡା ଗ୍ରାମବାସୀ ଗତ ୭ ତାରିଖରେ ପୁଣି ଥରେ ଖଣ୍ଡପଡା ତହସିଲଦାରଙ୍କୁ ଅବଗତ କରାଇଥିଲେ। ଅସବର୍ଣ୍ଣ ପରିବାର ଯେତେବେଳେ ଏହି ସ୍ଥାନରେ ଘର ନିର୍ମାଣ କରିବାକୁ ଶୁକ୍ରବାର କାର୍ଯ୍ୟ ଆରମ୍ଭ କରିଥିଲେ ଗ୍ରାମବାସୀ ବିରୋଧ କରିଥିଲେ। ଫଳରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଘଟି ଟେକା ପଥର ମାଡରେ ୫ଜଣ ଆହତ ହୋଇଛନ୍ତି। ଏ ନେଇ ଫାଣ୍ଡି ଓ ଥାନାରେ ଦୁଇଟି ଭିନ୍ନ ଭିନ୍ନ ଅଭିଯୋଗ ହୋଇଛି। ଘଟଣା ସ୍ଥଳରେ ଫାଣ୍ଡି ଅଧିକାରୀ ରବୀନ୍ଦ୍ରନାଥ ପଲେଇ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

### ମ୍ୟୁଜିକ୍ ସ୍କୁଲର ୱେବ୍‌ସାଇଟ୍ ଉଦ୍‌ଘାଟନ

କେନ୍ଦ୍ରାପଡା ଅଫିସ,୨୯।୧

କେନ୍ଦ୍ରାପଡା ବ୍ଲକ ଇନ୍ଦୁପୁରସ୍ଥ ପାୟଲ ମ୍ୟୁଜିକ ସ୍କୁଲର ୱେବସାଇଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହି ୱେବସାଇଟ ଦ୍ୱାରା ଅନଲାଇନ ମାଧ୍ୟମରେ ଆଡମିଶନ ଓ ପେମେଣ୍ଟ ହୋଇପାରିବ ବୋଲି ସମ୍ପାଦକ ଦେବାଶିଷ ସାମଲ ସୂଚନା ଦେଇଛନ୍ତି। ଏହାକୁ ବୁଦ୍ଧିଜୀବୀ ପରୀକ୍ଷିତ ପାତ୍ର, ସଭାପତି ନୀଳମାଧବ ପତି, ସ୍ମୃତିରଞ୍ଜନ ସାହୁ, ସୌରଭସିଦ୍ଧ ମହାନ୍ତି, ନିରୋଧ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମକୁ ଅନୁଷ୍ଠାନର କର୍ମକର୍ତ୍ତା ଅଭିଜିତ ମିଶ୍ର ପରିଚାଳନା କରିଥିଲେ।

# ଜିଲାପାଳଙ୍କୁ ଅଭିଯୋଗ କଲେ ଗ୍ରାମବାସୀ

**ଚଣ୍ଡିଆ, ମଝିପଡ଼ା ପାହାଡ଼ରୁ ବେଆଇନ ଖନନ**

ଚଣ୍ଡିଖୋଲ,୨୯।୧(ଡି.ଏନ.ଏ.):

ଯାଜପୁର ଜିଲା ଦର୍ପଣ ତହସିଲ ଅଧୀନ ମଝିପଡ଼ା ଓ ଚଣ୍ଡିଆ ପାହାଡ଼ରେ ବେଆଇନ ଖାଦାନ ସୃଷ୍ଟି କରାଯାଇ ଦୈନିକ ୫୦ରୁ ଉର୍ଦ୍ଧ୍ୱ ଗାଡିରେ ମୋରମ ଏବଂ ମୂର୍ତ୍ତିପଥର ଚାଲାଣ କରାଯାଉଛି। ଦୀର୍ଘଦିନ ହେବ ସ୍ଥାନୀୟ ଅଞ୍ଚଳବାସୀ ଏନେଇ ତହସିଲ ପ୍ରଶାସନ, ବନବିଭାଗ ଓ ସ୍ଥାନୀୟ ପୋଲିସରେ ଅଭିଯୋଗ କରିଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିଲା। ଶେଷରେ ବାଧହୋଇ ଗ୍ରାମବାସୀ ଶୁକ୍ରବାର ଯାଜପୁର ଜିଲାପାଳ, ଏସ୍‌ପି ଓ କଟକ ବନଖଣ୍ଡ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ପ୍ରଶାସନ ପକ୍ଷରୁ ଯଦି ବେଆଇନ ଖାଦାନ ବନ୍ଦ କରା ନ ଯାଏ ତେବେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଗ୍ରାମବାସୀ ଦର୍ଶାଇଛନ୍ତି, କେତେଜଣ ମାଫିଆ ଡିନାମାଇଟ ଲଗାଇ ପାହାଡ଼ ଫଟାଉଛନ୍ତି। ଯଦ୍ୱାରା ଗ୍ରାମବାସୀଙ୍କ ଘର ପ୍ରତି ବିପଦ ଦେଖାଦେଇଛି। ମଝିପଡ଼ା ପାହାଡରେ ଭଲ ମୋରମ ମିଳୁଥିବା ବେଳେ ଚଣ୍ଡିଆ ପାହାଡରେ ଦାମୀ ମୂର୍ତ୍ତି ତିଆରି ପଥର ମିଳିଥାଏ। ଏହି ମୂର୍ତ୍ତିପଥର ଟ୍ରକ୍ ପିଛା ୫୦ ହଜାରରୁ ଉର୍ଦ୍ଧ୍ୱ ମୂଲ୍ୟରେ ବିକ୍ରି କରାଯାଉଛି। ଖୋର୍ଦ୍ଧା ଜିଲାର ତାପଙ୍ଗଠାରେ ମୂର୍ତ୍ତିପଥର ମିଳୁଥିବା ବେଳେ ପ୍ରଶାସନ ତରଫରୁ ସେଠାରେ ଚଢାଉ କରାଯାଇ ପାହାଡ଼ ଖନନକୁ ବନ୍ଦ କରାଯାଇଛି। ସେଥିପାଇଁ ମାଫିଆ ଏବେ ଚଣ୍ଡିଆ ପାହାଡ ଉପରେ ଆଖି ପକାଇଛନ୍ତି। ଏଠାରୁ ମିଳୁଥିବା ପଥର ମୂର୍ତ୍ତିତିଆରି କରିବା ପାଇଁ ସବୁଠୁ ଉତ୍କୃଷ୍ଟ ବୋଲି କୁହାଯାଉଛି।


ପାହାଡରୁ ବେଆଇନ ଭାବେ ଖନନ କରାଯାଉଛି।

ସୂଚନା ଥାଉକି, ସମ୍ପୃକ୍ତ ପହାଡ଼ ଦୁଇଟି ଜଙ୍ଗଲ ଓ ରାଜସ୍ୱ ବିଭାଗ ଅଧୀନରେ ରହିଛି। ବିଭାଗୀୟ ଅଧିକାରୀଙ୍କୁ ହାତ କରି କେତେଜଣ ମାଫିଆ ଟ୍ରକ୍ ଓ ଟ୍ରାକ୍ଟର ଯୋଗେ ରାଜ୍ୟର ବିଭିନ୍ନ ସ୍ଥାନକୁ ପଥର ଚାଲାଣ କରୁଛନ୍ତି। ମଝିପଡ଼ା ପାହାଡରୁ ମିଳୁଥିବା ମୋରମର ଚାହିଦା ଥିବାରୁ ଏହାକୁ ବିଭିନ୍ନ ନିର୍ମାଣ କାର୍ଯ୍ୟ ପାଇଁ ବ୍ୟବହାର କରାଯାଉଛି। ଯେଉଁଥିପାଇଁ ଟ୍ରକ୍ ପିଛା ୨୦ ହଜାରରୁ ଅଧିକ ମୂଲ୍ୟରେ ଏହା ବିକ୍ରି ହେଉଛି। ଜଙ୍ଗଲ ବିଭାଗ ତରଫରୁ ପାହାଡ଼ରେ ବ୍ୟାପକ ଚାରାରୋପଣ କରାଯାଇଥିଲା। ପାହାଡ ମାଫିଆ ପ୍ରଥମେ ଗଛକାଟି ବିକ୍ରି କରିବା ପରେ ସେହି ସ୍ଥାନରେ ମୋରମ ଖାଦାନ ସୃଷ୍ଟି କରିଥାନ୍ତି। ଏହି ଚୋରା କାରବାର ଦ୍ୱାରା ବ୍ୟାପକ ଜଙ୍ଗଲ କ୍ଷୟ ହେଉଥିବା ବେଳେ ସରକାର ଲକ୍ଷଲକ୍ଷ ଟଙ୍କାର ରାଜସ୍ୱ ହରାଉଛନ୍ତି। ଏବେ ଯେଉଁଭଳି ଖନନ ଚାଲିଛି ଆଗକୁ ଯଦି ଏପରି ଖନନ ହେବ ତେବେ ଅଳ୍ପଦିନରେ ଏହି ପାହାଡ ନିଶ୍ଚିହ୍ନ ହୋଇଯିବା ଆଶଙ୍କା ଦେଖାଯାଉଛି।

# ଆଶୀର୍ବାଦ, ଧନଞ୍ଜୟଙ୍କ ଶତକ


ଧନଞ୍ଜୟ ଯାଦବ


ଆଶୀର୍ବାଦ ସ୍ୱାଇଁ

## ଓସିଏ ଆନ୍ତଃଜିଲା ୧୯ ବର୍ଷରୁ କମ୍ କ୍ରିକେଟ

■ ଆଦିତ୍ୟ ଜୟସିଂଙ୍କୁ ୬, ମୁନା ପ୍ରସାଦଙ୍କୁ ୫ ଉଇକେଟ

**ଭୁବନେଶ୍ୱର, ୨୯।୧(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କଟକରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲା ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ କିଟ୍, ଖୋର୍ଦ୍ଧା, ରାଉରକେଲା, ଝାରସୁଗୁଡ଼ା, କେନ୍ଦୁଝର ଓ ସୁନ୍ଦରଗଡ଼ ଦଳ ବିଜୟ ହାସଲ କରିଛି।

ରେଭେନ୍ସା-୧ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ କିଟ୍ ୩୯ ରନ୍‌ରେ ମାଲକାନଗିରିକୁ ପରାସ୍ତ କରିଛି। କିଟ୍ ୫୦ ଓଭରରେ ୯ ଉଇକେଟ ହରାଇ ୨୦୯ ରନ କରିଥିଲା। ଜବାବରେ ମାଲକାନଗିରି ଲକ୍ଷ୍ମୀକାନ୍ତ ନାୟକ ୫୦ ଓଭରରେ ୧୭୦/୬ରେ ସୀମିତ ରହିଥିଲା। ବିଡ଼ାନାସୀ ପଡ଼ିଆରେ ଖୋର୍ଦ୍ଧା ୧୨୧ ରନରେ ରାୟଗଡ଼ାକୁ ହରାଇଛି। ଖୋର୍ଦ୍ଧା ୩୮.୧ ଓଭରରେ ୨୧୨ ରନ କରିଥିଲା। ବିପକ୍ଷ ବୋଲର ଦୀପଙ୍କର ପରିଚ୍ଛା ୪ଟି ଉଇକେଟ ନେଇଥିଲେ। ରାୟଗଡ଼ା ୨୨.୫ ଓଭରରେ ୯୧ ରନ୍‌ରେ ଅଲଆଉଟ ହୋଇଥିଲା। ବିଜୟୀ ଦଳର ଆଦିତ୍ୟ ଜୟସିଂ ୧୦ ଓଭରରେ ୨ ମେଡେନ ନେଇ ମାତ୍ର ୧୮ ରନ ବିନିମୟରେ ୬ଟି ଉଇକେଟ ନେଇଥିଲେ। ନିମପୁର ପଡ଼ିଆରେ ରାଉରକେଲା ୧୫୧ ରନରେ ଗଞ୍ଜାମକୁ ହରାଇ ଦେଇଛି। ଆଶୀର୍ବାଦ ସ୍ୱାଇଁ (୧୧୩ ରନ, ୮ ଚୌକା, ୫ ଛକା)ଙ୍କ ଶତକ ସହାୟତାରେ ରାଉରକେଲା ୫୦ ଓଭରରେ ୨୩୫ ରନ କରିଥିଲା। ୨୩୬ ରନ ବିଜୟ ଲକ୍ଷ୍ୟରେ ଗଞ୍ଜାମ ୨୭.୩ ଓଭରରେ ୮୪ ରନ୍‌ରେ ଅଲଆଉଟ ହୋଇଥିଲା।

ରେଭେନ୍ସା ଗ୍ରାଉଣ୍ଡ-୨ରେ ଝାରସୁଗୁଡ଼ା ୧୭୭ ରନ୍‌ରେ ବୌଦ୍ଧକୁ ହରାଇଛି। ଅଧିନାୟକ ଧନଞ୍ଜୟ ଯାଦବଙ୍କ ଶତକ ସହାୟତାରେ ଝାରସୁଗୁଡ଼ା ୫୦ ଓଭରରେ ୫ ଉଇକେଟ ହରାଇ ୨୬୩ ରନ କରିଥିଲା। ଧନଞ୍ଜୟ ୧୫୫ ବଲ୍‌ରୁ ୧୪ ଚୌକା ଓ ୯ ଛକା ସହାୟତାରେ ୧୬୩ ରନ କରିଥିଲେ। ଜବାବରେ ବୌଦ୍ଧ ଇନିଂସ ୨୭.୪ ଓଭରରେ ୮୬ ରନରେ ସୀମିତ ରହିଥିଲା। ବିଓଏସ୍‌ଇ ପଡ଼ିଆରେ କେନ୍ଦୁଝର ୭୭ ରନରେ ନୟାଗଡ଼କୁ ପରାସ୍ତ କରିଛି। କେନ୍ଦୁଝର ୨୪୮ ରନ କରିଥିବାବେଳେ ନୟାଗଡ଼ ୪୧.୪ ଓଭରରେ ୧୭୧ ରନ କରି ଅଲଆଉଟ ହୋଇଥିଲା। ବିଜୟୀ ଦଳର ଅସିତ ସାହୁ ୪ଟି ଉଇକେଟ ନେଇଥିଲେ। ଡ୍ରିମ୍ସ ଗ୍ରାଉଣ୍ଡରେ ସୁନ୍ଦରଗଡ଼ ୫ ଉଇକେଟରେ ପାରାଦୀପକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ପାରାଦୀପ ୪୬ ଓଭରରେ ୧୪୪ ରନକରି ଅଲଆଉଟ ହୋଇଥିଲା। ବିଜୟୀ ଦଳର ମୁନା ପ୍ରସାଦ ୫ ଉଇକେଟ ସଫଳତା ପାଇଥିଲେ। ଜବାବରେ ସୁନ୍ଦରଗଡ଼ ୩୩ ଓଭରରେ ୫ ଉଇକେଟ ହରାଇ ୧୪୭ ରନ ସଂଗ୍ରହ କରି ନେଇଥିଲା।

## ପଏଣ୍ଟ ବାଣ୍ଟିଲେ ଗୋଆ ଓ ଇଷ୍ଟବେଙ୍ଗଲ

**ମାର୍ଗାଓ, ୨୯।୧:** ସ୍ଥାନୀୟ ଫାତୋର୍ଦା ଷ୍ଟାଡିୟମରେ ଶୁକ୍ରବାର ଏଫ୍‌ସି ଗୋଆ ଓ ଏସ୍‌ସି ଇଷ୍ଟବେଙ୍ଗଲ ମଧ୍ୟରେ ଖେଳାଯାଇଥିବା ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ)ର ଏକ ମ୍ୟାଚ ୧-୧ ଗୋଲରେ ଅମୀମାଂସିତ ଭାବେ ଶେଷ ହୋଇଛି। ଇଗୋର ଆଙ୍ଗୁଲୋ ଖେଳର ୩୯ତମ ମିନିଟ୍‌ରେ ଏକ ଗୋଲ ସ୍କୋର କରି ଗୋଆକୁ ପ୍ରଥମେ ଅଗ୍ରଣୀ କରାଇଥିଲେ। ମାତ୍ର ଡ୍ୟାନି ଫକ୍ସ ୬୫ତମ ମିନିଟ୍‌ରେ ଏକ ଗୋଲ ଦେଇ ମ୍ୟାଚକୁ ବରାବର ସ୍ଥିତିକୁ ନେଇ ଆସିଥିଲେ। ଫଳରେ ଦୁଇ ଦଳ ପଏଣ୍ଟ ବଣ୍ଟାଆରା କରିଛନ୍ତି।

## ମେନନ, ଚୌଧାରୀ ଓ ଶର୍ମା ମ୍ୟାଚ୍ ଅଫିସିଆଲ

**ନୂଆଦିଲ୍ଲୀ, ୨୯।୧ (ପି.ଟି.):** ଆସନ୍ତା ମାସରେ ଭାରତ ବିପକ୍ଷ କ୍ରିକେଟ ଟେଷ୍ଟ ସିରିଜରେ ଆଇସିସି ପ୍ୟାନେଲରେ ଥିବା ଭାରତର ୩ ଅମ୍ପାୟର ମ୍ୟାଚ ପରିଚାଳନା ଦାୟିତ୍ୱରେ ରହିବେ। ବୀରେନ୍ଦର ଶର୍ମା ଓ ଅନିଲ ଚୌଧାରୀ ପ୍ରଥମ ଥର ଏକ ଟେଷ୍ଟ ମ୍ୟାଚରେ ଅମ୍ପାୟରିଂ କରିବେ। ଚୌଧାରୀ ଓ ଶର୍ମା ହେଉଛନ୍ତି ଆଇସିସି ଏମିରେଟ୍ସ ପ୍ୟାନେଲର ଅଂଶବିଶେଷ। ସେମାନଙ୍କ ସହ ଭାରତର ଏଲିଟ୍ ପ୍ୟାନେଲ ପ୍ରତିନିଧି ନୀତିନ ମେନନ ଯୋଗ ଦେବେ। କୋଭିଡ୍ ଯୋଗୁ ଗମନାଗମନ କଟକଣା ରହିଥିବାରୁ ବର୍ତ୍ତମାନ ସମସ୍ତ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍‌ର ମ୍ୟାଚଗୁଡ଼ିକ ପାଇଁ ଘରୋଇ ଦଳର ମ୍ୟାଚ ଅଫିସିଆଲଙ୍କୁ ଅନୁମୋଦନ କରିଛି। ଭାରତ-ଇଂଲଣ୍ଡ ୪ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଫେବୃଆରୀ ୫ରୁ ଚେନ୍ନାଇରେ ଆରମ୍ଭ ହେବ। ମ୍ୟାଚ ବେଳେ ଟିମ୍ ପାଇଁ ତିନୋଟି ଡିସିସନ ରିଭ୍ୟୁ ସିଷ୍ଟମ (ଡିଆର୍‌ଏସ୍) ଉପଲବ୍ଧ ହେବ।

# ପର୍ପଲର ୫ମ, ଭାଓଲେଟର ୪ର୍ଥ ବିଜୟ

**ଭୁବନେଶ୍ୱର, ୨୯।୧(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କିଟ୍ ଷ୍ଟାଡିୟମରେ ଚାଲିଥିବା ଏମଜିଏମ୍ ମହିଳା ଟି୨୦ ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ପର୍ପଲ୍ ଓ ଭାଓଲେଟ୍ ଦଳ ବିଜୟ ହାସଲ କରିଛନ୍ତି। ପୂର୍ବାହ୍ନ ମ୍ୟାଚରେ ଭାଓଲେଟ ୮ ଉଇକେଟରେ ୟେଲୋକୁ ହରାଇଥିବାବେଳେ ଅପରାହ୍ନରେ ପର୍ପଲ ୪୫ ରନରେ ଗ୍ରୀନ୍‌କୁ ପରାସ୍ତ କରିଛି। ପ୍ରତିଯୋଗିତାରେ ପର୍ପଲର ଏହା ୫ମ ଓ ଭାଓଲେଟର ୪ର୍ଥ ବିଜୟ।

ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା ଭାଓଲେଟ। ୟେଲୋ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୨୦ ଓଭରରେ ୭ ଉଇକେଟ ହରାଇ ମାତ୍ର ୭୮ ରନ କରିଥିଲା। ଜବାବରେ ଭାଓଲେଟ ୧୫.୪ ଓଭରରେ ମାତ୍ର ୨ ଉଇକେଟ ହରାଇ ୮୨ ରନ ସଂଗ୍ରହ କରି ନେଇଥିଲା। ୪ ଓଭରରେ ମାତ୍ର ୧୩ ରନ ଦେଇ ୨ଟି ଉଇକେଟ ନେଇଥିବା ବିଜୟୀ ଦଳର କୁନି ବଦରା ଓମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଓସିଏ ସଦସ୍ୟ ସନ୍ତୋଷ ଦାସ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟ ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପର୍ପଲ ୨୦ ଓଭରରେ କୌଣସି ଉଇକେଟ ନ ହରାଇ ୧୫୪ ରନ କରିଥିଲା। ଓପନର ସରିତା ମେହେର ୬୧ ବଲ୍‌ରୁ ୭୯ ଓ ଅଧିନାୟିକା ମଧୁସ୍ମିତା ବେହେରା ୫୯ ବଲ୍‌ରୁ ୬୮ ରନକରି ଅପରାଜିତ ରହିଥିଲେ। ୧୫୫ ରନ ବିଜୟ ଲକ୍ଷ୍ୟରେ ଗ୍ରୀନ୍ ପୂରା ୨୦ ଓଭର ଖେଳିଥିଲେ ହେଁ ୬ ଉଇକେଟ ହରାଇ ୧୦୯ ରନ କରିପାରିଥିଲା। ବିଜୟୀ ଦଳର ମଧୁସ୍ମିତା ୩ଟି ଉଇକେଟ ନେଇ ଓମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଓସିଏ ସଦସ୍ୟ ଅଞ୍ଜନ ଖୁଣ୍ଟିଆ ଅତିଥିଭାବେ ଯୋଗଦେଇ ମଧୁସ୍ମିତାଙ୍କୁ ପୁରସ୍କୃତ କରିଥିଲେ।



ମଧୁସ୍ମିତା ବେହେରାଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

# ଲନ୍ ବଲ୍ ଖେଳାଳି ଓ ପ୍ରଶିକ୍ଷକ ପଞ୍ଜୀକରଣ ଆରମ୍ଭ

**ଭୁବନେଶ୍ୱର, ୨୯।୧(ସ୍ପୋର୍ଟ୍ସ ବ୍ୟୁରୋ)**

ଜାତୀୟ ସ୍ତରରେ ସଫଳତା ଅର୍ଜନ କରିବା ପରେ ଲନ୍ ବଲ୍ ଖେଳକୁ ପ୍ରୋତ୍ସାହିତ କରିବା ଲାଗି ରାଜ୍ୟ ସରକାର ଆଗଭର ହୋଇଛନ୍ତି। ଏଥିପାଇଁ ଚଳିତ ବର୍ଷ ଅନୁଷ୍ଠିତ ହେବାକୁ ଥିବା ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ା ପ୍ରତିଯୋଗିତାକୁ ନଜରରେ ରଖି ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ମଧ ଓଡ଼ିଶା ରାଜ୍ୟ ବୋଲିଂ ସଂଘ ସହାୟତାରେ ଏହାକୁ ପ୍ରୋତ୍ସାହିତ କରୁଛି। ରାଜ୍ୟ ପ୍ରତିଯୋଗିତା ଆୟୋଜନ କରିବାକୁ ଓଡ଼ିଶା ରାଜ୍ୟ ବୋଲିଂ ସଂଘ ସଜବାଜ ହେଉଥିବା ବେଳେ ଖେଲୋ ଇଣ୍ଡିଆ ପ୍ରସ୍ତୁତିକୁ ତ୍ୱରାନ୍ୱିତ କରିବାକୁ ଖେଳାଳି ଓ ପ୍ରଶିକ୍ଷକଙ୍କ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ କରିଛି। ଆଗ୍ରହୀ ଖେଳାଳି ଏବଂ ଯୋଗ୍ୟ ଶିକ୍ଷିତ ପ୍ରଶିକ୍ଷକମାନେ ଏ ସମ୍ପର୍କରେ ରାଜ୍ୟ ସଂଘକୁ ଇମେଲ୍ ଜରିଆରେ odishabowling@gmail.comରେ ଯୋଗାଯୋଗ କରିବାକୁ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ନିବେଦନ କରିଛନ୍ତି।

# ପର୍ବତାରୋହଣ ପ୍ରଶିକ୍ଷଣ ନେଲେ ୩ କ୍ରୀଡ଼ାବିତ୍

**ଭୁବନେଶ୍ୱର, ୨୯।୧(କ୍ରୀଡ଼ା ପ୍ରତିନିଧି):** ଦିଲ୍ଲୀର ଭାରତୀୟ ପର୍ବତାରୋହଣ ପ୍ରତିଷ୍ଠାନ (ଆଇଏମ୍ଏଫ୍) ପ୍ରାୟୋଜିତ ଏବଂ ଉତ୍ତରକାଶୀର ନିମ୍ ସହାୟତାରେ ଜାନୁୟାରୀ ୧୧ରୁ ୨୬ ପର୍ଯ୍ୟନ୍ତ ଏକ ଆଡଭାନ୍ସ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାମିଲ ହୋଇ ଅଭିଜ୍ଞତା ଅର୍ଜନ କରିଛନ୍ତି ଓଡ଼ିଶାର ୩ ଦୁଃସାହସିକ କ୍ରୀଡ଼ାବିତ୍ ଅନୀତା ସ୍ୱାଇଁ, ତାରାକାନ୍ତ ପରିଡ଼ା ଓ ସତ୍ୟବ୍ରତ ଦାସ।


ପର୍ବାତାରୋହଣ ପ୍ରଶିକ୍ଷଣ ନେଇ ଫେରିଥିବା ୩ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଏହି ଅବସରରେ କ୍ରୀଡ଼ାବିତମାନେ ଆର୍ଟିଫିସିଆଲ୍ ୱାଲ୍ କ୍ଲାଇମ୍ବିଂ ତାଲିମ ଓ ଅଭ୍ୟାସ ସହିତ ୟେଲାଠାରୁ ଭୁକି ପର୍ଯ୍ୟନ୍ତ ରୋଡ୍ କ୍ୟାମ୍ପରେ ମଧ ସାମିଲ ହୋଇଥିଲେ। ୧୧,୫୦୦ ଫୁଟ୍ ଉଚ୍ଚ ତେଲା ଟପ୍ ପର୍ଯ୍ୟନ୍ତ ଟ୍ରେକ୍‌ରେ ଯିବା, ୧୨,୫୦୦ ଫୁଟ ନିମ୍ବର ବେସ୍ କ୍ୟାମ୍ପରେ କ୍ରାଫ୍ଟ ଟ୍ରେନିଂ, ୧୫,୦୦୦ ଫୁଟ୍ ଉଚ୍ଚତା ବିଶିଷ୍ଟ ଡୋକରାନି ବମକ୍ ଗ୍ଲାସିଏର୍ ଆରୋହଣ କରିବା ପରେ ପ୍ରଶିକ୍ଷାର୍ଥୀମାନେ ଜାନୁୟାରୀ ୨୬ରେ ଆଇଏମ୍ଏଫ୍ ଫେରି ଆସିଥିଲେ। ଏହି ଅବସରରେ ଅଲପିନ୍ ଷ୍ଟାଇଲ୍, ରୁଟ୍ ଓପନ୍, ରେସ୍କୁ ଟେକନିକ୍, ଡ୍ରାଏ ଟୁଲିଂ, ରକ୍ କ୍ଲାଇମ୍ବିଂ, ପିଚ୍ କ୍ଲାଇମ୍ବିଂ, ଲିଡ୍ କ୍ଲାଇମ୍ବିଂ ସହିତ ଅନ୍ୟ ପ୍ରତିକୂଳ ପରିସ୍ଥିତି ଓ ପରିବେଶ ସମ୍ପର୍କିତ ତାଲିମ ପ୍ରଦାନ କରାଯାଇଥିଲା। ତିନି ଓଡ଼ିଶା କ୍ରୀଡ଼ାବିତ୍ ଶୁକ୍ରବାର ଓଡ଼ିଶା ଫେରି ଆସିବା ପରେ ଭୁବନେଶ୍ୱର ରେଳ ଷ୍ଟେଶନରେ ରାଜ୍ୟର ପୁରାତନ ପର୍ବତାରୋହଣ ପ୍ରତିଷ୍ଠାନ 'ଆସା' ପକ୍ଷରୁ ସମ୍ପାଦକ ଗଣେଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ହରେଶ କୁମାର ମିଶ୍ର, ଶକ୍ତିରଞ୍ଜନ ମହାନ୍ତି ଏବଂ ଚିନ୍ମୟ ମହାରଣା ସମ୍ବର୍ଦ୍ଧିତ କରିଥିଲେ।

# କୋରାପୁଟ୍ ଉତ୍କଳ କରାଟେ ସ୍କୁଲରେ ବେଲ୍ଟ ପରୀକ୍ଷା


ବେଲ୍ଟ ଟେଷ୍ଟରେ ଭାଗ ନେଇଥିବା କରାଟେକାମାନେ ଅତିଥି ଓ କର୍ମକର୍ତ୍ତାଙ୍କ ସହ।

**ଭୁବନେଶ୍ୱର,୨୯।୧ (ସ୍ପୋର୍ଟ୍ସ ବ୍ୟୁରୋ)**

କୋରାପୁଟ ସାଂସ୍କୃତିକ ପରିସରରେ ଶୁକ୍ରବାର ଉତ୍କଳ କରାଟେ ସ୍କୁଲ ଦ୍ୱାରା ଅବିଭକ୍ତ କୋରାପୁଟ ଜିଲାସ୍ତରୀୟ କରାଟେ ବେଲ୍ଟ ପରୀକ୍ଷାର ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ କୋରାପୁଟ, ସେମିଳିଗୁଡା, ଜୟପୁର, ନବରଙ୍ଗପୁର, ମାଲକାନାଗିରି ଓ ଉମରକୋଟରୁ ପ୍ରାର ୧୦୪ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏଥିରେ ସମସ୍ତ ପ୍ରତିଯୋଗୀ ସଫଳତାରସହ ଉତୀର୍ଣ୍ଣ ହୋଇଥିଲେ। ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ହରିପ୍ରସାଦ ପଟ୍ଟନାୟକ ମୁଖ୍ୟ ପରୀକ୍ଷକ ଭାବେ ସମସ୍ତ ପ୍ରତିଯୋଗୀଙ୍କୁ ସେମାନଙ୍କ ଯୋଗ୍ୟତା ଅନୁଯାୟୀ ବେଲ୍ଟ ପ୍ରଦାନ କରିଥିଲେ। ସେନସେଇ ଦୁର୍ଗା ପ୍ରସାଦ ରଥଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା। ସେନସେଇ ବଳଦେବ ପଟ୍ଟନାୟକ, ସଦୀପ ମହାନ୍ତ,ବିଜୟ ସାମଲ, ମିର ଅଜମତ ଅଲି, ହିମାଂସୁ ଶେଖର ଦାସ, ମହେଶ ଚନ୍ଦ୍ର ବରାଳ, ତ୍ରିନାଥ ସିଂ, ସନ୍ତୋଷ କୁମାର, ରାଜେନ୍ଦ୍ର କେଶରୀ ସାମଲ, ସରୋଜ ପଟ୍ଟନାୟକ ମିଳିତ ଭାବେ ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ।

ମଧ୍ୟାହ୍ନ ସମୟରେ ହରାପ୍ରସାଦ ଏକ ଆତ୍ମରକ୍ଷା କୌଶଳ କର୍ମଶାଳାର ଆୟୋଜନ କରିଥିଲେ। ଏଥିରେ ୬୦ଜଣ ଛାତ୍ରୀ ଯୋଗଦେଇ ଆତ୍ମରକ୍ଷାର କୌଶଳ ଶିକ୍ଷା କରିଥିଲେ। ସନ୍ଧ୍ୟାରେ ହରିପ୍ରସାଦ ସେମିଳିଗୁଡାରେ ନୂତନ ଭାବେ ନିର୍ମିତ ଉତ୍କଳ କରାଟେ ସ୍କୁଲର ଉନ୍ମୋଚନ କରିଥିଲେ।

# ଜାଗୃତି, ସୋଲାର ବିଜୟୀ

**ପୁରୁଣା ଭୁବନେଶ୍ୱର, ୨୯।୧(ଡି.ଏନ.ଏ.)**

ସ୍ଥାନୀୟ ପୋଖରୀପୁଟସ୍ଥିତ କ୍ରିକେଟ ପଡ଼ିଆରେ ଶୁକ୍ରବାର ୨ୟ ବିହାରୀଲାଲ ସ୍ମାରକୀ ୧୦୦ ବଲ୍ (୧୭ ଓଭର) କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ପୂର୍ବତନ ଖେଳାଳି ରଶ୍ମିରଞ୍ଜନ ପରିଡ଼ା ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିବସରେ ଅନୁଷ୍ଠିତ ୨ଟି ମ୍ୟାଚରେ ଜାଗୃତି ଏବଂ ସୋଲାର କ୍ରିକେଟ ଏକାଡେମୀ ବିଜୟ ହାସଲ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚରେ ଜାଗୃତି ୭୧ ରନରେ ଶହୀଦ ସ୍ପୋର୍ଟିଂକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଜାଗୃତି ୭ ଉଇକେଟ ହରାଇ ୨୦୩ ରନ କରିଥିଲା। ଜବାବରେ ଶହୀଦ ସ୍ପୋର୍ଟିଂ ୧୪ ଓଭରରେ ୧୩୨ ରନ୍‌ରେ ଅଲଆଉଟ ହୋଇ ଯାଇଥିଲା। ଦ୍ୱିତୀୟ ମ୍ୟାଚରେ ଶେଖର ସ୍ପୋର୍ଟିଂକୁ ସୋଲାର ପରାସ୍ତ କରିଥିଲା। ଶେଖର ସ୍ପୋର୍ଟିଂ ୧୫ ଓଭରରେ ୮୬ ରନକରି ଅଲଆଉଟ ହୋଇଥିଲା। ସୋଲାର ୧୬ ଓଭରରେ ୪ ଉଇକେଟ ହରାଇ ୯୧ ରନ ସଂଗ୍ରହ କରି ନେଇଥିଲା। ପ୍ରଥମ ମ୍ୟାଚରେ ବିଜୟୀ ଦଳର ରଣଜିତ ପାଇକରାୟଙ୍କୁ ପୂର୍ବତନ କର୍ପୋରେଟର ହୃଦୟ ବଲ୍ଲଭ ସାମନ୍ତରାୟ ଏବଂ ଦ୍ୱିତୀୟ ମ୍ୟାଚରେ ସୋଲାରର ମନୋଜ ଜେନାଙ୍କୁ ସାମାଜିକ କର୍ମୀ ତୋଫାନ ସାମନ୍ତରାୟ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ ଅନୁଷ୍ଠାନର ଅକ୍ଷୟ ଜେନା, ରମେଶ ରାଉତରାୟ, ପ୍ରତାପ ଜେନା, ମନୋଜ ବିଶ୍ୱାଳ, ସଦାନନ୍ଦ ଜେନା ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ।


ରଣଜିତ ପାଇକରାୟ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।


**ODISHA HYDRO POWER CORPORATION LTD.**
(A Gold Rated State PSU)
O/o. SR. GENERAL MANAGER, RENGALI HYDRO ELECTRIC PROJECT
P.O.: RENGALI DAM SITE, PIN- 759105, DIST.- ANGUL (ODISHA)
TEL.: 06760-277214, FAX: 06760-277324, Email: sgmel500@gmail.com
No.: RHEP/C&P/PUR-III-1145/586 Date: 28.01.2021

**NOTICE INVITING TENDER No. RHEP-24/2020-21**

No.: CAD-1144: Sealed tenders are invited in two part i.e. (i) Techno Commercial Bid and (ii) Price Bid in separate sealed envelopes from the reputed firm/Agency/ Contractor.

| Sl. No. | Description of Services | Cost of Tender Paper (Non-refundable) in Rs. | EMD in shape of DD only (Refundable) in Rs. | Period of availability of tender at OHPC website | Last date & Time of receipt of Tender | Date & Time of Opening of Techno Commercial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | "Overhauling and Filtration Work of 03 Nos. of 33/11KV Power Transformers, 1600 KVA installed for Power Supply to Different Colony Sites under RHEP, Rengali Dam Site, Rengali" | Rs.708/- (Rs.600/- + GST @ 18%) | Rs.2000/- | From Dtd.01.02.21 to Dtd.10.02.21 upto 03.00 P.M. | Dtd. 10.02.21 upto 04.00 P.M. | Dt.10.02.21 at 04.30 P.M. |

For details and further Correspondence/Corrigendum, please visit our website www.ohpcltd.com.
Sd./- C & P Head, RHEP, Rengali
OIPR-04005/11/0036/2021

अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
(A Statutory Body under aegis of Ministry of Health and Family Welfare, Govt. of India)
Engineering Branch (Civil), Sijua (Patrapada), Bhubaneswar(Odisha)-751019
www.aiimsbhubaneswar.nic.in
File No. : AIIMS/BBSR/Engg./ 586/ NIT-027 / 2020-21 Dated : 29th Jan 2021

**NOTICE INVITING E-TENDER**

The All India Institute of Medical Sciences (AIIMS), Bhubaneswar invites e-Tender for the Work(s) for **Provision of Trench line for MGPS from Ayush Building to Burn & Plastic Surgery Building at Hospital Complex, AIIMS, Bhubaneswar.** *(NIT No. : AIIMS/BBSR/Engg./ 027 /2020-21).* The detailed Tender Document along with Last Date & Time of Submission of Tender can be viewed & downloaded from the website **www.aiimsbhubaneswar.nic.in, www.tenderwizard.com/ AIIMSBBSR & CPP Portal www.eprocure.gov.in.**
Sd/-
Executive Engineer(Civil) I/C
AIIMS, Bhubaneswar

**TRIBAL DEVELOPMENT CO-OPERATIVE CORPORATION OF ODISHA LTD.**
RUPALI SQUARE, P.O. BHOI NAGAR, BHUBANESWAR-751022
Tel.0674-2542475, Fax: 0674-2544828, email: admin@tdccorissa.org
No.252/TDCCOL Date: 29.01.2021

**QUOTATION CALL NOTICE**

CAD-1154:- Quotation in sealed covers are invited from registered firms/dealers/tribal SHG/women SHG for supply of different animal feed itmes for onward supply to Nandan Kanan Zoological Park. Interested firms/dealers/tribal SHG/ women SHG are to submit their offer and willingness on or before 12.02.2021, 2.00 P.M. indicating their lowest rates/ prices for supply of different animal feed items as sought for. The quotations shall be opened on 12.02.2021 at 4.00 P.M. before a committee for necessary finalization of supplier. The Managing Director, TDCCOL, Bhubaneswar reserves the right to accept or reject any or all quotations without assigning any reason thereof. The details of quotation call notice, instructions and terms & conditions of the contract can be downloaded by logging on to www.tdccorissa.org.
Sd./- Manager (Finance & Audit)
TDCCOL, Bhubaneswar
OIPR-26005/11/0008/2021

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: Janpath, Bhubaneswar-751022
CIN:U40102OR2004SGC007553
No. CAD-1149 **TENDER ALERT**

**01) Tender Call Notice No.11/2020-21:** Tenders for different repair and maintenance work of 132 kV TL Sub Division office, Sunabeda & Tentulikhunti under EHT O&M Division, Jaynagar.
**02) Notice Inviting Open Tender-05/BBS/2020-21:** Tenders for Hiring of diesel run commercial registered light vehicle AC Indigo or equivalent on monthly contract basis for EHT (O&M) Circle, Bhubaneswar.
For Detail specifications/corrigendum please visit our official website: **www.optcl.co.in.** FIPR- 61/2020-21
OIPR-04011/11/0103/2021

**GOVT. OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**DRAINAGE CIRCLE, UNIT-8, BHUBANESWAR-751012**
**E-PROCUREMENT NOTICE NO. SEDC-BBSR-03/2020-21**
No.A-523:- email Id: sedrainagebbsr12@gmail.com

| | | | |
|---|---|---|---|
| 1. | Name of works | : | 1) Sectioning of Alipada Nalla under DIP from RD 4780m to 9800m. 2) Desiltation of drainage channel from Bhatapada to Adala outfalling to Makara River in Puri District, DOAB XV (Dredging from RD 00 to 2700M). 3) desiltation of Kajalganda drainage channel from Dupur to Luna River in Puri District, DOAB VII (Dredging from RD 00 to 2790 M). |
| 2. | Total number of packages | : | 3 Nos. individual package. |
| 3. | Estimated cost of individual packages | : | 1. Rs.3,34,52,952/- 2. Rs.3,94,68,660/- 3. Rs.4,16,27,859/- |
| 4. | Bid identification no. | : | 1. SEDC-BBSR/DD-KHR-08/2020-21 2. SEDC-BBSR/DD-PURI-09/2020-21 3. SEDC-BBSR/DD-PURI-10/2020-21 |
| 5. | Period of completion | : | 11 (Eleven) calendar months |
| 6. | Available of tender online | : | 01.02.2021, 11.00 hours to 17.02.2021, 17.00 hours |
| 7. | Date of opening of technical bid | : | 18.02.2021 at 11.30 hours in the O/o the Superintending Engineer, Drainage Circle, Unit-8, Bhubaneswar. |
| 8. | Date of opening of financial bid | : | 22.02.2021 at 11.30 hours in the O/o the Superintending Engineer, Drainage Circle, Unit-8, Bhubaneswar. |
| 9. | Date of lottery (If required) | : | 26.02.2021 at 11.30 hours in the O/o the Superintending Engineer, Drainage Circle, Unit-8, Bhubaneswar. |
| 10. | Procurement Officer | : | Superintending Engineer, Drainage Circle, Unit-8, Bhubaneswar-751012. |

Further details can be seen from the Govt. website: www.tendersorissa.gov.in. Adendum/corrigendum/cancellation if any required will be published only in Govt. website www.tendersorissa.gov.in.
Sd./- Superintending Engineer, Drainage Circle, Bhubaneswar
OIPR--32375/11/0002/2021

**ODISHA TOURISM DEVELOPMENT CORPORATION LIMITED**
(A Government of Odisha Undertaking)
Lewis Road, Bhubaneswar – 751014

**Auction Sale Notice For Sale Of Vehicles**

CAD-1153:- Sealed tenders are invited for auction sale of 7 Nos. vehicles (3 Nos. 13 seater Force Traveller, 1 No. TATA Indica, 1No. TATA Winger, 1 No. TATA Mini Bus & 1No. Toyota Innova) on AS IS WHERE IS BASIS. Interested parties may inspect these vehicles in the premises of Panthanivas during office hour up to 09.02.2021. Interested parties may download the detail terms & conditions from the website:- www.panthanivas.com.The last date of submission of offer is on 11.02.2021 up to 02.00PM and will be opened same day at 04.00PM. The offer shall be received in sealed cover in office of the Divisional Manager (TTT), Lewis Road, Panthanivas (Old Block), Bhubaneswar – 14.
Sd./- MANAGING DIRECTOR
OTDC Ltd., Bhubaneswar
OIPR-37002/11/0032/2021

**OFFICE OF THE PRINCIPAL, KUSHALESWAR ANCHALIKA MAHAVIDYALAYA, REKUTIA**
**TENDER/QUOTATION CALL NOTICE**
E-Mail: kam.rekutia@gmail.com, Ph.-7205677100
Website:https://kamahavidyalaya.ac.in
Letter No.13/2021 Dt.29.01.2021

Sealed tenders/quotations are invited under OHEPEE, separately from the distributors/dealers/registered firms having valid PAN, GST Registration No. with IT clearance for supply and installation of Desktop, Computers, printers, First Aid Box, Fire Extinguisher, Water Cooler, Dustbin and furniture etc. for Kushaleswar Anchalika Mahavidyalaya, Rekutia, Keonjhar. The sealed tenders are to be submitted on or before 20.02.2021 by 5.00 P.M. and quotations on or before 10.02.2021 by 2.00 P.M. by speed post/registered post as per prescribed terms and conditions, which are available in the college website https://kamahavidyalaya.ac.in
Sd./- Principal
Kushaleswar Anchalika Mahavidyalaya
Rekutia, Keonjhar



ଭାରତର ପ୍ରଥମ ବିଶ୍ୱସୁନ୍ଦରୀ ହେଉଛନ୍ତି ଅଭିନେତ୍ରୀ ସୁସ୍ମିତା ସେନ୍। ମାତ୍ର ୧୮ ବର୍ଷ ବୟସରେ ସେ ପ୍ରତିଯୋଗିତା ଜିତି ଦେଶ ପାଇଁ ଗୌରବ ଆଣିଦେଇଥିଲେ। ପରେ ଚବିଶ ବର୍ଷ ବୟସରେ ଅନାଥ ଶିଶୁକନ୍ୟାଙ୍କୁ ନିଜର ନାମ ଦେଇ ପାଳିତା କନ୍ୟା ଭାବେ ଗ୍ରହଣ କରିଥିଲେ। ସର୍ବଦା ସେ ମହିଳା ସଶକ୍ତିକରଣକୁ ନେଇ ସ୍ୱର ଉତ୍ତୋଳନ କରିଆସୁଛନ୍ତି। ସଫଳତାର ଶୀର୍ଷରେ ଥିବା ଏହି ଅଭିନେତ୍ରୀଙ୍କୁ ଏକଦା ଜଣେ ପନ୍ଦର ବର୍ଷୀୟ ବାଳକ ଦୁର୍ବ୍ୟବହାର କରିଥିଲେ। ଏକ ଚାରିଟେବୁଲ କାର୍ଯ୍ୟକ୍ରମରେ ନିଜର ମନକଥା କହିଥିଲେ ସୁସ୍ମିତା। ଆଖପାଖରେ ଭିଡ ଥିବା ହେତୁ ଅଭିନେତ୍ରୀ ଜାଣି ପାରିବେ ନାହିଁ ଭାବି ବାଳକଜଣଙ୍କ ତାଙ୍କ ସହ ଖରାପ ବ୍ୟବହାର କରିଥିଲେ। ହେଲେ ସେ ଧରାପଡ଼ିଥିଲେ।

# ଚନ୍ଦ୍ରରେ ଖୋଜାଚାଲିଛି 'ଲ୍ୟାଣ୍ଡିଂ ସ୍ପଟ୍'

**ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା (ନାସା) ମହତ୍ତ୍ୱାକାଂକ୍ଷୀ ଚନ୍ଦ୍ର ଅଭିଯାନ 'ଆର୍ଟେମିସ ମିଶନ' ଲାଗି ଆରମ୍ଭ କରିଛି ପ୍ରସ୍ତୁତି। ୨୦୨୪ରେ ପ୍ରସ୍ତାବିତ ଏହି ମାନବ ମିଶନ ପାଇଁ ମହାକାଶ ବିଜ୍ଞାନୀମାନେ ବେଶ୍ ଉତ୍ସାହିତ ଅଛନ୍ତି। ତେବେ ମହାକାଶଯାନର ଠିକ୍ ସ୍ଥାନରେ ଲ୍ୟାଣ୍ଡିଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ଏବେ ଏଥିଲାଗି ଆରମ୍ଭ ହୋଇଛି ଲ୍ୟାଣ୍ଡିଂ ସ୍ପଟ୍ ଖୋଜା।**



**ୱାଶିଂଟନ୍:** ଆମେରିକୀୟ ସ୍ପେସ ଏଜେନ୍ସି ନିଜର ମହତ୍ତ୍ୱାକାଂକ୍ଷୀ ଆର୍ଟେମିସ ମିଶନ ଲାଗି ପ୍ରସ୍ତୁତି ଜୋର୍‌ସୋର୍‌ରେ ଚଳାଇଛି। ତିନି ସୋପାନ ବିଶିଷ୍ଟ ଏହି ଅଭିଯାନ ୨୦୨୪ରେ ପୂର୍ଣ୍ଣାଙ୍ଗ ରୂପ ନେବ। ଦୁଇ ଯାତ୍ରୀଙ୍କୁ ଚନ୍ଦ୍ର ପୃଷ୍ଠରେ ଅବତରଣ କରାଯିବ। ତେବେ ନାସା ପକ୍ଷରୁ ଅଦ୍ୟାବଧି ଲ୍ୟାଣ୍ଡିଂ ସ୍ପଟ୍ ସମ୍ପର୍କରେ ସ୍ପଷ୍ଟ କରାଯାଇନାହିଁ। ସାମାନ୍ୟ ତ୍ରୁଟିବିଚ୍ୟୁତି ହେଲେ ମିଶନ ସମ୍ପୂର୍ଣ୍ଣ ବିଫଳ ହୋଇଯିବ। ତେଣୁ ନାସା ସତର୍କତାର ସହ ଆଗକୁ ବଢୁଛି। ବିମାନ, ମହାକାଶ ଯାନ ଲ୍ୟାଣ୍ଡିଂ ପାଇଁ ସ୍ୱତନ୍ତ୍ର ଟ୍ରାକ୍, ଟ୍ରାଫିକ୍ କଣ୍ଟ୍ରୋଲ ସିଷ୍ଟମ ଭଳି ସୁବିଧା କେବଳ ପୃଥିବୀରେ ସୀମିତ। ହେଲେ ଚନ୍ଦ୍ର ଅଭିଯାନ ଭଳି ବିପଦପୂର୍ଣ୍ଣ ମିଶନରେ ସୁରକ୍ଷିତ ଭାବେ ମହାକାଶ ଯାନ ଅବତରଣ କରାଇବା କାଠିକର ପାଠ, ଯାହା ନାସା ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

ଆର୍ଟେମିସ୍ ମିଶନରେ ଜଣେ ମହିଳା ଏବଂ ଜଣେ ପୁରୁଷଙ୍କୁ ଚନ୍ଦ୍ରକୁ ପଠାଯିବ। ଏଥିସହିତ ଚନ୍ଦ୍ରରେ ପ୍ରଥମ ଆବାସ ନିର୍ମାଣ କରାଯିବ। ୨୦୨୪ ପାଇଁ ଯଦିଓ ଦୀର୍ଘ ସମୟ ବାକି ରହିଛି ତଥାପି ଏବେଠାରୁ ନାସା ଲ୍ୟାଣ୍ଡିଂ ଅଞ୍ଚଳ ସ୍ଥିର କରିବା ଉପରେ ଜୋର୍ ଦେଉଛି। ଏକ ତଥ୍ୟ ଅନୁଯାୟୀ ଚନ୍ଦ୍ରର ଦକ୍ଷିଣ ପ୍ରାନ୍ତ ଲ୍ୟାଣ୍ଡିଂ ପାଇଁ ଆଦର୍ଶ ସ୍ଥାନ ଭାବେ ବିବେଚନା କରାଯାଏ। ତେବେ ଏଥିଲାଗି ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ। ନାସା ଉକ୍ତ ଅଞ୍ଚଳ ଉପରେ ପୁଙ୍ଖାନୁପୁଙ୍ଖ ପରୀକ୍ଷାନିରୀକ୍ଷା କରୁଛି। ଲ୍ୟାଣ୍ଡିଂ ପାଇଁ କେତେକ ଜରୁରୀ ଆବଶ୍ୟକତା ରହିଛି। ପ୍ରଥମତଃ ଉକ୍ତ ଅଞ୍ଚଳରେ ଦୀର୍ଘ ସମୟ ଯାଏ ପର୍ଯ୍ୟାପ୍ତ ସୂର୍ଯ୍ୟକିରଣ ପଡୁଥିବା ଆବଶ୍ୟକ, ଯାହା ମହାକାଶ ଯାନରେ ଶକ୍ତି ସମସ୍ୟାର ସମାଧାନ କରିବ। ଦ୍ୱିତୀୟତଃ ସେହି ସ୍ଥାନରେ ତାପମାତ୍ରାର ସନ୍ତୁଳନ ରହୁଥିବ। ଅର୍ଥାତ୍ ତାପମାତ୍ରା ବେଶି ବଢୁ ନ ଥିବ କି କମୁ ନ ଥିବ। ଫଳରେ ଲ୍ୟାଣ୍ଡରର ଯାନ୍ତ୍ରିକ ଉପକରଣ କାମ କରିବାରେ ସମସ୍ୟା ଉପୁଜିବନି। ଆର୍ଟେମିସ ମିଶନ ଲାଗି ବରଫ ଏକ ଜରୁରୀ ଉପାଦାନ ବୋଲି କୁହାଯାଉଛି। ଚନ୍ଦ୍ରର ଦକ୍ଷିଣ ପ୍ରାନ୍ତରେ ଥିବା ଗଭୀର ଗର୍ତ୍ତରୁ ଏହା ମିଳିପାରିବ। ସେହିପରି ପୃଷ୍ଠଦେଶରେ ସହଜରେ ସୌରଶକ୍ତି ଉପଲବ୍ଧ ହୋଇପାରିବ ବୋଲି ବୈଜ୍ଞାନିକମାନେ ବିଚାର କରୁଛନ୍ତି। ଇତିମଧ୍ୟରେ ବୈଜ୍ଞାନିକମାନେ ଏକ ଭର୍ଚୁଆଲ ରିଆଲିଟି ଟୁର୍ ବିକଶିତ କରିଛନ୍ତି। ଏହାଦ୍ୱାରା ଅଭିଯାନର ବାସ୍ତବତା, ମହାକାଶ ଯାତ୍ରୀମାନେ କିଭଳି ବାତାବରଣ ସହ ଖାପଖୁଆଇ ପାରିବେ ସେ ସମ୍ପର୍କରେ ତୁଳନାତ୍ମକ ଧାରଣା ମିଳିପାରିବ।

ସେହିପରି ଲ୍ୟାଣ୍ଡିଂ ସ୍ଥଳ ଅପେକ୍ଷାକୃତ ସମତଳ ହେଲେ ଲ୍ୟାଣ୍ଡର ଠିକ୍ ଭାବେ ଅବତରଣ କରିପାରିବ। ତେବେ ଲ୍ୟାଣ୍ଡିଂ ସ୍ଥାନଟି ଗବେଷଣାର ପ୍ରମୁଖ ଅଞ୍ଚଳଠାରୁ ଦୂରରେ ରହିବା ଜରୁରୀ। ଫଳରେ ଲ୍ୟାଣ୍ଡର ଅବତରଣ ସମୟରେ ନିର୍ଗତ ଗ୍ୟାସ୍ ଦ୍ୱାରା ଆଖପାଖର ଭୂମି କ୍ଷତିଗ୍ରସ୍ତ ହେବନାହିଁ। ତା'ସହିତ ଆବଶ୍ୟକ ଉପକରଣ ପ୍ରମୁଖ ଗବେଷଣାସ୍ଥଳକୁ ନେବାଆଣିବାରେ ସହଜ ହେବ। ତେଣୁ ପ୍ରୟୋଗସ୍ଥଳ, ସୌର ପ୍ୟାନେଲ, ଆବାସ ନିର୍ମାଣ ସ୍ଥଳ ଆଦି ଅତିକମ୍‌ରେ ଗୋଟିଏ ମାଇଲ ବ୍ୟବଧାନରେ ରହିବା ଆବଶ୍ୟକ ବୋଲି ପ୍ରାରମ୍ଭିକ ଭାବେ ଆକଳନ କରାଯାଇଛି। ଏହାର ସମାଧାନ ଲାଗି ଚନ୍ଦ୍ରର ପାହାଡ଼ିଆ ଅଞ୍ଚଳ ନିକଟବର୍ତ୍ତୀ ସ୍ଥାନରେ ଲ୍ୟାଣ୍ଡିଂ କରାଯିବାକୁ ଯୋଜନା ଚାଲିଛି। ଏକ ବିଶେଷଜ୍ଞ ଦଳ ଏଭଳି ଏକ ସ୍ଥାନ ଖୋଜୁଛନ୍ତି।

# ଇନ୍ଦିରା ଗାନ୍ଧୀଙ୍କ ଭୂମିକାରେ କଙ୍ଗନା



**ମୁମ୍ବାଇ:** ରିଲିଜ ଅପେକ୍ଷାରେ ଥିବା ଚଳଚ୍ଚିତ୍ର 'ଥାଲାଇବି'ରେ ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜେ. ଜୟଲଳିଥାଙ୍କ ଚରିତ୍ରରେ ଅଭିନୟ କରିଥିବା ବଲିଉଡ ନାୟିକା କଙ୍ଗନା ରାନାୱତ ଆଉଜଣେ ରାଜନୀତିଜ୍ଞଙ୍କ ଭୂମିକାରେ ନଜର ଆସିବେ। ଏହା 'ଥାଲାଇବି' ପରି ବାୟୋପିକ ନୁହେଁ। ଏଥିରେ ଇନ୍ଦିରା ଗାନ୍ଧୀଙ୍କ ଚରିତ୍ରରେ ଅଭିନୟ କରିବାର ଯୋଜନା ରହିଥିବା କଙ୍ଗନା କହିଛନ୍ତି। ଏଥିପାଇଁ ସ୍କ୍ରିପ୍ଟ କାର୍ଯ୍ୟ ଖୁବ୍ ଶୀଘ୍ର ଶେଷ ହେବ। ଅବଶ୍ୟ ଏହା ଇନ୍ଦିରା ଗାନ୍ଧୀଙ୍କ ବାୟୋପିକ ନୁହେଁ। ବରଂ ଏହା ଏକ ଭବ୍ୟ ପିରିୟଡ ଫିଲ୍ମ। ଯାହା ବର୍ତ୍ତମାନର ପିଢିଙ୍କୁ ଦେଶରେ ଚାଲିଥିବା ସାମାଜିକ-ରାଜନୈତିକ ସ୍ଥିତି ସମ୍ପର୍କରେ ଭଲ ଭାବରେ ବୁଝାଇ ପାରିବ। ଏହି ଫିଲ୍ମରେ ଆହୁରି କେତେଜଣ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ। ତେବେ ଭାରତୀୟ ରାଜନୈତିକ ଇତିହାସରେ ସବୁଠାରୁ ଆଇକନିକ ଚରିତ୍ର ତାଙ୍କୁ ମିଳିଥିବାରୁ ସେ ଖୁବ ଉତ୍ସାହିତ ଅଛନ୍ତି। ସେ ଏଥିରେ ଅଭିନୟ ସହ ଏହାର ପ୍ରଯୋଜନା ଦାୟିତ୍ୱ ବି ସମ୍ଭାଳୁଛନ୍ତି। ଅବଶ୍ୟ ଏହି ଫିଲ୍ମ ଏକ ପୁସ୍ତକ ଉପରେ ଆଧାରିତ ହେବ। ଯେଉଁଥିରେ ଅପରେଶନ ବ୍ଲୁ ଷ୍ଟାର ଓ ଇନ୍ଦିରା ଗାନ୍ଧୀଙ୍କ ଶାସନ କାଳ ମଧ୍ୟରେ ଲଗା ଯାଇଥିବା ଇମରଜେନ୍ସିକୁ ବି ଗୁରୁତ୍ୱ ଦିଆଯିବ। ଏଥିରେ ଇନ୍ଦିରାଙ୍କ ସମେତ ରାଜୀବ ଗାନ୍ଧୀ, ସଞ୍ଜୟ ଗାନ୍ଧୀ, ମୋରାରଜୀ ଦେଶାଇ, ଲାଲ ବାହାଦୂର ଶାସ୍ତ୍ରୀଙ୍କ ଭଳି ବରିଷ୍ଠ ରାଜନେତାଙ୍କୁ ମଧ୍ୟ ଉପସ୍ଥାପନ କରାଯିବ ବୋଲି ଶୁଣିବାକୁ ମିଳୁଛି।

# ହାତରେ ମହୁମାଛି ବସା



**ନୂଆଦିଲ୍ଲୀ:** ମହୁମାଛିକୁ ଦେଖିଲେ ପ୍ରାୟ ସମସ୍ତେ ଭୟ କରନ୍ତି। କାହିଁକିନା ମହୁମାଛିର ଦଂଶନ ଅତ୍ୟନ୍ତ ଯନ୍ତ୍ରଣାଦାୟକ। ବେଳେବେଳେ ମହୁମାଛିର ଆକ୍ରମଣରେ ଜୀବନ ସଙ୍କଟାପନ୍ନ ବି ହୋଇଯାଏ। ହେଲେ ଏମିତି ବି କେତେଜଣ ଅଛନ୍ତି ଯେଉଁମାନେ ଶହ ଶହ ମହୁମାଛିଙ୍କୁ ନିଜ ଦେହରେ ବସାଇ ଅନେକ ସମୟ ରଖିପାରନ୍ତି। ଏଭଳି ଜଣେ ବ୍ୟକ୍ତିଙ୍କ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ଜଣେ ବ୍ୟକ୍ତି ତାଙ୍କ ହାତରେ ଶହ ଶହ ସଂଖ୍ୟାରେ ମହୁମାଛିଙ୍କୁ ବସାଇ ସବୁଆଡ଼େ ବୁଲୁଛନ୍ତି। ମହୁମାଛିମାନେ ନା ସେ ଯୁବକଙ୍କୁ ଆକ୍ରମଣ କରୁଛନ୍ତି ନା ତାଙ୍କୁ ଭୟ ଲାଗୁଛି। ଅସମ୍ଭବ ମନେହେଉଥିଲେ ବି ଏଭଳି ଏକ ଭିଜୁଆଲ ଏବେ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି। ସେଥିପାଇଁ ଭିଡିଓକୁ ଶେୟାର କରିବାର ମାତ୍ର ୧୬ ଘଣ୍ଟା ପରେ ଏହାକୁ ୧୦ ଲକ୍ଷ ୩୦ହଜାର ଲୋକ ଦେଖି ସାରିଛନ୍ତି। ଏହା ସହିତ ଭିଜୁଆଲକୁ ୭୭୦ ଥର ରିଟୁଇଟ୍ ବି କରାଯାଇଛି।

# ମୃତ୍ୟୁର ଅଭିନୟ



**ନୂଆଦିଲ୍ଲୀ:** କିଛି ସମୟ ପାଇଁ ମୃତ୍ୟୁ। ତା'ପରେ ପୁଣି ଥରେ ଆରମ୍ଭ ଜୀବନ। ଆଉ ଏଥର ଜୀବନର ଦ୍ୱିତୀୟ ପାଳିରେ ନୂଆ ଆଶା, ନୂଆ ଉନ୍ମାଦନାରେ ଜୀବନ ହେବ ମଧୁମୟ। ଏମିତି ଏକ ଆଶାରେ ଭବିଷ୍ୟତ ଜୀବନକୁ ସୁଖମୟ କରିବାକୁ କିଛି ସମୟ ପାଇଁ ମୃତ୍ୟୁକୁ ଆପଣାଇବାର ଅଭିନୟ କରିଥାନ୍ତି ଥାଇଲାଣ୍ଡର ଲୋକେ। ଲୋକଙ୍କର ଏଭଳି ଅଜବ ବିଶ୍ୱାସକୁ ନେଇ ସେଠାରେ ମୃତ୍ୟୁର ନାଟକ ଅଭିନୟ କରିବାର ସ୍ୱତନ୍ତ୍ର ପରମ୍ପରା ଦେଖିବାକୁ ମିଳିଥାଏ। ଏଥିପାଇଁ ଲୋକେ ମନ୍ଦିର ଯାଇ ସେଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରି ଏକ କଫିନ ଭିତରେ କିଛି ସମୟ ଶୋଇ ମୃତ ଭଳି ରହିଥାନ୍ତି। ପୂଜକ ସେହି କଫିନ ଭିତରେ ସେମାନଙ୍କର କିଛି ପୂଜା ଉପଚାର କରିବା ପରେ ଏହି ପରମ୍ପରା ଶେଷ ପର୍ଯ୍ୟାୟରେ ପହଞ୍ଚିଥାଏ। ଥାଇଲାଣ୍ଡରେ ଏଭଳି ଏକ ପରମ୍ପରା ପଛରେ ଲୋକଙ୍କର ବିଶ୍ୱାସ ରହିଛି କି ଏପରି କରିବା ଦ୍ୱାରା ସେମାନଙ୍କ ଭାଗ୍ୟ ବଦଳି ଯାଇଥାଏ। ପୁଣି ଥରେ ଏକ ନୂତନ ଜନ୍ମ ପାଇବା ଭଳି ସେମାନଙ୍କର ନୂଆ ତଥା ଉନ୍ନତ ଭାଗ୍ୟଫଳ ପ୍ରାପ୍ତ ହୋଇଥାଏ। ତେଣୁ କଫିନରୁ ବାହାରିବା ପରେ ସମସ୍ତେ ଏକ ନୂଆ ଜନ୍ମ ପାଇବା ଭଳି ମନେକରନ୍ତି ବୋଲି ନିଜ ନିଜ ଅନୁଭୂତିରୁ ପ୍ରକାଶ କରିଥାନ୍ତି। ଏହି ପରମ୍ପରା ଅନୁସାରେ ଶହ ଶହ ସଂଖ୍ୟାରେ ଲୋକେ ଏକାଠି ହୋଇ କଫିନ ଭିତରେ ପ୍ରବେଶ କରନ୍ତି। ଏବର୍ଷ କରୋନା ମହାମାରୀ ଯୋଗୁଁ ଲୋକଙ୍କ ମଧ୍ୟରେ ଏହି ବିଶ୍ୱାସ ଆହୁରି ଦୃଢ ହୋଇଥିବାରୁ ଅଧିକ ସଂଖ୍ୟାରେ ଲୋକେ ଏହି ପରମ୍ପରାରେ ନିଜକୁ ସାମିଲ କରାଇ ସେମାନଙ୍କ ପାଇଁ ନୂଆ ଭବିଷ୍ୟତ କାମନା କରିଛନ୍ତି।


**OFFICE OF THE SUPERINTENDING ENGINEER**
**RURAL WORKS CIRCLE, BALASORE**
**"e" Procurement Notice for Bridge Work**
No.O-991:- **Identification No.- Online Tender- Bridge N.C.B. No. 280**
**Letter No. 317 /WE Date 28.01.2021**

1. Name of the work :- Bridge works. 2. Total No. of work :- 01 No. (One). 3. Estimated Cost :- Rs.759.00lakhs (Approximately). 4. Eligible Class of Contractor : - 'Special' Class, & Super Class (of Odisha P.W.D.) or relevant Class of other licensing authorities (as per annexure). 5. Period of Completion :- 18 (Eighteen) Calendar months for the work.
6. Other details :-

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender in O/o S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical bid | Financial bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Balasore | NCB No.- 280 | 03.02.2021 at 11.00 A.M | 18.02.2021 Up to 5.00 P.M. | 17.02.2021 Up to 5.00 P.M. | 19.02.2021 at 11.00 A.M. | Will be intimated later |

Further details can be seen from the website:www.tendersodisha.gov.in

**Sd./- Er. P.K. Sahoo, Superintending Engineer, R.W. Circle, Balasore**
OIPR-25105/11/0015/2021



# ODISHA PUBLIC SERVICE COMMISSION CUTTACK

**NOTICE**

**No. 746/PSC Dt.29.1.21**
**(1E-20-2020-21) (DR-II)**

No. D-157: It is for information of all concerned that, on the basis of the Main written examination held from 03.11.2020 to 06.11.2020 for recruitment to the Posts of Civil Judges in Odisha Judicial Service, 2019, pursuant to the Advt. No. **12 of 2019-20, 129 (One hundred twenty nine)** candidates, bearing following Roll Numbers have been qualified for admission to the Viva Voce Test. The physical verification of original certificate, documents etc. in respect of above qualified candidates will be held in the Office of the Commission at 19, Dr. P.K. Parija Road, Cuttack - 753001 **from 08.02.2021 to 11.02.2021** as per the programme detailed below.

The candidates are required to come with hard copies of online application forms (indicating their Roll Nos. at the top right cornoer), three passport size photographs, self-attested copies of all relevant certificates, document etc. **with original of the same** as per **Para - 8** of the Advertisement and duly filled in **"Attestation Form" & "Bio-data Form"** (to be downloaded from the website of the Commission) and submit the same **in person** on the day of verification. It is also made clear that the candidature of these candidates for the recruitment is **purely provisional**. The candidature is liable to rejection in the event of inadequacy/deficiency found at any stage before or after the verification of original certificate/documents and is subject to fulfillment of terms and conditions laiddown in the advertisement.

The Viva Voce Test in respect of eligible candidates will be held **from 22.02.2021 onwards**. The detailed programme of Viva Voce Test will be published later on after completion of verification process in the website of the Commission.

## PROGRAMME OF VERIFICATION

| Date | Time of Verification | Roll Number of Candidates |
|---|---|---|
| 08.02.2021 | 10.30 A.M. to 12.00 Noon | 100078, 200008, 200038, 200045, 200113, 200115, 300021, 300044, 300084 & 300102 = **10 Candidates** |
| | 12.00 Noon to 1.30 P.M. | 300149, 300159, 300185, 300201, 300202, 300216, 300220, 300247, 300254 & 300299 = **10 Candidates** |
| | 2.30 P.M. to 4.30 P.M. | 300300, 300314, 300414, 300430, 300467, 300475, 300485, 300499, 300500, 300501, 300518, 300533, 300541, 300543 & 300550 = **15 Candidates** |
| 09.02.2021 | 10.30 A.M. to 12.00 Noon | 300564, 300592, 300617, 300653, 300751, 300769, 300779, 300788, 300802 & 300806 = **10 Candidates** |
| | 12.00 Noon to 1.30 P.M. | 300807, 300809, 300815, 300818, 300878, 300880, 300916, 300929, 300937 & 300976 = **10 Candidates** |
| | 2.30 P.M. to 4.30 P.M. | 301021, 301022, 301028, 301050, 301052, 301064, 301086, 301108, 301116, 301120, 301123, 301127, 301191, 301214, 301217 = **15 Candidates** |
| 10.02.2021 | 10.30 A.M. to 12.00 Noon | 301282, 301293, 301311, 400007, 400013, 400014, 400017, 400018, 400021 & 400026 = **10 Candidates** |
| | 12.00 Noon to 1.30 P.M. | 400066, 400194, 400207, 400208, 400211, 400227, 400231, 400233, 400235 & 400243 = **10 Candidates** |
| | 2.30 P.M. to 4.30 P.M. | 400319, 400334, 400336, 400345, 400359, 400384, 400388, 400391, 400426, 400436, 400464, 400471, 400561, 400566 & 400596 = **15 Candidates** |
| 11.02.2021 | 10.30 A.M. to 12.00 Noon | 400621, 400644, 400645, 400665, 400680, 400688, 400697, 400703, 400705, 400714, 400725 & 400742 = **12 Candidates** |
| | 12.00 Noon to 1.30 P.M. | 400752, 400783, 400791, 400802, 400833, 500055, 500081, 500121, 500162, 500173, 500176 & 500190 = **12 Candidates** |

**N.B.:** The candidates are advised to report at the office of the Commission one hour before the commencement of verification on their scheduled dates & time as mentioned against each.

**Sd./- Secretary**
OIPR-12002/11/0068/2021



# ଜଳ ସମ୍ପଦ ବିଭାଗ, ଓଡ଼ିଶା ସରକାର
# ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ଷୁଦ୍ର ଜଳସେଚନ ବିଭାଜନ, ସମ୍ବଲପୁର

**ବିଜ୍ଞପ୍ତି**

**ପତ୍ର ସଂଖ୍ୟା: ୧୨୯, ତାରିଖ: ୧୫।୦୧।୨୦୨୧**

No. VI-01: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, କେରାଣ୍ଡିଯୋର କ୍ଷୁଦ୍ର ଜଳସେଚନ ପ୍ରକଳ୍ପର କେରାଣ୍ଡିଯୋର ମୁଖ୍ୟ କେନାଲର ତଥା ଶାଖା କେନାଲର ସମ୍ପ୍ରସାରଣ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଅଛି। ଉକ୍ତ ଯୋଜନାରେ ସମ୍ବଲପୁର ଜିଲ୍ଲାର ମହୁଲମୁଣ୍ଡା, ହାତୀବାହାଲ, କାଙ୍କନପଡ଼ା ଏବଂ ଡିମିରିମୁଣ୍ଡା ଗ୍ରାମର ବେସରକାରୀ ଜମିର ଆବଶ୍ୟକତା ଅଛି। ଯାହାପାଇଁ ଜନ ଶୁଣାଣି ତା୧୩।୧୧।୨୦୨୦ରିଖରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ରାଜୀବ ଭବନ କେନ୍ଦ୍ର, ରେଢ଼ାଖୋଲ ପଞ୍ଚାୟତ ସମିତି, ରେଢ଼ାଖୋଲଠାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ଜମିର ମାଲିକାନା ତହସିଲଦାର, ରେଢ଼ାଖୋଲଙ୍କଠାରୁ ପ୍ରାପ୍ତ ହୋଇଅଛି। ଉକ୍ତ ଜମି ଗୁଡ଼ିକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡ଼ିଶା ସରକାରଙ୍କ ପତ୍ର ସଂଖ୍ୟା ୧୦୨୪୧ ତା୩୧।୦୩।୨୦୧୪ରିଖ ପ୍ରଦତ୍ତ ପ୍ରଣାଳୀ ଅନୁଯାୟୀ ଜଳ ସମ୍ପଦ ବିଭାଗ, ଓଡ଼ିଶା ସରକାରଙ୍କ ତରଫରୁ ନିର୍ବାହୀ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ସମ୍ବଲପୁରଙ୍କ ଦ୍ୱାରା ଜମି ମାଲିକଙ୍କଠାରୁ ସିଧା ସଳଖ କ୍ରୟ କରିବାକୁ ପଦକ୍ଷେପ ଗ୍ରହଣ କରାଯାଇଅଛି। ଏହି ବିଜ୍ଞପ୍ତି ଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଯଦି କାହାର ଜମି ମାଲିକାନା ଉପରେ ଆପତ୍ତି କିମ୍ବା ଅଭିଯୋଗ ଥାଏ, ତେବେ ୫ (ପାଞ୍ଚ ଦିନ ମଧ୍ୟରେ) ବିଜ୍ଞପ୍ତି ପ୍ରକାଶନ ତାରିଖଠାରୁ ନିମ୍ନଲିଖିତ ଠିକଣାରେ ଜଣାଇ ପାରିବେ।

୧) ନିର୍ବାହୀ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟ, ସମ୍ବଲପୁର
୨) ସହକାରୀ ନିର୍ବାହୀ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ଉପ-ବିଭାଜନଙ୍କ କାର୍ଯ୍ୟାଳୟ, ରେଢ଼ାଖୋଲ।

**ବେସରକାରୀ ଜମି ସମ୍ବନ୍ଧୀୟ ବିବରଣୀ**
**ମୌଜା: ମହୁଲମୁଣ୍ଡା, ଥାନା/ତହସିଲ: ରେଢ଼ାଖୋଲ, ଜିଲ୍ଲା: ସମ୍ବଲପୁର**

| କ୍ରମିକ ସଂଖ୍ୟା | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ରଜାଙ୍କ ନାମ, ବାସସ୍ଥାନ, ଠିକଣା | ପ୍ଲଟର ମୋଟ ରକବା (ଏକରରେ) | ପ୍ରକଳ୍ପ ପାଇଁ ଆବଶ୍ୟକ ରକବା (ଏକରରେ) |
|---|---|---|---|---|---|---|
| ୧ | ୭ | ୮୬୪ | ଆ.ସା. | ଗଣେଶ ମୁଣ୍ଡା, କାର୍ତ୍ତିକ ମୁଣ୍ଡା, ଗୌରୀ ମୁଣ୍ଡା, ସହରୀ ମୁଣ୍ଡା, ସାବିତ୍ରୀ ମୁଣ୍ଡା, ପି.- ବେଢ଼ା ମୁଣ୍ଡା, ସମାରୀ ମୁଣ୍ଡା, ସ୍ୱା.- ବେଢ଼ା ମୁଣ୍ଡା, ଲଧୋ ମୁଣ୍ଡା, ନାଥ ମୁଣ୍ଡା, ପି.- ବୁଟି ମୁଣ୍ଡା, ଜାତି: ମୁଣ୍ଡା, ବାସ: ନିଜଗାଁ | ୦.୬୦ | ୦.୨୧ |
| | | ୮୭୭ | ଆ.ସା. | | ୦.୬୮ | ୦.୦୫ |
| | | ୮୮୦ | ଆ.ସା. | | ୯.୬୩ | ୦.୪୨ |
| ୨ | ୧୬ | ୮୭୫ | ଆ.ସା. | ଧର୍ମୁ ସାହୁ, ପି.- ଅନାମ, ଜା: ତେଲି, ବା: ନିଜଗାଁ | ୦.୧୭ | ୦.୦୫ |
| ୩ | ୨୮ | ୮୬୩ | ଆ.ସା. | ସୁରେନ୍ଦ୍ର ସାହୁ, ପୁରନ୍ଦର ସାହୁ, ପି.- ଶଙ୍କାଳି ସାହୁ, ପ୍ରାଣକୃଷ୍ଣ, ପି.- ସନାତନ ସାହୁ, ଧୋବଣୀ, ସ୍ୱା.- ସନାତନ ସାହୁ, କଷ୍ଟ ସାହୁ, ଦୁଃଖୁ ସାହୁ, ମହାଦେଇ ସାହୁ, ପି.- ସପ୍ନ ସାହୁ, ସାଧବାଣୀ ସାହୁ, ସ୍ୱା.- ସପ୍ନ ସାହୁ, ଭୋଳାନାଥ ସାହୁ, ଭାନୁ ସାହୁ, ହୀରା ସାହୁ, ପି.- ସାହେବ ସାହୁ, ଜା: ଚଷା, ବା: ନିଜଗାଁ | ୩.୩୮ | ୦.୧୦ |

**ବେସରକାରୀ ଜମି ସମ୍ବନ୍ଧୀୟ ବିବରଣୀ**
**ମୌଜା: ହାତୀବାହାଲ, ଥାନା/ତହସିଲ: ରେଢ଼ାଖୋଲ, ଜିଲ୍ଲା: ସମ୍ବଲପୁର**

| କ୍ରମିକ ସଂଖ୍ୟା | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ରଜାଙ୍କ ନାମ, ବାସସ୍ଥାନ, ଠିକଣା | ପ୍ଲଟର ମୋଟ ରକବା (ଏକରରେ) | ପ୍ରକଳ୍ପ ପାଇଁ ଆବଶ୍ୟକ ରକବା (ଏକରରେ) |
|---|---|---|---|---|---|---|
| ୧ | ୧୨ | ୧୭୬ | ଆ.ସା. | ଦାମୋଦର ପ୍ରଧାନ, ଚେରୁ ପ୍ରଧାନ, ବାସୁ ପ୍ରଧାନ, ସପ୍ନେଶ୍ୱର, ପି.- ଖମଣିଆ ପ୍ରଧାନ, ଜା: ଚଷା, ବା: ନିଜଗାଁ | ୩.୨୯ | ୦.୩୬ |
| ୨ | ୧୪ | ୨୧୪ | ଆ.ସା. | ପଦୁ ସାହୁ, ପି.- ରେଞ୍ଚା ସାହୁ, ଜା: ଚଷା, ବା: ନିଜଗାଁ | ୦.୨୫ | ୦.୦୪ |
| ୩ | ୧୫ | ୨୧୩ | ଆ.ସା. | ପ୍ରସାଦି ପ୍ରଧାନ, ପି.- ସାଧୁ ପ୍ରଧାନ, ଜା: ଚଷା, ବା: ନିଜଗାଁ | ୦.୦୪ | ୦.୦୪ |

**ବେସରକାରୀ ଜମି ସମ୍ବନ୍ଧୀୟ ବିବରଣୀ**
**ମୌଜା: କାଙ୍କନପଡ଼ା, ଥାନା/ତହସିଲ: ରେଢ଼ାଖୋଲ, ଜିଲ୍ଲା: ସମ୍ବଲପୁର**

| କ୍ରମିକ ସଂଖ୍ୟା | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ରଜାଙ୍କ ନାମ, ବାସସ୍ଥାନ, ଠିକଣା | ପ୍ଲଟର ମୋଟ ରକବା (ଏକରରେ) | ପ୍ରକଳ୍ପ ପାଇଁ ଆବଶ୍ୟକ ରକବା (ଏକରରେ) |
|---|---|---|---|---|---|---|
| ୧ | ୮ | ୬୦୦ (ପି.) | ଆ.ସା. | କନ୍ହେଇ ପ୍ରଧାନ, ପି.- ଦାମୋଦର ପ୍ରଧାନ, ଜା: ଚଷା, ବା: ନିଜଗାଁ | ୦.୩୩ | ୦.୧୦ |
| ୨ | ୧୦ | ୫୨୩ (ପି.) | ଆ.ସା. | କୁମାରୀ ପ୍ରଧାନ, ସ୍ୱା.- କୃଷ୍ଣଚନ୍ଦ୍ର ପ୍ରଧାନ, ଜା: ଚଷା, ବା: ନିଜଗାଁ | ୦.୭୨ | ୦.୦୭ |
| ୩ | ୧୨ | ୬୨୮ (ପି.) | ଆ.ସା. | ଖଗେଶ୍ୱର ସ୍ୱାଇଁ, ପି.- ମହାଦେବ ସ୍ୱାଇଁ, ଜହ୍ନ ସ୍ୱାଇଁ, ସ୍ୱା.- ମହାଦେବ ସ୍ୱାଇଁ, ଜା: ଚଷା, ବା: ନିଜଗାଁ | ୦.୧୨ | ୦.୦୩ |
| | | ୬୪୪ (ପି.) | ଆ.ସା. | | ୦.୦୭ | ୦.୦୩ |
| | | ୬୪୬ (ପି.) | ଆ.ସା. | | ୦.୧୭ | ୦.୧୧ |
| ୪ | ୧୩ | ୬୪୭ (ପି.) | ମା.ସା. | ଗୋକୁଳ ଚନ୍ଦ୍ର ପ୍ରଧାନ, କପିଳ ପ୍ରଧାନ, ଛବିଳ ପ୍ରଧାନ, ପି.- ନୃସିଂହ ପ୍ରଧାନ, ଦୁଲଣା ପ୍ରଧାନ, ସ୍ୱା.- ନୃସିଂହ ପ୍ରଧାନ, ଜା: ଚଷା, ବା: ନିଜଗାଁ | ୦.୧୯ | ୦.୦୩ |
| | | ୭୭୭ (ପି.) | ଆ.ସା. | | ୦.୧୯ | ୦.୦୭ |
| ୫ | ୧୬ | ୮୨୧ (ପି.) | ଆ.ସା. | ଗୌର ପ୍ରଧାନ, ଦ୍ୱାରୁ ପ୍ରଧାନ, ବୈଶାଖ ପ୍ରଧାନ, ଦୁଲଣା ପ୍ରଧାନ, ପି.- ପିତାମ୍ବର ପ୍ରଧାନ, ଜା: ଚଷା, ବା: ନିଜଗାଁ | ୦.୬୩ | ୦.୧୦ |
| ୬ | ୨୮ | ୮୨୨ (ପି.) | ଆ.ସା. | ଦୟାନିଧି ପ୍ରଧାନ, ପି.- ରାମଚନ୍ଦ୍ର ପ୍ରଧାନ, ଜା: ଚଷା, ବା: ନିଜଗାଁ | ୦.୧୩ | ୦.୦୨ |
| ୭ | ୩୪ | ୮୧୪ (ପି.) | ଆ.ସା. | ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପି.- ରତ୍ନାକର ପ୍ରଧାନ, ଜା: ଚଷା, ବା: ନିଜଗାଁ | ୦.୦୮ | ୦.୦୨ |
| | | ୮୨୬ (ପି.) | ଆ.ସା. | | ୦.୩୦ | ୦.୦୫ |
| | | ୮୨୭ (ପି.) | ଆ.ସା. | | ୦.୧୩ | ୦.୦୬ |
| | | ୮୨୮ (ପି.) | ଆ.ସା. | | ୦.୧୩ | ୦.୦୨ |
| ୮ | ୩୭ | ୮୧୫ (ପି.) | ମା.ସା. | ବୃଷଭ ସ୍ୱାଇଁ, ପି.- ମନବୋଧ ସ୍ୱାଇଁ, ଜା: ଚଷା, ବା: ନିଜଗାଁ | ୦.୨୮ | ୦.୦୭ |
| ୯ | ୪୧ | ୫୧୬ (ପି.) | ମା.ସା. | ମୋହନ ସେଠୀ, ପି.- ପିତବାସ ସେଠୀ, ଜା: ଧୋବା, ବା: ନିଜଗାଁ | ୦.୬୫ | ୦.୧୨ |
| | | ୫୧୭ (ପି.) | ଆ.ସା. | | ୦.୯୫ | ୦.୧୫ |
| ୧୦ | ୫୧ | ୩୩୯ (ପି.) | ଆ.ସା. | ହର ସ୍ୱାଇଁ, ପି.- ଝାରୁ ସ୍ୱାଇଁ, ଜା: ଚଷା, ବା: ନିଜଗାଁ | ୪.୮୦ | ୦.୪୪ |
| | | ୧୧୦୮ (ପି.) | ଆ.ସା. | | ୦.୪୬ | ୦.୧୨ |
| ୧୧ | ୫୫ | ୬୪୫ (ପି.) | ଆ.ସା. | ମଥୁରା ସ୍ୱାଇଁ, ସ୍ୱା.- ଅଲେଖ ସ୍ୱାଇଁ, ଜା: ଚଷା, ବା: ନିଜଗାଁ | ୦.୧୦ | ୦.୦୧ |
| | ୧୧ | ୬୪୮ (ପି.) | ମା.ସା. | | ୦.୧୨ | ୦.୦୭ |
| | | ୭୫୫ (ପି.) | ଆ.ସା. | | ୦.୨୬ | ୦.୦୧ |
| | | ୭୭୮ (ପି.) | ଆ.ସା. | | ୦.୧୬ | ୦.୦୬ |
| ୧୨ | ୫୫/୧୨ | ୭୯୫ (ପି.) | ଆ.ସା. | ବିଦ୍ୟାଧର ରାଉଳ, ପି.- ହୃଷିକେଶ ରାଉଳ, ଜା: ଚଷା, ବା: ନିଜଗାଁ | ୦.୧୯ | ୦.୦୯ |
| ୧୩ | ୫୫/୨୫ | ୭୭୬ (ପି.) | ଆ.ସା. | କପିଳେଶ୍ୱର ପ୍ରଧାନ, ପି.- ନୃସିଂହ ପ୍ରଧାନ, ଜା: ଚଷା, ବା: ନିଜଗାଁ | ୦.୧୧ | ୦.୦୫ |

**ବେସରକାରୀ ଜମି ସମ୍ବନ୍ଧୀୟ ବିବରଣୀ**
**ମୌଜା: ଡିମିରିମୁଣ୍ଡା, ଥାନା/ତହସିଲ: ରେଢ଼ାଖୋଲ, ଜିଲ୍ଲା: ସମ୍ବଲପୁର**

| କ୍ରମିକ ସଂଖ୍ୟା | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ରଜାଙ୍କ ନାମ, ବାସସ୍ଥାନ, ଠିକଣା | ପ୍ଲଟର ମୋଟ ରକବା (ଏକରରେ) | ପ୍ରକଳ୍ପ ପାଇଁ ଆବଶ୍ୟକ ରକବା (ଏକରରେ) |
|---|---|---|---|---|---|---|
| ୧ | ୫୦/୩୯ | ୪୪୩/୧୪୨୨ | ଆ.ସା. | ସୌରୀ ପ୍ରଧାନ, ସ୍ୱା.- ଅବଧୂତ ପ୍ରଧାନ, ଜା: ଚଷା, ବା: ନିଜଗାଁ | ୧.୦୦ | ୦.୨୭ |

ସ୍ୱା./- ନିର୍ବାହୀ ଯନ୍ତ୍ରୀ
କ୍ଷୁଦ୍ର ଜଳସେଚନ ବିଭାଜନ, ସମ୍ବଲପୁର
**OIPR-32036/14/0002/2021**

## ୩ ଆତଙ୍କବାଦୀ ନିହତ

ଜମ୍ମୁ-କଶ୍ମୀରର ଅବନ୍ତିପୋରା ଅନ୍ତର୍ଗତ ତ୍ରାଲ ଅଞ୍ଚଳରେ ସୁରକ୍ଷା ବଳ ସହ ଗୁଳି ବିନିମୟ ବେଳେ ୩ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ତ୍ରାଲର ମନ୍ଦୁରା ଠାରେ ପୋଲିସ ଓ ସୁରକ୍ଷା ବଳ ପକ୍ଷରୁ ମିଳିତ ଅଭିଯାନ ଚାଲିଥିବାବେଳେ ଆତଙ୍କବାଦୀମାନେ ଗୁଳି ଚଳାଇବାରୁ ଏନ୍‌କାଉଣ୍ଟର ହୋଇଥିଲା ବୋଲି ପୋଲିସ କହିଛି।

## ସଂକ୍ଷେପରେ

### ୟୁପିରେ ଟିକା ନେଇ ଜଣେ ମୃତ

**ପିଲ୍‌ଭିଟ୍, ୨୯।୧(ପି.ଟି.):** ଉତ୍ତରପ୍ରଦେଶର ପିଲ୍‌ଭିଟ୍ ଜିଲା ଅନ୍ତର୍ଗତ ଉମାରିଆ ସହରରେ ଜଣେ ୫୫ ବର୍ଷୀୟ ବ୍ୟକ୍ତିଙ୍କ ଟିକା ନେବାର ଅଳ୍ପ କେତେ ଘଣ୍ଟା ପରେ ମୃତ୍ୟୁ ହୋଇଛି। ତେବେ ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡିଛି ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଉତ୍ତରପ୍ରଦେଶରେ ଟିକା ନେବା ପରେ ପ୍ରାଣ ହରାଇବା ଏହା ଦ୍ୱିତୀୟ ଘଟଣା। ଶିଶୁ କଲ୍ୟାଣ ଓ ପୋଷଣ ବିଭାଗର ଚତୁର୍ଥ ଶ୍ରେଣୀ କର୍ମଚାରୀ ପ୍ରତାପ ରାମ ଗୁରୁବାର ସକାଳେ କୋଭିଡ୍ ଟିକା ନେବା ପରେ ଅସୁସ୍ଥ ହୋଇ ପଡ଼ିଥିଲେ। ସନ୍ଧ୍ୟାରେ ହସ୍ପିଟାଲ ନେବା ପୂର୍ବରୁ ତାଙ୍କର ମୃତ୍ୟୁ ଘଟିଥିଲା।

### ପଶ୍ଚିମବଙ୍ଗ ବିଧାନସଭାରୁ ରାଜୀବ ବାନାର୍ଜୀଙ୍କ ଇସ୍ତଫା



**କୋଲକାତା, ୨୯।୧ (ଆଇଏଏନ୍‌ଏସ୍):** ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଦୁଇଦିନିଆ କୋଲକାତା ଗସ୍ତ ପୂର୍ବରୁ ତୃଣମୂଳ କଂଗ୍ରେସ ବିଧାୟକ ରାଜୀବ ବାନାର୍ଜୀ ପଶ୍ଚିମବଙ୍ଗ ବିଧାନସଭାରୁ ଇସ୍ତଫା ଦେଇଛନ୍ତି। ୨୨ ତାରିଖରେ ସେ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଥିଲେ। ହାଓଡା ଡୋମଜୁର୍ ଆସନରୁ ବିଧାୟକ ଥିବା ରାଜୀବ ଶୁକ୍ରବାର ବାଚସ୍ପତି ବିମାନ ବାନାର୍ଜୀଙ୍କୁ ଭେଟି ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ୩୧ ତାରିଖରେ ଡୁମୁରଜଳା ଷ୍ଟାଡିୟମ ପଡ଼ିଆରେ ଶାହାଙ୍କ ରାଲି ବେଳେ ରାଜୀବ ଭାଜପାରେ ଯୋଗଦେବା ନେଇ ଚର୍ଚ୍ଚା ହେଉଛି।

### ୟୁପିଏସ୍‌ସି ଆଶାୟୀଙ୍କୁ ଆଉ ଏକ ସୁଯୋଗ ଦିଆଯାଉ




ନୂଆଦିଲ୍ଲୀ, ୨୯।୧(ଆଇଏଏନ୍‌ଏସ୍) କେନ୍ଦ୍ର ଲୋକସେବା ଆୟୋଗ (ୟୁପିଏସ୍‌ସି) ଆଶାୟୀଙ୍କୁ ପୂର୍ବରୁ ଅନେକ ସୁଯୋଗ ଦିଆଯାଇଥିବାବେଳେ ଆଉ ଗୋଟିଏ ଥର ସୁଯୋଗ ଦେବା ସମ୍ଭବ ନୁହେଁ କାହିଁକି ବୋଲି ସୁପ୍ରିମକୋର୍ଟ ଶୁକ୍ରବାର କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଗୋଟିଏ ଥର ସୁଯୋଗ ଦେଲେ କେତେ ପ୍ରାର୍ଥୀ ପରୀକ୍ଷାକୁ ଆସିବେ ବୋଲି ଜଷ୍ଟିସ୍ ଏ.ଏମ୍. ଖାନୱିଲ୍‌କରଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ଅତିରିକ୍ତ ସଲିସିଟର ଜେନେରାଲ ଏସ୍.ଭି. ରାଜୁଙ୍କୁ ପ୍ରଶ୍ନ କରିଥିଲେ। ଅଦାଲତ ସିଭିଲ୍ ସର୍ଭିସ ପରୀକ୍ଷା ଲାଗି ପ୍ରାର୍ଥୀଙ୍କ ବୟସସୀମା ବଢ଼ାଇବାକୁ କହୁନାହାନ୍ତି, ତେବେ ଯେଉଁ ପ୍ରାର୍ଥୀମାନଙ୍କର ସବୁ ଉଦ୍ୟମ ଶେଷ ହୋଇଛି, ସେମାନଙ୍କ ପାଇଁ କିପରି ଆଉ ଥରେ କୋହଳ ହୋଇପାରିବ, ତାହା ବାହାର କରିବା ପାଇଁ ଖଣ୍ଡପୀଠ କହିଥିଲେ।

## ମୁହାଁମୁହିଁ ହେଲେ ବିପର୍ଯ୍ୟୟ



ଜାତିସଂଘ,୨୯।୧

ଭାରତ ଓ ପାକିସ୍ତାନ ଟେବୁଲକୁ ଆସି ନିଜ ନିଜ ସମସ୍ୟା ନେଇ ଆଲୋଚନା କରନ୍ତୁ। ଏହା ଦୁଇ ପଡ଼ୋଶୀ ପାଇଁ ଅତ୍ୟନ୍ତ ଜରୁରୀ ବୋଲି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ କହିଛନ୍ତି। ଦୁଇଦେଶ ସାମରିକ କ୍ଷେତ୍ରରେ ମୁହାଁମୁହିଁ ହେଲେ କେବଳ ଭାରତ ଓ ପାକିସ୍ତାନ ପାଇଁ ନୁହେଁ, ବରଂ ସାରା ବିଶ୍ୱ ଲାଗି ବହୁ ବିପର୍ଯ୍ୟୟ ସୃଷ୍ଟି ହେବ ବୋଲି ସେ ସତର୍କ କରାଇଛନ୍ତି।



## ସୁଯୋଗ ହାତଛଡ଼ା କରନାହିଁ

**ଇସ୍‌ଲାମାବାଦ,୨୯।୧:** ପାକିସ୍ତାନରେ ମୃତ୍ୟୁ ଦଣ୍ଡାଦେଶ ପାଇଥିବା ଭାରତୀୟ ନୌସେନାର ଅବସରପ୍ରାପ୍ତ ଅଧିକାରୀ କୁଲଭୂଷଣ ଯାଦବଙ୍କ ପାଇଁ ଦୂତାବାସ ଜରିଆରେ ଆଇନଗତ ସହାୟତା ଲାଗି ଦିଆଯାଇଥିବା ସୁଯୋଗକୁ ଭାରତ ଉପଯୋଗ କରିବା ଉଚିତ ବୋଲି ଇସ୍‌ଲାମାବାଦ କହିଛି। ଅନ୍ତର୍ଜାତୀୟ ଅଦାଲତ (ଆଇସିଜେ) ରାୟକୁ କାର୍ଯ୍ୟକାରୀ କରିବାରେ ନୂଆଦିଲ୍ଲୀ ସହଯୋଗ କରିବାକୁ ପାକିସ୍ତାନ କହିଛି।

## ଜୁଲାଇ ୧୬ରେ କେଜିଏଫ୍ ୨

**ବେଙ୍ଗାଲୁରୁ,୨୯।୧:** ସାଉଥ୍ ଷ୍ଟାର ୟଶଙ୍କ ଅଭିନୀତ କେଜିଏଫ୍ ଚ୍ୟାପ୍ଟର ୨ ଜୁଲାଇ ୧୬ରେ ମୁକ୍ତିଲାଭ କରିବ। କେଜିଏଫ୍ ୨ର ରିଲିଜ୍ ଡେଟ୍ ସମ୍ପର୍କରେ ଏହାର ପ୍ରଯୋଜକ ସଂସ୍ଥା ଶୁକ୍ରବାର ଘୋଷଣା କରିଛନ୍ତି। ପ୍ରଶାନ୍ତ ନୀଲଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ସଞ୍ଜୟ ଦତ୍ତ, ପ୍ରକାଶ ରାଜ ଓ ରବିନା ଟଣ୍ଡନଙ୍କୁ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ମୂଳ କନ୍ନଡ଼ ଫିଲ୍ମ ସହ ଏକକାଳୀନ ତାମିଲ, ତେଲୁଗୁ, ମାଲୟାଲମ୍ ଓ ହିନ୍ଦୀରେ ଏହା ମୁକ୍ତିଲାଭ କରିବାକୁ ଥିବାରୁ କେଜିଏଫ୍ ୨କୁ ବହୁ ସିନେପ୍ରେମୀ ଅପେକ୍ଷା କରିଛନ୍ତି।



# ସୀମାରେ ସଂଘର୍ଷ

**ପୂର୍ବରୁ ସୀମା କହିଲେ କେବଳ ଜମ୍ମୁ-କଶ୍ମୀର ସଂଲଗ୍ନ ନିୟନ୍ତ୍ରଣରେଖା ଓ ଉତ୍ତର ପୂର୍ବକୁ ଲାଗି ରହିଥିବା ଚାଇନା ସୀମାକୁ ବୁଝାଉଥିଲା। ହେଲେ ଦୁଇମାସ ହେବ ଚର୍ଚ୍ଚାରେ ରହିଛି ଭିନ୍ନ ଏକ ସୀମା। ତାହା ହେଉଛି ଦେଶ ଭିତରର ବର୍ଡର। କେନ୍ଦ୍ର ସରକାରଙ୍କ ୩ କୃଷି ଆଇନ ବିରୋଧରେ କୃଷକ ସଙ୍ଗଠନଗୁଡ଼ିକ ପକ୍ଷରୁ ଚାଲିଥିବା ଆନ୍ଦୋଳନ ପରିପ୍ରେକ୍ଷୀରେ ଦିଲ୍ଲୀ ସଂଲଗ୍ନ ସିଙ୍ଘୁ, ଟିକ୍ରି ଓ ଗାଜିପୁର ସୀମା ପ୍ରତ୍ୟହ ଖବରର ଶିରୋନାମା ସାଉଁଟୁଛି। ବିଶେଷକରି ସାଧାରଣତନ୍ତ୍ର ଦିବସର ଟ୍ରାକ୍ଟର ରାଲି ହିଂସା ଓ ଉପଦ୍ରବ ଜାତୀୟ ରାଜଧାନୀର ସୀମାକୁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ୩ ଦିନ ଧରି ଏଠାରେ ଛକାପଞ୍ଝା ସ୍ଥିତି ଲାଗିରହିଛି ।**



ସିଙ୍ଘୁ ସୀମାରେ ଚାଷୀଙ୍କ ଉପରକୁ ଟେକାମାଡ଼ କରୁଛନ୍ତି ନିଜକୁ ସ୍ଥାନୀୟ ବୋଲାଉଥିବା ଜଣେ ବ୍ୟକ୍ତି।

ନୂଆଦିଲ୍ଲୀ,୨୯।୧

- ଦିଲ୍ଲୀରୁ ଆସିଛି ଅର୍ଡର, ଖାଲି କର ବର୍ଡର: ସିଙ୍ଘୁବାସୀ
- ଟିକ୍ରି ସୀମାରେ ଉତ୍ତେଜନାପୂର୍ଣ୍ଣ ସ୍ଥିତି
- ଚାଷୀଙ୍କୁ ଟାଣି ଆଣିଲା ରାକେଶଙ୍କ ଲୁହ
- ଗାଜିପୁର ସୀମାରେ ଫୋରେନ୍‌ସିକ୍ ଟିମ୍

ଗୁରୁବାର ମଧ୍ୟରାତ୍ରି ସୁଦ୍ଧା ସୀମା ଛାଡ଼ିବାକୁ ପୋଲିସ ପ୍ରଶାସନର ନିର୍ଦ୍ଦେଶ ପରେ ୩ ବର୍ଡର ଖାଁ ଖାଁ ଲାଗୁଥିଲା। ତେବେ ଶୁକ୍ରବାର ସକାଳେ ଆନ୍ଦୋଳନକାରୀ ନିଜ ନିଜ ଧାରଣାସ୍ଥଳକୁ ପୁଣି ଫେରିଥିଲେ। ଏହାକୁ ଦେଖି ସିଙ୍ଘୁବାସୀ 'ଦିଲ୍ଲୀ ସେ ଆୟା ଅର୍ଡର, ଖାଲି କରୋ ବର୍ଡର' ସ୍ଲୋଗାନ ଦେଇ ଆନ୍ଦୋଳନକାରୀଙ୍କୁ ଘଉଡ଼ାଇବାକୁ ଉଦ୍ୟମ କରିଛନ୍ତି। ଫଳରେ ସ୍ଥାନୀୟ ଲୋକ ଓ କୃଷକଙ୍କ ମଧ୍ୟରେ ସଂଘର୍ଷ ହୋଇଛି। ପୋଲିସ ଲୁହବୁହା ବାଷ୍ପ ଓ ବଳ ପ୍ରୟୋଗ କରିଛି। ଲାଠିମାଡ଼ରେ ଅନେକ ଚାଷୀ ଆହତ ହୋଇଛନ୍ତି। ଟିକ୍ରି ବର୍ଡରରେ ମଧ୍ୟ ଅନୁରୂପ ଉତ୍ତେଜନାପୂର୍ଣ୍ଣ ସ୍ଥିତି ଦେଖିବାକୁ ମିଳିଛି। ତୁରନ୍ତ ସ୍ଥାନ ଛାଡ଼ି ଚାଲିଯିବା ପାଇଁ ବ୍ୟାପକ ସୁରକ୍ଷା କର୍ମୀଙ୍କ ଉପସ୍ଥିତିରେ ଦାବି କରିଛନ୍ତି ସ୍ଥାନୀୟ ଲୋକେ। ସବୁଠୁ ଅଧିକ ଚର୍ଚ୍ଚାରେ ରହିଛି ଉତ୍ତରପ୍ରଦେଶର ଗାଜିପୁର ସୀମା, ଯେଉଁଠି ଟର୍ନିଂ ପଏଣ୍ଟ ସାବ୍ୟସ୍ତ ହୋଇଛି ଭାରତୀୟ କିଷାନ ୟୁନିୟନ୍ (ବିକେୟୁ) ମୁଖପାତ୍ର ରାକେଶ ଟିକାଏତ୍‌ଙ୍କ ଆଖିରୁ ଝରିଥିବା ଲୁହ। ଗାଜିଆବାଦ ଜିଲା ପ୍ରଶାସନ ପକ୍ଷରୁ ପାଣି, ବିଦ୍ୟୁତ୍ ଯୋଗାଣ ବନ୍ଦ କରାଯିବା ପରେ ରାତିରେ ଆନ୍ଦୋଳନକାରୀ ଘରମୁହାଁ ହୋଇଥିଲେ। ହେଲେ ମରିଯିବି ପଛେ ପଛଘୁଞ୍ଚା ଦେବି ନାହିଁ ବୋଲି ଦମ୍ଭ ଦେଖାଇ ଗାଁରୁ ପାଣି ଆସିଲେ ପିଇବି କହି କୃଷକ ନେତା ଟିକାଏତ୍ କାନ୍ଦି କାନ୍ଦି ଇମୋଶନାଲ କାର୍ଡ ଖେଳିବା ପରେ ଅସ୍ୱାଭାବିକ ଭାବେ ଭିଡ଼ ଦେଖିବାକୁ ମିଳିଛି। ଦିନ ତମାମ ନେତାଙ୍କ ଆଗମନ ଯୋଗୁ ଆନ୍ଦୋଳନର କେନ୍ଦ୍ରସ୍ଥଳ ସିଙ୍ଘୁ ସୀମାରୁ ଗାଜିପୁର ବର୍ଡରକୁ ସ୍ଥାନାନ୍ତର ହୋଇଛି। ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ୍ ସିସୋଡିଆ ମଧ୍ୟ ରାକେଶ ଟିକାଏତ୍‌ଙ୍କୁ ଭେଟିଥିଲେ। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରାକେଶଙ୍କ ସହ ଫୋନ୍‌ରେ କଥା ହୋଇଥିବା ସେ ସୂଚନା ଦେଇଥିଲେ। ପ୍ରଶାସନ ପକ୍ଷରୁ ଜଳ ଯୋଗାଣ ବନ୍ଦ କରାଯାଇଥିବାରୁ ଆମେ ପାଣି ବ୍ୟବସ୍ଥା କରିଛୁ ବୋଲି ସିସୋଡିଆ କହିଥିଲେ। ସେହିପରି ମୁଜାଫରନଗରରେ ରାଷ୍ଟ୍ରୀୟ ଲୋକ ଦଳ (ଆର୍‌ଏଲ୍‌ଡି) ମୁଖ୍ୟ ଅଜିତ୍ ସିଂ ବିକେୟୁକୁ ସମର୍ଥନ ଘୋଷଣା କରିଥିଲେ। ତାଙ୍କ ପୁଅ ଜୟନ୍ତ ଚୌଧରୀ ମଧ୍ୟ ମହାପଞ୍ଚାୟତରେ ସାମିଲ ହୋଇଥିଲେ। ଇତିମଧ୍ୟରେ ଟ୍ରାକ୍ଟର ରାଲି ହିଂସାକୁ ନେଇ ତନାଘନା କରୁଥିବା ଫୋରେନ୍‌ସିକ୍ ଟିମ୍ ଗାଜିପୁର ସୀମାରେ ପହଞ୍ଚି ପ୍ରମାଣ ସଂଗ୍ରହ କରୁଛି।

## ଉତ୍ତେଜନାରୁ ଅଚଳାବସ୍ଥା

ନୂଆଦିଲ୍ଲୀ,୨୯।୧

ଦିଲ୍ଲୀ ଓ ହରିୟାଣା ସଂଲଗ୍ନ ସିଙ୍ଘୁ ସୀମାରେ ପୋଲିସ ଉପସ୍ଥିତିରେ ସ୍ଥାନୀୟ ଲୋକ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ସଂଘର୍ଷ ଦେଖିବାକୁ ମିଳିଛି। ସେହିପରି ଟିକ୍ରି ଓ ଗାଜିପୁର ବର୍ଡରରେ ମଧ୍ୟ ସୁରକ୍ଷା କର୍ମୀଙ୍କ ଉପସ୍ଥିତି ସତ୍ତ୍ୱେ ଉତ୍ତେଜନା ଲାଗିରହିଛି। ହରିୟାଣାର କର୍ନାଲରୁ ୯୬ କି.ମି ଦୂର ସିଙ୍ଘୁ ସୀମାରେ ଆନ୍ଦୋଳନକାରୀଙ୍କୁ ସ୍ଥାନ ଛାଡ଼ି ଚାଲିଯିବା ପାଇଁ ୨୪ ଘଣ୍ଟିଆ ମହଲତ ଦିଆଯାଇଥିଲା। ଆନ୍ଦୋଳନକାରୀଙ୍କ ଯୋଗୁ ସେମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା କହି ସ୍ଥାନୀୟ ଲୋକେ ସେମାନଙ୍କୁ ଘଉଡ଼ାଇବାବେଳେ ସଂଘର୍ଷ ଘଟିଥିଲା। ସେହିପରି ଟିକ୍ରି ସୀମାରେ ଚାଷୀ ଆନ୍ଦୋଳନକୁ ବିରୋଧ କରି ଗୋଟିଏ ଗୋଷ୍ଠୀ ସ୍ଥାନ ଖାଲି କରିବା ପାଇଁ ସ୍ଲୋଗାନ ଦେଇଥିଲେ। ଜାତୀୟ ପତାକାକୁ ଅସମ୍ମାନ କରିବାକୁ ଦିଆଯିବ ନାହିଁ ବୋଲି ସ୍ଥାନୀୟ ଲୋକେ କହୁଥିବା ଶୁଣିବାକୁ ମିଳିଥିଲା। ପୂର୍ବ ଦିଲ୍ଲୀ ଗାଜିପୁର ସୀମାରେ ରାକେଶ ଟିକାଏତ୍‌ଙ୍କ ବିକେୟୁ ପକ୍ଷରୁ 'ମହାପଞ୍ଚାୟତ' ବସିଥିଲା। ଏଥିରେ ସାମିଲ ହେବା ପାଇଁ ମୁଜାଫରନଗର ସହରରେ ହଜାର ହଜାର ଚାଷୀ ଏକତ୍ରିତ ହୋଇଥିଲେ। ଏହାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯାଇଥିଲା। ମହାବୀର ଚୌକ ନିକଟ ଜିଆଇସି ଗ୍ରାଉଣ୍ଡରେ ପ୍ରବଳ ଜନ ସମାଗମ ହୋଇଥିଲା। କୃଷକମାନେ ତ୍ରିରଙ୍ଗା ଓ ନିଜ ସଙ୍ଗଠନର ପତାକା ଲଗାଇ ଶତାଧିକ ଟ୍ରାକ୍ଟରରେ ଗାଜିପୁରର ୟୁପି ଗେଟ୍‌କୁ ଆସିଥିଲେ। ଫଳରେ ଗାଜିପୁର ସୀମା ନିକଟ ଦିଲ୍ଲୀର ଜାତୀୟ ରାଜପଥ ନମ୍ବର ୨୪ରେ ଟ୍ରାଫିକ୍ ଜାମ୍ ହୋଇ ଅଚଳାବସ୍ଥା ସୃଷ୍ଟି ହୋଇଥିଲା।



ଗାଜିପୁର ସୀମା ନିକଟ ଦିଲ୍ଲୀର ଜାତୀୟ ଏନ୍‌ଏଚ୍ ନଂ. ୨୪ରେ ଟ୍ରାଫିକ୍ ଜାମ୍ ।

## କୃଷକଙ୍କୁ ଆକ୍ରମଣ କରି ଭାରତକୁ ଦୁର୍ବଳ କରୁଛନ୍ତି ମୋଦି



ରାହୁଲ ଗାନ୍ଧୀ

ନୂଆଦିଲ୍ଲୀ,୨୯।୧(ପି.ଟି.)

୩ ବିବାଦୀୟ କୃଷି ଆଇନକୁ ନେଇ କେନ୍ଦ୍ର ସରକାରଙ୍କୁ ଶୁକ୍ରବାର ପୁଣି ଟାର୍ଗେଟ କରିଛି କଂଗ୍ରେସ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୃଷକମାନଙ୍କୁ ଆକ୍ରମଣ କରି ଭାରତକୁ ଦୁର୍ବଳ କରିଦେଉଛନ୍ତି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ସମାଲୋଚନା କରିଛନ୍ତି। ରାହୁଲ ଟୁଇଟ୍ କରିଛନ୍ତି ଯେ, କୃଷକ ଓ ଶ୍ରମିକଙ୍କ ଉପରେ ପ୍ରଧାନମନ୍ତ୍ରୀଙ୍କ ଆକ୍ରମଣ ଦେଶକୁ ଦୁର୍ବଳ କରିଛି। ଏଥିରୁ କେବଳ ଦେଶବିରୋଧୀ ତତ୍ତ୍ୱ ଲାଭବାନ ହେବେ। କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି, କୃଷକଙ୍କ ଆସ୍ଥା ହେଉଛି ଦେଶର ପୁଞ୍ଜି। ସେମାନଙ୍କ କଥା ନ ଶୁଣିବା ଏକ ପାପ। ସେମାନଙ୍କୁ ଧମକ ଦେବା ଓ ଟାର୍ଗେଟ କରିବା ଦେଶ ଉପରେ ଆକ୍ରମଣ। ପ୍ରଧାନମନ୍ତ୍ରୀ ଦେଶକୁ ଦୁର୍ବଳ କରନ୍ତୁ ନାହିଁ।

## ବିରୋଧୀଙ୍କୁ ନିନ୍ଦା କଲେ କେନ୍ଦ୍ରମନ୍ତ୍ରୀ



ରବିଶଙ୍କର ପ୍ରସାଦ

ନୂଆଦିଲ୍ଲୀ, ୨୯।୧

ପାର୍ଲାମେଣ୍ଟର ମିଳିତ ଅଧିବେଶନରେ ରାଷ୍ଟ୍ରପତିଙ୍କ ଅଭିଭାଷଣକୁ କଂଗ୍ରେସ ନେତୃତ୍ୱରେ ବିରୋଧୀ ଦଳଗୁଡ଼ିକ ବର୍ଜନ କରିଥିବାରୁ କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ ଏହାର ନିନ୍ଦା କରିଛନ୍ତି। ବିରୋଧୀ ଦେଶ ଆଗରେ କି ପ୍ରକାର ଦୃଷ୍ଟାନ୍ତ ଓ ପରମ୍ପରା ସୃଷ୍ଟି କରୁଛନ୍ତି ବୋଲି ସେ ପ୍ରଶ୍ନ କରିଥିଲେ। ରାଷ୍ଟ୍ରପତି ରାଜନୈତିକ ମତପାର୍ଥକ୍ୟର ଊର୍ଦ୍ଧ୍ୱରେ। ସେ ସମସ୍ତଙ୍କ ସମ୍ମାନର ପାତ୍ର। ବିରୋଧୀ ଦଳ ତାଙ୍କ ଅଭିଭାଷଣ ବର୍ଜନ କରିବା ଅତ୍ୟନ୍ତ ଦୁଃଖଦାୟକ। ଦେଶକୁ ୫୦ ବର୍ଷ ଧରି ଶାସନ କରିଥିବା କଂଗ୍ରେସର ଦାୟିତ୍ୱଶୂନ୍ୟ ଭୂମିକାକୁ କେନ୍ଦ୍ରମନ୍ତ୍ରୀ ସମାଲୋଚନା କରିଥିଲେ। ଭାଜପା ଅନେକ ବର୍ଷ ବିରୋଧୀ ଆସନରେ ବସିଥିଲେ ହେଁ କେବେ ରାଷ୍ଟ୍ରପତିଙ୍କ ଅଭିଭାଷଣ ବର୍ଜନ କରି ନ ଥିଲା ବୋଲି ରବିଶଙ୍କର କହିଥିଲେ।

## ୪୪ ଥର ଜେଲ ଯାଇଛନ୍ତି ରାକେଶ ଟିକାଏତ୍

ନୂଆଦିଲ୍ଲୀ,୨୯।୧

କୃଷି ଆଇନ ବିରୋଧୀ ଆନ୍ଦୋଳନର ପୁରୋଧା ସାଜିଥିବା ଭାରତୀୟ କିଷାନ ୟୁନିୟନ (ବିକେୟୁ) ମୁଖପାତ୍ର ରାକେଶ ଟିକାଏତ୍ ପୂର୍ବରୁ ଅନେକ ବିକ୍ଷୋଭରେ ସାମିଲ ହୋଇ ୪୪ ଥର ଜେଲ ଯାଇଛନ୍ତି। କୃଷକଙ୍କ ପାଇଁ ଲଢ଼େଇ କରିବା ପୂର୍ବରୁ ସେ ଦିଲ୍ଲୀ ପୋଲିସରେ କନଷ୍ଟେବଳ ଭାବେ କାର୍ଯ୍ୟ କରୁଥିଲେ। ୧୯୬୯ ଜୁନ୍ ୪ରେ ଉତ୍ତରପ୍ରଦେଶର ମୁଜାଫରନଗର ଜିଲା ସିସାଉଲି ଗ୍ରାମରେ ରାକେଶ ସିଂ ଟିକାଏତ୍‌ଙ୍କ ଜନ୍ମ। ତାଙ୍କ ବାପା ଚୌଧରୀ ମହେନ୍ଦ୍ର ସିଂ ଟିକାଏତ୍ ଇଣ୍ଡିଆନ୍ ଫାର୍ମର୍ସ ୟୁନିୟନର

### ଦିଲ୍ଲୀ ପୋଲିସରେ କନଷ୍ଟେବଳ ଥିଲେ



ଅଧ୍ୟକ୍ଷ ଥିଲେ। ୧୯୮୭ରେ ଶାମଲି ଜିଲାର କର୍ମୁଖେରିରେ ମହେନ୍ଦ୍ରଙ୍କ ନେତୃତ୍ୱରେ କୃଷକ ଆନ୍ଦୋଳନ ବେଳେ ପୋଲିସ ଗୁଳିରେ ୨ ଚାଷୀଙ୍କ ମୃତ୍ୟୁ ଘଟିଥିଲା। ସେଇଠୁ ବିକେୟୁର ମୂଳଦୁଆ ପଡ଼ିଥିଲା ଓ ମହେନ୍ଦ୍ର ଏହାର ଅଧ୍ୟକ୍ଷ ହୋଇଥିଲେ। ରାକେଶ ଏଲ୍‌ଏଲ୍‌ବି ପାସ୍ କରିବା ପରେ ୧୯୮୫ରେ ସୁନୀତା ଦେବୀଙ୍କୁ ବିବାହ କରିଥିଲେ। ସେହି ବର୍ଷ ସେ ଦିଲ୍ଲୀ ପୋଲିସରେ କନଷ୍ଟେବଳ ଭାବେ ଯୋଗଦେଇଥିଲେ। ୧୯୯୦ ଦଶକରେ ରାକେଶ ଚାକିରି ଛାଡ଼ି ବାପାଙ୍କ କୃଷକ ସଙ୍ଗଠନରେ ସାମିଲ ହୋଇଥିଲେ। ମହେନ୍ଦ୍ରଙ୍କ ପରଲୋକ ପରେ ବଡ଼ଭାଇ ନରେଶ ଟିକାଏତ୍ ବିକେୟୁର ଅଧ୍ୟକ୍ଷ ହୋଇଥିଲେ। ରାକେଶଙ୍କୁ ଏହାର ରାଷ୍ଟ୍ରୀୟ ମୁଖପାତ୍ର କରାଯାଇଥିଲା।

## 'ସୁପ୍ରିମକୋର୍ଟ ବିଚାରପତି ବ୍ୟଙ୍ଗ ଊର୍ଦ୍ଧ୍ୱରେ ନୁହନ୍ତି'

ନୂଆଦିଲ୍ଲୀ, ୨୯।୧

ସୁପ୍ରିମକୋର୍ଟ ବିଚାରପତିମାନେ ଖୁବ୍ ପ୍ରଭାବଶାଳୀ କିନ୍ତୁ ସେମାନେ ବ୍ୟଙ୍ଗର ଊର୍ଦ୍ଧ୍ୱରେ ନୁହନ୍ତି ବୋଲି ହାସ୍ୟାଭିନେତା କୁନାଲ କମ୍ରା କହିଛନ୍ତି। ସୁପ୍ରିମକୋର୍ଟଙ୍କ ରାୟକୁ ସମାଲୋଚନା କରିବା ସହ ଏହାର ବ୍ୟଙ୍ଗଚିତ୍ର କରି ମର୍ଯ୍ୟାଦା ହାନି କରିଥିବା ଅଭିଯୋଗରେ କୁନାଲଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଚାଲିଛି। ତେବେ ସେ ସୁପ୍ରିମକୋର୍ଟଙ୍କ ରାୟ ଉପରେ କରିଥିବା ଟୁଇଟ୍ ପାଇଁ କ୍ଷମା ମାଗିବାକୁ



କୁନାଲ କମ୍ରା

ମନା କରିଦେଇଛନ୍ତି। ତାଙ୍କ ବ୍ୟଙ୍ଗ ବିଚାରପତି ଓ ସେମାନଙ୍କ କାର୍ଯ୍ୟରେ ବାଧକ ନୁହେଁ ବୋଲି କୁନାଲ ଯୁକ୍ତି ବାଢ଼ିଥିଲେ। ବ୍ୟଙ୍ଗ କିମ୍ବା ପରିହାସ ଯୋଗୁ ବିଚାରପତିଙ୍କ ସମେତ କୌଣସି ଉଚ୍ଚ କର୍ତ୍ତୃପକ୍ଷ ସେମାନଙ୍କ କର୍ତ୍ତବ୍ୟ ସମ୍ପାଦନରେ ଅସମର୍ଥ ହେବେ ଏହା ସେ ବିଶ୍ୱାସ କରୁନାହାନ୍ତି ବୋଲି କହିଥିଲେ। ଅନାଦର ଓ ଅତିଶୟୋକ୍ତି ହାସ୍ୟ ଉଦ୍ୟୋଗର ଦୁଇଟି ଅତ୍ୟାବଶ୍ୟକ ଉପାଦାନ। ପ୍ରଭାବଶାଳୀ ବ୍ୟକ୍ତି ଓ ସଂସ୍ଥା ଯଦି ସମାଲୋଚନା ଓ ନିନ୍ଦା ସହିବାରେ ଅସମର୍ଥତା ପ୍ରଦର୍ଶନ କରନ୍ତି, ତେବେ ଆମେ ଅସଙ୍ଗଠିତ କଳାକାରର ଦେଶକୁ ଖସିଯିବା ବୋଲି ହାସ୍ୟାଭିନେତା କହିଥିଲେ। ଅଦାଲତ ଯଦି ଭାବୁଥାନ୍ତି ସେ ସୀମା ଅତିକ୍ରମ କରିଯାଇଛନ୍ତି ଓ ତାଙ୍କ ଇଣ୍ଟରନେଟକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ କାଟିଦେବାକୁ ଚାହୁଁଛନ୍ତି, ତାହା ପରେ ମଧ୍ୟ ସେ ପ୍ରତିବର୍ଷ ଅଗଷ୍ଟ ୧୫ରେ ତାଙ୍କ କଶ୍ମୀର ବନ୍ଧୁମାନଙ୍କ ଭଳି ହାପି ଇଣ୍ଡିପେଣ୍ଡେନ୍ସ ଡେ ପୋଷ୍ଟକାର୍ଡ ଲେଖିବେ ବୋଲି କହିଥିଲେ। ଡିସେମ୍ବର ୧୮ରେ ସୁପ୍ରିମକୋର୍ଟ କୁନାଲଙ୍କ ବିରୋଧରେ ଅଦାଲତ ଅବମାନନା ନୋଟିସ୍ ଜାରି କରିଥିଲେ।

# ଜେଲ ଗଲେ ପ୍ରେମିକ

**ଯାଜପୁର ଅଫିସ/ରସୁଲପୁର/ ଯାଜପୁର ଟାଉନ, ୨୯।୧(ଡି.ଏନ୍.ଏ.)**

### ଝରାଫୁଲଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

- ୫ ଦିନ ରିମାଣ୍ଡରେ ନେବାକୁ ପୋଲିସର ଆବେଦନ, ୧ରେ ଶୁଣାଣି
- ତଦନ୍ତକୁ ତ୍ୱରାନ୍ୱିତ କରାଯାଉଛି: ମହିଳା କମିଶନର


ମହିଳା କମିଶନ ଅଧ୍ୟକ୍ଷା ମିନତି ବେହେରା ତଦନ୍ତ କରିବାକୁ ଯାଉଛନ୍ତି।

ଯାଜପୁର ଜିଲା କୁଆଖିଆ ଥାନା ମୂଳାପାଳ ଛକ ନିକଟରୁ ବୁଧବାର ସକାଳେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଛାତ୍ରୀ ଝରାଫୁଲ ନାୟକଙ୍କ ମୃତଦେହ ଜବତ ହୋଇଥିଲା। ତାଙ୍କ ମୃତଦେହକୁ ଦୁଇଜଣ ସ୍କୁଟିରେ ଆଣି ଫୋପାଡ଼ିଥିବା ଏକ ସିସିଟିଭି ଫୁଟେଜ୍‌ରୁ ଜଣାପଡ଼ିଛି। ଝରାଫୁଲଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରୁଥିବା ବେଳେ ପୋଲିସ ଏ ନେଇ ତଦନ୍ତ ଚଳାଇଛି। ଝରାଫୁଲ ଆଦିବାସୀ ସମ୍ପ୍ରଦାୟର ବୋଲି ଜଣାପଡ଼ିବା ପରେ ମାମଲାରେ ଏସ୍‌ସି ଏସ୍‌ଟି ଦଫା ଯୋଡ଼ାଯାଇଛି। ଏହାସାଙ୍ଗକୁ ତଦନ୍ତକାରୀ ଅଧିକାରୀ ମଧ୍ୟ ବଦଳିଛନ୍ତି। ତଦନ୍ତ ଦାୟିତ୍ୱ କୁଆଖିଆ ଥାନାଧିକାରୀ ମନୋଜ କୁମାର ସ୍ୱାଇଁଙ୍କଠାରୁ ଏସ୍‌ଡିପିଓ ଚିନ୍ମୟ ନାୟକଙ୍କୁ ହସ୍ତାନ୍ତର କରାଯାଇଛି। ଅନ୍ୟପକ୍ଷରେ ଯାଜପୁର ଜିଲା ପୋଲିସ ଭୁବନେଶ୍ୱର ଏୟାରଫିଲ୍ଡ ଥାନା ପୋଲିସ ସହାୟତାରେ ଗୁରୁବାର ଗିରଫ କରିଥିବା ମୁଖ୍ୟ ଅଭିଯୁକ୍ତ ରାକେଶ ସ୍ୱାଇଁଙ୍କୁ ଶୁକ୍ରବାର ଜିଲା ଦୌରାଜଜ୍‌ଙ୍କ କୋର୍ଟକୁ ଚାଲାଣ କରିଛି। ବିଚାରପତି ରାକେଶଙ୍କୁ ଯାଜପୁର ଜିଲା କାରାଗାରକୁ ପଠାଇ ଦେଇଛନ୍ତି। କୁଆଖିଆ ପୋଲିସ ରାକେଶଙ୍କୁ ୫ଦିନ ରିମାଣ୍ଡରେ ନେବାକୁ କୋର୍ଟରେ ଆବେଦନ କରିଥିଲା। ଏହାର ଶୁଣାଣି ଆସନ୍ତା ୧ ତାରିଖରେ କରିବା ପାଇଁ କୋର୍ଟ ଦିନଧାର୍ଯ୍ୟ କରିଛନ୍ତି।

ଝରାଫୁଲଙ୍କ ଘର ମୟୂରଭଞ୍ଜ ଜିଲା ଯଶିପୁର ଥାନା ବୁନ୍ଦେଇପୋଷି ଗ୍ରାମରେ। ରାକେଶଙ୍କ ଘର ଭୁବନେଶ୍ୱର ଏୟାରଫିଲ୍ଡ ଥାନା ସୁନ୍ଦରପଦା ତଳସାହି ଅଞ୍ଚଳରେ। ସେ ଜଣେ ପାଇପ୍ ମିସ୍ତ୍ରି। ଯାଜପୁର ଟାଉନଥାନାରେ ରାକେଶଙ୍କୁ ଏସ୍‌ଡିପିଓ ନାୟକ ଓ କୁଆଖିଆ ଥାନାଧିକାରୀ ସ୍ୱାଇଁ ପଚରାଉଚରା ବେଳେ ସେ ଅନେକ କଥା କହିଛନ୍ତି। ଏ ସମ୍ପର୍କରେ କୁଆଖିଆ ଥାନାଧିକାରୀ ସ୍ୱାଇଁ କହିଛନ୍ତି ଯେ, ଲକ୍‌ଡାଉନ ସମୟରେ ରାକେଶ ବୁନ୍ଦେଇପୋଷିରେ ପାଇପ୍ ବିଛା କାର୍ଯ୍ୟରେ ନିୟୋଜିତ ଥିବା ସମୟରେ ଝରାଫୁଲଙ୍କ ସହ ତାଙ୍କର ପ୍ରେମସମ୍ପର୍କ ଗଢ଼ିଉଠିଥିଲା। ଝରାଫୁଲ ଭୁବନେଶ୍ୱରରେ ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରେ ରହି ପଢୁଥିଲେ। ଲକ୍‌ଡାଉନ ସମୟରେ ସେ ଘରକୁ ପଳାଇଥିଲେ। ଗତ ୨୪ ତାରିଖରେ ସମ୍ପର୍କୀୟଙ୍କ ଘରୋଇ ପାର୍ଟିରେ ଯୋଗଦେବା ପାଇଁ ସେ ଭୁବନେଶ୍ୱର ଆସିଥିଲେ। ୨୬ ତାରିଖରେ ସେ ଗାଁକୁ ଯିବା ପାଇଁ ଜୟଦେବ ବିହାରରୁ ଝାଡ଼େଶ୍ୱରୀ ନାମକ ବସ୍ ବସିଥିଲେ। କିନ୍ତୁ ଦେହ ଅସୁସ୍ଥ ଦର୍ଶାଇ ବାଣୀବିହାର ଛକରେ ଓହ୍ଲାଇ ପଡ଼ିଥିଲେ। ଏହାପରେ ସେ ରୂପାଲି ଛକ ପର୍ଯ୍ୟନ୍ତ ଯାଇ ରାକେଶଙ୍କୁ ଭେଟିଥିଲେ। ଉଭୟେ ଉକ୍ତ ରାତିରେ ଭୁବନେଶ୍ୱର ଧର୍ମବିହାରସ୍ଥିତ ଶିବସାଇ ଗେଷ୍ଟହାଉସରେ ରାତ୍ରିଯାପନ କରିଥିଲେ। ସକାଳେ ରାକେଶ ଉଠିଥିଲେ, କିନ୍ତୁ ଝରାଫୁଲ ଆଉ ଉଠି ନ ଥିଲେ। ତାଙ୍କର ମୃତ୍ୟୁ ଘଟିଥିବା ଜାଣି ରାକେଶ ବିଚଳିତ ହେବାସହ ମୃତଦେହକୁ ଫୋପାଡି ଦେବା ପାଇଁ ଯୋଜନା କରିଥିଲେ। ସେ ଏନେଇ ତାଙ୍କ ପଡ଼ୋଶୀ ସାଙ୍ଗଙ୍କ ସହାୟତା ଲୋଡ଼ିଥିଲେ। ଗତ ୧୧ ତାରିଖରେ ରାକେଶ କିଣିଥିବା ନୂଆ ସ୍କୁଟିକୁ ଏଥିରେ ବ୍ୟବହାର କରାଯାଇଥିଲା। ରାକେଶ ମୃତଦେହକୁ ଧରି ପଛରେ ବସିଥିବାବେଳେ ତାଙ୍କ ସାଙ୍ଗ ସ୍କୁଟି ଚଳାଇଥିଲେ। ସକାଳ ସମୟ କୁହୁଡ଼ିଆ ପାଗ ଥିବାରୁ ସେମାନେ ମୃତଦେହକୁ ପ୍ରାୟ ୮୦ କି.ମି. ନେବାରେ ସକ୍ଷମ ହୋଇଥିଲେ। ସୂର୍ଯ୍ୟକିରଣ କ୍ରମଶଃ ପ୍ରଖର ହେବା ପରେ ସେମାନେ ଆଉ ମୃତଦେହକୁ ନେବା ସହଜ ନୁହେଁ ବୋଲି ମନେକରି କୁଆଖିଆ ଥାନା ଅଞ୍ଚଳରେ ପକାଇଦେଇ ପଳାଇ ଆସିଥିଲେ ବୋଲି ରାକେଶ ବୟାନ ଦେଇଥିବା ଥାନାଧିକାରୀ ସ୍ୱାଇଁ କହିଛନ୍ତି। ରାକେଶଙ୍କ ଏଭଳି ବୟାନ ରେକର୍ଡ ପରେ ପୋଲିସ ତାଙ୍କର ଡାକ୍ତରୀ ପରୀକ୍ଷା ଓ କୋଭିଡ୍ ପରୀକ୍ଷା କରି କୋର୍ଟଚାଲାଣ କରିଥିଲା। ହେଲେ ଝରାଫୁଲଙ୍କ ମୃତ୍ୟୁର କାରଣ ଏଯାଏ ସ୍ପଷ୍ଟ ହୋଇପାରିନାହିଁ। ‘ରାତିରେ ଖାଇ ଶୋଇଥିଲୁ, ଫୁଡ୍ ପଏଜନିଂ ହୋଇ ଝରାଫୁଲଙ୍କ ମୃତ୍ୟୁ ଘଟିଥିବ’ ବୋଲି ରାକେଶ ପୋଲିସକୁ କହିଛନ୍ତି। କିନ୍ତୁ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିନାହିଁ। ପୋଲିସ ବିଭିନ୍ନ ଦିଗରୁ ତଦନ୍ତ ଜାରି ରଖିଛି। ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ଅଧିକ ପଚରାଉଚରା କରାଯିବ ବୋଲି ଏସ୍‌ପି ରାହୁଲ ପି.ଆର. କହିଛନ୍ତି। ସେହିପରି ଅନ୍ୟ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଛି। ଗେଷ୍ଟହାଉସ୍ କର୍ମଚାରୀ ଓ ମାଲିକଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯାଇଛି ବୋଲି ଥାନାଧିକାରୀ ସ୍ୱାଇଁ କହିଛନ୍ତି।

ଅପରପକ୍ଷରେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ମିନତି ବେହେରା ଶୁକ୍ରବାର ସକାଳେ ଘଟଣାସ୍ଥଳ ପରିଦର୍ଶନ କରିବା ସହ କୁଆଖିଆ ଥାନାଧିକାରୀ ଓ ଏସ୍‌ପି ରାହୁଲ ପି.ଆର.ଙ୍କ ସହ ଆଲୋଚନା କରିଥିଲେ। ମାମଲାକୁ ନେଇ ପୋଲିସ ଅତି ତତ୍ପରତାର ସହ କାମ କରୁଛି। ଘଟଣାରେ ଯାହାର ଲିଙ୍କ୍ ସାମ୍ନାକୁ ଆସିବ ତାଙ୍କୁ ଗିରଫ କରାଯିବ ବୋଲି ଅଧ୍ୟକ୍ଷା ବେହେରା କହିଛନ୍ତି। ମାମଲାକୁ ନେଇ ଏ ପର୍ଯ୍ୟନ୍ତ କ’ଣ ସବୁ ପଦକ୍ଷେପ ନିଆଯାଉଛି ତା’ର ଏକ ରିପୋର୍ଟ ଅଧ୍ୟକ୍ଷା ବେହେରାଙ୍କୁ ପ୍ରଦାନ କରାଯାଇଛି। ପରବର୍ତ୍ତୀ ସମୟରେ ପୂର୍ଣ୍ଣାଙ୍ଗ ରିପୋର୍ଟ କମିଶନକୁ ପ୍ରଦାନ କରାଯିବ ବୋଲି ଏସ୍.ପି ଅଧ୍ୟକ୍ଷା ବେହେରାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# ନକଲି ପାମୋଲିନ କାରଖାନା ଠାବ

**ଅନୁଗୋଳ ଅଫିସ, ୨୯।୧**


ନକଲି ତେଲ ଗୋଦାମ ସହ କାରଖାନା ଉପରେ ଚଢ଼ାଉ କରାଯାଉଛି।

କଟକ, ବ୍ରହ୍ମପୁର ପରି ଅନୁଗୋଳ ଜିଲାରେ ମଧ୍ୟ ଚାଲିଛି ନକଲି ସାମଗ୍ରୀ କାରବାର। ଏ ନେଇ ଗତ ୨୫ ତାରିଖରେ ‘ଭୟ ବଢ଼ାଉଛି ଭେଜାଲ’ ଶୀର୍ଷକ ରିପୋର୍ଟ ‘ଧରିତ୍ରୀ’ରେ ପ୍ରକାଶ ପରେ ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଫଳରେ ଏ ଦିଗରେ ଅନୁସନ୍ଧାନ ଆରମ୍ଭ କରିଥିବା ସ୍ପେଶାଲ ସ୍କ୍ୱାଡ୍ ଶୁକ୍ରବାର ଶରଧାପୁର ଅଞ୍ଚଳରେ ଚାଲୁଥିବା ଏକ ନକଲି ପାମୋଲିନ କାରଖାନା ଠାବ କରିବା ସହ ତାହାକୁ ସିଲ୍ କରିଛି। ଏସ୍‌ଆଇ ଦୀନକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ୍ ୫୫୦ରୁ ଊର୍ଦ୍ଧ୍ୱ ତେଲ ବୋଝେଇ ଟିଣ ସହ ପାଖାପାଖି ୭ଶହ ଖାଲି ଟିଣ ଓ ଆନୁଷଙ୍ଗିକ ସାମଗ୍ରୀ ଜବତ କରିଛି। ଏହି ଘଟଣାରେ ଅନୁଗୋଳ ସଦର ଥାନା ପୋଲିସ କାରଖାନା ମାଲିକ ଶୁଭମ୍ ଅଗ୍ରୱାଲ, ତାଙ୍କ ଦାଦା ପ୍ରଭୁ ଦୟାଲ ଅଗ୍ରୱାଲ ଓ ୩ ଜଣ କର୍ମଚାରୀଙ୍କୁ ଉଠାଇ ନେଇଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି।

ଅନୁଗୋଳ ସହର ଉପକଣ୍ଠରେ ଥିବା ଏହି ନକଲି ପାମୋଲିନ୍ କାରଖାନା ସମ୍ପର୍କରେ ସ୍ପେଶାଲ ସ୍କ୍ୱାଡ୍ ବିଶ୍ୱସ୍ତସୂତ୍ରରୁ ଖବର ପାଇବା ପରେ କାରଖାନା ସହ ଗୋଦାମ ଉପରେ ଚଢ଼ାଉ କରିଥିଲା। ଏହି ସମୟରେ ୬ଟି ବ୍ରାଣ୍ଡର ପାମୋଲିନ୍ ଷ୍ଟିକର ଓ ବିପୁଳ ପରିମାଣର ନକଲି ତେଲ ବୋଝେଇ ଟିଣ ଜବତ କରାଯାଇଥିଲା।

### ଧରିତ୍ରୀ ପ୍ରଭାବ

- ୫ଶହ ଟିଣ ଅପମିଶ୍ରିତ ତେଲ ଜବତ
- ପରୀକ୍ଷା ପାଇଁ ପଠାଗଲା ଭୁବନେଶ୍ୱର
- ମାଲିକଙ୍କ ସହ ୪ ଜଣଙ୍କୁ ଉଠାଇନେଲା ପୋଲିସ

ଏହି ତେଲ କୋଲକାତାର ହଳଦିଆରୁ ଟ୍ୟାଙ୍କର ଯୋଗେ ଆସିବା ପରେ ଶରଧାପୁରରେ ମୋଟର ଲଗାଇ ଟିଣରେ ଭର୍ତ୍ତି କରାଯାଉଥିଲା। ପ୍ୟାକିଂ ସହ ବିଭିନ୍ନ କମ୍ପାନୀର ଠିପି ଓ ଲୋଗୋ ଲଗାଇ ବଜାରକୁ ଛାଡ଼ିଦିଆଯାଉଥିଲା। ବିଶେଷକରି ଗ୍ରାମାଞ୍ଚଳରେ ଥିବା ଛୋଟ ଛୋଟ ତେଲ ଫ୍ୟାକ୍ଟ୍ରି ଓ ରାସ୍ତା ପାର୍ଶ୍ୱ ଢାବାକୁ ଶସ୍ତାରେ ବିକ୍ରି କରାଯାଉଥିଲା ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ସିଲ୍ ହୋଇଥିବା ତେଲ କାରଖାନାର କୌଣସି ସ୍ୱୀକୃତି ନ ଥିବାବେଳେ ଫୁଡ୍ ଲାଇସେନ୍ସ ମଧ୍ୟ ନାହିଁ। ଏଠାରୁ ପଠାଯାଇଥିବା ନକଲି ତେଲ କେଉଁ କେଉଁ ଅଞ୍ଚଳରେ ଗଚ୍ଛିତ ରହିଛି ସେ ନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ଜବତ ତେଲକୁ ପରୀକ୍ଷା ପାଇଁ ଭୁବନେଶ୍ୱରସ୍ଥିତ ପରୀକ୍ଷାଗାରକୁ ପଠାଯାଇଛି। ଏ ନେଇ ସଦର ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ପ୍ରଭାତ ତ୍ରିପାଠୀ ସୂଚନା ଦେଇଛନ୍ତି। ଏହି ଚଢ଼ାଉ ବେଳେ ଅନୁଗୋଳ ଏସ୍‌ଡିପିଓ ଅଶ୍ୱିନୀ ସାହୁ, ଫୁଡ୍ ଇନ୍ସପେକ୍ଟର ହରପ୍ରିୟା ବେହେରା, ସଦର ଥାନା ଅଧିକାରୀ ପ୍ରଭାତ ତ୍ରିପାଠୀ, ସ୍ପେଶାଲ ସ୍କ୍ୱାଡ୍ ଅଧିକାରୀ ଦୀନକୃଷ୍ଣ ମିଶ୍ର ପ୍ରମୁଖ ଘଟଣାସ୍ଥଳରେ ଉପସ୍ଥିତ ଥିଲେ।

# ୨୩ ପ୍ରକଳ୍ପର ତ୍ୱରିତ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ୨୯।୧(ବ୍ୟୁରୋ)**

୨୦୨୦ ଶେଷ ତ୍ରୈମାସରେ ଶିଳ୍ପାୟନ ପ୍ରକଳ୍ପଗୁଡ଼ିକର ଦ୍ରୁତ କାର୍ଯ୍ୟାନ୍ୱୟନ ପାଇଁ ଓଡ଼ିଶା ଜାତୀୟସ୍ତରରେ ୧ ନମ୍ବର ସ୍ଥାନ ହାସଲ କରିଛି। ତେଣୁ ୪ ଜିଲାରେ ଆଉ ୨୩ ପ୍ରକଳ୍ପର ତ୍ୱରିତ କାର୍ଯ୍ୟାନ୍ୱୟନ ଉପରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଗୁରୁତ୍ୱାରୋପ କରିଛନ୍ତି। କେନ୍ଦୁଝର, ସୁନ୍ଦରଗଡ଼, ମୟୂରଭଞ୍ଜ ଏବଂ ଯାଜପୁର ଜିଲାରେ ଚାଲୁଥିବା ପୁଞ୍ଜିନିବେଶ ପ୍ରକଳ୍ପଗୁଡ଼ିକ ସମୀକ୍ଷା କରି କ୍ଷେତ୍ରସ୍ତରୀୟ ସମସ୍ୟା ସମାଧାନ, ଅଧିକ ଉପକରଣ ଓ ମାନବ ସମ୍ବଳ ନିୟୋଜିତ କରି ନିର୍ଦ୍ଧାରିତ ସମୟରେ ଭିତ୍ତିଭୂମି ନିର୍ମାଣ ଶେଷ କରିବା ପାଇଁ ସେ ସମ୍ପୃକ୍ତ କମ୍ପାନୀ ଓ ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ପ୍ରକଳ୍ପର ବିଭିନ୍ନ ପର୍ଯ୍ୟାୟ ପାଇଁ ସମୟ ନିର୍ଘଣ୍ଟ ନିର୍ଦ୍ଧାରଣ କରିଛନ୍ତି।

ଲୋକସେବା ଭବନରୁ ଶୁକ୍ରବାର ଡିଜିଟାଲ ମୋଡ୍‌ରେ ଅନୁଷ୍ଠିତ ଏହି ବୈଠକରେ ଶିଳ୍ପ ବିଭାଗ ସଚିବ ହେମନ୍ତ ଶର୍ମା ପ୍ରକଳ୍ପଗୁଡ଼ିକର ସ୍ଥିତି ଏବଂ କାର୍ଯ୍ୟାନ୍ୱୟନ ସମ୍ବନ୍ଧିତ ବିଷୟ ଆଲୋଚନା ନିମନ୍ତେ ତଥ୍ୟ ଉପସ୍ଥାପନ କରିଥିଲେ। କେନ୍ଦୁଝର ଜିଲାର ଆର୍ସେଲୋ ମିତ୍ତଲ ନିପନ୍ ଷ୍ଟିଲ ଲିଃ, ଜେଏସ୍‌ଡବ୍ଲ୍ୟୁ, ଶ୍ରୀମେଟାମଲ୍ଲିକ୍ସ, ଏମ୍‌ଏସ୍‌ପି ସ୍ପଞ୍ଜ, ଜିନ୍ଦଲ ଷ୍ଟିଲ ଏବଂ ଇଡ୍‌କୋର ଶିଳ୍ପାଞ୍ଚଳ ଉନ୍ନୟନ ପ୍ରକଳ୍ପ ସମୀକ୍ଷା କରାଯାଇଛି। ଯାଜପୁର ଜିଲାର ଦେଓ ରେସିଡେନ୍ସି, ସି.ଜେ. ଦାର୍ସେଲ୍ ଲଜିଷ୍ଟିକ, ସାଇବର ଲଜିଷ୍ଟିକ୍, ଇଡ୍‌କୋ ଶିଳ୍ପାଞ୍ଚଳ ଏବଂ ମୟୂରଭଞ୍ଜ ଜିଲାର ଆନଭିଲ୍ କେବୁଲ ଓ ନୂଆ ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍ ସ୍ଥିତିର ସମୀକ୍ଷା ହୋଇଛି। କମ୍ପାନୀଗୁଡିକ ଦ୍ୱାରା ଉତ୍ଥାପିତ ସମସ୍ୟାଗୁଡ଼ିକୁ ମୁଖ୍ୟ ଶାସନ ସଚିବ ଅନୁଧ୍ୟାନ କରିଛନ୍ତି। ସରକାରୀ ଜମିର ଆଗୁଆ ଦଖଲ ଅନୁମତି, ଦୁବୁନାଠାରେ ଟ୍ରକ୍ ଅନ୍‌ଲୋଡିଂ ଷ୍ଟେଶନର କାର୍ଯ୍ୟାରମ୍ଭ, ଜଙ୍ଗଲ ଅଧିକାର ଆଇନ ଅନ୍ତର୍ଗତ ନୋ ଅବଜେକ୍‌ସନ ପ୍ରମାଣପତ୍ର, ଅଧିକ ଲୁହାପଥର ମହଜୁଦ ରଖିବାକୁ ଅନୁମତି, ଅଣଜଙ୍ଗଲ ସରକାରୀ ଜମି ଆବଣ୍ଟନ, ବିଦ୍ୟୁତ୍ ଯୋଗାଣ, ଅଗ୍ନି ନିରାପତ୍ତା ପ୍ରମାଣପତ୍ର ପ୍ରଦାନ ଆଦି କ୍ଷେତ୍ରରେ ସୃଷ୍ଟି ହେଉଥିବା ଅସୁବିଧାଗୁଡିକର ଆଶୁ ସମାଧାନ କରାଯାଇଛି।

# ଓପିଟିସିଏଲ୍ ଚେୟାର ପ୍ରତିଷ୍ଠା ଲାଗି ବୁଝାମଣାପତ୍ର ସ୍ୱାକ୍ଷରିତ

**ଭୁବନେଶ୍ୱର, ୨୯।୧(ବ୍ୟୁରୋ)**

ଓପିଟିସିଏଲ୍ ଚେୟାର ପ୍ରତିଷ୍ଠା ଲାଗି ଭୁବନେଶ୍ୱର ଆଇଆଇଟି ଏବଂ ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂରକ୍ଷଣ ନିଗମ ଲିଃ (ଓପିଟିସିଏଲ୍) ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ବୁଝାମଣାପତ୍ର ଅନୁଯାୟୀ, ରାଜ୍ୟର ଶକ୍ତି କ୍ଷେତ୍ରରେ ତାଲିମ ପ୍ରଦାନ, ଗୁଣାତ୍ମକ ଶକ୍ତି ଉତ୍ପାଦନ, ଶକ୍ତି ସଞ୍ଚାର, ଭିତ୍ତିଭୂମି ବିକାଶ, ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଉପରେ ଉଚ୍ଚତର ଗବେଷଣା ଏବଂ ପ୍ରୟୋଗାତ୍ମକ ବୈଷୟିକ ଯନ୍ତ୍ରପାତିର ବିକାଶ ଉପରେ ଭୁବନେଶ୍ୱର ଆଇଆଇଟି କାର୍ଯ୍ୟ କରିବ। ଭୁବନେଶ୍ୱର ଆଇଆଇଟିରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଲେ, ଏହି ବୁଝାମଣା ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବ। ଆଇଆଇଟି ନିର୍ଦ୍ଦେଶକ ଆର୍.ଭି. ରାଜା କୁମାର କହିଲେ, ଏହି ଅନୁଷ୍ଠାନ ଶିକ୍ଷାଦାନ ବ୍ୟତୀତ ସ୍ଥାନୀୟ ଅଞ୍ଚଳର ବିକାଶ ନିମନ୍ତେ ଅଧିକ ଗବେଷଣା କରିବାକୁ ପ୍ରତିଶ୍ରୁତିବଦ୍ଧ। ଓପିଟିସିଏଲ୍ ଓ ଗ୍ରୀଡ୍‌କୋର ଅଧ୍ୟକ୍ଷ ସୌରଭ ଗର୍ଗ କହିଲେ, ଆଇଆଇଟି ବିଭିନ୍ନ ବୈଷୟିକ ସମସ୍ୟାର ସମାଧାନ ଦିଗରେ କାର୍ଯ୍ୟ କରିବ। ମେଧାବୀ ଛାତ୍ରୀଛାତ୍ର ଶକ୍ତି କ୍ଷେତ୍ରରେ ଉପୁଜୁଥିବା ପ୍ରକୃତ ସମସ୍ୟା ସହ ଅବଗତ ହେବେ।

# ଭିଜିଲାନ୍ସ ସ୍କାନରରେ ବାଲୁଖଣ୍ଡ ଆର୍‌ଆଇ

**ପୁରୀ ଅଫିସ/ରାଜନଗର, ୨୯।୧(ଡି.ଏନ୍.ଏ)**

- ଘର, କାର୍ଯ୍ୟାଳୟ ସମେତ ୮ ସ୍ଥାନରେ ଏକକାଳୀନ ଚଢ଼ାଉ
- ଦେଢ଼ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ପୁରୀ ଦକ୍ଷିଣ ଓ ବାଲୁଖଣ୍ଡ ୧୦୮ ରାଜସ୍ୱ ସର୍କଲର ଭାରପ୍ରାପ୍ତ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ବସନ୍ତ କୁମାର ମହାନ୍ତିଙ୍କ ବାସଭବନ ଓ ସରକାରୀ କାର୍ଯ୍ୟାଳୟ ସମେତ ୮ଟି ସ୍ଥାନରେ ଶୁକ୍ରବାର ଭିଜିଲାନ୍ସ ବିଭାଗ ପକ୍ଷରୁ ଏକକାଳୀନ ଚଢ଼ାଉ କରାଯାଇଛି। ଜମି କିଣାବିକାରେ ଦୁର୍ନୀତି, ମୂଲ୍ୟବାନ ଜମିର କିସମ ପରିବର୍ତ୍ତନ ଓ ଜମିପଟ୍ଟା ଅଦଳବଦଳ ଆଦି ବିଭିନ୍ନ ଅଭିଯୋଗରେ ଭିଜିଲାନ୍ସ ଏହି ଚଢ଼ାଉ କରିଛି। ତାଙ୍କର ୧ କୋଟି ୫୩ ଲକ୍ଷ ୪୯ ହଜାର ୬୭ ଟଙ୍କାର ସମ୍ପତ୍ତି ଠାବ ହୋଇଥିବା ଭିଜିଲାନ୍ସ ବିଭାଗ କହିଛି।

ପୁରୀ ଫ୍ରେଣ୍ଡସ କ୍ଲବ ଅଞ୍ଚଳରେ ଥିବା ତାଙ୍କର ୨ଟି ଘର, ପେଣ୍ଠକଟାସ୍ଥିତ ଘର, ବାଲିଘାଟସ୍ଥିତ ସମ୍ପର୍କୀୟଙ୍କ ଘର, ପୁରୀରେ ଦୁଇଟି ସରକାରୀ କାର୍ଯ୍ୟାଳୟ ସମେତ କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ କୁରୁଣ୍ଟି ପଞ୍ଚାୟତର ତାଙ୍କ ପୈତୃକ ବାସଭବନରେ ଭିଜିଲାନ୍ସ ଅଧିକାରୀମାନେ ସକାଳେ ଚଢ଼ାଉ କରିଛନ୍ତି। ସେହିପରି ବସନ୍ତଙ୍କ ଭାଇ ସମିତି ସଭ୍ୟ ସନ୍ତୋଷ କୁମାର ମହାନ୍ତିଙ୍କ କୁରୁଣ୍ଟିସ୍ଥିତ ବାସଭବନରେ ମଧ୍ୟ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ହୋଇଛି। ଭୁବନେଶ୍ୱର ଭିଜିଲାନ୍ସ ଇନ୍ସପେକ୍ଟର ଶିବ ନାରାୟଣ ଭଦ୍ରଙ୍କ ନେତୃତ୍ୱରେ ୫ଜଣିଆ ଟିମ୍ କୁରୁଣ୍ଟି ବାସଭବନରେ ଚଢ଼ାଉ କରିଥିଲା। ଏହି ସମୟରେ ବହୁ ସମ୍ପତ୍ତି ଠାବ ସହ କେତେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ ହୋଇଛି।

ଭିଜିଲାନ୍ସ ବିଭାଗ ସୂଚନା ଅନୁଯାୟୀ, ବସନ୍ତଙ୍କର ପୁରୀ କୁମୁଟି ବଗିଚାରେ ୪୯ ଲକ୍ଷ ୭୮ ହଜାର ୯୯୩ ମୂଲ୍ୟର ତିନି ମହଲା କୋଠା, ପୁରୀ ଚର୍ଚ୍ଚ ଲେନ୍‌ରେ ୨୬ ଲକ୍ଷ ୭ ହଜାର ୪ଶହ ଟଙ୍କା ମୂଲ୍ୟର ଦୁଇମହଲା କୋଠା, ୩ ଲକ୍ଷ ୭୧ ହଜାର ୩୭୨ ଟଙ୍କା ମୂଲ୍ୟର ପୁରୀ ଫ୍ରେଣ୍ଡସ୍ କ୍ଲବ ଅଞ୍ଚଳସ୍ଥ ଏକ ମହଲା ବିଶିଷ୍ଟ ଦୁଇଟି କୋଠା ଓ ଦେଢ଼ ଲକ୍ଷ ଟଙ୍କାର ଏକ ଜମି ରହିଛି। ସେହିଭଳି ତାଙ୍କର ୫ଟି ଦୁଇଚକିଆ ଯାନ ଥିବା ବେଳେ ଏହାର ମୂଲ୍ୟ ୨ ଲକ୍ଷ ୧୨ ହଜାର ୯୧୦ ବୋଲି ଆକଳନ କରାଯାଇଛି। କେନ୍ଦ୍ରାପଡ଼ାସ୍ଥିତ ନିଜସ୍ୱ ବାସଭବନର ମୂଲ୍ୟ ୧୧ ଲକ୍ଷ ୬୪ ହଜାର ୭୭୨ ଟଙ୍କା। ଏହାବ୍ୟତୀତ ୫୨ ଲକ୍ଷ ୧୫ ହଜାର ୩୭୩ ଟଙ୍କାର ବ୍ୟାଙ୍କ ବାଲାନ୍ସ, ୩ ଲକ୍ଷ ୨ ହଜାର ଟଙ୍କାର ସୁନା ଓ ରୁପା ଅଳଙ୍କାର, ୭୭ ହଜାର ୮୩୮ ନଗଦ ଟଙ୍କା ଓ ଗୃହ ସରଞ୍ଜାମ ୨ ଲକ୍ଷ ୬୮ ହଜାର ୦୯୫ ଟଙ୍କା ରହିଛି। ବସନ୍ତ ୨୦୧୯ରେ ଅବସର ନେବା ପରେ ପୁନଃ ଅବସ୍ଥାପିତ ହୋଇ ଏବେ ପୁରୀ ବାଲୁଖଣ୍ଡର ଇନଚାର୍ଜ ଆରଆଇ ରହିଛନ୍ତି। ସେ ଶ୍ରୀସେତୁ ଓ ଶ୍ରୀମନ୍ଦିର ଐତିହ୍ୟ କରିଡର କାର୍ଯ୍ୟରେ ମଧ୍ୟ ନିୟୋଜିତ ଥିଲେ। ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ନିର୍ଦ୍ଦେଶ କ୍ରମେ ଶୁକ୍ରବାର ଚଢ଼ାଉ କରାଯାଇଛି। ତଦନ୍ତ ଜାରି ରହିଥିବାରୁ ଠାବ ସମ୍ପତ୍ତିର ହିସାବ ହୋଇପାରିନାହିଁ।


## OFFICE OF MUNICIPAL COUNCIL, SUNABEDA

No. C-353 **E-PROCUREMENT NOTICE**

No. 217 Date: 27.1.21

**Bid Identification No. M.C.-SBD-03/2020-21**

Total No. of Works : 04 Nos.
Tender Value : Rs.3,00,000/- to Rs.12,00,000/-
Bid Security : Rs.2600/- to Rs.12,000/-
Available Period : Dt.01.02.2021 at 11.00 A.M. to 15.02.2021 at 5.00 P.M.
Tender Opening Date : 18.02.2021 at 11.00 A.M.

Bidders are requested to participate in advance with their Class - D & C and Class above DSC before the closing date.
Further details please visit: **https://www.tendersorissa.gov.in.**

**Sd./- Executive Officer**
**Sunabeda Municipality**
OIPR-13076/11/0005/2021

## PANCHAYAT SAMITI, RAIRAKHOL

**BID IDENTIFICATION No. RAIRAKHOL 2020-21**
**No. 243/DEV / Dtd.28.01.2021**

Panchayat Samiti, Rairakhol, District: Sambalpur invites sealed tenders in two bid system (Technical and Financial Bid) Books Suppliers/Vendors/ Distributors/Subscription Agencies/Publishers for supply of Books to the Library of Bhima Bhoi College, Rairakhol. The interested firms may submit their sealed tenders superscribing “Tender for supply of Books to the Library of Bhima Bhoi College, Rairakhol, Sambalpur under WODC Grant”, addressed to The BDO, Rairakhol Block, Dist.- Sambalpur, PIN - 768106 by Speed Post/ Registered Post only on or before 4.00 P.M. of Dt.19.02.2021 positively.
The schedule of quantities and the set of terms & conditions of contract and other necessary documents can be seen in the Office of the undersigned during office hours every day except on Sunday & Public holidays till last date of sale and receipt of tender paper. The bid documents will also be available in the district website **http://sambalpur.nic.in**. E-mail: **ori-rairakhole@nic.in, Phone No. 06644-253061**.

**Sd./- Block Development Officer, Rairakhol**

## BHUBANESWAR MUNICIPAL CORPORATION

No. C-356 **E-PROCUREMENT NOTICE**

**E-mail ID: ee2@bmc.gov.in and Sethyshyamsundar@gmail.com**

1. Bid Reference No. : BMC-EED-II-13/2020-21 Dt.28.01.21
2. Tender Call Notice No. : No. 5883 Dt.28.01.21
3. No. of Work : 12 Nos.
4. Bid Value : Rs.1,49,666/- to Rs.20,27,337/-
5. Period of Completion : 30 to 60 days

**Date and time Schedule**

| Start | End | Opening |
|---|---|---|
| 11.00 A.M. of 30.01.21 | 5.00 P.M. of 09.02.21 | 11.00 A.M. 10.02.21 |

6. Tender details can be seen for the procurement portal **https://www.tendersodisha.gov.in.** BMC Website **https://www.bmc.gov.in.**

**Sd./- Executive Engineer, Div-II**
**Bhubaneswar Municipal Corporation**
OIPR-13002/11/0084/2021

## ODISHA HYDRO POWER CORPORATION LIMITED

OHPC
**BALIMELA HYDRO ELECTRIC PROJECT, POST: BALIMELA, DIST.: MALKANGIRI (ODISHA), PIN: 764051, Phone.: 06861-232581 (O)/232659 (O), FAX: 06861-232541, E-mail: unit.head_balimela@yahoo.com**

**REGD. OFFICE: ODISHA HYDRO POWER CORPORATION LIMITED**
ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK, JANAPATH, BHUBANESWAR - 22, Tel.: 91-0674-2542983, 2542802, 2545526
Fax: 2542102, TELEGRAM: HYDROPOWER, E-mail: ohpc.co@gmail.com / md@ohpcltd.com,
No. CAD-1147 WEB: www.ohpcltd.com, CIN: 40101OR1995SGC003963

**1st CORRIGENDUM TO TENDER CALL NOTICE NO.: BHEP-40/2020-21 DATED: 06.01.2021**

Name of the Work : Procurement of One Set of Station Battery Discharge/Load Test Kit for BHEP, Balimela
The last date of sale, receipt and opening of tender paper against this Office Tender Call Notice No. BHEP-40/2020-21 dated 06.01.2021 are hereby extended and rescheduled as follows:
(1) Last date & time of slae/download of tender paper : Upto 13.00 hrs. of dated 12.02.2021
(2) Last date & time of receipt of tender : Upto 16.00 hrs. of dated 12.02.2021
(3) Date and time of opening of Technical Bid of tender : At 16.30 hrs. of dated 12.02.2021
All other terms & conditions of the tender remain unaltered.
For details of tender documents, terms and conditions, eligibility criteria and downloading please visit our website at **www.ohpcltd.com**.

**Sd./- C & P Head**
OIPR-04019/11/0057/2021 **Balimela Hydro Electric Project, Balimela**

## GOVERNMENT OF ODISHA No. B-690
## OFFICE OF THE SUPERINTENDING ENGINEER BALANGIR (R&B) CIRCLE, BALANGIR

**Mail ID: sepwdbalangir@gmail.com**

**e-Procurement Notice**

**BID IDENTIFICATION No. SE (R&B) BGR/09/2020-21**

No. 307 Dated: 22.01.2021

1. The Superintending Engineer, Bolangir (R&B) Circle, Bolangir on behalf of Governor of Odisha invites percentage rate composite bid in double cover system in ONLINE MODE for the construction of works detailed in the table below from **B/A/Special/Super Class** contractors registered with the State Governments and contractors of equivalent Grade/Class registered with Central Government/MES/Railways for execution of Civil works. The proof of registration from the appropriate authority shall be enclosed along with the bid.
2. Nature of Work : Buildings
3. No. of Tender : Building - 03 Nos.
4. Tender Cost : Rs.10,000/-
5. Class of Contractor : B/A/Special/Super Class
6. Date & time of sale & receipt of Bids : From Dt.05.02.2021, 10.00 A.M. to Dt.20.02.2021 upto 05.00 P.M.
7. Date of Opening Bid : Dt.22.02.2021 at 11.00 A.M.
8. The bidders have to participate in ONLINE bidding only. Further details can be seen from the website: **http://tendersorissa.gov.in**. All future corrigendum will be available on ONLINE MODE only.

**Sd./- Superintending Engineer**
**Balangir (R&B) Circle, Balangir**
OIPR-34131/11/0009/2021

## GOVERNMENT OF ODISHA
## OFFICE OF THE EXECUTIVE ENGINEER SAMBALPUR (R&B) DIVISION NO. II, SAMBALPUR

**e-mail: eesbprnbdivision2@gmail.com, Phone: 0663-2410104**
**BID IDENTIFICATION No. EE/R and B/SBP II/12 (Online)2020-21**

**E-Procurement Notice**

No. 239 Dated: 22.01.2021

No. B-691: The Executive Engineer, Sambalpur (R&B) Division No. II, Sambalpur on behalf of Governor of Odisha, invites percentage rate bids in Double & Single Cover System in ONLINE MODE.
1. No. of Work : 06 (Six Nos.) Road Work
2. Tender Cost : Rs.10,000/- & 6,000/-
3. Class of Contractor : “C”, “B” & “A” Class Contractors
4. Availability of bid document in the website : 19.00 hours of 02.02.2021 to 17.00 hrs. of 15.02.2021
5. Date of Opening of Tenders : 11.30 hours on Dt.16.02.2021
6. The bidders have to participate in ONLINE bidding only. Further details can be seen from the website **www.tendersodisha.gov.in** only. Any Corrigendum/Addendum/Cancellation of tender will be displayed in the website said only.

**Sd./- Executive Engineer**
**Sambalpur (R&B) Division No. II**
OIPR-34136/11/0013/2021


# ‘ଦୀର୍ଘମିଆଦୀ କାର୍ଯ୍ୟଖସଡ଼ା ପ୍ରସ୍ତୁତ କର’


**ଭୁବନେଶ୍ୱର, ୨୯।୧(ବ୍ୟୁରୋ)**

### ଓୟୁଏଟି ଶିକ୍ଷକ ସଂଘର ସାଧାରଣ ପରିଷଦ ବୈଠକ

କୃଷି କ୍ଷେତ୍ରରେ ସମୟୋପଯୋଗୀ ଯୋଜନା ପ୍ରଣୟନ, ଉନ୍ନତମାନର ବିହନ, କୃଷି ଯନ୍ତ୍ରପାତି ଓ ଆଧୁନିକ ଜ୍ଞାନକୌଶଳର ବ୍ୟବହାର ଯୋଗୁ ରାଜ୍ୟରେ ଫସଲ ଉତ୍ପାଦନ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ଜଳବାୟୁରେ ପରିବର୍ତ୍ତନ ଓ ଲୋକଙ୍କ ଖାଦ୍ୟାଭ୍ୟାସ ଆଦିରେ ହେଉଥିବା ପରିବର୍ତ୍ତନର ଆହ୍ୱାନକୁ ଗ୍ରହଣ କରି କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ କାର୍ଯ୍ୟରତ ଅଧ୍ୟାପକ ଓ ବୈଜ୍ଞାନିକମାନେ ଗବେଷଣା କ୍ଷେତ୍ରରେ ଦୀର୍ଘମିଆଦୀ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବାକୁ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପରିସରରେ ଶୁକ୍ରବାର ଆୟୋଜିତ ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘର ୪୫ତମ ବାର୍ଷିକ ସାଧାରଣ ପରିଷଦ ବୈଠକର ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଏହା କହିଛନ୍ତି। ସେ କହିଲେ, ଶିକ୍ଷକ ଓ ବିଶେଷଜ୍ଞଙ୍କ କଥା ଲୋକମାନେ ସହଜରେ ଗ୍ରହଣ କରିଥାଆନ୍ତି। ତେଣୁ ଚାଷୀଙ୍କୁ ସଚେତନ କରିବା ଦିଗରେ ଅଧ୍ୟାପକମାନେ ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ। ଓୟୁଏଟି ଛାତ୍ରୀଛାତ୍ରମାନେ ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରୁଛନ୍ତି ବୋଲି ମନ୍ତ୍ରୀ କହିବା ସହିତ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କ ଏକ ଡାଟାବେସ୍ ପ୍ରସ୍ତୁତ କରିବା ପାଇଁ ପରାମର୍ଶ ଦେଇଛନ୍ତି।

ବୈଠକରେ ଓୟୁଏଟି କୁଳପତି ଡ. ପବନ କୁମାର ଅଗ୍ରୱାଲ କୋଭିଡ୍-୧୯ ସ୍ଥିତିର ଆହ୍ୱାନକୁ ଗ୍ରହଣ କରି ବିଶ୍ୱବିଦ୍ୟାଳୟ ପକ୍ଷରୁ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହିତ ବିଶ୍ୱବିଦ୍ୟାଳୟ ରାଜ୍ୟର କୃଷକଙ୍କ ପ୍ରତି ସମର୍ପିତ ବୋଲି କହିଛନ୍ତି। ଏଥିସହ ଗୁଣାତ୍ମକ ଶିକ୍ଷାଦାନ ଓ ଗବେଷଣା ନିମନ୍ତେ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ କୁଳପତି ସୂଚନା ଦେଇଥିଲେ। ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ଡ. ପି.କେ.ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଓ ସାଧାରଣ ସମ୍ପାଦକ ଡ. ପ୍ରଦୀପ୍ତ କୁମାର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ମନ୍ତ୍ରୀ କୃଷି ସୂଚନା ସମ୍ପର୍କରେ ଏକ ପୁସ୍ତକର ଉନ୍ମୋଚନ କରିବା ସହିତ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ଚଳିବନି ଯୁଗାଡ଼




ରିପୋର୍ଟ ଉପସ୍ଥାପନ କରୁଛନ୍ତି ସିଇଏ କେ.ଭି. ସୁବ୍ରମଣ୍ୟନ୍(ବାମରୁ ତୃତୀୟ) ଏବଂ ଟିମ୍।

**ନୂଆଦିଲ୍ଲୀ, ୨୯।୧**

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଆର୍ଥିକ ବର୍ଷ ୨୦୨୦-୨୧ର ଅର୍ଥନୈତିକ ସର୍ଭେ ରିପୋର୍ଟକୁ ଶୁକ୍ରବାର ସଂସଦରେ ଉପସ୍ଥାପନ କରିଛନ୍ତି। ରିପୋର୍ଟରେ କୁହାଯାଇଛି ଯେ, ଭାରତୀୟ କମ୍ପାନୀଗୁଡିକ ରିସର୍ଚ୍ଚ ଏବଂ ଗବେଷଣାରେ ବେଶି ଖର୍ଚ୍ଚ କରୁନାହାନ୍ତି। ଯୁଗାଡରେ କାମ ଚାଲୁଛି। ଯଦି ଏଭଳି କାମ ଚାଲେ ତେବେ ଭାରତ ଭବିଷ୍ୟତରେ ଉଦ୍ଭାବନ କ୍ଷେତ୍ରରେ ଅନେକ ସୁଯୋଗ ହରାଇବ। ସର୍ଭେ ମୁତାବକ, ବିଶ୍ୱର ପ୍ରମୁଖ ୧୦ ଅର୍ଥ ବ୍ୟବସ୍ଥା ମଧ୍ୟରେ ଭାରତୀୟ କମ୍ପାନୀ ଗବେଷଣା ଏବଂ ଉନ୍ନତୀକରଣରେ ସବୁଠୁ କମ୍ ଖର୍ଚ୍ଚ କରୁଛନ୍ତି। ଏଭଳି କାରଣ ଯୋଗୁ ସରକାରଙ୍କୁ ଏଭଳି କାମରେ ଅଧିକ ଖର୍ଚ୍ଚ କରିବାକୁ ପଡୁଛି। ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟରେ ଭାରତ ମୋଟ ଜିଡିପି ତୁଳନାରେ ୦.୬୫% ଖର୍ଚ୍ଚ କରୁଛି। ଏହି କ୍ଷେତ୍ରରେ ଅନ୍ୟ ବିକଶିତ ଦେଶଗୁଡିକ ପ୍ରାୟ ୩% ଅର୍ଥ ଖର୍ଚ୍ଚ କରୁଛନ୍ତି।

ଅର୍ଥନୈତିକ ସର୍ଭେରେ ଭାରତୀୟ କମ୍ପାନୀଗୁଡିକୁ ପେଟେଣ୍ଟସ କ୍ଷେତ୍ରରେ ନିଜର ଯୋଗଦାନ ବଢାଇବାକୁ କୁହାଯାଇଛି। ଭାରତ ବିଶ୍ୱର ପଞ୍ଚମ ବୃହତ ଦେଶ ହୋଇଥିବାରୁ ସେହି ଅନୁସାରେ ପେଟେଣ୍ଟ କ୍ଷେତ୍ରରେ ଯୋଗଦାନ ରଖିବାର ଆବଶ୍ୟକତା ରହିଛି। ଆର୍ଥିକ ଲକ୍ଷ୍ୟକୁ ହାସଲ କରିବା ଲାଗି ଭାରତକୁ ଆର୍ ଆଣ୍ଡ ଡିରେ ଅଧିକ ଖର୍ଚ୍ଚ କରିବାକୁ ପରାମର୍ଶ ଦିଆଯାଇଛି। ଗବେଷଣା ଏବଂ ବିକାଶକୁ ଉତ୍ସାହିତ କରିବା ଲାଗି ଭାରତ ଟିକସ ପ୍ରୋତ୍ସାହନ ଦେଉଛି। ଏହା ସତ୍ତ୍ୱେ ମଧ୍ୟ କମ୍ପାନୀଗୁଡିକ ଏ କ୍ଷେତ୍ରରେ ଏତେଟା ସଫଳତା ପାଇପାରୁନାହାନ୍ତି। ଗ୍ଲୋବାଲ ଇନୋଭେଶନ ସୂଚକାଙ୍କରେ ଭାରତର ସ୍ଥିତିରେ ଉନ୍ନତି ଆସୁଛି। ମାତ୍ର ନିମ୍ନ ଆୟକାରୀ ଦେଶଗୁଡିକ ମଧ୍ୟରେ ଭାରତ ନିମ୍ନରେ ରହିଛି। ଭାରତ ବିଶ୍ୱର ବଡ କମ୍ପାନୀଗୁଡିକ ଲାଗି ରେଡ୍ କାର୍ପେଟ ବିଛାଇଥିବା ବେଳେ ଏହି ସ୍ଥିତିରେ ସୁଧାର ଆସିବା ଆବଶ୍ୟକତା ରହିଛି।

## ଭି ସେପ୍ ରିକଭରି

ଆର୍ଥିକ ବର୍ଷ ୨୦୨୧-୨୨ରେ ଦେଶର ଜିଡିପି ଦେଶର ରିୟଲ ଜିଡିପି ୧୧% ବଢିବା ନେଇ ଅର୍ଥନୈତିକ ସର୍ଭେ ରିପୋର୍ଟରେ ଆକଳନ କରାଯାଇଛି। ରିପୋର୍ଟ ମୁତାବକ ନୋମିନାଲ ଜିଡିପି ୧୫.୪% ରହିପାରେ। ବ୍ୟାପକ ଟିକାକରଣ ଯୋଗୁ ଅର୍ଥ ବ୍ୟବସ୍ଥା ଭି ଆକୃତିର ପ୍ରତ୍ୟାବର୍ତ୍ତନ କରୁଛି। ଦେଶ ସ୍ୱାଧୀନ ହେବା ପରେ ଏହା ସବୁଠାରୁ ବଡ ଜିଡିପି ଅଭିବୃଦ୍ଧି ହେବ। ସେବା କ୍ଷେତ୍ରରେ ସୁଧାର ସହ ନିବେଶ ଏବଂ ଚାହିଦାରେ ମଧ୍ୟ ଉନ୍ନତି ଆସିବା ନେଇ ଏହି ରିପୋର୍ଟରେ ଆଶା କରାଯାଇଛି। ସୂଚନା ଯୋଗ୍ୟ, ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ ଜିଡିପି -୨୩.୯% ଏବଂ ଦ୍ୱିତୀୟ ତ୍ରୈମାସରେ -୭.୫ ଖସିଛି।

## ବିତ୍ତୀୟ ଉନ୍ନତୀକରଣ

କରୋନା ରୋକିବା ଲାଗି ଭାରତର ପଦକ୍ଷେପ ସଫଳ ହୋଇଛି। ଅନ୍ୟ ଦେଶ ଭଳି ବଡ ଆର୍ଥିକ ପ୍ୟାକେଜ ଘୋଷଣା କରିଛି। ଭାରତ ନିବେଶ ଲାଗି ବିଶ୍ୱ ସ୍ତରର ନିବେଶକଙ୍କ ପସନ୍ଦଯୋଗ୍ୟ ସ୍ଥାନ ହୋଇ ପାରିଥିବା ଏହି ରିପୋର୍ଟରେ ପ୍ରକାଶ ପାଇଛି। ଦେଶର ପୁଞ୍ଜି ବଜାରରେ ବିଦେଶୀ ନିବେଶକଙ୍କ ନିବେଶ ବୃଦ୍ଧି ପାଇଛି। ନଭେମ୍ବର ୨୦୨୦ରେ ଫରେନ ପୋର୍ଟଫୋଲିଓ ନିବେଶକଙ୍କ ନିବେଶ ୯.୮ ବିଲିୟନ ଡଲାର ଛୁଇଁଛି। ୨୦୨୦ରେ ଭାରତ ଏକମାତ୍ର ଅଭିବୃଦ୍ଧିଶୀଳ ଦେଶ ଯାହା ଇକ୍ୱିଟିରେ ଫରେନ ପୋର୍ଟଫୋଲିଓ ନିବେଶକଙ୍କ ନିବେଶ ଲାଭ କରିବାକୁ ସକ୍ଷମ ହୋଇ ପାରିଛି। ୬ ଦିନରେ ୧୦ ଲକ୍ଷ ଭାକସିନ ଯୋଗାଇ ଦେବାରେ ଭାରତ ଅନ୍ୟତମ ପ୍ରମୁଖ ଦେଶ ଭାବେ ପରିଗଣିତ ହୋଇଛି। ବ୍ରାଜିଲ ସମେତ ପଡୋଶୀ ଦେଶଗୁଡିକୁ ଟିକା ଯୋଗାଣରେ ଅଗ୍ରଣୀ ସ୍ଥାନ ଦେଶ ଗ୍ରହଣ କରିଛି। ନୀତି ନିର୍ଦ୍ଧାରଣରେ ଦୂରଦୃଷ୍ଟି ଅନ୍ୟ ଗଣତାନ୍ତ୍ରିକ ଦେଶ ଲାଗି ଉଦାହରଣ ହୋଇ ପାରିଛି।

## ନିବେଶକ ନାରାଜ

ବଜେଟ ପୂର୍ବରୁ ପାର୍ଲାମେଣ୍ଟରେ ଇକୋନୋମିକ ସର୍ଭେ ରିପୋର୍ଟ ଉପସ୍ଥାପିତ ହୋଇଛି। ମାତ୍ର ଏହା ଦେଶର ପୁଞ୍ଜି ବଜାର ନିବେଶକଙ୍କୁ ଉତ୍ସାହିତ କରିବାକୁ ସକ୍ଷମ ହୋଇନାହିଁ। ନିବେଶକଙ୍କ ମଧ୍ୟରେ ଏହା ଉତ୍ସାହ ଭରିବାରେ ସକ୍ଷମ ନ ହେବାରୁ ଶୁକ୍ରବାର ପୁଣି ଥରେ ଶେୟାର ବଜାର ଖସିଛି। ବିଏସ୍ଇ ସେନ୍ସେକ୍ସ ଶୁକ୍ରବାର ୫୮୯ ପଏଣ୍ଟ ବା ୧.୨୬% ନିମ୍ନରେ ରହି ୪୬,୨୮୫.୭୭ ପଏଣ୍ଟରେ ବନ୍ଦ ହୋଇଛି। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟି କାରବାର ୧୮୩ ପଏଣ୍ଟ ୧.୩୨% ନିମ୍ନରେ ରହି ୧୩,୬୩୫ ପଏଣ୍ଟରେ ବନ୍ଦ ହୋଇଛି। ନିବେଶକମାନଙ୍କର ଗତ ୬ ଦିନରେ ୧୧.୫୭ ଲକ୍ଷ କୋଟି ଟଙ୍କା ହ୍ରାସ ହୋଇଛି। ପ୍ରଫିଟ ବୁକିଂ ଯୋଗୁ ଭାରତୀୟ ଶେୟାର ବଜାର ଗତ ୬ ଦିନ ହେବ ଖସି ଚାଲିଛି।


## ଅଭିବୃଦ୍ଧି ଲାଗି ଭିତ୍ତିଭୂମି ନିବେଶ

ଦେଶର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲାଗି ଭିତ୍ତିଭୂମି ନିବେଶ ଉପରେ ଗୁରୁତ୍ୱ ଦେବାକୁ ଅର୍ଥନୈତିକ ସର୍ଭେ ରିପୋର୍ଟରେ ପରାମର୍ଶ ଦିଆଯାଇଛି। ଅର୍ଥ ବ୍ୟବସ୍ଥାକୁ ଅନଲକ କରିବା ଲାଗି ଭିତ୍ତିଭୂମି ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏହାକୁ ନଜରରେ ରଖି ରାଜପଥ ଏବଂ ଅନ୍ୟ କ୍ଷେତ୍ରରେ ନିବେଶ ବଢାଇବାର ଆବଶ୍ୟକତା ରହିଛି। ଦେଶର ସାମଗ୍ରିକ ଅଭିବୃଦ୍ଧି ଦିଗରେ ଏହା ମଧ୍ୟ ଯୋଗଦାନ ରଖିବ ବୋଲି ରିପୋର୍ଟରେ ପ୍ରକାଶ ପାଇଛି।

## ୫.୮% ଖସିବ ରପ୍ତାନି

ଆର୍ଥିକ ବର୍ଷ ୨୦୨୦-୨୧ରେ ଜିଡିପି ୭.୭% ଖସିବ। ୨୦୨୧-୨୨ରେ ଅଭିବୃଦ୍ଧି ୧୧% ରହିପାରେ। ଭାକସିନ ଯୋଗୁ ଅର୍ଥ ବ୍ୟବସ୍ଥା ଭି ଆକୃତିର ପ୍ରତ୍ୟାବର୍ତ୍ତନ କରୁଛି। ସରକାରୀ ଖର୍ଚ୍ଚ, ନେଟ ରପ୍ତାନି ବୃଦ୍ଧି ଯୋଗୁ ଅଭିବୃଦ୍ଧି ଉନ୍ନତ ହେବ। ରପ୍ତାନି ୫.୮% ଖସିବ ବୋଲି ଏହି ରିପୋର୍ଟରେ ପ୍ରକାଶ ପାଇଛି। ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟାର୍ଦ୍ଧରେ ଆମଦାନୀ ୧୧.୩% ହ୍ରାସ ହେବା ନେଇ ଆକଳନ କରାଯାଇଛି। କରେଣ୍ଟ ଆକାଉଣ୍ଟ ସରପ୍ଲସ ମୋଟ ଜିଡିପିର ୨% ରହିପାରେ। ସଭରେନ କ୍ରେଡିଟ ରେଟିଂ ଭାରତର ପ୍ରକୃତ ସ୍ଥିତିକୁ ଅଣଦେଖା କରୁଥିବା କୁହାଯାଇଛି। ଦେଶର ବିତ୍ତୀୟ ନୀତି ଗୁରୁଦେବ ରବୀନ୍ଦ୍ର ନାଥ ଟାଗୋର 'ମାଇଣ୍ଡ ଉଇଦାଉଟ ଫିୟର' ଉପରେ ପର୍ଯ୍ୟବସିତ ହେଉ ବୋଲି ସର୍ଭେ ରିପୋର୍ଟରେ ପ୍ରକାଶ ପାଇଛି।

## ସଂସ୍କାର ଧାରା




ଅର୍ଥ ବ୍ୟବସ୍ଥାକୁ ଭାରତ ଅଧିକ ନିୟନ୍ତ୍ରିତ କରିବା ଯୋଗୁ ବିଭିନ୍ନ ନିୟମ ସଫଳ ହେଉନାହିଁ। ନିୟମକୁ ସରଳୀକରଣ କରିବା ଉପରେ ଗୁରୁତ୍ୱ ଦେବାକୁ ରିପୋର୍ଟରେ କୁହାଯାଇଛି। ସୁପରଭିଜନ ଉପରେ ଫୋକସ କରିବାକୁ ରିପୋର୍ଟରେ ପରାମର୍ଶ ଦିଆଯାଇଛି। ଆସେଟ କ୍ୱାଲିଟି ରିଭ୍ୟୁକୁ ତ୍ୱରାନ୍ୱିତ କରିବା ଏବଂ ଋଣ ଆଦାୟ ଲାଗି ଆଇନଗତ ବ୍ୟବସ୍ଥା ଦୃଢୀକରଣ ଉପରେ ରିପୋର୍ଟରେ ଫୋକସ କରାଯାଇଛି।

### ଅର୍ଥନୈତିକ ସର୍ଭେର ମୁଖ୍ୟାଂଶ

- କୋଭିଡ ରେସପନ୍ସ ପଦକ୍ଷେପ ଯୋଗୁ ୧ ଲକ୍ଷ ଲୋକଙ୍କ ଜୀବନ ରକ୍ଷା
- କୃଷି କ୍ଷେତ୍ରରେ ତ୍ୱରିତ ସଂସ୍କାର ଲୋଡା, କୃଷିକୁ ଅତ୍ୟାଧୁନିକ ବିଜନେସ ଏଣ୍ଟରପ୍ରାଇଜ ଭାବେ ଦେଖିବା ଜରୁରୀ
- ସ୍କୁଲ ସ୍ତରରେ ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ଲାଗି ଧନ୍ଦାମୂଳକ ଶିକ୍ଷା
- ଅତି ଜରୁରୀ ସାମଗ୍ରୀ ଲାଭରେ ଉନ୍ନତି, ଏବେବି ଅସମାନତା
- ଇ-ଶିକ୍ଷା ଭଲ ଭାବେ କାର୍ଯ୍ୟକଲେ ଶିକ୍ଷା କ୍ଷେତ୍ରରେ ଅସମାନତା ଦୂରେଇ ପାରିବ
- ମୁଦ୍ରାସ୍ଫୀତି ଆକଳନ ପଦ୍ଧତିରେ ପରିବର୍ତ୍ତନ ପ୍ରସ୍ତାବ
- ଋଣ ଯୋଗାଣକାରୀ ଏବଂ ଗ୍ରହଣକାରୀଙ୍କ ସମ୍ପର୍କରେ ବ୍ୟବହାରିକ ପରିବର୍ତ୍ତନ ଆଣିଛି ଆଇବିସି
- କାର୍ଯ୍ୟସ୍ଥଳୀରେ ମହିଳାଙ୍କ ଯୋଗଦାନକୁ ଗୁରୁତ୍ୱର ଆବଶ୍ୟକତା
- ସୋସିଆଲ ସର୍ଭିସରେ ନିବେଶ ୧୨% ବଢି ୧୭ ଲକ୍ଷ କୋଟିକୁ ବୃଦ୍ଧି
- ଶୀଘ୍ର ସ୍ୱାଭାବିକ ହେବ ଏୟାର ପାସେଞ୍ଜର ଟ୍ରାଫିକ
- ବିଶ୍ୱ ଯୋଗାଣ ଚେନ୍ ଲାଗି ପିଏଲ୍ଆଇ ସ୍କିମ୍ ଗୁରୁତ୍ୱପୂର୍ଣ୍ଣ।
- ରିୟଲ ଇଷ୍ଟେଟ କ୍ଷେତ୍ରରେ ଆସୁଛି ଉନ୍ନତି

## ଅର୍ଥନୈତିକ ସର୍ଭେ ୨୦୨୦-୨୧

## ପିଡିଏସ୍ ଦର ବୃଦ୍ଧି ପ୍ରସ୍ତାବ


ବର୍ତ୍ତମାନ ଦେଶର ଖାଦ୍ୟ ସବସିଡି ବିଲ୍ ଅଧିକ ହୋଇଯାଇଛି। ଏଣୁ ସାଧାରଣ ବଣ୍ଟନ ବ୍ୟବସ୍ଥା ବା ପିଡିଏସ୍ ସାମଗ୍ରୀର ବିକ୍ରି ମୂଲ୍ୟ ବଢାଇବା ଲାଗି ଅର୍ଥନୈତିକ ସର୍ଭେ ରିପୋର୍ଟରେ ପରାମର୍ଶ ଦିଆଯାଇଛି। ବର୍ତ୍ତମାନ ପ୍ରାୟ ୮୦ କୋଟି ହିତାଧିକାରୀ ରାଶନ ଦୋକାନରୁ ରିହାତି ଦରରେ ବିଭିନ୍ନ ସାମଗ୍ରୀ କ୍ରୟ କରୁଛନ୍ତି। ଲୋକଙ୍କୁ କିଲୋ ପିଛା ୩ ଟଙ୍କାରେ ଚାଉଳ ଏବଂ ୨ ଟଙ୍କାରେ ଅଟା ଯୋଗାଇ ଦିଆଯାଉଛି।

## ସ୍ୱାସ୍ଥ୍ୟ ସେବା ଖର୍ଚ୍ଚ ବଢୁ

ଲକ୍ଡାଉନ ଯୋଗୁ କୋଭିଡ ସଂକ୍ରମଣ ଏବଂ ମୃତ୍ୟୁ ସଂଖ୍ୟାରେ ନିୟନ୍ତ୍ରଣ କରାଯାଇଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ସରକାରୀ ଖର୍ଚ୍ଚ ମୋଟ ଜିଡିପିର ୧%ରୁ ବୃଦ୍ଧି କରାଯାଇ ୨.୫%ରୁ ୩% କରାଯିବାକୁ ସର୍ଭେ ରିପୋର୍ଟରେ ପ୍ରସ୍ତାବ ଦିଆଯାଇଛି। ମହାମାରୀକୁ ପ୍ରତିରୋଧ କରିବା ଭଳି ସ୍ୱାସ୍ଥ୍ୟ ଭିତ୍ତିଭୂମି ଗଠନ ସହ ସକ୍ରିୟ ସ୍ୱାସ୍ଥ୍ୟ ନୀତି ଆଣିବା ଉପରେ ଗୁରୁତ୍ୱ ଦିଆଯାଇଛି। ଟେଲିମେଡିସିନକୁ ତ୍ୱରାନ୍ୱିତ କରିବା ଆବଶ୍ୟକତା ଉପରେ ଏଥିରେ ଫୋକସ କରାଯାଇଛି। ସେହିଭଳି ସ୍ୱାସ୍ଥ୍ୟ ଭିତ୍ତିଭୂମି ଏବଂ ଇଣ୍ଟରନେଟ ସଂଯୋଗ ବୃଦ୍ଧି ଲାଗି ନିବେଶ ପ୍ରସ୍ତାବ ରହିଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ସରକାର ଖର୍ଚ୍ଚ ବଢାଇଲେ ଲୋକମାନେ ଏହାର ଲାଭ ପାଇବେ ବୋଲି କୁହାଯାଇଛି।

## 'ପିଏମ୍ ଜୟ'ର ସଫଳତା

ଯେଉଁ ରାଜ୍ୟ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ପିଏମ୍-ଜୟ)କୁ କାର୍ଯ୍ୟକାରୀ କରାଇଛନ୍ତି ଉକ୍ତ ରାଜ୍ୟଗୁଡିକରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉନ୍ନତ ରହିଛି। ପିଏମ୍ ଜୟ ଯୋଜନା ଗ୍ରହଣ କରିଥିବା ରାଜ୍ୟରେ ସ୍ୱାସ୍ଥ୍ୟ ବୀମା ଗ୍ରହଣ ହାରରେ ଉନ୍ନତି, ଶିଶୁ ଏବଂ ମାତୃ ମୃତ୍ୟୁ ହାରରେ ହ୍ରାସ, ପରିବାର ନିୟନ୍ତ୍ରଣ ଏବଂ ଏଚ୍ଆଇଭି ଏଡ୍ସ ସମ୍ପର୍କିତ ସଚେତନତା ବଢିଥିବା ସର୍ଭେରେ କୁହାଯାଇଛି।



ସଂସଦରେ ଅର୍ଥମନ୍ତ୍ରୀ ନିର୍ମଳା ସିତାରାମନ ସର୍ଭେ ରିପୋର୍ଟ ଉପସ୍ଥାପନ କରୁଛନ୍ତି।

## ଲକ୍ଡାଉନ ଡିଭିଡେଣ୍ଡ

କୋଭିଡ-୧୯ ମହାମାରୀକୁ ରୋକିବା ଲାଗି ସରକାର ଜାରି କରିଥିବା ଲକଡାଉନ ଦେଶ ଲାଗି ଲାଭକରୀ ସାବ୍ୟସ୍ତ ହୋଇଛି। ଏହା ଅନେକଙ୍କ ଜୀବନ ଏବଂ ଜୀବିକାକୁ ରକ୍ଷା କରିବାରେ ସହାୟକ ହୋଇଛି। ଦୀର୍ଘମିଆଦି ଲାଭ ଲାଗି ଭାରତ ସ୍ୱଳ୍ପ ମିଆଦି କଷ୍ଟ ଉଠାଇଛି। ଲକ୍ଡାଉନ ଦେଶକୁ ଡିଭିଡେଣ୍ଡ ବା ଲାଭାଂଶ ପ୍ରଦାନ କରିଥିବା ଶୁକ୍ରବାର ପାର୍ଲାମେଣ୍ଟରେ ଉପସ୍ଥାପିତ ଅର୍ଥନୈତିକ ସର୍ଭେ ରିପୋର୍ଟରେ ପ୍ରକାଶ ପାଇଛି। ଏଥିରେ କୁହାଯାଇଛି ଯେ, ଲକଡାଉନ ଲାଗି ଅର୍ଥ ବ୍ୟବସ୍ଥାକୁ ଶକ୍ତ ଧକ୍କା ଲାଗିଛି। ମାତ୍ର ଭାରତ ବର୍ତ୍ତମାନ ଭି ଆକୃତିରେ ସୁଧାର ସହ ଟ୍ରାକକୁ ଫେରୁଛି। ଦେଶର ଦୃଢ ଅର୍ଥନୈତିକ ଢାଞ୍ଚା, ମୁଦ୍ରାର ସ୍ଥିରତା, ବିଦେଶୀ ମୁଦ୍ରା ଭଣ୍ଡାରରେ ବୃଦ୍ଧି ଏବଂ ମାନୁଫାକଚରିଂ କ୍ଷେତ୍ରରେ ଉତ୍ସାହ ଦେଖାଯାଇଛି। ମାର୍ଚ୍ଚ ୨୫ରୁ ମେ ୩୧ ଯାଏ ସାରା ଦେଶରେ ଲକଡାଉନ ଜାରି କରାଯାଇଥିଲା। ଏହା ଦ୍ୱାରା କରୋନା ଚେନ୍କୁ ଭାଙ୍ଗିବାରେ ଭାରତ ସକ୍ଷମ ହୋଇଥିବା ସର୍ଭେ ରିପୋର୍ଟରେ କୁହାଯାଇଛି।

## କେ.ଭି. ସୁବ୍ରମଣ୍ୟନ୍

ଶୁକ୍ରବାର ସଂସଦରେ ଉପସ୍ଥାପିତ ହୋଇଥିବା ଅର୍ଥନୈତିକ ସର୍ଭେ ରିପୋର୍ଟକୁ ସରକାରଙ୍କ ମୁଖ୍ୟ ଆର୍ଥିକ ପରାମର୍ଶଦାତା (ସିଇଏ) କେ.ଭି. ସୁବ୍ରମଣ୍ୟନ୍ ଏବଂ ତାଙ୍କ ଟିମ୍ ତିଆରି କରିଛନ୍ତି। ପୂର୍ବଥର ମଧ୍ୟ ସେ ଏହି ରିପୋର୍ଟ ପ୍ରସ୍ତୁତ କରିଥିଲେ। ସେ ୨୦୧୮ ଡିସେମ୍ବରରେ ସିଇଏ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ପୂର୍ବତନ ସିଇଏ ଅରବିନ୍ଦ ସୁବ୍ରମଣ୍ୟନ ବ୍ୟକ୍ତିଗତ କାରଣ ଲାଗି ଇସ୍ତଫା ଦେବା ପରେ କେ.ଭି. ସୁବ୍ରମଣ୍ୟନ ଦାୟିତ୍ୱ ଭାର ସମ୍ଭାଳିଥିଲେ। ବ୍ୟାଙ୍କିଙ୍ଗ, କର୍ପୋରେଟ କ୍ଷେତ୍ର ଏବଂ ଆର୍ଥିକ ନୀତି କ୍ଷେତ୍ରରେ ସାରା ବିଶ୍ୱର ପ୍ରମୁଖ ବିଶେଷଜ୍ଞମାନଙ୍କ ମଧ୍ୟରେ ସେ ଅନ୍ୟତମ। ହାଇଦ୍ରାବାଦ ସ୍ଥିତ ଇଣ୍ଡିଆନ ସ୍କୁଲ ଅଫ୍ ବିଜନେସରେ ସେଣ୍ଟର ଫର ଆନାଲିଟିକାଲ ଫାଇନାନ୍ସର ବିତ୍ତ ଏବଂ କାର୍ଯ୍ୟକାରୀ ନିର୍ଦ୍ଦେଶକ ଏବଂ ଆସୋସିଏଟ ପ୍ରଫେସର ଭାବେ ସେ କାର୍ଯ୍ୟ କରିଛନ୍ତି। ସେ ଆର୍ବିଆଇର ପୂର୍ବତନ ଗଭର୍ନର ରଘୁରାମ ରାଜନଙ୍କ ଛାତ୍ର। ସେ ଆଇଆଇଟି କାନପୁର, ଆଇଆଇଏମ୍ କୋଲକାତା ଏବଂ ଆମେରିକାର ସିକାଗୋ ବିଶ୍ୱ ବିଦ୍ୟାଳୟରୁ ପିଏଚ୍ଡି କରିଛନ୍ତି।



# ବଜାରରେ ନୂଆ ସ୍କୋଡା ସୁପର୍ବ

**ଭୁବନେଶ୍ୱର,୨୯।୧**

ପ୍ରମୁଖ ଯାନ ନିର୍ମାତା କମ୍ପାନୀ ସ୍କୋଡା ଅଟୋ ଇଣ୍ଡିଆ ପକ୍ଷରୁ ନୂଆ ଅପଡେଟେଡ୍ ସୁପର୍ବ ମଡେଲ ବଜାର ପ୍ରବେଶ କରିଛି। ସ୍ଥାନୀୟ ଟ୍ରିନିଟି ସ୍କୋଡା ଶୋ'ରୁମ ପରିସରରେ ଶୁକ୍ରବାର ଏହାର ଉନ୍ମୋଚନ କରାଯାଇଥିଲା। ଟ୍ରିନିଟି ସ୍କୋଡା ଶୋ'ରୁମର ଓନର ସ୍ୱାତୀ କେଜ୍ରିୱାଲ, ପଦ୍ମଶ୍ରୀ ଦିଲୀପ ତିର୍କୀ ଏହି ମଡେଲକୁ ବଜାର ପ୍ରବେଶ କରାଇଥିଲେ। ନୂଆ ମଡେଲଟିର ସ୍ପୋର୍ଟଲାଇନ ଟ୍ରିମ୍ ୩୧.୯୯ ଲକ୍ଷ ଟଙ୍କା ଏବଂ ଲରିନ୍ ଏବଂ କ୍ଲିମେଣ୍ଟର ଦର ୩୪.୯୯ ଲକ୍ଷ ଟଙ୍କା ରହିଥିବା ଶୋ'ରୁମ ପକ୍ଷରୁ ସୂଚନା ଦିଆଯାଇଛି। ସୁପର୍ବ ପ୍ରଥମେ ୨୦୦୪ରେ ବଜାରକୁ ଆସିଥିଲା। ଏହା କମ୍ପାନୀରେ ଏକ ଲୋକପ୍ରିୟ ମଡେଲ। ନୂଆ ଯାନଟି ବିଭିନ୍ନ ପରିବର୍ତ୍ତିତ ଫିଚର ସହ ଆସିଛି। ଏହା ଗ୍ରାହକଙ୍କ ଦ୍ୱାରା ବେଶ ଆଦୃତ ହେବା ସହ ମନ ଜିଣି ପାରିବ ବୋଲି କମ୍ପାନୀ ଆଶାବାଦୀ ରହିଛି। ଏଥିରେ ଗ୍ରାହକ ବିଭିନ୍ନ ଅତ୍ୟାଧୁନିକ ଫିଚର ଲାଭ କରିପାରିବେ। ଏହି ପରିପ୍ରେକ୍ଷୀରେ ସ୍ୱାତୀ କେଜ୍ରିୱାଲ କହିଛନ୍ତି ଯେ, ଯାନର ରହିଥିବା ଫିଚର ଗ୍ରାହକଙ୍କୁ ଭିନ୍ନତା ପ୍ରଦାନ କରିବ ବୋଲି ଆଶା। ମାର୍ଚ୍ଚରେ ନୂଆ ସ୍କୋଡା କୁସାକ୍ ମଡେଲ ଗ୍ରାହକଙ୍କ ଲାଗି ବଜାରକୁ ଆସିବ। ଏହା ଗେମ୍ ଚେଞ୍ଜର ହେବା ନେଇ ଆଶା ରହିଛି ବୋଲି ସେ କହିଛନ୍ତି।



ନୂଆ ଯାନ ବଜାର ପ୍ରବେଶ ଅବସରରେ ଉପସ୍ଥିତ ଅତିଥି।

# ୨୦୧୯-୨୦ ଜିଡିପି ଆକଳନରେ ପରିବର୍ତ୍ତନ

**ନୂଆଦିଲ୍ଲୀ,୨୯।୧:** ଆର୍ଥିକ ବର୍ଷ ୨୦୧୯-୨୦ ଲାଗି ସରକାର ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି)ର ଆକଳନକୁ ପରିବର୍ତ୍ତନ କରିଛନ୍ତି। ଜିଡିପି ୪.୨% ରହିବା ନେଇ ପୂର୍ବରୁ ଆକଳନ କରାଯାଇଥିଲା। ଏହାକୁ ସରକାର ବର୍ତ୍ତମାନ ୪%କୁ ହ୍ରାସ କରିଛନ୍ତି। ମାନୁଫାକ୍ଚରିଂ ଏବଂ ନିର୍ମାଣ ଭଳି କ୍ଷେତ୍ରରେ ହ୍ରାସ ଯୋଗୁ ଏଭଳି ପରିବର୍ତ୍ତନ କରାଯାଇଥିବା ଜଣାପଡ଼ିଛି। ୨୦୧୧-୧୨ ମୂଲ୍ୟରେ ୨୦୧୯-୨୦ ଏବଂ ୨୦୧୮-୧୯ରେ ଜିଡିପି ଯଥାକ୍ରମେ ୧୪୫.୬୯ ଲକ୍ଷ କୋଟି ଏବଂ ୧୪୦.୦୩ ଲକ୍ଷ କୋଟି ଟଙ୍କା ରହିଛି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଦୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9810472786
8800979262

New Year Dhamaka
BUSINESS
Lucky Draw
କୋରୋନା ଲକ୍ଡାଉନ ପରେ ଲକ୍ଷପତି ହେବାର ସୁବର୍ଣ୍ଣ ସୁଯୋଗ। ଫୋନ୍ ଉଠାନ୍ତୁ ଏବଂ କଲ୍ କରନ୍ତୁ, ଜବାବ ଦିଅନ୍ତୁ ଭାଗ୍ୟଶାଳି ହେବାର ସୁଯୋଗ ଆପଣାନ୍ତୁ।
CONTACT
8226999000

M (GROUP)
Finance Company
ଆପଣଙ୍କ ପାଇଁ ଋଣ
ବ୍ୟବସାୟ ଋଣ, ସାଲାରି ସ୍ଲିପ୍ ଋଣ, ମାର୍କଶିଟ୍ ଋଣ
ମାତ୍ର 5% ସୁଧରେ
ମହିଳାଙ୍କ ପାଇଁ 40% ଛାଡ଼
8895358521
8895357605

PADMAJA FINANCE
ସରକାର ଯୋଜନା ଦ୍ୱାରା ନିଜର ପ୍ରପର୍ଟି, ବ୍ୟକ୍ତିଗତ, ମାର୍କସିଟ୍, ଗୃହଋଣ, କୃଷି, ଗାଈ ଓ କୁକୁଡ଼ା ପାଳନ ଆଦି ସମସ୍ତ ପ୍ରକାର LOAN 2% ସୁଧରେ ଘରେ ବସି ପାଆନ୍ତୁ।
Mob.-9437921472
7656825049
LAHANDA, BARGARH

NEW YEAR DHAMAKA
DHANLAXMI FINANCE
(Reg. No. Reg.No.U65910CT1970)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୮୨ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848538

ତାନ୍ତ୍ରିକ ଶକ୍ତିର ବାଦ୍ଶାହା
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଛଳିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ।
RUPALI SQUARE, SAHEED NAGAR, BHUBANESWAR
Ph.: 8144114249
Note: ଘରେ ବସି ଫୋନରେ ସମାଧାନ କରିବାକୁ କହୁଥିବା ତାନ୍ତ୍ରିକ ବାବାଙ୍କ ପ୍ରତି ସାବଧାନ!

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ




ସ୍ୱର୍ଗତ ରମେଶ ଚନ୍ଦ୍ର ସେଠୀ
ବରିଷ୍ଠ ଗାୟକ
ନିଆଳି, କଟକ
ଆବିର୍ଭାବ: ୧୪।୧୧।୧୯୬୦
ତିରୋଧାନ: ୧୨।୦୧।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।
ତୁମର ହତଭାଗ୍ୟ ପତ୍ନୀ: ସନ୍ଧ୍ୟାରାଣୀ ସେଠୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ଭାଇ, ଭାଇବୋହୂ, ପୁତୁରା, ଝିଆରୀ, ପରିବାରବର୍ଗ, ବନ୍ଧୁବାନ୍ଧବ।
ଧ-୧୯୭୩୭

ଏକାଦଶାହ ଉପଲକ୍ଷେ..



✓ ଅଧିକାରୀ ଗୌତମ ଦାସ
ବଟିରା, କେନ୍ଦ୍ରାପଡା।
ଆବିର୍ଭାବ - ୧୧.୦୯.୧୯୭୪
ତିରୋଧାନ - ୨୦.୦୧.୨୦୨୧
ଆଜି ଆପଣଙ୍କ ଏକାଦଶାହ ଦିବସ ଅବସରରେ ଅମର ଆତ୍ମାର ଶାନ୍ତି ଓ ସଦ୍ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ଆମ୍ଭ-ମାନଙ୍କର ବିନମ୍ର ପ୍ରାର୍ଥନା।
-: ଶୋକସନ୍ତପ୍ତ :-
ବାପା, ବୋଉ, ସ୍ତ୍ରୀ, ପୁଅ, ଭାଇ, ଭଉଣୀ, ଭଣଜା, ଭାଣିଜୀ, ଅଧିକାରୀ ବଂଶ, ବଟିରା ଗ୍ରାମବାସୀ ଓ ଆତ୍ମୀୟସ୍ୱଜନ।
ଧ-୧୯୭୭୫

# ସିଂହର ପଞ୍ଝାରୁ ଜାଣିହୁଏ



ବିଜ୍ଞାନ କଥା

**ସା**ର୍ ଆଇଜାକ୍ ନିଉଟନ୍ (୧୬୪୨–୧୭୨୭) ହେଉଛନ୍ତି ପୃଥିବୀର ସର୍ବକାଳୀନ ଜଣେ ଶ୍ରେଷ୍ଠ ବୈଜ୍ଞାନିକ ତଥା ଗଣିତଜ୍ଞ। ସେ ନିଜ ଆବିଷ୍କାର ଓ ଉଦ୍ଭାବନ ଦ୍ୱାରା ଉଭୟ ଗଣିତ ଏବଂ ପଦାର୍ଥ ବିଜ୍ଞାନରେ ବିପ୍ଲବ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ବିଜ୍ଞାନର ବିକାଶରେ ମୁଖ୍ୟ ଭୂମିକା ନେଇଥିଲେ।

ପ୍ରାୟ ସମସ୍ତ ପିଲା ଜାଣନ୍ତି ଯେ ନିଉଟନ୍ ନିଜ ବଗିଚାରେ ଆତ ଗଛ ମୂଳରେ ବସିଥିବା ବେଳେ ଗଛରୁ ଫଳଟିଏ ତାଙ୍କ ମୁଣ୍ଡରେ ପଡିବା ପରେ ସେ ମାଧ୍ୟାକର୍ଷଣ ନିୟମ ଆବିଷ୍କାର କଲେ। ଆଲୋକ ଗୋଟିଏ ପ୍ରିଜିମ ମଧ୍ୟ ଦେଇ ଗଲେ ତାହା ସାତଟି ପୃଥକ୍ ରଙ୍ଗରେ ଭାଗ ହୋଇ ଆଲୋକ ବର୍ଣ୍ଣାଳି ସୃଷ୍ଟି କରେ। ନିଉଟନ୍ ଏହା ଆବିଷ୍କାର କରିଥିଲେ। ନିଉଟନ୍ ହେଉଛନ୍ତି କାଲକୁଲସ୍‌ର ଉଦ୍ଭାବକ। କୌଣସି ବସ୍ତୁର ଗତିକୁ ଅଧ୍ୟୟନ କରିବା ପାଇଁ ଏହା ଦରକାର ହୋଇଥାଏ। ସେ ମଧ୍ୟ ବାଇନୋମିଆଲ ଉପପାଦ୍ୟ ଓ ଗଣିତରେ ଅନ୍ୟ କେତେକ ସୂତ୍ର ଆବିଷ୍କାର କରିଥିଲେ।

ନିଉଟନ୍ ସମସ୍ତ ଗଣିତ ଆବିଷ୍କାର ସେ ଯୁବକ ଥିବା ସମୟରେ ହିଁ କରିଥିଲେ। ସେ ମାତ୍ର ୨୩ ବର୍ଷ ବୟସରେ କାଲ୍କୁଲସ ଆବିଷ୍କାର କରିଥିଲେ। ଏହାପରେ ତାଙ୍କର କୌଣସି ବଡ ଗାଣିତିକ କୃତି ପ୍ରକାଶ ପାଇ ନ ଥିଲେ ସୁଦ୍ଧା ଗଣିତକୁ ସେ ଛାଡି ନ ଥିଲେ।

ୟୁରୋପର ଦୁଇ ଜଣ ବିଶିଷ୍ଟ ଗଣିତଜ୍ଞ ଜୋହାନ୍ ବର୍ଣ୍ଣୁଲି ଓ ଲିବନିଜ୍ ଦୁଇଟି କଠିନ ଅଙ୍କ ପ୍ରସ୍ତୁତ କରି ୟୁରୋପର ଗଣିତଜ୍ଞମାନଙ୍କ ପାଖକୁ ପଠାଇଥିଲେ ଏବଂ ତାହାକୁ ଛଅ ମାସ ମଧ୍ୟରେ ସମାଧାନ କରିବା ପାଇଁ ଆହ୍ୱାନ ଦେଲେ। ନିଉଟନ୍ ସେତେବେଳକୁ ଲଣ୍ଡନ ମୁଦ୍ରାଶାଳାର ତତ୍ତ୍ୱାବଧାରକ ଥିଲେ। ସେ ଦିନେ ସନ୍ଧ୍ୟା ବେଳେ ମୁଦ୍ରାଶାଳାରୁ ଘରକୁ ଫେରି ଗଣିତ ଅଙ୍କ ଦୁଇଟି ଥିବା ଚିଠି ପାଇଲେ। ସେ ରାତ୍ର ଭୋଜନ ପରେ ଅଙ୍କ ଦୁଇଟିର ସମାଧାନ କରି ଶୋଇବାକୁ ଗଲେ ଏବଂ ତା' ପରଦିନ ଏହି ସମାଧାନକୁ ଲଣ୍ଡନ ରୟାଲ ସୋସାଇଟିକୁ ପଠାଇ ଦେଲେ। ନିଉଟନ୍ ଭାବିଥିଲେ ଯେ ତାଙ୍କ ନାମ କେହି



ଜାଣି ପାରିବେ ନାହିଁ। ମାତ୍ର ସମାଧାନର ମୌଳିକତା ଦେଖି ବର୍ଣ୍ଣୁଲି ସାଙ୍ଗେ ସାଙ୍ଗେ ପାଟି କରି କହିଲେ, 'ଆଃ ! ମୁଁ ସିଂହକୁ ତା'ର ପଞ୍ଝାରୁ ଜାଣିପାରେ'। ସେ ଜୋର୍ ଦେଇ କହିଲେ ଯେ ଏପରି ବିଚକ୍ଷଣ ସମାଧାନ ପ୍ରଣାଳୀ କେବଳ ନିଉଟନ୍ ହିଁ କରିପାରନ୍ତି।

**–ଇଂ ମାୟାଧର ସ୍ୱାଇଁ,**
*ଲକ୍ଷ୍ମୀବିହାର, ଫେଜ୍–୧, ଭୁବନେଶ୍ୱର*
*ମୋ– ୯୪୩୮୬୯୩୭୨୪*

## କହିଲ ଦେଖି

**କ**ହିଲ ଦେଖି କିଏ ?
ଲହଲହକା ଜିଭଟି ତା'ର
ଫଣାକୁ ଟେକି ଦିଏ
ଦେଖିଲେ ତାକୁ ସଭିଙ୍କ ଡର
କହିଲ ଦେଖି କିଏ ?

**ଉତ୍ତର : ସାପ**



**ଫ**ଟୋ ସହିତ ନାଁ ଠିକଣା
ଲେଖା ସେଥିରେ ଥାଏ
ଫିତା ସାଥିରେ ବେକରେ ଝୁଲେ
ମୁଁ କିଏ ସେ କହେ।

**ଉତ୍ତର : ପରିଚୟ ପତ୍ର**




**ଛୋ**ଟିଆ ଚିଜ ଧାତୁର ସଜ
ଅଙ୍କା ବଙ୍କା ତା' ଧାର
ଖୋଲିଯାଏଟି ବନ୍ଦ ଦୁଆର
ସାଥୀ ମିଶିଲେ ତା'ର।

**ଉତ୍ତର : ଚାବି**



**ପ**ଢା ଟେବୁଲ ଉପରେ ରହି
ଅନ୍ଧାର ଦିଏ ଦୂରେଇ
ମୁହଁଟି ତା'ର ନୁଆଁଇ ଦେଇ
ପଢେ ମୁଁ ମନଲଗାଇ।

**ଉତ୍ତର : ଟେବୁଲ ଲାଇଟ୍**



**–ଶୁଭନାରାୟଣ ଶତପଥୀ,**
ବିଜିପୁର, ବ୍ରହ୍ମଗିରି, ପୁରୀ

## ଆ ଇ ନା




# ଆସ ମିଳିମିଶି ଚଳିବା





**ଗୋ**ଟିଏ ଗାଆଁରେ ଭଗିଆ ନାମରେ ଜଣେ ଚାଷୀ ପରିବାର ଥାଆନ୍ତି। ତାଙ୍କର ବଡ ପୁଅ ଚଗଲା ଏବଂ ସାନ ପୁଅ ବଗୁଲା। ଦୁଇ ଭାଇ ବଡ ହେଲେ। ଦୁଇ ପୁଅଙ୍କ ବିବାହ ପରେ ସେମାନଙ୍କ ମଧ୍ୟରେ ଭଲ ସମ୍ପର୍କ ରହିଲା ନାହିଁ। ତାଙ୍କର ବାପା ଦୁହିଁଙ୍କୁ ମିଳିମିଶି ଚଳିବା ପାଇଁ ଅନେକ ଥର ବୁଝାଇ ଥାଆନ୍ତି। ହେଲେ ବଗୁଲା ଗାଁର କିଛି ଖଳ ପ୍ରକୃତିର ଲୋକଙ୍କ ବୁଦ୍ଧିରେ ପଡି ସବୁବେଳେ ଚଗଲା ସହ କଳି କରେ। ଶେଷରେ ବୁଢ଼ା ହୋଇ ତାଙ୍କର ବାପା ମୃତ୍ୟୁବରଣ କଲେ। ଶୁଦ୍ଧିକ୍ରିୟା ଶେଷ ହେବା ପରେ ବଡ ଭାଇଠାରୁ ଅଲଗା ହୋଇ ବାପାଙ୍କ ସମ୍ପତ୍ତିକୁ ସମାନ ଦୁଇ ଭାଗରେ ବାଣ୍ଟିବାକୁ ବଗୁଲା କହିଲା। ବଗୁଲା ଏବଂ ତା' ସ୍ତ୍ରୀ ପର ବୁଦ୍ଧିରେ ପଡି ଅଲଗା ହେବାକୁ ଜିଦ୍ ଧରିବାରୁ ଶେଷରେ ସେଇଆ ହିଁ ହେଲା। ଦୁଇ ଭାଇ ଅଲଗା ହେଲେ ଏବଂ ଘରବାଡି, ସମ୍ପତ୍ତି ଦୁଇ ଭାଗ ହେଲା। ଏପରି କି ନଡିଆ ଗଛର ଉପରିଭାଗ ବଡ ଭାଇ ଏବଂ ତଳ ଭାଗ ସାନ ଭାଇ ନେଲା। ଗାଈର ଆଗ ପଟ ଚଗଲା ଏବଂ ପଛ ପଟ ବଗୁଲା ନେଲା। ଏହି ବ୍ୟବସ୍ଥା ଦୁହିଁଙ୍କ ଭିତରେ କଳିକୁ ଆହୁରି ବଢ଼ାଇ ଦେଲା। ବଡ ଭାଇ ନଡିଆ ତୋଳିଲା ବେଳକୁ ସାନ ଭାଇ ଗଛର ତଳ ଭାଗକୁ ହାଣିବାକୁ ଆରମ୍ଭ କଲା। ଗାଈ ଦୁହିଁବାକୁ ବଗୁଲା ଯିବା ବେଳେ ଗାଈକୁ ଚଗଲା ଅସ୍ଥିର କରିପକାଇଲା। ଘରେ ସବୁବେଳେ ଅଶାନ୍ତି ଲାଗି ରହିଲା। ଖଳ ଚକ୍ରାନ୍ତ କରୁଥିବା ଲୋକମାନଙ୍କର ବୁଦ୍ଧି ଆଉ ବେଶିଦିନ କାମ ଦେଲା ନାହିଁ। ସମୟ ଆସିଲା, ଦୁଇ ଭାଇ ପରସ୍ପର ଭୁଲ୍ ବୁଝି ପାରିଲେ। ବଗୁଲା ନିଜ ଭୁଲ୍ ବୁଝିପାରି ବଡ ଭାଇ ଗୋଡ ତଳେ ପଡିଯାଇ କ୍ଷମା ମାଗିଲା। ବଡ ଭାଇ ସାନ ଭାଇର ଭୁଲ୍‌କୁ କ୍ଷମା କରିଦେବା ପରେ ଦୁହେଁ ଏକାଠି ମିଳିମିଶି ଚଳିବାକୁ ସ୍ଥିର କଲେ ଆଉ ଶପଥ ମଧ୍ୟ ନେଲେ। ଦୁଇ ଭାଇ ହୃଦୟଙ୍ଗମ କଲେ ଯେ, 'ମିଳିମିଶି ଚଳିଲେ ଯେଉଁ ସୁଖ ମିଳେ ତାହା ଅଲଗା ହୋଇ ଚଳିଲେ ନ ଥାଏ। ଏକାଠି ରହିଲେ ଆଉ ମନ ମିଶାଇ ଚଳିଲେ ଘର ସ୍ୱର୍ଗ ପାଲଟି ଯାଏ। ଯଦି ପରିବାର ଭିତରେ ସବୁବେଳେ ଅଶାନ୍ତି ଲାଗି ରହେ, ତେବେ ଘର ନର୍କ ପାଲଟି ଯାଇଥାଏ।'

**–ଶଶଧର ମହନ୍ତୀ**
ଚରମ୍ପା, ଭଦ୍ରକ

## ଗିନିଜ୍ ୱାର୍ଲ୍ଡ ରେକର୍ଡ

# ୧ ମିନିଟରେ ୨୩୦ଜଣଙ୍କ ସ୍କିପିଂ



**ପି**ଲାମାନେ ତୁମେ ତ ସ୍କିପିଂ କରିଥିବ। ବେଳେବେଳେ ଦୁଇଜଣ କି ତିନିଜଣ ଏକାଠି ବି ମଜାରେ ସ୍କିପିଂ କରିଥାନ୍ତି। କିନ୍ତୁ ଏକାବେଳକେ ୨୩୦ ଜଣଙ୍କୁ ସ୍କିପିଂ କରୁଥିବାର ତୁମେ କେବେ ଦେଖିଛ କି ? ଅବଶ୍ୟ ଏତେଜଣ ଏକାବେଳକେ ସ୍କିପିଂ କରିବା ହୁଏତ ଆଶ୍ଚର୍ଯ୍ୟ ମନେ ହୋଇପାରେ। କିନ୍ତୁ ଏମିତି ଏକ କାମ କରି ଗିନିଜ୍ ବୁକ ରେକର୍ଡ କରିଛନ୍ତି ଜାପାନର ଏକ ସ୍କୁଲର ୨୩୦ଜଣ ପିଲା। ପିଲାମାନେ ଆଶ୍ଚର୍ଯ୍ୟଜନକଭାବେ ଅତି ଶୀଘ୍ର ଜଣକ ପରେ ଜଣେ ଲେଖାଏଁ ଗୋଟିଏ ରଶିରେ ସ୍କିପିଂ କରୁଛନ୍ତି। ଦଉଡି ସହିତ ସମତାଳରେ ପିଲାମାନେ ଏଭଳି ଡେଉଁଛନ୍ତି, ମନେ ହେବ ଯେମିତି ସମସ୍ତେ ବୋଧହୁଏ ପହଁରୁଛନ୍ତି। ଏଥିପାଇଁ ମାତ୍ର ୧ ମିନିଟ୍‌ରେ ଏତେ ଜଣ ପିଲା ସ୍କିପିଂ କରି ରେକର୍ଡ କରିପାରିଛନ୍ତି। ପିଲାମାନଙ୍କର ଏହିଭଳି ସ୍କିପିଂ ଶୈଳୀର ଭିଡ଼ିଓ ଏବେ ଇଣ୍ଟରନେଟରେ ଲୋକଙ୍କୁ ଖୁବ୍ ପସନ୍ଦ ଆସିଛି। ତେବେ ଅଧିକାଂଶ ପିଲାଙ୍କର ଏଭଳି କାମକୁ ଦେଖି ଆଶ୍ଚର୍ଯ୍ୟ ହୋଇଛନ୍ତି।

## କବିତା

### ଦେଶ ପାଇଁ

**ଭା**ରତ ମାତାର ଆମେ ସୁସନ୍ତାନ
ଆସ ତା' ସେବା କରିବା
ସମର୍ପିତ ମନେ ଦେଶ ରକ୍ଷା ପାଇଁ
ଆମେରେ ଜୀବନ ଦେବା।
ଆମେ ଭାରତୀୟ ଭାରି ସ୍ୱାଭିମାନୀ
ଏକତାରେ ସବୁ ବନ୍ଧା
ପଛଘୁଞ୍ଚା ନାହିଁ ଆମରି ଜାତକେ
ଆସୁ ଯେତେ ଝଡ଼ଝଞ୍ଜା।
ଦେଶର ପ୍ରଗତି ପଥେ ଅନ୍ତରାୟ
ହୁଅ ନାହିଁ କେବେ କିଏ
ଆଳସ୍ୟକୁ ତ୍ୟାଗି ହୁଅରେ ଜାଗ୍ରତ
ସମୟ ଆସିଛି ଏବେ।
ଆମ ବୀରପଣ ଦେଖି ଶତ୍ରୁଗଣ
ଆଉ ଆସିବେନି କେବେ।

**–ରାମଚନ୍ଦ୍ର ପ୍ରଧାନ,**
ସାନ୍ତରାପଲ୍ଲୀ, ଗଞ୍ଜାମ

### ସୈନିକ

**ଭା**ରତ ମାତାର ଯୋଗ୍ୟ ସନ୍ତାନ
ଏ ମୋର ସୈନିକ ଭାଇ ମହାନ
ବନ୍ଧୁକ ମୁନରେ କର ଶାସନ
ତୁମ ପାଇଁ ବଞ୍ଚେ ଆମ ଜୀବନ।

ଶତ୍ରୁକୁ ସଂହାରି ବିନାଶ କର
ପଛରେ ପକାଇ ନିଜ ସଂସାର
ଭାରତବାସୀଙ୍କୁ ପୁଲକ ଭର
ସଭିଏଁ କୁହନ୍ତି ସାହସୀ ବୀର।

ଜଣା ନାହିଁ ତତେ ଯାନି କି ଯାତ
ସୀମା ସଙ୍ଗେ ରହୁ ହୋଇ ସଙ୍ଗାତ
ଯୁଦ୍ଧ ହେଲେ ଦେଉ ପତାଇ ଛାତି
ଲାଗିଯାଉ ପଛେ ବନ୍ଧୁକ ତାତି।



ଛାଡ଼ ନାହିଁ ଶତ୍ରୁ ଆମରି କତି
ନ ଶୋଇ ଲଢୁଛ କି ଦିନ ରାତି
ଶହୀଦ ହେଉଛ ଆମରି ପାଇଁ
କେତେ ଯେ ଯବାନ ଗଲେ ପଳେଇ।

ସଲାମ କରନ୍ତି ଜଗତ ଜନ
କିଣି ନେଇଯାଅ ସଭିଙ୍କ ମନ
ଯୁଗେ ଯୁଗେ ରହେ ତୁମରି ନାମ
ତୁମ ପାଇଁ ସିନା ଆମେ ସ୍ୱାଧୀନ।

ବିଜୟର ଟିକା ମଥାରେ ପିନ୍ଧି
ଖାକି ପଗଡ଼ିଟା ମୁଣ୍ଡରେ ବାନ୍ଧି
ଛାଡ଼ି ଯାଅ ସିନା ଆମକୁ ଛନ୍ଦି
ଯବାନ ଜ୍ୟୋତିଟା ଜଳଇ କାନ୍ଦି।

**–ଅମରନାଥ ବାରିକ୍**
କୟାଁ, ମଙ୍ଗଳପୁର, ଯାଜପୁର

## ମତାମତ

➤ଗତ ସପ୍ତାହରେ 'ଗିନିଜ ୱାର୍ଲ୍ଡ ରେକର୍ଡ' ସ୍ତମ୍ଭରେ ପ୍ରକାଶିତ ବିଷୟଟିକୁ ପଢ଼ି ସେ ବିଷୟରେ ଅନେକ କଥା ଜାଣିହେଲା।

*–ତୃପ୍ତିରାଣୀ ନାୟକ, ବାଲେଶ୍ୱର*

➤'ଖିଲି ଖିଲି ହସ' ସ୍ତମ୍ଭରେ ପ୍ରକାଶିତ ହସ କଥା ପଢ଼ି ଭଲ ଲାଗୁଛି।

*–ଅସୀତ କୁମାର, ରେଢ଼ାଖୋଲ*

➤ଏହି ପୃଷ୍ଠାରେ ପ୍ରକାଶ ପାଉଥିବା ଗପଗୁଡିକ ବେଶ୍ ଶିକ୍ଷଣୀୟ ହୋଇପାରୁଛି।

*–ସୁବୋଧ ଦାସ,*
*ପାରାଦୀପ, ଜଗତସିଂହପୁର*

## ଖିଲିଖିଲି ହସ

**ଥ**ରେ ଗୋଟିଏ ଜାଗାରେ ଯାତ୍ରା ଅନୁଷ୍ଠିତ ହେଉଥାଏ। ଏତିକି ବେଳେ ଜଣେ ପୋଲିସ ଅଫିସର ଏକ ଚା' ଦୋକାନ ପାଖରେ ଠିଆ ହୋଇ ଚା' ପିଉଥାଆନ୍ତି। ଏହି ସମୟରେ ଜଣେ ବ୍ୟକ୍ତି ଦୌଡି ଆସି କହିଲା, 'ପୋଲିସ ବାବୁ, ମୋତେ ରକ୍ଷା କରନ୍ତୁ। ଚୋରମାନେ ମୋ ଘରେ କଳାକନା ବୁଲାଇ ଦେଲେ। ସେମାନେ ମୋତେ ମାରିବାକୁ ଗୋଡାଇଛନ୍ତି। ମୁଁ ଦୌଡି ଦୌଡି ଏ ପର୍ଯ୍ୟନ୍ତ ଚାଲି ଆସିଛି। ପୋଲିସ ଅଫିସର ଜଣକ ଏକଥା ଶୁଣି କହିଲେ, 'ହେଲେ ମୁଁ କିଛି କରିପାରିବି ନାହିଁ। କାରଣ ମୁଁ ସତସତିକା ପୋଲିସ ଅଫିସର ନୁହେଁ। ମୁଁ ଏହି ଯାତ୍ରାପାର୍ଟିର ଜଣେ କଳାକାର।

●●●

ସୋନୁ : ଆରେ ମନୁ, ତୁ ମିଠା ଖାଇବାକୁ ଭଲ ପାଉ ?
ମନୁ : ହଁ, କାହିଁକି, ତୁ ମିଠା ଖାଇବୁ କି ?
ସୋନୁ : ମୋର ତ ମନ ହେଉଛି। ସେଥିପାଇଁ ତୁମ ଦୋକାନକୁ ଆସୁଛି। ହେଲେ ତୁମ ବାପା ମୋତେ ମିଠା ଖାଇବାକୁ ଦେଉନାହାନ୍ତି।
ମନୁ : ଆରେ ମୋର ବି ଏକା ଅବସ୍ଥା। ତେଣୁ ଦୋକାନରେ ବାପା ନ ଥିବା ବେଳେ ମୁଁ ସୁବିଧା ଦେଖି ମିଠାକୁ ଚାଟି ପୁଣି ସେହି ସ୍ଥାନରେ ରଖିଦିଏ।

## ତଗଲା ଭୀମୁ











**ଭାସ୍ୱତୀ ବିଷୋୟୀ,** କ୍ଲାସ–୫, କେନ୍ଦ୍ରୀୟ ବିଦ୍ୟାଳୟ–୧, ୟୁନିଟ୍–୯, ଭୁବନେଶ୍ୱର






**ଦେବାଂଶୁ ଆଚାର୍ଯ୍ୟ,**
କ୍ଲାସ–୧,
ଏସ.ଆର୍. ଡିଜି
ସ୍କୁଲ, ସୁଚିତ୍ରା,
ହାଇଦ୍ରାବାଦ





**ରିୟାନ୍ସ ପଣ୍ଡା,**
କ୍ଲାସ– ୧,
ରବୀନ୍ଦ୍ର
ଭାରତୀ
ଗ୍ଲୋବାଲ
ସ୍କୁଲ,
ବେଙ୍ଗାଲୁରୁ

# ମାର୍ସେଲିନୋଙ୍କ ବଦଳରେ ଓଡ଼ିଶା ଏଫ୍‌ସିରେ ଇନ୍‌ମ୍ୟାନ


ବ୍ରାଡ୍ ଇନ୍‌ମ୍ୟାନ

ଭୁବନେଶ୍ୱର, ୨୯।୧(କ୍ରୀଡ଼ା ପ୍ରତିନିଧି)

ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ)ରେ ଖେଳାଳି ବିନିମୟ ଚୁକ୍ତି କ୍ରମରେ ଓଡ଼ିଶା ଏଫ୍‌ସି ଦଳରେ ଯୋଗ ଦେଇଛନ୍ତି ଅଷ୍ଟ୍ରେଲିଆ ଜନ୍ମିତ ସ୍କଟିଶ୍ ମିଡ୍‌ଫିଲ୍ଡର ବ୍ରାଡ୍ ଇନ୍‌ମ୍ୟାନ। ଚଳିତ ସିଜନ୍‌ରେ ସେ ପୂର୍ବରୁ ଏଟିକେ ମୋହନବାଗାନ ଦଳରେ ସାମିଲ ଥିଲେ। ଚୁକ୍ତି ଅନୁସାରେ ୨୯ ବର୍ଷୀୟ ଇନ୍‌ମ୍ୟାନ ଚଳିତ ସିଜନ୍ ଶେଷ ପର୍ଯ୍ୟନ୍ତ ଭୁବନେଶ୍ୱରଭିତ୍ତିକ ଦଳ ପକ୍ଷରୁ ଖେଳିବେ। ପ୍ରତିବଦଳରେ ଓଡ଼ିଶା ଏଫ୍‌ସିର ବ୍ରାଜିଲିଆନ ଫରୱାର୍ଡ ମାର୍ସେଲୋ ଲେଇଟେ ପେରେରା ଏଟିକେ ମୋହନବାଗାନ ଦଳକୁ ଯାଇଛନ୍ତି। ପ୍ରିମିୟର ଲିଗ୍ କ୍ଲବ ନ୍ୟୁ କାଷ୍ଟଲ ସହିତ ଯୁବ କ୍ୟାରିୟର କଟିବା ପରେ ଇନ୍‌ମ୍ୟାନ ଅନ୍ୟ ଇଂଲିଶ୍ କ୍ଲବ କ୍ରିଉ ଆଲେକ୍‌ଜାଣ୍ଡ୍ରା, ପିଟରବର୍ଗ ୟୁନାଇଟେଡ ଏବଂ ରୋକ୍‌ଡେଲ୍ ପକ୍ଷରୁ ଖେଳିଥିଲେ। ପରେ ସେ ଅଷ୍ଟ୍ରେଲିଆ ଯାଇ ବ୍ରିସ୍‌ବେନ୍ ରୋଅର ପକ୍ଷରୁ ୨୦୧୯ରେ ପ୍ରତିନିଧିତ୍ୱ କରିଥିଲେ। ଏହି ପୂର୍ବତନ ସ୍କଟଲାଣ୍ଡ ୟୁଥ୍ ଟିମ୍ ସଦସ୍ୟ ଚଳିତ ସିଜନ୍‌ରେ ଏଟିକେ ମୋହନବାଗାନ ପକ୍ଷରୁ ୭ଟି ମ୍ୟାଚ ଖେଳିଥିଲେ। ଇନ୍‌ମ୍ୟାନଙ୍କୁ ସ୍ୱାଗତ କରିବା ସହ କ୍ଲବ ସଭାପତି ରାଜ ଅଥୱାଲ ଚଳିତ ସିଜନ୍‌ର ଅବଶିଷ୍ଟ ୭ଟି ମ୍ୟାଚରେ ଓଡ଼ିଶା ଏଫ୍‌ସିର ପ୍ରଦର୍ଶନରେ ଉନ୍ନତି ଆସିବା ନେଇ ଆଶାପ୍ରକାଶ କରିଛନ୍ତି।

# ପାକିସ୍ତାନ ବିଜୟୀ

**କରାଚୀ,୨୯।୧(ଏପି):** ଦୁଇ ସ୍ପିନର ନୌମାନ ଅଲୀ ଓ ୟାସିର ଶାହାଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ ପାକିସ୍ତାନ ଏଠାରେ ଖେଳାଯାଇଥିବା ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକାକୁ ୪ ଦିନରେ ୭ ଉଇକେଟରେ ପରାସ୍ତ କରିଛି। ପ୍ରଥମ ଇନିଂସରେ ଦକ୍ଷିଣ ଆଫ୍ରିକା ୬୯.୨ ଓଭରରେ ୨୨୦ ରନକରି ଅଲ୍‌ଆଉଟ ହୋଇଥିଲା। ଜବାବରେ ପାକିସ୍ତାନ ପ୍ରଥମ ଇନିଂସ ଆରମ୍ଭ କରି ୧୧୯.୨ ଓଭରରେ ୩୭୮ ରନ କରି ଅଲ୍‌ଆଉଟ ହେବା ସହ ୧୫୮ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଦକ୍ଷିଣ ଆଫ୍ରିକା ଶୁକ୍ରବାର ଚତୁର୍ଥ ଦିବସରେ ୧୦୦.୩ ଓଭରରେ ୨୪୫ ରନ କରି ଅଲଆଉଟ ହୋଇଥିଲା। ଫଳରେ ପାକିସ୍ତାନ ସମ୍ମୁଖରେ ୮୮ ରନର ଛୋଟିଆ ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ପାକିସ୍ତାନ ଦ୍ୱିତୀୟ ଇନିଂସ ଆରମ୍ଭ କରି ଶୁକ୍ରବାର ଚତୁର୍ଥ ଦିବସରେ ୨୨.୫ ଓଭରରେ ୩ ଉଇକେଟ ହରାଇ ୯୦ ରନ କରି ବିଜୟ ହାସଲ କରିଛି। ଏଥିସହ ପାକିସ୍ତାନ ୨ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି। ଫୱାଦ ଆଲାମ ପ୍ଲେୟର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଦଳ ତରଫରୁ ଆଝାର ଅଲି ଅପରାଜିତ ୩୧, ବାବର ଆଜମ ୩୦ରନ କରିଥିଲେ। ଦକ୍ଷିଣ ଆଫ୍ରିକା ତରଫରୁ ନୋର୍ଜେ ୨ ଓ ମହାରାଜ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୮୭/୪ରୁ ଦକ୍ଷିଣ ଆଫ୍ରିକା ଖେଳ ଆରମ୍ଭ କରି ଶୁକ୍ରବାର ଅଲଆଉଟ ହୋଇଥିଲା।

**ଫୱାଦ ଆଲାମ ପ୍ଲେୟର ଅଫ୍ ଦି ମ୍ୟାଚ୍**

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ- ୬୯.୨ ଓଭରରେ ୨୨୦ ଅଲ୍‌ଆଉଟ। ପାକିସ୍ତାନ ପ୍ରଥମ ଇନିଂସ- ୧୧୯.୨ ଓଭରରେ ୩୭୮ ଅଲ୍‌ଆଉଟ। ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ- ୧୦୦.୩ ଓଭରରେ ୨୪୫ ଅଲଆଉଟ। ପାକିସ୍ତାନ ଦ୍ୱିତୀୟ ଇନିଂସ- ୨୨.୫ ଓଭରରେ ୯୦/୩ (ବାବର ଆଜମ- ୩୦, ଆଝାର ଅଲୀ- ୩୧*, ନୋର୍ଜେ- ୨/୨୪, ମହାରାଜ- ୧/୧୨)।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ